

# ଉତ୍କଳ ଗୌରବ

## Utkal Gauraba

2024

Oriya Cultural & Welfare Association. New Delhi

www.ocwa.in

सकरनी®
जिप्सम प्लास्टर
Easy Plaster Solution






सकरनी®
जिप्सम प्लास्टर
Easy Plaster Solution

**Corporate Office:**
**D Mall 405, Netaji Subhash Place, New Delhi 110034, India**
**E-mail: info@sakarni.com**
**Contact: Phone: 011-47908032, Mobile: 98100 79420**

# ଅଷ୍ଟାଦଶ ସଂସ୍କରଣ
## Eighteenth Edition

**Oriya Cultural & Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under The Societies Registration Act, 1860, dedicated to the pursuit of excellence in the promotion and propagation of Odia culture and language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission:

To preserve, perpetuate and promote the Odia culture and communities with a mission statement- Eka mana, Eka Prana, Eka Pranta, Eka Chinha, which means getting Odias together.

## Our Vision:

To promote, team spirit, transparency and building trust among our fellow Odias. With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବ ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା"

(ସ୍ୱଭାବକବି ଗଙ୍ଗାଧର ମେହର)

**Language:**
Odia

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Our Special Thanks to :**
Shri Biswanath Dash
( Sanskrit Teacher, Shivananda Nodal High School, Bamakoyi, Ganjam)

**About the Cover Art :**
The cover art depicts the modest lifestyle of female artisans, who have been crafting their own stories through the different aspects and generations of life. We recognise them as the pride of Odisha.

**Artist :** Shri Judhisthir Mohanty (Hindi Teacher, A.J.O. Govt. High School, Phulbani)

**Published by:**
Oriya Cultural & Welfare Associaiton
Regd No.S-54118 of 2005
BD-11, Janakpuri, New Delhi-110 058.

**E-mail:**
ocwa.regd@gmail.com, info@ocwa.in

**Website:**
www.ocwa.in

Oriya Cultural & Welfare Association
OCWA

# UTKAL GAURABA
## 18th Edition
## ସୂଚୀପତ୍ର



| | | | |
|---|---|---|---|
| Governor's message | 03 | **ବ୍ୟଙ୍ଗ କବିତା/କବିତା** | |
| Message from Sh. Sudarshan Pattanaik | 04 | ମାଆ, ମୋତେ ବଜ୍ର ଦିଅ | ୭୨ |
| Message from Sh. Pranab Pattanaik | 05 | ଆସନ୍ତ କି ଆଉ ଏକ ବାର | ୭୨ |
| Members' List | 06 | ଆଏଲା କେନ୍‌ନୁ | ୭୩ |
| ସମ୍ପାଦକୀୟ | ୦୭ | ଅଭିନ୍ନ ଭିନ୍ନ ରୂପରେ ସିଏ | ୭୪ |
| Red Cross Letter & List of Blood Donors | 09 | ଅନ୍ଧାର | ୭୪ |
| OCWA's appeal | 11 | ଭଏସ୍ ଚେଞ୍ଜ | ୭୫ |
| 80 G Certificate | 12 | ନଖିନାନୀ ପୁଅ ଭଗିଆ, ନୁଆଁକୁ କବିଟେ ହେଇଚି | ୭୬ |
| Sponsorship & Donations | 20 | ଫାଲ୍‌ଗୁନୀ ପଳାସ | ୭୭ |
| ROC's Certificate for CSR Funds | 53 | ଆଧୁନିକ ଜୀବନ ଓ ଶାନ୍ତି | ୭୭ |
| **Photographs of events:** | | ଆରେ ମୋ କଳା ବଦନ | ୭୮ |
| Ganesh Puja 2023 | 64 | ମୋ ଗାଁ ରାସ୍ତା କହିଦିଅ | ୭୯ |
| Release of Souvenir 2023 | 67 | ନିୟମଗିରି | ୭୯ |
| Blood Donation Camp 2024 | 68 | **"ସାଥି ମୋର "** | ୮୦ |
| Family Get-together 2024 | 70 | ସ୍ମୃତି ସୁଗନ୍ଧା - ପ୍ରଧାନପାଟ | ୮୦ |
| **ରମ୍ୟ ରଚନା/ଗଳ୍ପ/ପ୍ରବନ୍ଧ** | | ବନ୍ଧୁତା | ୮୧ |
| ସର୍ବଶ୍ରେଷ୍ଠ ଆଦିବାସୀ କବି ସନ୍ଥକବି ଭୀମଭୋଇ | ୧୩ | ଦୁଃଖିନୀ ମା'ର ବିଳାପ | ୮୨ |
| ଶ୍ରୀ ଶ୍ରୀ ଗଣେଶଙ୍କ ଅଷ୍ଟ ଅବତାର ରହସ୍ୟ | ୧୯ | ପତ୍ନୀ | ୮୨ |
| ଗୋଟି | ୨୧ | ବାଃ ରେ ପୌରୁଷ ! | ୮୩ |
| ମୋ ଅନ୍ତେଷ୍ଟି କ୍ରିୟାର ସିଧା ପ୍ରସାରଣ | ୨୫ | ଯାହା କେବେ କହିନ ଆଜିଯାଏ | ୮୪ |
| **କର୍ଣ୍ଣ** | ୨୭ | ଶେଷ ଦୃଶ୍ୟ | ୮୪ |
| **ଓଡ଼ିଶାର ପର୍ବପର୍ବାଣୀ** | ୩୧ | ମୋ ଗାଁ ହସୁଛି | ୮୫ |
| ଶ୍ରୀମନ୍ଦିର ଓ ଶ୍ରୀଗଣେଶ ଉପାସନା | ୩୩ | ମୁଁ ମରିସାରିଥିବି | ୮୫ |
| ଜାହ୍ନବୀ | ୩୭ | ନାରୀ ଏକ ରେଖାଚିତ୍ର | ୮୬ |
| ପାଣ୍ଡୁ ମା'ର ତୀର୍ଥ ଦର୍ଶନ | ୩୮ | ପ୍ରେୟସୀ ଗୋ ତୁମେ | ୮୭ |
| **ପାତାଳୀ ଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା** | ୩୯ | ମା | ୮୭ |
| ଗାଁ ବାହୁଡ଼ା | ୪୨ | କରମଣ୍ଡଳରୁ କବିତା | ୮୮ |
| ଅନ୍ତିମ ଭୋକ | ୪୫ | ଆନନ୍ଦ | ୮୯ |
| ନୀଳଚକ୍ର | ୪୭ | ଜେଜୀ | ୯୦ |
| ଆଦ୍ୟାଶା | ୪୮ | ନିଖୋଜ୍ କାହାଣୀଗୁଡିକର କାହାଣୀ | ୯୧ |
| ପୁଷ୍ପିତା ହେଲା ଲେଖିକା ( ଅନୁଭୂତି ) | ୫୦ | **Advertisements:** | |
| ଗୀତା ମର୍ମ | ୫୪ | Patri & Associates | 32 |
| ଆଦିବାସୀଙ୍କ ଗୋତର ପରବ | ୫୬ | Corporate Donors | 44 |
| ତଥାପି... ରାତି ଚେଇଁଛି | ୫୯ | Iifco-Tokyo | 71 |
| ଭିନ୍ନ ଏକ ସାବିତ୍ରୀ | ୬୧ | Aj-Deep Services | 71 |

ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା

**Raghubar Das**
Governor, Odisha

रघुवर दास
राज्यपाल, ओड़िशा



सत्यमेव जयते

RAJ BHAVAN
BHUBANESWAR - 751 008

ରାଜ ଭବନ
ଭୁବନେଶ୍ୱର-୭୫୧୦୦୮

May 29, 2024

MESSAGE


I am glad to know that Oriya Cultural & Welfare Association, New Delhi is bringing out the 18th edition of Souvenir titled **'Utkal Gauraba'**.

OCWA has evolved over the years pursuing its mission and vision and has carved a distinct identify for itself with its socio-cultural events and developmental activities. By reaching out of to youth the OCWA encourages them to be at the forefront in the promotion of Odia culture and language. The Souvenir **'Utkal Gauraba'** has been enriched with contributions of many in the past and I believe it would continue to provide a space to many more to realize their literary aspiration.

I wish the publication all success.

(Raghubar Das)

Tel. : 91-674-2536111/2536222, Fax : 91-674-2536582, E-mail :govodisha@nic.in Website : www.rajbhavanodisha.gov.in




**Sudarshan Pattanaik**
(Padmashree Awardee)
International Sand Artiste
Madhuban, 5th Lane
Puri - 752002

## ବାର୍ତ୍ତା

ଉତ୍କଳର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ଭାରତ ବର୍ଷର ରାଜଧାନୀ ଦିଲ୍ଲୀଠାରେ Oriya Cultural & Welfare Assocciation ନିଜସ୍ୱ ମୁଖପତ୍ର 'ଉତ୍କଳ ଗୌରବ' ର ୧୮ତମ ସଂସ୍କରଣ ପ୍ରକାଶ କରିବାରେ ସମର୍ଥ ହୋଇ ପାରିଛି । ଲୁପ୍ତ ପ୍ରାୟ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟର ପୁନରୁଜ୍ଜୀବନ ପାଇଁ ପତ୍ରିକା ଏକ ସାରସ୍ୱତ ମାଧ୍ୟମ ଅଟେ। ଏହି ପତ୍ରିକାର ପ୍ରକାଶନରେ ମୁଁ ଆନନ୍ଦିତ ଓ ଗର୍ବିତ ଅଟେ।

ଏହି ଅବସରରେ ପତ୍ରିକାର ସମ୍ପାଦନା ମଣ୍ଡଳୀ ଏବଂ ଅନୁଷ୍ଠାନର ସମସ୍ତ ଦକ୍ଷ ଓ ନିଷ୍ଠାପର କର୍ମକର୍ତ୍ତା ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

(ସୁଦର୍ଶନ ପଟ୍ଟନାୟକ)



**ପ୍ରଣବ ପଟ୍ଟନାୟକ**
୧, ଲିଓ୍ୱିସ୍ ରୋଡ୍
ଭୁବନେଶ୍ୱର,
ଓଡିଶା

## ବାର୍ତ୍ତା

ନୂଆ ଦିଲ୍ଲୀର ଓଡ଼ିଆ କଲ୍ଚରାଲ ଆଣ୍ଡ ୱେଲଫେୟାର ସଂଘ ପକ୍ଷରୁ ଉତ୍କଳ ଗୌରବ ନାମକ ଏକ ସ୍ମରଣିକା ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ।

ଏହି ଅବସରରେ ସଂଘର ସମସ୍ତ ସଦସ୍ୟ ମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ପ୍ରକାଶନର ସଫଳତା କାମନା କରୁଛି।

(ପ୍ରଣବ ପଟ୍ଟନାୟକ)

# LIFE MEMBERS

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo.
Jagdish Patra
Jiten Mohanlal
Jitendra Kumar Sahoo
Kaushik Triphathy
Litu Ch. Swain
Madhusudan Pothal
Nayan Kishore Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kar, IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

# MEMBERS

Ajay Mohanty
Ajit Kumar Barek
Anam Sahoo
Arabinda Das
Aswinee Samantray
Bhaskar Ch. Behera
B K Rath
Bijay K. Mohanty
Bimal Prasad Samal
Biren Biswal
Debasis Goswami
Dhiren Biswal
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Himanshu Panigrahi
Hrudananda Puhan
Hrudaya Ranjan Bhuyan
Litton Mukherjee
Piyush Mohapatra
Prabhat Kishore Bhuyan
Prabhat Kumar Mohanty
Prabin Panda
Pradeep K. Sahoo
Pradeep Rout
Pradeepta Bhuyan
Pradip Parija
Prasanta Kr. Das
Prashant Nayak
Rabindra Behera
Rabindra Nath Mishra
Ramnath Sahoo
Ranjan Kr. Sahoo
Sandipta Rout
Sanjay Mohanty
Sanjit Mohanty
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das
Sunil Mohapatra
Surajeet Patnaik
Surendra Baxi
Suresh Ch. Behera
Suresh Swain
Suvendu Sahu
Tanka Dhara Das
Jay Krushna Swain
Parimita Parija
Tapan Kumar Thatoi

Oriya Cultural & Welfare Association
OCWA

# ସମ୍ପାଦକୀୟ



ଗୌରବ ଉଲ୍ଲାସର  ପୁଣି ଏକ ଶୁଭ ଅବସର - ଉତ୍କଳ ଗୌରବର ଅଷ୍ଟାଦଶ ସଂସ୍କରଣ ଆଜି ଆତ୍ମପ୍ରକାଶ କରୁଛି । ପ୍ରତି ବର୍ଷ ପତ୍ରିକାର ମାନ ଉନ୍ନତ ହେବାରେ ଲାଗିଛି , ପାଠକୀୟ ଆଦର ବଢ଼ିବାରେ ଲାଗିଛି । ଅଭିଜ୍ଞ ପରାମର୍ଶଦାତା ଓ ବିଜ୍ଞ ଲେଖକଙ୍କ  ସସ୍ନେହ ପ୍ରସ୍ତାବ, ମତାମତକୁ ସହୃଦୟତାରେ  ସ୍ୱୀକାର କରୁଛୁ । ରୁଚିର ସଙ୍କଳନ ପାଇଁ ଅନବରତ ଯତ୍ନ ତତ୍ପର ଅଛୁ । ସର୍ବୋପରି ଉତ୍କଳର ସଂସ୍କୃତି, ଐତିହ୍ୟ ତଥା ସାଂପ୍ରତିକ ସ୍ଥିତିର ମୂଳ ରେଖାକୁ ଅତୁଟ ରଖିବାକୁ ସଯତ୍ନ ପ୍ରତିଶ୍ରୁତିବଦ୍ଧ ଅଛୁ ।

ଓଡ଼ିଶା ବାହାରେ  ଅଣଓଡ଼ିଆ ବନ୍ଧୁ ମାନଙ୍କଠାରୁ ବେଳେ ବେଳେ ଶୁଣିବାକୁ ମିଳେ ଯେ ଓଡ଼ିଶାରେ ଗରିବୀ ବା ଦରିଦ୍ରତା ମାତ୍ରାଧିକ । ଏମିତି ବି ମନେହୁଏ ବହୁ ବାହାରର ବକ୍ତା ଯେଉଁମାନେ ଅନର୍ଗଳ ଭାଷଣ ଦିଅନ୍ତି, ସେମାନଙ୍କ ଅଯଥା ଏକ ବଦ୍ଧମୂଳଧାରଣା ଯେ ଓଡ଼ିଆ ମାନେ  ଗରିବ । ଏଇଠି ସେମାନଙ୍କ ସ୍ୱଳ୍ପଜ୍ଞାନ ପାଇଁ ଦୟା ଆସେ, ସେମାନଙ୍କ ଅନୁଭୂତି ଓ ଅନୁଧ୍ୟାନ ହୀନତା ପାଇଁ ମନରେ କ୍ଷୋଭ ଆସେ । ସେମାନଙ୍କ ଏହି ଉପରଠାଉରିଆ ହୀନ ମନ୍ତବ୍ୟ ପାଇଁ ନିଜକୁ ଅଶାନ୍ତ ଲାଗେ । ମନରେ ଭାବେ ଏମାନେ ଅଖଣ୍ଡ ଭାରତ ଉପରେ ଭଲ ପ୍ରବକ୍ତା ବୋଲି ନିଜକୁ ଜାହିର କରୁଥିବା ବେଳେ, କେବେ ଏମାନେ ଓଡ଼ିଶାର ଐତିହ୍ୟ ସଂସ୍କୃତି ଉପରେ ସାମାନ୍ୟ ଅବଗତ କି ?  ଓଡ଼ିଶା ର ପ୍ରାକୃତିକ ସମ୍ବଳ, ଜଳ ସମ୍ବଳ ତଥା ଅର୍ଥନୀତିର ଦ୍ୱାର ଏକାଧିକ ବନ୍ଦର  କଣ ଗରିବୀର ସାକ୍ଷୀ  ହୋଇପାରନ୍ତି କି ? ହୀରା ଉତ୍ତୋଳନର ମହାନଦୀ ଅବବାହିକା କ'ଣ ଦରିଦ୍ରତା ?

ଅବଶ୍ୟ ସେମାନଙ୍କ ଏହି ହୀନମନ୍ୟତା ପଛରେ ସେମାନଙ୍କ ସ୍ୱଳ୍ପଜ୍ଞାନ ଏକ ପକ୍ଷରେ ଯେତିକି ଦାୟୀ, ଅନ୍ୟପକ୍ଷରେ ଆମେ ମଧ୍ୟ ସେତିକି ଦାୟୀ । ବେଳେ ବେଳେ ଆମେ ବିଭିନ୍ନ ପ୍ରଦର୍ଶନୀରେ ଆମ ଜନଜାତି ଜୀବନର ବିକଳ ଚିତ୍ର ପ୍ରଦର୍ଶନ କରି  ବାହାବାହା ସଂଗ୍ରହ କରୁ । ଆମ ସରକାର ମଧ୍ୟ ଆର୍ଥିକ ଅନଗ୍ରସରତାରୁ ସ୍ୱତନ୍ତ୍ରପ୍ରଦେଶ ମାନ୍ୟତା ପାଇଁ ଗରିବୀ ପଣିଆର ଢେର କିଛି ବେପାରରେ ଲାଗି ପଡନ୍ତି ।

ଦୂରଦର୍ଶୀତାକୁ  ଭୁଲିଯାଉ ।  ଆପାତମଧୁରତାରେ ମାତି ଉଠୁ । ଆମେ ଯଦି ଆମ ମର୍ଯ୍ୟାଦାକୁ ବଜାୟ ରଖିବାକୁ ଯତ୍ନ ନ କରୁ , ତେବେ ଅନ୍ୟମାନେ ଆମକୁ ଏମିତି ଆଙ୍ଗୁଳି ଦେଖାଇବେ - ଏଥିରେ ଭୁଲ କେଉଁଠି ?

ଆମ ଓଡ଼ିଆ ଜାତି ଭାରି ସ୍ୱାଭିମାନୀ । ପ୍ରତ୍ୟେକ ଓଡ଼ିଆ ଓଡ଼ିଶାର ପ୍ରତି ଅଞ୍ଚଳକୁ ନେଇ ଆହ୍ଲାଦିତ ଓ ଗର୍ବିତ ହେବା ଉଚିତ୍ । ସେ ମାଳ ଅଞ୍ଚଳ ହେଉ ବା (ଉପ) କୂଳ ହେଉ । ଉପକୂଳର ସମତଳ ଉର୍ବର ଭୂଭାଗ ଯେପରି ଆଦରଣୀୟ , ମାଳ ଅଞ୍ଚଳର ଘନ ବନାନୀ , ପ୍ରାକୃତିକ ସମ୍ପଦ ଭରା ଉଚ୍ଚ ପାହାଡ ଓ ପର୍ଯ୍ୟଟନ ସ୍ଥଳୀ ସେପରି ଆକର୍ଷଣୀୟ । ସବୁ ଆମ ଓଡ଼ିଶାର ଓ ସମଗ୍ର ଓଡ଼ିଶା ଆମର ।

ବାହାରେ ବେଳେବେଳେ ଚର୍ଚ୍ଚା ହୁଏ ଯେ ତୁମ ଓଡ଼ିଆ ଲୋକ ଅଧିକ ସଂଖ୍ୟକ ପ୍ଲମ୍ବର ବା ମଜୁରିଆ ଶ୍ରେଣୀର । ସେତେବେଳେ ସେମାନଙ୍କୁ ଶୁଣାଇ ଶୁଣାଇ କହେ ," ହଁ , ଓଡ଼ିଆ ପ୍ଲମ୍ବର, ମଜୁରିଆ, ଖଟିଖିଆ ମାତ୍ର, ଲୁଟି ଖିଆ ନୁହେଁ । ସଚ୍ଚୋଟ ପରିଶ୍ରମରେ ଜୀବିକା ଅର୍ଜନ କରିବାରେ ଯେଉଁ ସନ୍ତୋଷ ଓ ଗୌରବ  ତାହା ଠକି, ଭଣ୍ଡି, ଫନ୍ଦି ଫିକର କରି ଅନ୍ୟାୟରେ ଅଚଳାଚଳ  ଧନ ଠୁଳ କରିବାରେ ସେହି ଶାନ୍ତି ସନ୍ତୋଷ ନ ଥାଏ -  ଅନ୍ତତଃ ଓଡ଼ିଆ ଲୋକ ଏତିକି ଭଲ ଭାବେ ଜାଣିଛି । ଏଇ କଥାର ଦ୍ୱିତୀୟ ପ୍ରଚ୍ଛନ୍ନ ଆଭିମୁଖ୍ୟଟି ଅତି ବେଦନାଦୟକ । ସେମାନଙ୍କ ମତରେ ସାଧାରଣତଃ ଓଡ଼ିଆ ମେଧାହୀନ । କେବଳ ବାହୁବଳ ହିଁ ଓଡ଼ିଆଙ୍କ ସମ୍ବଳ । କେବଳ ଶାରୀରିକ ଶକ୍ତି ବିନିଯୋଗ କରି ପଇସା ଦି ପଇସା ରୋଜଗାର କରିବା ଲୋକ ଓଡ଼ିଆ । ଏହା ଏକ ଭିତ୍ତିହୀନ ଘୃଣ୍ୟ ଆକଳନ । ସାମ୍ପ୍ରତିକ ଦୃଶ୍ୟପଟରେ ବହୁ ଓଡ଼ିଆ ଆଜି ସେମାନଙ୍କ  ଅସାଧାରଣ ଧୀ ଶକ୍ତି ବଳରେ ଭାରତୀୟ ପ୍ରଶାସନିକ ସେବା ,  ଅର୍ଥନୈତିକ ସେବା, ବହିର୍ବାଣିଜ୍ୟକ

ସେବା  ସ୍ତରରେ ଆଗରେ ନିଜକୁ ପ୍ରତିଷ୍ଠିତ କରି ଅନ୍ୟ ମାନଙ୍କୁ ପଛରେ ପକାଇପାରିଛନ୍ତି । ଏହା କେବଳ କଥାରେ ନୁହେଁ ତଥ୍ୟରେ ନିଛକ ସମାହିତ । ଏଇଠି ଏମିତି କିଛି ପ୍ରାସଙ୍ଗିକ ମନେକରେ, ଯେମିତି କର୍ମରେ ଉଚ୍ଚ ନୀଚ ଭେଦ ଭାବ ଅକଳ୍ପନୀୟ ।

ପ୍ରବାସରେ  ଜଣେ ଓଡ଼ିଆ ଭାଇ ଉନ୍ନତ ପ୍ରଶାସନିକ ସେବାରେ ପ୍ରତିଷ୍ଠିତ ଥାଉ ବା ଜଣେ ସୁକୌଶଳି ପ୍ଲମ୍ବର ବି ହୋଇଥାଉ - ପ୍ରତି ପ୍ରାଣରେ ଓଡ଼ିଆର ଏକ ଉଦାର ଭାବନା ଭରି ରହିବା ଉଚିତ୍। ଆମ ଭିତରେ  ସରଳ ଓଡ଼ିଆ ପ୍ରାଣର ମହାଭାବକୁ ଆଧାର କରି ଅନାବିଳ ସ୍ନେହ ସହାନୁଭୂତିର ଛଳ ଛଳ ଧାର ପ୍ରବାହିତ ହେବା ଉଚିତ୍। ପଦ ପଦବୀର ଅଯଥା ଗର୍ବ ଓଡ଼ିଆତ୍ୱରେ ବିଲୀନ  ହୋଇ  ଦୁଃଖ ଦୟନୀୟତାରେ ପଡ଼ିଥିବା ଭାଇଟି ପାଇଁ ସହାୟତାର ଦୃଢ଼ ହାତ ଆପେ ଆପେ ପ୍ରସାରିତ ହେବା ଉଚିତ୍ । ଏହି ଭାବ ହିଁ ପ୍ରକୃତ ଓଡ଼ିଆ ଭାବ। ଏହାହିଁ ଆମ ଐତିହ୍ୟ । ଏହାହିଁ ଆମ ଶିକ୍ଷା ଦୀକ୍ଷାର ସୁମହାନ୍ ପରିଭାଷା । ଆଉ ଆମ ଦିଅଁ, ସଂକୀର୍ଣ୍ଣ ସ୍ଥଳବିଶେଷର ଠାକୁର ନୁହଁନ୍ତି। ସେ ଜଗତର ନାଥ , ଜଗନ୍ନାଥ । ତାଙ୍କ ପ୍ରସାରିତ ହାତର ମୁଦ୍ରା - ପିଡୀତ, ଲାଞ୍ଛିତ, ଶୋଷିତ, ତାପିତର କଷ୍ଟ ନିବାରଣ ପାଇଁ ସତତ ଉଦ୍ଦିଷ୍ଟ । ଆମ ମହାନତା ପାଇଁ ମହୋଦଧି, ମହାବଟ, ମହାପ୍ରସାଦ ଏବେ ବି ଶବ୍ଦିତ। ଓଡ଼ିଆର ମହାଭାବରେ ସାନ ବଡର ମିଥ୍ୟାଚାର ନାହିଁ । ସେଦିନ ଏଇ କଥାକୁ ବଡ଼ଦାଣ୍ଡରେ ଠିଆ ହୋଇ ପଣ୍ଡିତ ଗୋପବନ୍ଧୁ ଗାଇଲେ : -

" ଆମ ଏ ରାଇଜେ ବଡ଼ କେ ନୁହେଁ ଲୋ  
କେହି ନୁହେଁ ଏଠି ଛାର ।  
ଯେ ଦେଶର ରାଜା ହାତେ ଝାଡୁଧରି  
ସାଜିଥାଏ ଝାଡୁଦାର ।।"

ଉତ୍କଳର ଅତୀତ ସୁସମୃଦ୍ଧ ଥିଲା। ମଝିରେ ଆମ ପ୍ରଗତି ଅପେକ୍ଷାକୃତ ଟିକେ ପଛରେ ପଡିଗଲା ପରି ମନେ ହୁଏ।  ଏବେ ସମୟ ଆସିଛି ପୁନଃ ପ୍ରତିଷ୍ଠାର  । ବିଚିତ୍ର ବିନ୍ଧାଣୀ ଧର୍ମପଦର ଦାୟାଦ ଓଡ଼ିଆ ପୁଅ । ନିଜକୁ ଆଜି ନିଷ୍ଠାରେ ମାଜି, ପ୍ରତିଷ୍ଠାରେ ସାଜି ପ୍ରତି ଓଡ଼ିଆ ଗୌରବ ତୋଳୁ। ଓଡ଼ିଶା ଅଗ୍ରଣୀ ରାଜ୍ୟ ରୂପେ ଉଦ୍ଭାସିତ ହେଉ  -- ଏହା  କେବଳ ଆଶ୍ୱାସନାର ଭବିଷ୍ୟବାଣୀ ନ ହୋଇ ବର୍ତ୍ତମାନର ଅଙ୍ଗୀକାର ବଦ୍ଧତା ହେଉ ।

ବନ୍ଦେ ଉତ୍କଳ  ଜନନୀ ।

ଜୟ ଜଗନ୍ନାଥ  
ବିଜୟ ମହାନ୍ତି  
ପ୍ରତିଷ୍ଠାତା ସଭାପତି  
ମୋ: ୯୮୭୧୯୯୭୪୪୯

"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ,  
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?"

(ସ୍ୱଭାବକବି ଗଙ୍ଗାଧର ମେହେର)

THROUGH HUMANITY TO PEACE

# Indian Red Cross Society

(CONSTITUTED UNDER ACT XV OF 1920)

Telefax : 91-11-23717454
Phones : (PBX Lines) 23716441, 42, 43
Website : www.indianredcross.org
Email : ircs@indianredcross.org

Headquarters :
1, RED CROSS ROAD
NEW DELHI - 110 001

M/12012/9/14-BC, Dated:-11.02.2024

To,

Oriya Cultural &Welfare Association.
BD-11 Janakpuri.
**New Delhi-58.**

Dear Sir,

We thank you for your generous cooperation in permitting us to collect blood from the voluntary blood donors, it shall help a lot towards the success of the Indian Red Cross Society Blood Bank in saving many a precious human lives.

This great humanitarian service cannot be carried on without the active cooperation and selfless spirit shown by voluntary blood donors and voluntary workers. We hope in future you shall continue encouraging us and organize Blood Donation Camps regularly with Indian Red Cross Society.

Enclosed, herewith a copy of the list of 37 blood donors who donated their blood on 11-02-2024.

Thanking you.

Yours Sincerely,

(Dr.Vanshree Singh)
Director, Blood Centre

## Indian Red Cross Society NHQ Blood Centre

1, Red Cross Road, Sansad Marg Area, New Delhi , New Delhi, Delhi
Phone; 1123711551, Fax; 01123717454
Email: directorbloodbank@indianredcross.org

## Oriya Cultural And Welfare Association
## Camp Blood Donor List

| S.No. | Bag No. | NAME | AGE/SEX | BLOOD GROUP |
|---|---|---|---|---|
| 1 | 24R1794 | Prasanta Kumar Das | 50 Yr/M | O+Ve |
| 2 | 24R1795 | Pradeepta Bhuyan | 56 Yr/M | B+Ve |
| 3 | 24R1796 | Pravat Kishore Bhuyan | 52 Yr/M | O+Ve |
| 4 | 24R1797 | Sanjit Mohanty | 43 Yr/M | O-Ve |
| 5 | 24R1798 | Nadeem | 44 Yr/M | B+Ve |
| 6 | 24R1799 | Hrudaya Ranjan Bhuyan | 46 Yr/M | O+Ve |
| 7 | 24R1800 | Naveen Sharma | 42 Yr/M | B-Ve |
| 8 | 24R1801 | Soumya Ranjan Sahu | 27 Yr/M | O+Ve |
| 9 | 24R1802 | Rajesh Shrestha | 39 Yr/M | O+Ve |
| 10 | 24R1803 | Narendra Swan | 40 Yr/M | B+Ve |
| 11 | 24R1804 | Sajid Raza | 33 Yr/M | A+Ve |
| 12 | 24R1805 | Pragnyajit Jena | 42 Yr/M | B+Ve |
| 13 | 24R1806 | Priya Ranjan Nayak | 23 Yr/M | B+Ve |
| 14 | 24R1807 | Prabin Kumar Panda | 53 Yr/M | B+Ve |
| 15 | 24R1808 | Jeetendra Sahoo | 51 Yr/M | O+Ve |
| 16 | 24R1809 | Aswinee Samantraray | 53 Yr/M | B+Ve |
| 17 | 24R1810 | Jaya Krushna Swain | 51 Yr/M | B+Ve |
| 18 | 24R1811 | Lakshy Gogia | 20 Yr/M | B+Ve |
| 19 | 24R1812 | Shubham Das | 20 Yr/M | O+Ve |
| 20 | 24R1813 | Ujjwal Saini | 21 Yr/M | O+Ve |
| 21 | 24R1814 | Surajit Pattanak | 54 Yr/M | AB+Ve |
| 22 | 24R1815 | Tapan Kumar Thatoi | 47 Yr/M | O+Ve |
| 23 | 24R1816 | Anama Charan Sahoo | 44 Yr/M | O+Ve |
| 24 | 24R1817 | Pradeep Parija | 53 Yr/M | B+Ve |
| 25 | 24R1818 | Sagar | 28 Yr/M | B+Ve |
| 26 | 24R1819 | Sitakanta Das | 45 Yr/M | B+Ve |
| 27 | 24R1820 | Ravinder Vashisht | 28 Yr/M | B+Ve |
| 28 | 24R1821 | Jitendra Kumar Mahakhuda | 23 Yr/M | B+Ve |
| 29 | 24R1822 | Saurabh Bhoi | 29 Yr/M | A+Ve |
| 30 | 24R1823 | Vineet Mishra | 45 Yr/M | B+Ve |
| 31 | 24R1824 | Kapil Goyal | 28 Yr/M | A+Ve |
| 32 | 24R1825 | Sandipta Rout | 53 Yr/M | O+Ve |
| 33 | 24R1826 | Muzammil Khan | 28 Yr/M | A+Ve |
| 34 | 24R1827 | Adnan Shah | 22 Yr/M | B+Ve |
| 35 | 24R1828 | Prasant Kumar | 28 Yr/M | B+Ve |
| 36 | 24R1829 | Kshiteej Kashyap | 23 Yr/M | O+Ve |
| 37 | 24R1830 | Gopal Raj | 22 Yr/M | O+Ve |

## HUMBLE APPEAL FOR DONATION

Every year as per our capacity and limited resources, we at OCWA undertake the following charitable jobs:

1. Organise Annual Blood Donation Camp in association with Indian Red Cross Society.
2. Undertake charitable work like distribution of school bags to children of impoverished households.
3. In addition, we organise Ganpati Mahotsav, wherein odia cultural programs are undertaken to promote Odisha's cultural heritage outside of our state Odisha.
4. Besides this, most prominent event is that we publish an annual magazine, “Utkal Gauraba” from Delhi in odia language, with a mission to promote and propagate our language outside our state Odisha.

OCWA is registered with MCA, Govt. of India and approved for undertaking CSR activities. If we get CSR funds, we will try to increase our activities to the next level.
Also donations made to OCWA will be eligible for deduction u/s 80G of The Income Tax, 1961.

**You may please send your contribution through this scanner:**



# FORM NO. 10AC

(See rule 17A/11AA/2C)

Order for registration

| | | |
|---|---|---|
| 1 | PAN | AAATO1376M |
| 2 | Name | ORIYA CULTURAL & WELFARE ASSOCIATION |
| 2a | Address | |
| | Flat/Door/Building | BD-11 |
| | Name of premises/Building/Village | Janakpuri |
| | Road/Street/Post Office | Janakpuri B-1 S.O |
| | Area/Locality | Janakpuri B-1 |
| | Town/City/District | WEST DELHI |
| | State | Delhi |
| | Country | INDIA |
| | Pin Code/Zip Code | 110058 |
| 3 | Document Identification Number | AAATO1376ME2021101 |
| 4 | Application Number | 527786620310322 |
| 5 | Unique Registration Number | AAATO1376ME20211 |
| 6 | Section/sub-section/clause/sub-clause/proviso in which registration is being granted | 01-Sub clause (i) of clause (ac) of sub -section (1) of section 12A |
| 7 | Date of registration | 07-04-2022 |
| 8 | Assessment year or years for which the trust or institution is registered | From AY 2022-23 to AY 2026-2027 |
| 9 | Order for registration: | |
| | a. After considering the application of the applicant and the material available on record, the applicant is hereby granted registration with effect from the assessment year mentioned at serial no 8 above subject to the conditions mentioned in row number 10. | |
| | b. The taxability, or otherwise, of the income of the applicant would be separately considered as per the provisions of the Income Tax Act, 1961. | |
| | c. This order is liable to be withdrawn by the prescribed authority if it is subsequently found that the activities of the applicant are not genuine or if they are not carried out in accordance with all or any of the conditions subject to which it is granted, if it is found that the applicant has obtained the registration by fraud or misrepresentation of facts or it is found that the assessee has violated any condition prescribed in the Income Tax Act, 1961. | |
| 10 | Conditions subject to which registration is being granted | |
| | The registration is granted subject to the following conditions:- | |
| | a. As and when there is a move to amend or alter the objects/rules and regulations of the applicant, prior approval of the Commissioner of Income Tax shall be sought along with the draft of the amended deed and no such amendment shall be effected until and unless the approval is accorded. | |
| | b. In the event of dissolution, surplus and assets shall be given to an organization, which has similar objects and no part of the same will go directly or indirectly to anybody specified in section 13(3) of the Income Tax Act, 1961. | |
| | c. In case the trust/institution is converted into any form, merged into any other entity or dissolved in any previous year in terms of provisions of section 115TD, the applicant shall be liable to pay tax and interest in respect of accreted income within specified time as per provisions of section 115TD to 115TF of the Income Tax Act, 1961 unless the application for fresh registration under section 12AB for the said previous year is granted by the Commissioner. | |
| | d. The Trust/ Institution should quote the PAN in all its communications with the Department. | |
| | e. The registration u/s 12AB of the Income Tax Act, 1961 does not automatically confer any right on the donors to claim deduction u/s 80G. | |
| | f. Order u/s 12AB read with section 12A does not confer any right of exemption upon the applicant u/s 11 and 12 of Income Tax Act, 1961. Such exemption from taxation will be available only after the Assessing Officer is satisfied about the genuineness of the activities promised or claimed to be carried on in each Financial Year relevant to the Assessment Year and all the provisions of law acted upon. This will be further subject to provisions of section 2(15) of the Income Tax Act, 1961. | |
| | g. No change in terms of Trust Deed/ Memorandum of Association shall be effected without due procedure of law and its intimation shall be given immediately to Office of the Jurisdictional Commissioner of Income Tax. The registering authority reserves the right to consider whether any such alteration in objects would be consistent with the definition of "charitable purpose" under the Act and in conformity with the requirement of continuity of registration. | |
| | h. The Trust/ Society/ Non Profit Company shall maintain accounts regularly and shall get these accounts audited in accordance with the provisions of the section 12A(1)(b) of the Income Tax Act, 1961. Seperate accounts in respect of each activity as specified in Trust Deed/ Memorandum of Association shall be maintained. A copy of such account shall be submitted to the Assessing Officer. A public notice of the activities carried on/ to be carried on and the target group(s) (intented beneficiaries) shall be duly displayed at the Registered/ Designated Office of the Organisation. | |
| | i. The Trust/ Institution shall furnish a return of income every year within the time limit prescribed under the Income Tax Act, 1961. | |
| | j. Seperate accounts in respect of profits and gains of business incidental to attainment of objects shall be maintained in compliance to section 11(4A) of Income Tax Act, 1961. | |
| | k. The registered office or the principal place of activity of the applicant should not be transferred outside the jurisdiction of Jurisdictional Commissioner of Income Tax except with the prior approval. | |
| | l. No asset shall be transferred without the knowledge of Jurisdictional Commissioner of Income Tax to anyone, including to any Trust/ Society/ Non Profit Company etc. | |
| | m. The registration so granted is liable to be cancelled at any point of time if the registering authority is satisfied that activities of the Trust/ Institution/ Non Profit Company are not genuine or are not being carried out in accordance with the objects of the Trust/ Institution/ Non Profit Company. | |
| | n. If it is found later on that the registration has been obtained fraudulently by misrepresentation or suppression of any fact, the registration so granted is liable to be cancelled as per the provision u/s section 12AB(4) of the Act. | |
| | o. This certificate cannot be used as a basis for claiming non-deduction of tax at source in respect of investments etc. relating to the Trust/ Institution. | |
| | p. All the Public Money so received including for Corpus or any contribution shall be routed through a Bank Account whose number shall be communicated to Office of the Jurisdictional Commissioner of Income Tax. | |
| | q. The applicant shall comply with the provisions of the Income Tax Act, 1961 read with the Income Tax Rules, 1962. | |
| | r. The registration and the Unique registration number has been instantly granted and if, at any point of time, it is noticed that form for registration has not been duly filled in by not providing, fully or partly, or by providing false or incorrect information or documents required to be provided under sub-rule (1) or (2) of rule 17A or by not complying with the requirements of sub- rule (3) or (4) of the said rule, the registration and Unique Registration Number (URN), shall be cancelled and the registration and URN shall be deemed to have never been granted or issued. | |
| | Name and Designation of the Registration Granting Authority | Principal Commissioner of Income Tax/ Commissioner of Income Tax<br>(Digitally signed) |

Certification signature by SIBICHEN K MATHEW <k.sibichen.mathew@incometax.gov.in>, Validity Unknown

Digitally signed by SIBICHEN K MATHEW
Date: 2022.04.07 18:06:39 IST

# ସର୍ବଶ୍ରେଷ୍ଠ ଆଦିବାସୀ କବି ସନ୍ଥକବି ଭୀମଭୋଇ



ଡକ୍ଟର ହିମାଦ୍ରୀ ତନୟା ମିଶ୍ର

ଉନବିଂଶ ଶତାବ୍ଦୀର କବି ଭୀମଭୋଇ ୧୮୫୦ ମସିହା ବୈଶାଖ ମାସ ପୂର୍ଣ୍ଣମୀ ଦିନ ସୋନପୁର ରାଜ୍ୟ ବୀରମହାରାଜପୁର ଅନ୍ତର୍ଗତ ଜଟାସିଂଘ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୮୯୫ ମସିହା ସୋନପୁର ରାଜ୍ୟର ଲଛିପୁର ଗ୍ରାମ ନିକଟସ୍ଥ ଖଲିଆପାଲି ଗ୍ରାମରେ ଶିବଚତୁର୍ଦ୍ଦଶୀ ଦିନ ପ୍ରାଣତ୍ୟାଗ କରିଥିଲେ । ଅଦ୍ୟାବଧି ସେହି ଗ୍ରାମରେ ଭୀମଭୋଇଙ୍କ ସମାଧିପୀଠ ରହିଛି । ସମାଧି ମନ୍ଦିରରେ  ଭୀମଭୋଇଙ୍କ ସହିତ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ସମାଧିସ୍ଥ ରହି ପୂଜା ପାଉଛନ୍ତି । ଭୀମଭୋଇ ଜଟାସିଂଘା ଗ୍ରାମର କନ୍ଧ ଦମ୍ପତି ଦନା ଓ ଗୁରୁବାରୀଙ୍କ ପାଳିତ ପୁତ୍ର । ପିଲାଦିନରୁ ଭୀମଙ୍କୁ ଜନ୍ମ କରି ତାଙ୍କ ମାତା ଜଟାସିଂଘା ଗ୍ରାମର ପୋଖରୀ ହୁଡ଼ାରେ ଛାଡ଼ି ଯାଇଥିଲେ । ନବଜାତ ଶିଶୁ ପୁତ୍ରକୁ କନ୍ଧ ଦମ୍ପତି ଖୁବ୍ ଯତ୍ନରେ ତାଙ୍କୁ ଲାଳିତ ପାଳିତ କରିଥିବାରୁ ଭୀମଭୋଇ ନିଜକୁ କନ୍ଧ କବି ରୂପେ ପରିଚୟ ଦେଇଛନ୍ତି । ଅଲୋଡ଼ା ଅଖୋଜା ସନ୍ତାନ ଭାବେ ସ୍ୱପିତା ମାତାଙ୍କ ସ୍ନେହରୁ ବଞ୍ଚିତ ଥିବା କଥା 'ସ୍ତୁତି ଚିନ୍ତାମଣି'ରେ ଉଲ୍ଲେଖ କରିଛନ୍ତି । ନିଜକୁ ସାନ୍ତ୍ୱନା ଦେଇ ସେ ପୁଣି ନିଜ ପିତାଙ୍କୁ ଅନାଦି ଠାକୁର ଓ ମାତାଙ୍କୁ ଆଦିଶକ୍ତି ଭାବରେ ଗ୍ରହଣ କରିଛନ୍ତି । କବିକୃତ୍ୟ କଳା ଧରି ତାଙ୍କର ଜନ୍ମ ମଧ ସ୍ୱୀକାର କରିଛନ୍ତି । ଚାରିବର୍ଷ ବୟସରେ ସେ ନିଜ ଆଖି ଗାଁ ଦାଣ୍ଡରେ ଯୋଗୀପୁତ୍ର ଯିଏକି ଶଙ୍ଖଚକ୍ର ଚିହ୍ନ ସହ କଷା କୌପୀନ ପିନ୍ଧି ବୁଲୁଥିବାର ଦେଖିଲେ । ପରବର୍ତ୍ତୀ ସମୟରେ ପାଳିତ ପିତାମାତାଙ୍କ ସ୍ନେହ ସାନ୍ନିଧ୍ୟରୁ ବଞ୍ଚିତ ହୋଇ ଯାଯାବର ଜୀବନକୁ ଆଦରି ନେଇଥିଲେ । ଗାଈ ଚରେଇ, ପରଘରେ ମୂଲଲାଗି ନିଜର ପ୍ରତିପୋଷଣ କରି ଆସିଥିଲେ । ଭୀମଭୋଇଙ୍କୁ ଷୋହଳବର୍ଷ ବୟସ ହେଲାପରେ ପୂର୍ବତନ ରେଢ଼ାଖୋଲ ରାଜ୍ୟର କଙ୍କଣପଡ଼ା ଗ୍ରାମ ଢେଙ୍କାନାଳଠାରେ ସିଦ୍ଧିଲାଭ କରି ନିଜର ନୂତନ ମହିମା ଧର୍ମର ପ୍ରଚାର ଉଦ୍ଦେଶ୍ୟରେ ବାହାରିଥିବା ବଉଦ ରାଜ୍ୟର ମହିମା ଗୋସାଁଇ ତାଙ୍କର ପ୍ରଥମ ଶିଷ୍ୟ ଗୋବିନ୍ଦବାବାଙ୍କୁ ସଙ୍ଗରେ ନେଇ ଭୀମଭୋଇଙ୍କୁ ସାକ୍ଷାତ କରାଇ ତାଙ୍କୁ ମହିମା ଧର୍ମ ଦୀକ୍ଷା ଦେଇ ମହିମା ଧର୍ମର ଦ୍ୱିତୀୟ ଶିଷ୍ୟ ଭାବରେ ଗ୍ରହଣ କରିଥିଲେ ଏବଂ କବି ଭୀମଭୋଇଙ୍କ ଅଲୌକିକ ଗୀତ ରଚନା ନ କରି ମହିମା ଧର୍ମ ସମ୍ବନ୍ଧୀୟ ଗୀତ ରଚନା କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଭୀମଭୋଇଙ୍କ ଜୀବନଧାରା ବଦଳିଯାଇଥିଲା । ପଶ୍ଚିମ ଓଡ଼ିଶାର ଅତ୍ୟନ୍ତ ଜନପ୍ରିୟ ଲୋକଗୀତ ଡ଼ାଲଖାଇ, ବଉଲୀ, ସଜନ, ହଳିଆଗୀତ, ରସର୍କେଲି ଓ ବଣ୍ଡା ଆଦି ନ ଲେଖି ମହିମାଧର୍ମ ଉପରେ ଗୀତ ଓ ଶାସ୍ତ୍ର ରଚନା କରିଥିଲେ । ଗୁରୁଙ୍କ ପାଖରୁ ମହିମାଧର୍ମ ବିଷୟରେ ଜାଣି ତାଙ୍କରି ଆଦେଶରେ ରାଶି ରାଶି ଗ୍ରନ୍ଥ ରଚନା କଲେ । ପରେ ସେ ମହିମାଧର୍ମର ଆଦିଭକ୍ତ, ଆଦିକବି, ଆଦି ପ୍ରବକ୍ତା ଓ ଆଦି ନିୟାମକ ପାଲଟି ଗଲେ । ଭୀମଭୋଇଙ୍କ ସାହିତ୍ୟ ରଚନା ଓଡ଼ିଶା ମାଟିର ରୂପ, ରସ ଓ ଗନ୍ଧକୁ ସ୍ପର୍ଶ କରିଛି । ତାଙ୍କର ସୃଷ୍ଟି ସମ୍ଭାର କେବଳ ମହିମା ଧର୍ମକୁ ପ୍ରଚାର ଓ ପ୍ରସାର କରାଇ ନଥିଲେ, ଓଡ଼ିଆ ଭାଷା ସାହିତ୍ୟକୁ ବହୁ ଭାବରେ ସମୃଦ୍ଧ କଲେ । ବର୍ତ୍ତମାନ ଭୀମଭୋଇଙ୍କ ରଚନାବଳୀ ତାଳପତ୍ର ପୋଥିରୁ ସଂଗୃହୀତ ହୋଇ ପ୍ରକାଶିତ ହୋଇଅଛି । ପ୍ରକାଶିତ ଗ୍ରନ୍ଥମାନଙ୍କ ମଧ୍ୟରୁ 'ସ୍ତୁତି ଚିନ୍ତାମଣି', 'ଭଜନମାଳା', 'ଚଉତିଶା', 'ଶ୍ରୁତି ନିଷେଧଗୀତା', 'ପଦ୍ମକଳ୍ପ', 'ନିର୍ବେଦ ସାଧନ', 'ଅଷ୍ଟକ ବିହାରୀଗୀତା', 'ବ୍ରହ୍ମ ନିରୂପଣଗୀତା' ଆଦିଅନ୍ତ ଗୀତା ଇତ୍ୟାଦି ପ୍ରଧାନ ।

ଭୀମଭୋଇ କେବଳ ଓଡ଼ିଶାର ନୁହନ୍ତି କି ଭାରତବର୍ଷର ନୁହନ୍ତି ସମଗ୍ର ବିଶ୍ୱର ସର୍ବଶ୍ରେଷ୍ଠ ଆଦିବାସୀ କବି ରୂପେ ଖ୍ୟାତି ଅର୍ଜନ କରିଛନ୍ତି । ସେ ଜଣେ କବି ବ୍ୟତୀତ ଜଣେ ସମାଜ ସଂସ୍କାରକ, ଧର୍ମ ପ୍ରଚାରକ, ନୀତିବାଦୀ ଓ ସତ୍ୟନିଷ୍ଠ ମଣିଷ । ହିନ୍ଦୁ ଧର୍ମରେ ସଂସ୍କାର ଆଣିବା ପାଇଁ ସେ ମହିମା ଧର୍ମ ଗ୍ରହଣ କରିଥିଲେ । ପୁଣି ମହିମା ଧର୍ମରେ ସଂସ୍କାର ଆଣିବା ପାଇଁ ନିଜ ମତାନୁସାରେ ଉଦାରପନ୍ଥୀ ମହିମା ସମାଜ ଗଢ଼ିଥିଲେ । ଭୀମଭୋଇ ଜଣେ ବିପ୍ଳବୀ-ସନ୍ଥକବି । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏକ ସଂସ୍କାରମୁଖୀ ଧର୍ମ ଭାବରେ ମହିମା ଧର୍ମ ମୁଣ୍ଡ ଟେକିଥିଲା । ସମାଜରେ ଜାତି ଭେଦର ତୀବ୍ରତା, ଅନ୍ଧବିଶ୍ୱାସ, ଧର୍ମୀୟ ଆଚରଣରେ ଶିଥିଳତା ଆଦି କୁସଂସ୍କାରରେ ସମାଜ କବଳିତ ହୋଇ ରହିଥିଲା । ମଠ, ମନ୍ଦିର ଓ ତୀର୍ଥକ୍ଷେତ୍ର ମାନଙ୍କରେ ଧର୍ମାଚରଣର ଅଧୋଗତି ସମ୍ପର୍କରେ ସଂସ୍କାରବାଦୀ ସାଧୁ ଓ ଶିକ୍ଷିତ ଲୋକମାନେ ପ୍ରତିକ୍ରିୟାଶୀଳ ହେଲେ । ପଣ୍ଡିତ ରାଜା ରାମମୋହନ ରାୟ ହିନ୍ଦୁଧର୍ମର ପୁଞ୍ଜୀଭୂତ କୁସଂସ୍କାର, ତତ୍କାଳୀନ ସମାଜରେ ପ୍ରଚଳିତ ବାଲ୍ୟବିବାହ, ସତୀଦାହ, କୁଳୀନତା ଆଦି କୁସଂସ୍କାର ମୂଳୋତ୍ପାଟନ ସମ୍ପର୍କରେ ଅନ୍ଧବିଶ୍ୱାଗ୍ରସ୍ତ ହିନ୍ଦୁମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇ ବହୁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ । ଏହି ସମୟରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଆବିର୍ଭାବ ସମାଜ ଓ ଧର୍ମ କ୍ଷେତ୍ରରେ ଏକ ଗଠନମୂଳକ ସଂଗ୍ରାମର ସୂଚନା ଦେଇଥିଲା ଯାହାର ଉପଲବ୍ଧି ଆଜି ରହିଛି । ବ୍ରିଟିଶ୍‌ମାନଙ୍କ ଆଗମନ, ମିଶ୍‌ନାରୀମାନଙ୍କ ଦ୍ୱାରା ଆଧୁନିକ ଶିକ୍ଷାର ପ୍ରସାର, ପାଦ୍ରିମାନଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମ ପ୍ରଚାର, ନବ ବିଜ୍ଞାନର ଅଭ୍ୟୁଦୟ କୁସଂସ୍କାର ବିରୋଧରେ ଅନୁକୂଳ ପ୍ରେରଣା ସାଧାରଣ ଶିକ୍ଷିତ ଲୋକଙ୍କ ଉପରେ ପ୍ରଭାବ ପକାଇଥିଲା । ଚିରାଚରିତ ଧର୍ମୀୟ ସଂସ୍କାର, ବିଶ୍ୱାସ ଓ ସାମାଜିକ ଚଳଣି ଉପରେ ଆଘାତ ସୃଷ୍ଟି କରି ମହିମା ଗୋସ୍ୱାମୀ ଓ ଭୀମଙ୍କ ସହ ଅନ୍ୟ ମହିମାସାଧୁଙ୍କ ପ୍ରଚାର ଯେତେବେଳେ ଆଗେଇ ଚାଲିଲା ଅନେକ ରାଜା ଓ ସମ୍ଭ୍ରାନ୍ତ ଗୋଷ୍ଠୀଙ୍କ ଅତ୍ୟାଚାର ମଧ ଖୁବ୍ ଅଧିକା ଥିଲା । ଶୂନ୍ୟବ୍ରହ୍ମଙ୍କ ଉପଲବ୍ଧି ମହିମା ଧର୍ମର

ମୂଳତତ୍ତ୍ୱ ଥିଲା । ଏହାକୁ ବିଶ୍ୱାସ କରି ଅଜ୍ଞାତ ଓ ମୋହଗ୍ରସ୍ତ ଆଭିଜାତ୍ୟ ସମାଜର ଅତ୍ୟାଚାର ଓ ଲାଞ୍ଛନା ବିରୁଦ୍ଧରେ ନିଜର ମର୍ମନ୍ତୁଦ କ୍ଷୋଭକୁ ପ୍ରକାଶ କରି କବି 'ସ୍ତୁତିଚିନ୍ତାମଣି' ପରି ଏକ ମହାନ ଗ୍ରନ୍ଥ ରଚନା କରିଯାଇଛନ୍ତି ଯେଉଁଥିରେ ମନୁଷ୍ୟ ସନ୍ନ୍ୟାସ ବ୍ରତ ପାଳନ କରିବା ସହିତ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମାଚରଣ, ବ୍ରହ୍ମଚର୍ଯ୍ୟ ପାଳନ ଓ ଗୁରୁଙ୍କ ଠାରେ ଆତ୍ମସମର୍ପଣ କଥା ଆକର୍ଷଣୀୟ ରୀତିରେ ବର୍ଣ୍ଣିତ ରହିଛି । ଖଳିଆପାଲିରେ ଭୀମଭୋଇ ବ୍ରାହ୍ମଣ କନ୍ୟାକୁ ବିବାହ କରିଥିଲେ ଏବଂ ଆଦର୍ଶ ଜୀବନ ନିର୍ବାହ କରିଥିଲେ । କପିଳେଶ୍ୱର ଓ ଲାବଣ୍ୟବତୀ ଭୀମଙ୍କର ଦ୍ୱୟ ସନ୍ତାନ ଥିଲେ । ଆଶ୍ରମରେ ଅନେକ ମହିମା ସନ୍ନ୍ୟାସୀମାନେ ମଧ୍ୟ ରହୁଥିଲେ । ଭୀମଭୋଇଙ୍କ ପ୍ରେରଣାର ଉତ୍ସଥିଲା ସାରଳା ମହାଭାରତ, ବଳରାମ ଦାସଙ୍କ 'ରାମାୟଣ', ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍ ଭାଗବତର' ଚରିତ୍ର । ତତ୍ତ୍ୱ ଓ ନୀତିଶିକ୍ଷା ତାଙ୍କ ରଚନାର ସମ୍ଭାର । ଜନବୋଧ ଭାଷାରେ ସାବଲୀଳ ଭଙ୍ଗୀରେ ତାଙ୍କ ଲେଖାଗୁଡ଼ିକ ରହିଛି । ଏହାଛଡ଼ା ପ୍ରାଚୀନ ଯୁଗର ବହୁ କବିଙ୍କ ଦ୍ୱାରା ରଚିତ ଭଜନ, ଜଣାଣ, ଚଉତିଶା, ଚମ୍ପୂ, ଚଉପଦୀ, ବୋଲି, ଷୋଡ଼ଶ, ପୋଇ ଆଦି ତାଙ୍କ କବିମାନସରେ ଆଲୋଡ଼ନ ସୃଷ୍ଟି କରିଥିଲା । ଭୀମଭୋଇ ସେହି ଧାରାକୁ ଅନୁସରଣ କରି ଶୂନ୍ୟ ଅଲେଖ ପୁରୁଷଙ୍କୁ ଉପାସ୍ୟ ରୂପେ ଗ୍ରହଣ କରି ଅନେକ ମଧୁରତମ ସୃଷ୍ଟି ସଂରଚନା କରିଯାଇଛନ୍ତି ଯାହାକି ଦେଶର ଏକ ଘଡ଼ିସନ୍ଧି ସମୟରେ କୁସଂସ୍କାର, ଅନ୍ଧବିଶ୍ୱାସ ଓ ରକ୍ଷଣଶୀଳତାର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରୁ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସେ ଯଥେଷ୍ଟ ପ୍ରଚେଷ୍ଟା କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ଭୀମଭୋଇ ହେଉଛନ୍ତି ଜଣେ ବିପ୍ଳବୀ ସନ୍ଥକବି । ଓଡ଼ିଆ ଜାତି ଓ ଓଡ଼ିଆ ସଂସ୍କୃତ ପ୍ରତି ଆଦିବାସୀ କନ୍ଧ ସଂପ୍ରଦାୟର ଏ କବିଙ୍କର ଦାନ ଅତୁଳନୀୟ ଓ କାଳଜୟୀ । ପ୍ରତିଭା ଓ ସାଧନା ଧର୍ମର କି ଜାତିର ଅପେକ୍ଷା ରଖେନା । ପରବର୍ତ୍ତୀ କାଳରେ ବୈଦିକ ବ୍ରାହ୍ମଣ୍ୟ ସଂସ୍କୃତ ଓ ଧର୍ମର ପ୍ରଭାବ ଭାରତର ପୂର୍ବାଞ୍ଚଳର ଶବର ଉଡ୍ର, କଳିଙ୍ଗ ପାର୍ବତ୍ୟ ଓ ଆରଣ୍ୟକ ଆଦିବାସୀ ପ୍ରଧାନ ଅଞ୍ଚଳରେ ଆଧିପତ୍ୟ ବିସ୍ତାର କଲେ ମଧ୍ୟ ଅଣବୈଦିକ ସଭ୍ୟତା, ସଂସ୍କୃତି, ସାମାଜିକ ଚଳଣି, ବିଶ୍ୱାସ ଓ ଧର୍ମୀୟ ସତ୍ତାକୁ ଯେ ଆତ୍ମସ୍ଥ କରିନେଇଛି । ଶ୍ରୀ ଜଗନ୍ନାଥ ବିଗ୍ରହ ଓ ଜଗନ୍ନାଥତତ୍ତ୍ୱ ତା'ର ଜ୍ୱଳନ୍ତ ଦୃଷ୍ଟାନ୍ତ । ରାମାୟଣରେ ବର୍ଣ୍ଣିତ ଗୁହକ ଶବର, ଶବରୀ, ମହାଭାରତରେ ବର୍ଣ୍ଣିତ ଏକଲବ୍ୟ, କୈବର୍ତ୍ତ କୁଳର କବି ଭୀମାଧୀବରଙ୍କ ପରି ଅଲେଖ ଧର୍ମ ବା ମହିମା ଧର୍ମର ପ୍ରଭାବଶାଳୀ କବି ଭୀମଭୋଇ କେବଳ ଓଡ଼ିଆ ଜାତି ଓ ତା'ର ସାହିତ୍ୟର ନୁହନ୍ତି, ସେ ସମଗ୍ର ଭାରତୀୟ ସାହିତ୍ୟର ଗର୍ବ । କବି ଚିରକାଳ ଦ୍ରଷ୍ଟା ଏବଂ ସ୍ରଷ୍ଟା । ନିଜ ସୃଷ୍ଟି ମାଧ୍ୟମରେ ସେ ସମାଜର ସ୍ଥିତାବସ୍ଥା କଥା ଉଲ୍ଲେଖ କରେ । ଭଲମନ୍ଦ ତର୍ଜମା କରେ । ଦୁରାଚାର ଓ ମନ୍ଦ ବ୍ୟକ୍ତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରେ । ବର୍ତ୍ତମାନ ଉପରେ ଉପସ୍ଥିତ ହୋଇ ନିଜର ଦିବ୍ୟ ଦୃଷ୍ଟିରେ ସେ ଭବିଷ୍ୟତକୁ ଲକ୍ଷ୍ୟ କରେ । ଆଗାମୀ ସକାଳ କିପରି ସମଗ୍ର ମାନବ ସମାଜ ପାଇଁ ଶୁଭଙ୍କର ହେବ ତାହା ସେ ନିଜ ସୃଷ୍ଟିରେ ବ୍ୟକ୍ତ କରେ । କବି ଭୀମଭୋଇ ହେଉଛନ୍ତି ଓଡ଼ିଆ ସାହିତ୍ୟର ଜଣେ କ୍ରାନ୍ତଦର୍ଶୀ ସ୍ରଷ୍ଟା । ଊନବିଂଶ ଶତକର ମଧ୍ୟ ଭାଗରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପାଣିପାଗରେ ଉତ୍କଳୀୟ ବୈଷ୍ଣମ ଧର୍ମ ଓ ଖ୍ରୀଷ୍ଟଧର୍ମକୁ କେନ୍ଦ୍ରକରି ଯେଉଁ ତୁମୁଳ ହଟଚମଟ ସୃଷ୍ଟି ହୋଇଥିଲା ସେଥିରେ ଉତ୍କଳୀୟ ଜନତା ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ । ଏହାର ଏକ ସ୍ଥାୟୀ ସମାଧାନ ଆଣି ଉତ୍କଳୀୟ ସାମାଜିକ ବ୍ୟବସ୍ଥାକୁ ସୁସ୍ଥ ଓ ସୌମ୍ୟ କରିବା ପାଇଁ ପ୍ରୟାସୀ ହୋଇ ଭୀମଭୋଇ ପ୍ରଚାର କଲେ ମହିମା ଧର୍ମ । ଏହି ଧର୍ମର ମୂଳତତ୍ତ୍ୱ ରହିଲା –"ଭଗବାନଙ୍କ ସୃଷ୍ଟିରେ କେହି ସାନବଡ଼ ନୁହନ୍ତି, ସମସ୍ତେ ସମାନ । ପରଂବ୍ରହ୍ମ ହେଉଛନ୍ତି ବିଶ୍ୱପିତା । ସମସ୍ତେ ତାଙ୍କର ସନ୍ତାନ । ଏ ସୃଷ୍ଟିର ସମସ୍ତ ଦେବଦେବୀ ତାଙ୍କ ଦ୍ୱାରା ପରିଚାଳିତ । ସୃଷ୍ଟି ମଧ୍ୟରେ ଜାତି ଭେଦର ବିଚାର ନାହିଁ, ବ୍ରାହ୍ମଣ ଶୂଦ୍ର ନାହିଁ, ପ୍ରତିମା ପୂଜା ନାହିଁ, ହିଂସା, ଦ୍ୱେଷ, ଭୟ-ଭ୍ରାନ୍ତି, ପରଶ୍ରୀକାତର ଭାବ ନାହିଁ । ଏ ଧର୍ମର ମୁଖ୍ୟ କଥା ହେଲା 'ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ ।" ମାନବ ସମାଜର ନେତୃତ୍ୱ ନେଲେ ଭୀମଭୋଇ । ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ସେ ସେହି ମଣିଷର ବନ୍ଦନା ଗାନ କଲେ ଓ ମାନବବାଦର ବାର୍ତ୍ତା ପ୍ରଚାର କଲେ । ଏସବୁ ସମ୍ଭବ ହେଲା ନିଜର ପ୍ରିୟଗୁରୁ ମହିମା ଗୋସାଇଁଙ୍କ ଦ୍ୱାରା । ତାଙ୍କ ଦ୍ୱାରା ଭୀମଭୋଇଙ୍କ ମୂର୍ଖ ଭାବ ଭୀମଙ୍କଠାରୁ ଲୋପ ପାଇଗଲା । ଏହି ମର୍ମରେ 'ଆଦିଅନ୍ତ ଗୀତା' ମଧ୍ୟରେ ସେ ଉଲ୍ଲେଖ କରିଛନ୍ତି –

"ଜନମ କାଳରୁ ମୂର୍ଖ ମୁଁ ହୋଇଥିଲି
ଷୋଳ ବରଷକେ କବି ମୁଁ କୃତ୍ୟ କଲି
ବେଦଶାସ୍ତ୍ର ବୋଲି କିଛି ମୁଁ ଜାଣେ ନାହିଁ
ଗୁରୁ ହୃଦେ ପଦ୍ମେ ବସି ଯେ ଦେଲେ କହି ।"

ଭୀମଭୋଇଙ୍କ ରଚନାର ସର୍ବଶ୍ରେଷ୍ଠ ଓ ସଫଳ କୃତି ହେଉଛି 'ସ୍ତୁତି ଚିନ୍ତାମଣି' । ଏଥିର କବିଙ୍କର ଜୀବନାନୁଭୂତି ଓ ତାଙ୍କ ଜୀବନ ଦର୍ଶନ ସହିତ ମହିମା ଗୋସାଇଁଙ୍କ ଧର୍ମ ଦର୍ଶନ ପ୍ରକାଶ ପାଇଛି । ସମକାଳୀନ ସମାଜର ରାଜା ପ୍ରଜା ସମ୍ପର୍କ, ପରିବାରର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆଚାର, ଚଳଣି, ଧର୍ମ ଓ ରାଜା-ମହାରାଜାଙ୍କର ସ୍ୱଧର୍ମ ମଧ୍ୟ ବର୍ଣ୍ଣିତ ରହିଛି । ଗ୍ରନ୍ଥ ପ୍ରାରମ୍ଭରେ କବି ନିଜ ଜୀବନର ବାଲ୍ୟ ଓ କୈଶୋରାବସ୍ଥା କିପରି ଘୋର ନୈରାଶ୍ୟ ଓ ଦୁର୍ଦ୍ଦିନ ମଧ୍ୟରେ ବିତିଛି ତାହାର ସ୍ପଷ୍ଟ ଚିତ୍ର ପ୍ରଦାନ କରିଛନ୍ତି । କାବ୍ୟଟି ଶହେଟି ବୋଲିରେ ବିଭକ୍ତ ହୋଇଛି । ପ୍ରଥମ ବୋଲିରେ ଭଗବାନ ବ୍ରହ୍ମରୂପେ ପୃଥିବୀର କୋଣେ ଅନୁକୋଣେ ପରିବ୍ୟାପ୍ତ ବୋଲି ଉଲ୍ଲେଖ ରହିଛି । ପଞ୍ଚଦଶ ବୋଲିରେ ସେହି କଥାର ପୁନରାବୃତ୍ତି ମଧ୍ୟ କରିଛନ୍ତି । ଭଗବାନଙ୍କ ପ୍ରତି ଯିଏ ସମର୍ପିତ ଓ

ଭଗବାନଙ୍କୁ ଯିଏ ଭକ୍ତି ଭାବରେ ପ୍ରାର୍ଥନା କରେ ସେ ତାଙ୍କ ନିକଟରେ ରହିଥାନ୍ତି । ପୁନଶ୍ଚ ସମାଜର ହାନି ଲାଭ ଓ ଭଲମନ୍ଦର ତର୍କଣା କବି କରିଛନ୍ତି । ସ୍ୱାର୍ଥପାଇଁ ମଣିଷ ମଣିଷ ମଧ୍ୟରେ ହେଉଥିବା ଯୁକ୍ତି ତର୍କ, ଆପଣାର ପରର ବିଚାର ଭେଦ ଓ ଦ୍ୱନ୍ଦ୍ୱ ସେ ସମାଜରେ ସର୍ବତ୍ର ଲକ୍ଷ୍ୟ କରିଛନ୍ତି । ପିତା-ପୁତ୍ରର ସୁମଧୁର ସମ୍ପର୍କ ମଧ୍ୟରେ ସ୍ୱାର୍ଥ ହିଁ ବିଭେଦ ସୃଷ୍ଟି କରିଛି । ଲୋଭ ଓ ମୋହର ଶିକାର ହୋଇ ମାନବ ଆତ୍ମଜ୍ଞାନ ହରାଉଛି । ମୋହାନ୍ଧ ହୋଇ ଯୋଗୀଜନ ସିଂହାସନ ଏପରିକି କାମିନୀ କାଞ୍ଚନ ପ୍ରତି ଆସକ୍ତ ହୋଇପଡୁଛି । ଜଣେ ତର୍କ ପ୍ରହରୀ ଓ ସଚେତନ ମାର୍ଗଦର୍ଶକ ଭାବରେ ଭୀମଭୋଇ ସମାଜକୁ ସଂସ୍କାରିତ କରିବାକୁ ଚେଷ୍ଟା କରିଛନ୍ତି । କବିଙ୍କ ଦୃଷ୍ଟିରେ ଏ ଦେହ ଓ ପୃଥିବୀର କୌଣସି ବ୍ୟକ୍ତି ପାଇଁ ଚିରସ୍ଥାୟୀ ନୁହେଁ । ଏହା ଅସ୍ଥାୟୀ, କ୍ଷଣିକ ଓ ଅଳିକ । ତେଣୁ ବୃଥାରେ ସଂସାରର ମୋହ ଜାଲରେ ଛନ୍ଦି ହୋଇ ପରମ ପୁରୁଷଙ୍କୁ ଭୁଲିବା ଅର୍ଥ ପାପ ମଧ୍ୟରେ ଲୀନ ହେବା କଥା । ଏଥିରୁ ମୁକ୍ତି ନିମନ୍ତେ ସୁନ୍ଦର ଦୁଇପଦ ସେ ରଚନା କରିଛନ୍ତି –

"ନ ପାଚନ୍ତେ ଫଳ ଉପୁଜୁଛି ଖଳ ଶତେବାର ବସିହାଟ
ଯେହ୍ନେ ଜଳେ ମୀନ ଧୀବରରେ ପୁଣି ବିନା ଦୋଷେ ହୋଏ ନଷ୍ଟ ।"
(ସ୍ତୁତି ଚିନ୍ତାମଣି, ପଞ୍ଚଦଶ ବୋଲି)

ଭୀମଭୋଇଙ୍କର ନିର୍ଭୀକ ଚିନ୍ତା ଚେତନାରେ ଭୟଭୀତ ହୋଇ ରେଢ଼ାଖୋଲର ତତ୍କାଳୀନ ଶାସକ କବିଙ୍କୁ କିପରି ତାଙ୍କ ରାଜ୍ୟରୁ ଘଉଡ଼ାଇ ଦେବେ ଚିନ୍ତା ମଧ୍ୟ କରିଥିଲେ ଯାହାଫଳରେ ଭୀମ ଭୋଇଙ୍କୁ ଏସବୁର ଶରବ୍ୟ ହେବାକୁ ପଡ଼ିଥିଲା । ସେ ତାଙ୍କ ଜୀବଦ୍ଦଶାରେ ହାସ୍ୟ, ଭର୍ତ୍ସନା, ଗାଳି, ନିନ୍ଦା ସହ୍ୟ କରିବାକୁ ପଡ଼ିଥିଲା । ସମାଜର ଚତୁର୍ଦ୍ଦିଗରେ ଦେଖିଛନ୍ତି ସେସବୁର ପ୍ରମତ୍ତ ଲୀଳା । ଏସବୁ ଦେଖି ସେ ଅଣନିଃଶ୍ୱାସୀ ହୋଇ ପଡ଼ିଛନ୍ତି । ଜଗନ୍ନାଥ ଧର୍ମ, ବୈଷ୍ଣବ ଧର୍ମ ଓ ଖ୍ରୀଷ୍ଟଧର୍ମର ବିରୁଦ୍ଧାଚରଣ ପୂର୍ବକ ପିତୁଳା ପୂଜାର ବିରୋଧ କରି ମାନବ ଧର୍ମର ଜୈତ୍ର ଗାନ କରୁଥିବା କବିଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରାଯାଇଛି । ଏ ସବୁର ବହୁ ଘାତପ୍ରତିଘାତର ସମ୍ମୁଖୀନ ସେ ହୋଇଛନ୍ତି । ସେ କାହାର କିଛି ଦୋଷ ନ କରି ସୁପଥରେ ଯାଇ ମଧ୍ୟ ଦୋଷୀ ଓ ପାପୀ ହୋଇଛନ୍ତି । ଏହିପରି ଅନେକ ରାଶି ରାଶି କଷ୍ଟକୁ ଓ ନିଜ ଜୀବନର ଦାରୁଣ ବ୍ୟଥା ଓ ବେଦନାକୁ କବି ନିଜ 'ସ୍ତୁତି ଚିନ୍ତାମଣି' କାବ୍ୟରେ ସ୍ଥାନିତ କରିଛନ୍ତି । ଶ୍ରୀମଦ୍ ଭଗବତ୍ ଗୀତା ପରି ସେହି ରୀତିରେ ଭୀମ ଭୋଇ ରଚନା କରିଛନ୍ତି 'ବ୍ରହ୍ମ ନିରୂପଣ ଗୀତା' । ଭୀମ ଭୋଇଙ୍କ ଦୃଷ୍ଟିରେ ସମଗ୍ର ପୃଥିବୀ ବ୍ରହ୍ମମୟ । ବ୍ରହ୍ମ ପୁଣି ଏକ ଓ ଅଭିନ୍ନ । ଏହାର ଦ୍ୱୈତ ସତ୍ତା ନାହିଁ । ସେହି ବ୍ରହ୍ମ କେତେବେଳେ ସାକାର ପୁଣି କେତେବେଳେ ନିରାକାର । ତେଣୁ ପରଂବ୍ରହ୍ମଙ୍କ ସମ୍ପର୍କିତ ବିଭିନ୍ନ ତତ୍ତ୍ୱପୂର୍ଣ୍ଣ କଥାକୁ ଅତୀବ ସୁନ୍ଦର ଓ ସରଳ ଭାବରେ ଉପସ୍ଥାପନ କରିବାପାଇଁ କବି ସୃଷ୍ଟି କରିଛନ୍ତି 'ବ୍ରହ୍ମ ନିରୂପଣ ଗୀତା' । ଗୁରୁ ଶିଷ୍ୟ ମଧ୍ୟରେ କଥୋପକଥନ ରୀତିରେ କବି ବ୍ରହ୍ମଙ୍କର ଗୂଢ଼ ତତ୍ତ୍ୱକୁ ସରଳ କରିଦେଇଛନ୍ତି । ପୁନଶ୍ଚ ଏହା ମଧ୍ୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା ଓ ବ୍ରହ୍ମ ନିରୂପଣର ତଥା ବ୍ରହ୍ମତତ୍ତ୍ୱ ଜାଣିବାରେ ତାହାର ଭୂମିକା ମଧ୍ୟ ସେ ଉଲ୍ଲେଖ କରିଛନ୍ତି । କବିଙ୍କ ଦୃଷ୍ଟିରେ ସଂସାରର ସବୁ ମଣିଷ ସମାନ । ବଡ଼ସାନ ଓ ଜାତିଭେଦର ବାଛବିଚାର ରହିବା ଅନୁଚିତ । ନାରୀ ଓ ପୁରୁଷ ଉଭୟଙ୍କୁ ନେଇ ସମାଜ ଓ ସଂସାର । ଜଣଙ୍କ ବିନା ଅନ୍ୟ ଜଣଙ୍କର ପରିକଳ୍ପନା କରାଯାଇନପାରେ । ଆମ ଶରୀର ଭିତରେ ଥିବା ଆତ୍ମା ହେଉଛି ପରଂବ୍ରହ୍ମ । ଭଗବାନଙ୍କୁ ପାଇବାକୁ ହେଲେ ମଣିଷକୁ ସଂପୂର୍ଣ୍ଣ ରୂପେ ତୃପ୍ତି କରିବା ସମ୍ଭବ ନୁହେଁ । କବି ଭୀମଭୋଇଙ୍କ ଦୃଷ୍ଟିରେ ଜୀବ ହେଉଛି ପତ୍ନୀ ଓ ପରମ ହେଉଛନ୍ତି ପତି । ପତି ଓ ପତ୍ନୀଙ୍କ ମିଳନରେ ଯେପରି ପୂର୍ଣ୍ଣ ସୁଖପ୍ରାପ୍ତି ହୋଇଥାଏ ଉଭୟଙ୍କ ସଂସ୍ପର୍ଶରେ ସେହିପରି ଜୀବ ଓ ପରମ ଏକାତ୍ମ ହୋଇଥାନ୍ତି । ଏହି ଗ୍ରନ୍ଥ ମଧ୍ୟରେ ରାମାୟଣର ପ୍ରାୟ ସମସ୍ତ ଚରିତ୍ରକୁ ଆନୟନ କରି କବି ତାହାକୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ସହିତ ଏକାକାର କରିଦେଇଛନ୍ତି ଓ ଶରୀରର ବିଭିନ୍ନ ଅଙ୍ଗ ବର୍ଣ୍ଣନା ମଧ୍ୟରେ ସେହି ଚରିତ୍ରଗୁଡ଼ିକୁ ଏପରି ରସୋତ୍ତୀର୍ଣ୍ଣ କରି ଚିତ୍ରିତ କରିଛନ୍ତି ଯେ, ତାହା କୌଣସି ପାଠକକୁ ମୁଗ୍ଧ କରିଥାଏ । ଜୀବ ଶରୀର ସମ୍ପର୍କରେ କିଛି ଜିଜ୍ଞାସା କଲେ ପରମ ସେହି ପ୍ରଶ୍ନର ଉତ୍ତର ରଖିଥାନ୍ତି । ମାତ୍ର କାବ୍ୟର ଦ୍ୱାଦଶ ଅଧ୍ୟାୟ ବେଳକୁ କବି ଦାମ୍ପତ୍ୟ ଜୀବନ କଥା ଉଲ୍ଲେଖ ନ କରି ବ୍ରହ୍ମର ଅନ୍ୱେଷଣ କରିଛନ୍ତି ଓ ବ୍ରହ୍ମପ୍ରାପ୍ତିର ସୂତ୍ର ସ୍ଥିର କରିଛନ୍ତି । କାରଣ ତାଙ୍କ ମତରେ ମାନବ ଓ ସମାଜର ଏକାନ୍ତ ସତ୍ୟ ହେଉଛି ବ୍ରହ୍ମପ୍ରାପ୍ତି । କ୍ଷଣିକ ସୁଖରେ ନିମଗ୍ନ ହୋଇ ଚିରନ୍ତନ ସତ୍ୟକୁ ଭୁଲିଯିବାକୁ ସେ ଅନୁଚିତ ଦର୍ଶାଇ ଏହି ଅଧ୍ୟାୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ବ୍ରହ୍ମଜ୍ଞାନର ଚର୍ଚ୍ଚା କରିଛନ୍ତି । କବିଙ୍କ ବର୍ଣ୍ଣନାରେ –

"ସର୍ବଠାରେ ସର୍ବରୂପେ ଗୋ ହୋଇପାରେ
ଆପେ ନ କରଇ ପର ଗୋ ହାତେ କରେ
ଅନନ୍ତ ପୁରୁଷ ସେହି ଗୋ ରୂପ ନାହିଁ
ଅଲେଖ ଅବ୍ୟକ୍ତ ନାମ ଗୋ ଅଛି ବହି ।" (ଆଦିଅନ୍ତ ଗୀତା)

ଊନବିଂଶ ଶତକର ଉତ୍କଳୀୟ ପାଣିପାଗକୁ ଲକ୍ଷ୍ୟକରି କବି 'ଅଷ୍ଟକ ବିହାରୀ ଗୀତା' ରଚନା କରିଛନ୍ତି । ସଂସାରର ଚତୁର୍ଦ୍ଦିଗ ହେଉଛି ହଳାହଳମୟ । ସମାଜରୁ ସତ୍ୟ କ୍ରମଶଃ ଲୋପପାଇଯାଉଛି । ସଂସାରର ଚାରିଆଡ଼େ ସେ ଦେଖିଛନ୍ତି ପାପ, ମିଥ୍ୟା, ଅତ୍ୟାଚାର ଓ ଅନ୍ଧକାର । ପୃଥିବୀକୁ ବିପତ୍ତି ମାଡ଼ି ଆସୁଚି । ସ୍ୱାର୍ଥାନ୍ଧ ହୋଇ ପୃଥିବୀବାସୀ ସତ୍ୟଠାରୁ ଦୂରେଇ ଯାଉଛନ୍ତି । ସେ ଯେଉଁ ନୂଆ ପୃଥିବୀର ଆଶାରେ ଏକଦା ମହିମା ଧର୍ମ ପ୍ରଚାର କରିଥିଲେ ସେହି ଆଶା କ୍ରମଶଃ ତାଙ୍କଠାରୁ କ୍ଷୀଣ ହୋଇଯାଇଛି । ପୃଥିବୀର ଏହି ନର୍କ ଯନ୍ତ୍ରଣା ସହ୍ୟ କରିନପାରି ତାଙ୍କର ପରମ ପ୍ରିୟ ଗୁରୁଦେବ ମହିମା ଗୋସାଇଁ ପୃଥିବୀରୁ ଚିର ବିଦାୟ ନେଇଛନ୍ତି । ଅନନ୍ୟୋପାୟ ହୋଇ ପୃଥିବୀବାସୀଙ୍କୁ କ୍ଷଣିକ ଆନନ୍ଦରୁ

ମୁକ୍ତ କରି ତାଙ୍କ ହୃଦୟରେ ଚିରନ୍ତନ ଆନନ୍ଦ ଆଣି ଦେବାପାଇଁ ପ୍ରୟାସୀ ହୋଇ ସେ ସେହି କାବ୍ୟରେ ଲେଖିଛନ୍ତି ସଂସାରର ମାୟା ଜାଲରେ ବ୍ୟସ୍ତ ଓ ବିବ୍ରତ ମାନବ ସମାଜକୁ ସେହି କଥା ହିଁ କହିଛନ୍ତି ଓ କଳିଯୁଗରୁ ନିଜକୁ ମୁକ୍ତ ରଖିବାପାଇଁ ନିଜ କର୍ତ୍ତବ୍ୟରେ ମନୋନିବେଶ କରିବାକୁ ଉପଦେଶ ଦେଇଛନ୍ତି । ହିନ୍ଦୁ ଧର୍ମରେ ପ୍ରଚଳିତ ପ୍ରାୟ ତେତିଶିକୋଟି ଦେବଦେବୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ମାନବ ଶରୀରରେ ସମସ୍ତ ଦେବଦେବୀ ରହିଛନ୍ତି ବୋଲି 'ଶ୍ରୁତି ନିଷେଧ ଗୀତା' ମଧ୍ୟରେ ଆହ୍ୱାନ ଦେଇ ଉତ୍କଳୀୟ ସମାଜରେ କବି ଭୀମଭୋଇ ପ୍ରଥମେ ବିପ୍ଳବ ସୃଷ୍ଟି କରିଛନ୍ତି । ଏହି କ୍ଷୁଦ୍ର କାବ୍ୟଗ୍ରନ୍ଥରେ ହିନ୍ଦୁମାନଙ୍କର ପ୍ରାୟ ସମସ୍ତ ଦେବତା, ଉତ୍କଳୀୟ ମାନବ ଜାତିର ପ୍ରୀତିର ପ୍ରତୀକ ଶ୍ରୀଜଗନ୍ନାଥ ତାଙ୍କ ମହାପ୍ରସାଦ, ହିନ୍ଦୁର ପବିତ୍ର ବୃକ୍ଷ ତୁଳସୀ ପ୍ରଭୃତିକୁ ଅସ୍ୱୀକାର କରି ଶରୀର ମଧ୍ୟରେ ଥିବା ବ୍ରହ୍ମଙ୍କୁ ପୂଜା କରିବାକୁ ଜନମାନସକୁ ନିବେଦନ କରିଛନ୍ତି ।

ଆତ୍ମ-ଯଜ୍ଞରେ ଆବିଷ୍କାର କାଳରେ କବି ଚେତନା ବିଶ୍ୱ ସୃଷ୍ଟିର ଅଖଣ୍ଡ ଯଜ୍ଞକ୍ରିୟାକୁ ପ୍ରତ୍ୟକ୍ଷ   କରନ୍ତି । "ଯୁଗ ଯୁଗାନ୍ତରେ କଳ୍ପ କଳ୍ପନାରେ ଶ୍ୱେତ ଶୁକ୍ଳାମ୍ବର ରୂପ / ଅଣଚକ୍ଷୁ ବାୟୁ ନାସାରୁ ଜନମ ଚନ୍ଦ୍ର ସୂର୍ଯ୍ୟ ଯା'ର ଦୀବ ସମୁଦ୍ର ବୋଲୁଛି ଅଭୟ ପୟରୁ କରୁଣା ଅକ୍ଷତ ନେବି । ଯୁଗ ଯୁଗାନ୍ତରେ ସପତ ବେଢ଼ାରେ ଚଉକତି ଘୂରୁଥିବି ।" 'ସ୍ତୁତିଚିନ୍ତାମଣି' ବିଷୟବସ୍ତୁ ମୁଖ୍ୟତଃ ମହିମା ଧର୍ମ ଓ ଦର୍ଶନର ପ୍ରଖ୍ୟାପନା । ଆଗମ, ନିଗମ ଉଭୟ ତତ୍ତ୍ୱର ଛାୟା ଏଥିରେ ପ୍ରତିଫଳିତ । ଉପନିଷଦୀୟ ବ୍ରହ୍ମ ଓ ଆତ୍ମତତ୍ତ୍ୱ, ବୌଦ୍ଧ ଶୂନ୍ୟ ଚେତନା, ନାଥ ସିଦ୍ଧ ସହଜ ଦର୍ଶନ ସହ ଜ୍ଞାନଭକ୍ତି ଯୋଗାତ୍ମିକା ନିର୍ଗୁଣ ସାଧନାର ସିଦ୍ଧାନ୍ତମାନ ଏଥିରେ କାବ୍ୟାୟିତ । ପଞ୍ଚସଖା ଦର୍ଶନ ଓ ସାଧନାତତ୍ତ୍ୱର ଏହା ବହୁତାଂଶରେ ପ୍ରତିଧ୍ୱନିତ । ଜୀବ ପରମ ସମ୍ପର୍କ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଗୁରୁବାଦ, କୃପାତତ୍ତ୍ୱ, ଶରଣାଗତି ଓ ସମର୍ପଣ ପ୍ରଭୃତି ସାଧନା ଚର ରୂପେ ଉଦ୍‌ବୋଧିତ ହେବାରେ ଏହି ଧର୍ମ ସମନ୍ୱୟ ଭିତ୍ତିକ ଆଧାତ୍ମିକତା ସୁସ୍ପଷ୍ଟ । ଭୀମଭୋଇଙ୍କ ସମଗ୍ର କାବ୍ୟକୃତିରେ ଗୋଟିଏ ସ୍ୱର ହିଁ ମୁଖରିତ ଜୀବନର ଆଧାତ୍ମିକ ମହତ୍ତ୍ୱ । ଧର୍ମ ଯେତେ ପାପପୁଣ୍ୟ ସ୍ୱର୍ଗ ନରକର ଭୂଆଁ ବୁଲାଉ ପଛକେ ଦର୍ଶନ ଯେତେ ଅଜ୍ଞାନତା, କ୍ଷୁଦ୍ରତା, ଦେଶ କାଳଖଣ୍ଡ ତା'ର କଥା ବଖାଣୁ ପଛକେ, ଆଧାତ୍ମବାଦୀର ନିରୋଳା ବିଶ୍ୱାସରେ ବ୍ୟକ୍ତି ଦିବ୍ୟ ଚେତନାର ଅନ୍ତଃସ୍ୱରୂପରେ ଦିବ୍ୟ ଓ ତା'ର ଜୀବନ ଦିବ୍ୟତା ଆଡ଼କୁ କ୍ରମ ବିକଶିତ, ତା'ର ସଚେତନ କର୍ମ ଓ ଭାବନାରେ ସେ ଦିବ୍ୟ ଅଭୀପ୍‌ସା ପ୍ରତିଫଳିତ । ସବୁ ଜଳବିନ୍ଦୁ ଶେଷ ରୂପରେ ନିଜ ଉତ୍ସ ସମୁଦ୍ରକୁ ଫେରିଆସିବା ପରି ଜୀବ ଚେତନାର ଅବଶେଷ ବିଳୟ ସେଇ ବ୍ରହ୍ମ ସମୁଦ୍ରରେ । ଜୀବର ଜନ୍ମ ମରଣାବଦ୍ଧ ଜୀବନଯାତ୍ରା କେବଳ ସେଇ ପରମ ଶାଶ୍ୱତ ଅଭିମୁଖେ ଅନ୍ତଃସତ୍ତାର ଚେତନା ଭିସାର । 'ସ୍ତୁତି ଚିନ୍ତାମଣି'ରେ ସ୍ଥଳ ବିଶେଷରେ ତାଙ୍କ ଦୁଃଖଭରା ଜୀବନର ଅଶ୍ରୁତ ଅଭିବ୍ୟକ୍ତି ପାଠକର ହୃଦୟକୁ ଥରାଇଦିଏ । ତେବେ "ଖାଇବାକୁ ଅନ୍ନ ପିନ୍ଧିବାକୁ ବସ୍ତ୍ର ସୁସ୍ଥେ ନ ମିଳିଛି କିଛି ।" ବୋଲି କହୁଥିଲେ ହେଁ ଜଗତର ହିତେ ବାନ୍ଧିଲଇଁ ଗୀତେ ମୋ ମନକୁ କରି ସତ" ପରି ନୀତି ଉପରେ ତାଙ୍କର ଜୀବନ ଦୃଷ୍ଟି ନିବଦ୍ଧ ଥିଲା । ସେ ଅଜପା ମନ୍ତ୍ର ବୋଲନ୍ତେ ତାଙ୍କୁ ଲୋକେ ଅଛବ ଜାତି, ବେଳେବେଳେ କିରସ୍ତାନ ବୋଲି ଗାଳି ଗୁଲଜ    କରିଛନ୍ତି । "ତାଙ୍କ ଗୁଜୁରାତି ପଠାଣ ଅଟନ୍ତି ବୋଇଲେ ଖପରଖିଆ" ପରି କଟୂକ୍ତି ବି କବିଙ୍କୁ ସହିବାକୁ ପଡ଼ିଛି । ସେ ଜଗତକୁ ସୂଚେଇ ଦେଉଥିଲେ ଯେ ସତ୍ୟଧର୍ମ ଆସିବାର ସମୟ ଉପଗତ ହେଲାଣି । ସ୍ରଷ୍ଟାପୁରୁଷ ଗୁରୁ ରୂପେ ଜଗତରେ ଆବିର୍ଭୂତ ହେଲେଣି । ଭୀମଭୋଇ ସଂସାରୀ ମଣିଷକୁ ଯୋଗୀ ସନ୍ନ୍ୟାସୀ ହେବାକୁ ପ୍ରବର୍ତ୍ତାଇ ନାହାନ୍ତି । ଗୃହୀର ପରିବେଶ ଭିତରେ କିପରି ନିର୍ମଳ ସୁସ୍ଥ ଜୀବନ ଗଢ଼ିଉଠିବ, ତା'ର ବାର୍ତ୍ତା ପ୍ରଚାର କରିଯାଇଛନ୍ତି । କବିଙ୍କ ଭାଷାରେ –

"ପାରୁ ପରିଯନ୍ତେ ଶୁଝୁଅଛି ମୁହିଁ ଘେନୁଛୁ କି ନାହିଁ ତୁହି
ଜନମ ଯାତକ ବହିଗଲାଣି ତ ଗଉଣିରେ ମାପି ଦେଇ
ପୁଣି ଯେତେଠାରୁ ଆଣିଅଛି ମୁହିଁ ଏପରି କହିବୁ ମୋତେ
ସାହୁ ରାହୁ ତୁହି ପାରି କରିନିଅ ଏବେ ମୁଁ କହୁଚି ତୋତେ

ସାହୁ ଗଙ୍ଗାଜଳ ହୃଦୟ ନିର୍ମଳ ହେଲେ ଖାତକକୁ ଲାଭ
ଖାତକ ବୁଝିଲେ ସାହୁ ନେଉଥିବ ସବୁଦିନ ପ୍ରୀତି ଥିବ ।"

କବି ଭୀମଭୋଇ ଥିଲେ ବିଶ୍ୱ ମାନବର ପରମ ହିତୈଶୀ । ସେ ଅଞ୍ଚଳ, ରାଜ୍ୟ, ଦେଶ ମଧ୍ୟରେ ସୀମିତ ନଥିଲେ, ତାଙ୍କର ଜନ୍ମ, ମଙ୍ଗଳ କାମନା ଥିଲା ଦେଶାତୀତ ଓ ବିଶ୍ୱ ପ୍ରସାରିତ । ନାରୀ ଜାତିକୁ ବିଶେଷ ସମ୍ମାନ ଦେଇ କିପରି ସେମାନେ ଉଚ୍ଚ ଆସୀନ ହୋଇ ମଙ୍ଗଳମୟୀ ରୂପେ ଦଣ୍ଡାୟମାନ ହେବେ, ସେଥିପାଇଁ ମଞ୍ଜୁଳ ଚିତ୍ର ପ୍ରଦାନ କରିଛନ୍ତି । ନାରୀ ନରକର ଯନ୍ତ୍ରଣା ନ ହେଉ, ନରକର ଦ୍ୱାର ନ ହେଉ । ସେ ସ୍ୱର୍ଗୀୟ ପାରିଜାତ ପରି ସୁବାସିତ ହେଉ । କବିର କଳ୍ପନା ସ୍ୱର୍ଗୀୟ ଓ ଚିରବନ୍ଦନୀୟ । ସେ ଜାଣନ୍ତି ସତୀତ୍ୱ, ନାରୀର ଗୌରବ ଓ ଅନ୍ୟପକ୍ଷରେ ମନ-ମୀନର ଶିକାର ହୋଇ ନାରୀ କୁଳଟା ବି-ସାଜିଛି । ଏଇ ଉଭୟ ଦିଗରୁ ନାରୀମାନଙ୍କୁ ସେ ସଚେତନ କରାଇ ତାଙ୍କର ଜୀବନର ଗୌରବ ଆଉ ରୌରବ ଦର୍ଶାଇଛନ୍ତି । କବି ମହିମା ଧର୍ମ ଦର୍ଶନ ପ୍ରଚାର ପ୍ରସାର ସହିତ ଆଧୁନିକ ଯୁଗର ନାରୀକୁ ନୂତନ ସନ୍ଦେଶ ଦେବାରେ ତତ୍‌ପର ରହିଛନ୍ତି । ସେ ଅନୁଭବ କରିଛନ୍ତି ସମୟର କୁଟିଳ ଗତି । ଆଧୁନିକ ସଭ୍ୟତାର ଅଗ୍ରଗତିରେ ନାରୀ ନୈତିକତାର ଅଧୋଗତିକୁ ଉପଳବ୍ଧି କରିଛନ୍ତି । ନାରୀ ଶକ୍ତିର ଦୃଢ଼ତା, ସଂଯମ, ଶୃଙ୍ଖଳା ହିଁ ଜଗତକୁ ମଧୁମୟ କରିଥାଏ । ଏହି ତାଙ୍କର ଦୃଢ଼ ଧାରଣା । ନାରୀ ଯେପରି ମାୟାବିନୀ, କାମାଚାରୀ ନ ହୋଇ, ସଦାଚାରୀ ହେବ ଏହାହିଁ କବିଙ୍କର କଳ୍ପନା ଓ ଯୋଜନା । ପତିପତ୍ନୀ ଜୀବନଯାପନ ମଞ୍ଜୁଳ ହେଲେ ପରସ୍ପର ମଧ୍ୟରେ

ସ୍ନେହ ମମତା ପ୍ରେମ ରହିଲେ ସେହି ପରିବାର 'ବୈକୁଣ୍ଠଧାମ' ପରି ମନେହୁଏ । ନାରୀ ସୀତା ପରି ସତ୍ୟ ପଥରେ ଚାଲିଲେ ପୁରୁଷ ଧନ୍ୟ ହୁଏନାହିଁ କେବଳ, ବଂଶ ମଧ ଉଜ୍ଜ୍ୱଳ ହୁଏ।

ଜୀବନର ସକଳ ଆବେଗ ଓ ଅନୁଭୂତି ରେଖାଙ୍କିତ ହୋଇଥାଏ ସାର୍ଥକ କବିତ୍ୱରେ । ଜୀବନର ସୁଖ-ଦୁଃଖ, ଅଶ୍ରୁ-ଉଲ୍ଲାସ, ଆବେଗ-ଆକୁଳତା, ଭୋଗ-ତ୍ୟାଗ ଆଦି ମାନବୀୟ ବୃତ୍ତିର ଚିତ୍ର ଚିତ୍ରିତ ହୋଇଥାଏ କବି କୃତିରେ । କବିତ୍ୱର ସ୍ନିଗ୍ଧ ଆଲୋକଧାରା ବର୍ଣ୍ଣିଳ ଇନ୍ଦ୍ରଧନୁ ସୃଷ୍ଟିକରେ ବିଦଗ୍ଧ ପାଠକ   ମନରେ । କବିତ୍ୱର ଚିତ୍ତବୃତ୍ତି ସହିତ ଆଧାତ୍ମିକ ଧାରାର ଭକ୍ତିଭାବନା ପ୍ରବଣତାର ସହିତ ମିଶ୍ରିତ ହୋଇଯାଏ ତାହା ହୋଇଉଠେ ଅପୂର୍ବ ଓ ଅନନ୍ୟ । ଭଜନ ସାହିତ୍ୟରେ ଏକ ସାର୍ଥକ ଗୀତି କବି ଭାବରେ ଖୁବ୍ ପରିଚିତ ଓ ବନ୍ଦିତ । ମହିମା ଧର୍ମର ନୀତି ପଦ୍ଧତି, ଆଚାର, ବିଚାର ଓ ଆଦର୍ଶ ପ୍ରଚାର ପାଇଁ ଏ ଭଜନଗୁଡ଼ିକ ଉଦ୍ଦିଷ୍ଟ ଥିବାରୁ ରସୋଲ୍ଲାସର ଅଭାବ ପରିଲକ୍ଷିତ ହୁଏ ତଥାପି ଭଜନଗୁଡ଼ିକରେ ଯାଦୁକାରୀ ଶକ୍ତି ତାହା ସାଧାରଣ ମଣିଷର ଚିତ୍ତ ଜଗତକୁ ଅପୂର୍ବ ଭାବୋଚ୍ଛ୍ୱାସରେ ଆଚ୍ଛନ୍ନ କରିଦିଏ।

ସନ୍ଥକବିଙ୍କର ପ୍ରାୟ ସମସ୍ତ ଭଜନ ଏକେଶ୍ୱରବାଦ ଓ ଶୂନ୍ୟତତ୍ତ୍ୱକୁ ନେଇ ରଚିତ । ଏକର ମହିମାବନ୍ତ ପରଂବ୍ରହ୍ମ ହେଉଛନ୍ତି ଏ ସୃଷ୍ଟିର ମୂଳସେତୁ । ସେ ନିର୍ଗୁଣ, ନିରଞ୍ଜନ, ନିରାକାର, ଅଦେହୀ, ଅବ୍ୟୟ ଓ ଅକ୍ଷୟ । ସେ ସତ୍ୟ ଶିବ ସୁନ୍ଦର । ଅବନା ମନ୍ଦିର ତାଙ୍କର ପ୍ରିୟ ବାସସ୍ଥଳୀ । ଏ ଅଲେଖ ପୁଣି ପାଦ ପାଣି ହୀନ । ସେ ସମସ୍ତଙ୍କର ପୁଣି କାହାର ନୁହନ୍ତି । ସେ ସମସ୍ତଠାରେ ଅଛନ୍ତି ପୁଣି ଧରିବା ଅସମ୍ଭବ । ସେଇ ନିର୍ଗୁଣ ନିରଞ୍ଜନ ପରମ କ୍ଷିତି, ଅପ, ତେଜ, ମରୁତ, ବ୍ୟୋମ ପଞ୍ଚଭୂତର ସର୍ଜନାକାରୀ ଓ ନିୟାମକ । ତଥାପି ସେଥିରେ ସେ ନିର୍ଲିପ୍ତ । କେହିଁ ତାଙ୍କୁ ଛୁଇଁ ପାରନ୍ତି ନାହିଁ । ମହିମା ଧର୍ମର ଏଇ ରହସ୍ୟବାଦ ଚିତ୍ରିତ ହୋଇଛି ତାଙ୍କର ଅନେକ ଭଜନରେ । କେବଳ ଅଚ୍ୟୁତାନନ୍ଦ କି ଭୀମଭୋଇଙ୍କ ରଚନାରେ ନୁହେଁ ବୈଦିକ ଯୁଗରେ ମଧ ଏହି ଶୂନ୍ୟବାଦର ମହତ୍ତ୍ୱ ପ୍ରକଟିତ ହୋଇଛି । ଭୀମଭୋଇଙ୍କର ଶୂନ୍ୟ, ମହାଶୂନ୍ୟ ଓ ମୂଳଶୂନ୍ୟ ପରି ବୌଦ୍ଧଧର୍ମର ବଜ୍ରଯାନୀମାନେ ମଧ ବହୁ ଆଗରୁ କରିଯାଇଛନ୍ତି । ଭକ୍ତି ସାହିତ୍ୟ ଧାରାରେ ଏ ଶୂନ୍ୟବାଦଟି ଏକ ଅମୂଲ୍ୟ ସଂପଦ । ପ୍ରତ୍ୟେକ ଜୀବାତ୍ମା ପରମାତ୍ମାଙ୍କର ଅଂଶବିଶେଷ । ପ୍ରଖ୍ୟାତ ଜୀବପରମ ତତ୍ତ୍ୱ ମହିମାଧର୍ମର ଏକ ମୁଖ୍ୟ ବିଭବ । ପ୍ରତ୍ୟେକ ସ୍ରଷ୍ଟା ଜଣେ ଜଣେ ସମାଜ ସୁଧାରକ ଓ ସଂସ୍କାରକ । ଭୀମଭୋଇଙ୍କ ଭଜନରେ ମର୍ମବାଣୀ, ସମାଜରୁ ଅନ୍ୟାୟ, ଅନୀତି, ଅନାଚାର ଦୂର କରିବା ପାଇଁ । ସଂସାରରେ ଧର୍ମର ସ୍ଥାପନ ପାଇଁ ସେ ଅଲେଖଙ୍କ ପାଖରେ ଆସ୍ଥା ସ୍ଥାପନ କରିଛନ୍ତି ।

"ଧର୍ମକୁ ସ୍ଥାପନ କର ସର୍ବଜନ ସତ୍ୟ ଯୁଗେ ଯେ ରୀତି
ପିଣ୍ଡ ବ୍ରହ୍ମାଣ୍ଡ ଯେ କଲେ ନିର୍ମାଣ ସେ ଏକା ରଖିବେ ଯତି ।"

ମନୁଷ୍ୟ ଇନ୍ଦ୍ରିୟାସକ୍ତ ହେଲେ ଭଲମନ୍ଦ ବିଚାର କରିପାରେ ନା । ବାଦ, ଛିଦ୍ର, ହିଂସା, ଦ୍ୱେଷ, ଛନ୍ଦ କପଟରେ ସେ ନିଶାଗ୍ରସ୍ତ ପରି ମଜ୍ଜି ରହିଥାଏ । ସତମିଛ କଥାରେ ସେ ସମାଜର ସମସ୍ତ ବିଧିବ୍ୟବସ୍ଥାକୁ କଳୁଷିତ କରିଥାଏ । ଏ ସବୁଥିରୁ ନିବୃତ୍ତ ରହିବାକୁ କବି ଅନେକ ପ୍ରୟାସ କରିଛନ୍ତି ଜଗତଜନଙ୍କ ପାଇଁ । ସେବା ମନୋବୃତ୍ତି ନେଇ ଦରିଦ୍ରକୁ ସାହାଯ୍ୟ କରିବା, ମୈତ୍ରୀ କରୁଣା ପ୍ରୀତି ଭାବକୁ ନେଇ ଜୀବମାନଙ୍କୁ ଦୟା ଦେଖାଇବାରେ ମାନବିକତା ବିକଶିତ ହୁଏ । ପ୍ରକୃତ ମଣିଷପଣିଆର ନିଦର୍ଶନ ଏଇ ସୁକର୍ମରେ ହିଁ ମିଳିଥାଏ । ମାନବବାଦୀ କବିଙ୍କ ପ୍ରାଣରେ ଏ ଅଗାଧ ବ୍ୟାକୁଳତାକୁ ମାପିହୁଏ ନାହିଁ । "ଜୀବେ ଦୟା"ଠାରୁ ଶ୍ରେଷ୍ଠଧର୍ମ ଏ ଦୁନିଆରେ ଆଉ କିଛି ନାହିଁ । ମହିମା ଧର୍ମ ମୂର୍ତ୍ତି ପୂଜାରେ ଆସ୍ଥାପୋଷଣ କରନ୍ତି ନାହିଁ । ମହିମା ପ୍ରଭୁ ଶୂନ୍ୟ ପୁରୁଷଙ୍କ ନିକଟରେ ଅନାବିଳ ଭକ୍ତି ଓ ଆତ୍ମ ସମର୍ପଣ ହେଉଛି ଏହି ଧର୍ମର ପ୍ରମୁଖ ସାଧନା । ମହିମା ଧର୍ମ ଏକ ସଂସ୍କାରବାଦୀ ଆନ୍ଦୋଳନ, ସନାତନ ହିନ୍ଦୁଧର୍ମରେ ପ୍ରଚଳିତ ପୌତ୍ତଳିକତାବାଦ, ନାନା କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ଜାତିଗତ ଅନ୍ଧଭାବନା ବିଷୟରେ ମହିମା ଆନ୍ଦୋଳନ ଏକ ପ୍ରତିବାଦମୂଳକ ଭାବଧାରା । ଜାତିଗତ ସଂକୀର୍ଣ୍ଣତାର ସଂପୂର୍ଣ୍ଣ ବିରୋଧୀ । ମହିମା ଧର୍ମରେ ମିଥ୍ୟା କଥନ, ଚୌର୍ଯ୍ୟବୃତ୍ତି, ପରଦାର ଗଗନ, ପରାପବାଦ, ଲୋଭ ପ୍ରଭୃତିକୁ ପରିହାର କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଶୂନ୍ୟ ହେଉଛି ବ୍ରହ୍ମର ଅଧିଷ୍ଠାନ । ସେଇ ଶୂନ୍ୟବ୍ରହ୍ମଙ୍କ ଭଜନ କଲେ ଇହଧାମରୁ ମୁକ୍ତି ମିଳିଥାଏ । ଅନ୍ୟକୁ ଆପଣେଇ ନେବାର ଭାବନା ମହିମା ଧର୍ମରେ ସତତ ଜାଗ୍ରତ ରହିଥାଏ । ମହିମା ଧର୍ମରେ ଗୃହସ୍ଥ ଓ ସନ୍ନ୍ୟାସୀ ଉଭୟେ ଦୀକ୍ଷା ଗ୍ରହଣ କରିଥାନ୍ତି । ଉଭୟଙ୍କର ଉପାସନା ଏକପ୍ରକାର । ଗୃହୀମାନେ ଗେରୁଆ ଲୁଗା ପରିଧାନ କରନ୍ତି । ସନ୍ନ୍ୟାସୀମାନେ ବଲ୍‌କଳ ଅଥବା ଡ଼ୋର କୌପୁନୀ ପିନ୍ଧିବାର ବିଧି ରହିଛି । ଏମାନେ ରାଜା, ବ୍ରାହ୍ମଣ, ମାଳାକାର, ଗଣକ, ଗଣିକା, ବାରିକ, ହାଡ଼ି ଓ ଧୋବାମାନଙ୍କ ଗୃହରୁ ଅନ୍ନ ଗ୍ରହଣ କରିବାକୁ ବାରଣ ରହିଛି । ଗୃହସ୍ଥାଶ୍ରମକୁ ପ୍ରାଧାନ୍ୟ ଦେଇ କବି ଲେଖିଛନ୍ତି –

"ଗୃହେ ଧର୍ମେ ଥିବି ଅନ୍ୟସ୍ଥା ନୋହିବ
ଆଜ୍ଞାନ ହେଉ ଏହି ବାଗେ
ଶ୍ରୀଗୁରୁ ଛାମୁରେ ଭୀମ ଅରକ୍ଷିତ
କରପତ୍ର ଯୋଡ଼ି ମାଗେ
ନାମଟି ଅକ୍ଷୟ ଅଜନ୍ମ ଅଜୟ
ଚାରି ଯୁଗେ ଯେବେ ସତ୍ୟ
ଗୃହେ ଥାଇ ବିହିତ କର୍ମେ ଚାଲିଲେ
ସବୁ ହେବ ପରାପତ ।"

ଭୀମଭୋଇଙ୍କ ପରଂବ୍ରହ୍ମଙ୍କର ଏକ ବିଶେଷ ଉପାଧି ହେଉଛନ୍ତି ସେ ଅରୂପାନନ୍ଦ । ଏକାଧାରରେ ସେ ଅରୂପ ଓ ଆନନ୍ଦମୟ । ଯିଏ ଶୂନ୍ୟ

ସ୍ୱରୂପରେ ତ୍ରିଭୁବନରେ ପରିବ୍ୟାପ୍ତ ସେ ହିଁ ଅରୂପ । ପରଂବ୍ରହ୍ମ କେବଳ ଅରୂପାନନ୍ଦ ନୁହନ୍ତି ସେ ପୂର୍ଣ୍ଣାନନ୍ଦ ସ୍ୱାମୀ ମଧ । ପରଂବ୍ରହ୍ମଙ୍କ ଅଦୃଶ୍ୟ ପରମ ପଦରୁ ପ୍ରକଟିତ ହୋଇଥିବା ବେଦ ହିଁ ସକଳ ପ୍ରପଞ୍ଚର ଲୀଳାଭୂମି । ଋକ୍‌ବେଦରୁ ସୃଷ୍ଟି ପୃଥିବୀ ଓ ସପ୍ତ ସମୁଦ୍ର । ସାମବେଦରୁ ଶୂନ୍ୟ ଏବଂ ପବନ, ଅଥର୍ବ ବେଦରୁ ଦଶଦିଗକୁ ଛନ୍ଦୁଥିବା ବିଦ୍ୟା । ସାମନ୍ୟୁକ୍ତ ଯଜୁର୍ବେଦରୁ ଅର୍ଦ୍ଧ ଅଥବା ଅର୍ଦ୍ଧମାତ୍ର । ଏବଂ ଶିଶୁ ବେଦରୁ ଭକ୍ତବତ୍ସଳ କରୁଣା ସାଗର ଅନାମ ଦୀନବନ୍ଧୁଙ୍କ ଆସ୍ଥାନର ସୃଷ୍ଟି । ବ୍ରହ୍ମଙ୍କର ଏକ ଅକଳିତ ମହିମା ଅସମ୍ଭବକୁ ସମ୍ଭବ କରିପାରେ । ମୂର୍ଖକୁ ପଣ୍ଡିତ କରିପାରେ । ଅଜ୍ଞାନକୁ ଜ୍ଞାନୀ କରିପାରେ । ପାଷାଣକୁ ପାଣି କରିପାରେ । ପଙ୍ଗୁକୁ ଗିରି ଲଙ୍ଘନର କ୍ଷମତା ଦେଇପାରେ ଏବଂ ଅପୁତ୍ରିକକୁ ପୁତ୍ରଦାନ କରିପାରେ । ମନୁଷ୍ୟ ଜନ୍ମ ହେଉଛି ଦୁର୍ଲ୍ଲଭ ଜନ୍ମ । ପରମାତ୍ମାଙ୍କର ସେ ପ୍ରିୟ ପ୍ରତିଭୂ । ଜଗତର କଲ୍ୟାଣ ସାଧନ ପାଇଁ ସେ ଅଭିପ୍ରେତ । କିନ୍ତୁ ସେ ଅମଳିନ ଆତ୍ମାଟିଏ ଧୂଳି ଧରଣୀର ମୋହମାୟାରେ ପଡ଼ି ଲକ୍ଷ୍ୟଚ୍ୟୁତ ହୋଇଯାଏ । ତା'ର ଦେବତ୍ୱ ସତ୍ତାଟିକୁ ପାଶୋରି ଆସୁରିକ ଅଭିଳାଷରେ ସେ ମତ୍ତ ହୋଇଉଠେ । ସତ୍ୟରେ ମରିବା ଓ ସତ୍ୟରେ ତରିବା ଥିଲା ଭକ୍ତ କବିଙ୍କର ଜୀବନର ଶ୍ରେଷ୍ଠ ଅଭିଳାଷ । ପ୍ରକୃତରେ ବାଟବଣା ସାଧାରଣ ମଣିଷଙ୍କ ପାଇଁ ତାଙ୍କର ଭକ୍ତି ସାହିତ୍ୟ ଥିଲା ଦିଗବାରେଣୀ ପରି । ନୈତିକ ଚେତନା ଜାଗ୍ରତ କରିବା ପାଇଁ ତାଙ୍କର ଗୋଟିଏ ଗୋଟିଏ ପଙ୍‌କ୍ତି ଏକ ଏକ ପ୍ରଜ୍ୱଳିତ ଦୀପସ୍ତମ୍ଭ ସଦୃଶ । ତାଙ୍କର ମହତବାଣୀ ଆଜି ବି କର୍ଣ୍ଣେ ପଡ଼େ;

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ପାଉ ।

**************

ଜଗତର ହିତେ ବାନ୍ଧିଲଇଁ ଗୀତେ
ମୋ ମନକୁ କରି ସତ
ଅବଧୂତ ଅବଧୂତ ବୋଲିବାକୁ
ବୋଇଲେ ବାବନାଭୂତ ।"


ସହାୟକ ଗ୍ରନ୍ଥସୂଚୀ :

(୧) କବିର ଗ୍ରନ୍ଥାବଳୀ : ୨୦୧୮

(୨) ମହିମା ଧର୍ମ' : ଡ. ସୌଦାମିନୀ ପଟ୍ଟନାୟକ (୧୯୮୬)

(୩) ଓଡ଼ିଆ ସାହିତ୍ୟର ଇତିହାସ : ୧୯୬୭, ଡ଼. ମାୟାଧର ମାନସିଂହ


(୪) ସ୍ତୁତି ଚିନ୍ତାମଣି' : ଭୀମଭୋଇ, ସଂପାଦନ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରକାଶନ-୧୯୫୦ ମସିହା

(୫) ସନ୍ଥକବି ଭୀମଭୋଇ : ସାରଳା ସାହିତ୍ୟ ସଂସଦ, ୧୯୯୭ ପ୍ରକାଶ


*****


**ସହକାରୀ ଗବେଷିକା**

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଶିକ୍ଷା ମନ୍ତ୍ରଣାଳୟ,
ସର୍ଦ୍ଦାର ପଟେଲ ହଲ କମ୍ପ୍ଲେକ୍ସ, ଭୁବନେଶ୍ୱର

**"ଉଠରେ ଉଠରେ ଉତ୍କଳ ସନ୍ତାନ**
**ଉଠିବୁ ତୁ କେତେ ଦିନେ**
**ପୂରୁବ ଗୌରବ ପୂରୁବ ସାହସ**
**ପଡ଼ିବକି କେବେ ମନେ ?"**

(ଉତ୍କଳ ଗୌରବ ମଧୁସୂଦନ ଦାସ)

# ଶ୍ରୀ ଶ୍ରୀ ଗଣେଶଙ୍କ ଅଷ୍ଟ ଅବତାର ରହସ୍ୟ



କୈବଲ୍ୟ ପ୍ରସାଦ ମହାପାତ୍ର

ଖର୍ବଂ ସ୍ଥୂଳତନୁଂ ଗଜେନ୍ଦ୍ର ବଦନଂ
ଲମ୍ବୋଦରଂ ସୁନ୍ଦରଂ
ପ୍ରସ୍ୟନ୍ଦନ୍ ମଧୁଗନ୍ଧ ଲୁବ୍ଧ
ମଧୁପ ବ୍ୟାଲୋଳ ଗଣ୍ଡସ୍ଥଳମ୍ ॥
ଦନ୍ତାଘାତ ବିଦାରିତାରି ରୁଧିରୈଃ
ସିନ୍ଦୁର ଶୋଭାକରଂ
ବନ୍ଦେ ଶୈଳ ସୁତାସୁତଂ ଗଣପତିଂ
ସିଦ୍ଧିପ୍ରଦଂ କାମଦମ୍ ॥

ମା ପାର୍ବତୀଙ୍କର କନିଷ୍ଠ ପୁତ୍ର ଶ୍ରୀ ଗଣେଶ ବିଘ୍ନ ନାଶକ ନାମରେ ଖ୍ୟାତ । ପ୍ରଭୁ ଗଣେଶ ପୃଥିବୀରେ ଖରାପ ଶକ୍ତିକୁ ପରାଜୟ କରି ଅନ୍ୟକୁ ରକ୍ଷାକରିବା ପାଇଁ ଅଷ୍ଟ ଅବତାର ଗ୍ରହଣ କରିଥିଲେ ।

୧. ବକ୍ରତୁଣ୍ଡ –ମତ୍ସରାସୁର ନାମକ ଏକ ଅସୁରକୁ ବଧ କରିବା ପାଇଁ ଶ୍ରୀ ଗଣେଶ ବକ୍ରତୁଣ୍ଡ ଅବତାର ନେଇଥିଲେ । ମତ୍ସରାସୁର କଠୋର ତପସ୍ୟା କରି ଭଗବାନ ଶିବଙ୍କୁ ପ୍ରସନ୍ନ କରିଥିଲା । ତେଣୁ ସେ ଅହଙ୍କାରୀ ହୋଇ ସବୁ ଦେବତାଙ୍କ ଉପରେ ଅତ୍ୟାଚାର କଲା । ତେଣୁ ଦେବତାଗଣ ଏଥିରୁ ରକ୍ଷାପାଇବା ପାଇଁ ଶିବଙ୍କର ଶରଣ ପସିଲେ । ମାତ୍ର ଶ୍ରୀ ଗଣେଶଙ୍କର ସହାୟତା ନେବା ପାଇଁ ଶିବ ସମସ୍ତ ଦେବତାଙ୍କୁ କହିଲେ । ତାପରେ ଦେବତାଗଣ ବିଘ୍ନ ନାଶକଙ୍କ ଆରାଧନା କଲେ । ଫଳରେ ଶ୍ରୀ ଗଣେଶ ବକ୍ରତୁଣ୍ଡ ଅବତାର ଧାରଣ କରି ମତ୍ସରାସୁର ସହିତ ତାର ଦୁଇପୁତ୍ର ସୁନ୍ଦରପ୍ରିୟ ଓ ବିଷୟପ୍ରିୟଙ୍କୁ ମଧ ବଧ କରିଥିଲେ ।

୨. ଏକଦନ୍ତ -ଶ୍ରୀ ଗଣେଶ ଏହି ଅବତାରରେ ଚାରୋଟି ବାହୁ, ଏକଦନ୍ତ, ବଡପେଟ ଓ ହାତୀ ପରି ବିଶାଳ ଶୁଣ୍ଢ ଧାରଣ କରିଥିଲେ । ମଦାସୁର ରାକ୍ଷସ ଶୁକ୍ରାଚାର୍ଯ୍ୟଙ୍କଠାରୁ ଶିକ୍ଷାପ୍ରାପ୍ତ ପରେ ବହୁତ ଶକ୍ତିଶାଳୀ ହୋଇଥିଲା । ଏହା ଫଳରେ ସେ ଦେବତାମାନଙ୍କୁ ବହୁତ ହଇରାଣ କଲା । ଶେଷରେ ଦେବତାଗଣ ଶ୍ରୀ ଗଣେଶଙ୍କର ଆବାହନ କରି ତାଙ୍କର ସାହାଯ୍ୟ ଲୋଡିଲେ । ଶ୍ରୀଗଣେଶ ଏକଦନ୍ତ ରୂପ ଧାରଣ କରି ମଦାସୁରକୁ ବଧ କରିଥିଲେ ।

୩. ମହୋଦର – ମହୋଦର ରୂପରେ ଗଣେଶଙ୍କର ପେଟର ଆକାର ବହୁ ବଡ ଥିଲା । ଶ୍ରୀଗଣେଶଙ୍କର ଜ୍ୟେଷ୍ଠଭ୍ରାତା କାର୍ତ୍ତିକେୟ ତାରକାସୁରକୁ ବଧ କଲେ । ପ୍ରତିଶୋଧ ପରାୟଣ ହୋଇ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ମୋହସୁର ନାମକ ଏକ ଦୈତ୍ୟକୁ ଦେବତାମାନଙ୍କୁ ପରାଜିତ କରିବା ପାଇଁ ପଠାଇଲେ । ହେଲେ ଶ୍ରୀଗଣେଶ ମନୋହର ରୂପ ଧାରଣ କରି ମୂଷିକ ବାହାନ ଉପରେ ବସି ମୋହସୁର ପାଖରେ ପହଂଚିଲେ । ମାତ୍ର ଦୈତ୍ୟବୀର ବିନା ଯୁଦ୍ଧରେ ମହୋଦରଙ୍କୁ ତାଙ୍କର ଇଷ୍ଟଦେବ ବୋଲି ଗ୍ରହଣ କଲେ ।

୪. ଗଜାନନ - ଗଜାନନ ବେଶରେ ଶ୍ରୀଗଣେଶ ଲୋଭାସୁର ନାମକ ଏକ ଦୈତ୍ୟକୁ ବଧ କରିଥିଲେ । ପୌରାଣିକ ତଥ୍ୟାନୁସାରେ ଥରେ କୁବେର କୈଳାସରେ ପହଂଚି ମାତା ପାର୍ବତୀଙ୍କୁ ଦେଖିବା ପରେ ତାଙ୍କ ପ୍ରତି କାମଲୋଭ ଉତ୍ପନ୍ନ ହେଲା । କୁବେରଙ୍କର ଏପରି ଲାଳସା ଯୋଗୁ ତାଙ୍କଠାରୁ ଲୋଭାସୁର ଦୈତ୍ୟ ଜନ୍ମ ନେଲା । ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶ ଅନୁସାରେ ଲୋଭାସୁର ଶିବଙ୍କର ମନ୍ତ୍ର ପଢି କଠୋର ତପସ୍ୟା କରିବାରୁ ଶିବ ତାଙ୍କୁ ଅଭୟବର ପ୍ରଦାନ କଲେ । ତେଣୁ ଲୋଭାସୁର ବହୁତ ଶକ୍ତିଶାଳୀ ହୋଇ ତ୍ରିଲୋକକୁ ନିଜ ଅଧିନରେ ରଖିଲେ । ଏଥିରେ ସ୍ୱୟଂ ମହାଦେବ ମଧ କୈଳାସ ତ୍ୟାଗକରି ଅନ୍ୟ ଆଡେ ଚାଲିଗଲେ । ଏହାପରେ ଶ୍ରୀଗଣେଶ ଗଜାନନ ଅବତାର ଧାରଣ କରି ଲୋଭାସୁରକୁ ବଧ କରିବାକୁ ସ୍ଥିର କଲେ । ମାତ୍ର ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ପରାମର୍ଶରେ ଲୋଭାସୁର ବିନାଯୁଦ୍ଧରେ ଶ୍ରୀଗଣେଶଙ୍କ ଠାରେ ନିଜର ପରାଜୟ ସ୍ୱୀକାର କଲେ ।

୫. ଲମ୍ବୋଦର - ପୁରାଣରୁ ଜଣାଯାଏ ସମୁଦ୍ର ମନ୍ଥନ ସମୟରେ ଭଗବାନ ବିଷ୍ଣୁ ଅସୁରମାନଙ୍କ ସହ ଛଳ କରି ମୋହିନୀ ରୂପ ଧାରଣ କରିଥିଲେ । ବିଷ୍ଣୁଙ୍କର ମୋହିନୀ ରୂପରେ ଶିବ ମୋହିତ ହୋଇଗଲେ । ତାଙ୍କର ଶୁକ୍ର ସ୍ଖଳିତ ହେବାରୁ ଏକ କଳା ରଙ୍ଗର ଦୈତ୍ୟ ଜନ୍ମ ହେଲା । ତାର ନାମ କ୍ରୋଧାସୁର । କ୍ରୋଧାସୁର ସୂର୍ଯ୍ୟଦେବଙ୍କ ବରଦାନ ପ୍ରାପ୍ତହୋଇ ସମସ୍ତ ବ୍ରହ୍ମାଣ୍ଡ ଜୟକଲା । ଏହାପରେ ଶ୍ରୀଗଣେଶ ଲମ୍ବୋଦର ଅବତତାର ଗ୍ରହଣ କରି କ୍ରୋଧାସୁରକୁ ପରାସ୍ତ କରିଥିଲେ ।

୬. ବିକଟ – ଜଳନ୍ଧରକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁ ତାଙ୍କ ପତ୍ନୀ ବୃନ୍ଦା ବା ତୁଳସୀଙ୍କର ସତୀତ୍ୱ ହରଣ କରିଥିଲେ । ଏହାପରେ କାମାସୁର ନାମକ ଏକ ଦୈତ୍ୟ ଜନ୍ମ ହୋଇଥିଲା । କାମାସୁର କଠୋର ତପସ୍ୟା ବଳରେ ଶିବଙ୍କୁ ସନ୍ତୁଷ୍ଟ କରି ବରଦାନ ଯୋଗୁ ତ୍ରିଲୋକ ଜୟ କରିବାକୁ ଚାହିଁଲେ । ଏହାକୁ ରକ୍ଷାକରିବା ପାଇଁ ଶ୍ରୀଗଣେଶ ବିକଟରୂପ ଧାରଣ କରି କାମାସୁରକୁ ବଧ କରିଥିଲେ ।

୭. ବିଘ୍ନରାଜ – ଥରେ ଦେବୀ ପାର୍ବତୀ ବହୁତ ଜୋରରେ ହସିବାକୁ ଲାଗିଲେ । ତାଙ୍କର ଏପରି ହସରୁ ଏକ ବିଶାଳ ପୁରୁଷର ସୃଷ୍ଟି ହେଲା । ଏହାର ନାମ ରଖାଗଲା ମମ ବା ମମତା । ଏହାପରେ ମମ ବନକୁ ଚାଲିଗଲା । ବନରେ ସମ୍ବରାସୁର ସହ ସାକ୍ଷାତ ହେଲା । ମମ ସମ୍ବରାସୁର

ଠାରୁ କିଛି ଅସୁରୀଶକ୍ତିର ଜ୍ଞାନ ପ୍ରାପ୍ତ କଲା ଓ ଗଣେଶଙ୍କୁ ଅରାଧନା କରି ସମସ୍ତ ବ୍ରହ୍ମାଣ୍ଡ ଉପରେ ଶାସନ କରିବା ପାଇଁ ବରଦାନ ମାଗି ନେଲା। ଏହା ପରେ ସମ୍ବରାସୁର ନିଜର କନ୍ୟା ମୋହିନୀ ସହ ମମର ବିବାହ କରାଇ ନେଲା । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ମମକୁ ଦୈତ୍ୟରାଜ ପଦ ଦେଇଦେଲେ । ଏହାପରେ ମମ ଅଧିକ ବଳବାନ ହୋଇଗଲା ଓ ସମସ୍ତ ଦେବତାଙ୍କ ଉପରେ ଅତ୍ୟାଚାର କରିବାକୁ ଲାଗିଲା । ଏଥିରୁ ରକ୍ଷା ପାଇବା ପାଇଁ ଦେବଗଣ ଗଣେଶଙ୍କୁ ପ୍ରାର୍ଥନା କଲେ । ଏହାପରେ ଶ୍ରୀଗଣେଶ ବିଘ୍ନରାଜ ରୂପ ଧାରଣ କରି ମମକୁ ବଧ କଲେ ।

୮. ଧୂମ୍ରବର୍ଣ୍ଣ –ଥରେ ବ୍ରହ୍ମା ସୂର୍ଯ୍ୟଦେବଙ୍କୁ କର୍ମରାଜୀରେ ସ୍ୱାମୀ କରିନେଲେ । ଏହାପରେ ସୂର୍ଯ୍ୟଦେବଙ୍କର ଗର୍ବ ହେଇଗଲା । ଦିନେ ସୂର୍ଯ୍ୟଦେବ ଜୋରରେ ଛିଙ୍କିଦେଲେ । ତାଙ୍କ ଛିଙ୍କରୁ ଅହମ୍ ନାମକ ଦୈତ୍ୟ ଉତ୍ପନ୍ନ ହେଲା । ଅହମ୍ ଶୁକ୍ରାଚାର୍ଯ୍ୟଙ୍କୁ ନିଜର ଗୁରୁ ଭାବେ ଗ୍ରହଣ କଲେ । ଏହାପରେ ଗଣେଶଙ୍କୁ ଉପାସନା କରି ଶକ୍ତିଶାଳୀ ହୋଇ ଦେବତାଙ୍କ ଉପରେ ଅତ୍ୟାଚାର କରିବାକୁ ଲାଗିଲା । ଶ୍ରୀଗଣେଶ ଏଥିରେ କ୍ରୋଧିତ ହୋଇ ଧୂମ୍ରବର୍ଣ୍ଣ ରୂପ ଧାରଣ କଲେ ଓ ଅହମ୍ ଅସୁରକୁ ବଧ କରି ଦେବତାମାନଙ୍କୁ ଅତ୍ୟାଚାରରୁ ମୁକ୍ତି କରିଥିଲେ ।

*****

ସେବାନିବୃତ୍ତ ପ୍ରଧାନଶିକ୍ଷକ
ହନୁମାନ ବିହାର,
ବାରିପଦା

# Sponsorships & Donations

**Ganesh Chaturthi Mahotsav 07-09-2024**

Abhishek Jena
Abhyarthana Jena
Ajay Mohanty
Ashish Jain
Ashish Sahoo (Litu)
Ashok Kumar
Aswinee Samantaray
Avinash Kumar
Babuli Nayak
Badri Singh Rawat
Basant Sahoo
Bimal Prasad Samal
Biren & Dhiren Biswal
Buddhi Singh Negi
Deepti Ranjita Ray

Dinesh Goel
Dr.Sananta Sahoo
Gurvinder Singh
Harish Udeshi
Jaya Krushna Swain
Jeetendra Kumar Sahoo
Kaushik Tripathy
Madhusudan Pothal
Narendra Singh Bisht
Pradeep Rout
Pradeep Sahoo
Parimita Parija
Puneet Gupta
Puneet Kapoor

Rajiv Chandnani
Rakesh Prusti
Ramnath Sahoo (Mitu)
Ranjan Kumar Swain
Ranjit Mohanty
Saroj Pattanaik
Seema Rath
Sujit Mohanty
Sukant Mahakul
Surajit Pattanaik
Suresh Chandra Behera
Tankadhar Das
Tripurari Mandal
Yashaswini Rawat

*Thanks for your kind support*

# ଗୋଟି

କମଳା ଶତପଥୀ



- ନା, ନା, ନା, ତୁମର କୌଣସି କଥା ମୁଁ ଶୁଣିବିନି । ମତେ ତମ ହିସାବରେ ଜୀବନ ଜୀଇଁବାକୁ ନାହିଁ।
- ଆମେ ତାଙ୍କୁ କଥା ଦେଇ ସାରିଲୁଣି! ଏବେ କେମିତି ମନା କରିବୁ ? କଥାଟା କ'ଣ ସୁନ୍ଦର ଲାଗିବ ?
- ତୁମକୁ ପ୍ରଥମରୁ କହିଥିଲି ଏସବୁ ଧନ୍ଦା କରନି ଏବେ ! ତମେ କାହିଁ ଶୁଣିଲଣି ମୋ କଥା ? ଏବେ ଖରାପ ଲାଗୁ କି ଭଲ, ତୁମେ ମନା କରିଦିଅ .. ନହେଲେ ମତେ ତାଙ୍କ ନମ୍ବର ଦିଅ, ମୁଁ ସିଧା ମନା କରିଦେବି !
- କେଡେ ଲୋକହସା କଥା କହୁଛୁ ? ଏମିତି କୋଉଠି ହେଲାଣି ନା ହେବ ? ସେମାନେ ନିଜ ଆଡୁ ଆସିଛନ୍ତି । ପୁଅଟି ଭାରି ଗୁଣର ଆଉ ଭଲ ଚାକିରି କରୁଛି ବୋଲି ବାପା ପଚରା ପଚରି କରି ବୁଝି ସାରିଲେଣି ! ଏମିତି ପ୍ରସ୍ତାବ କ'ଣ ସହଜରେ ଆଉ ମିଳିବ ?
- ମିଳିବାକୁ ଥିଲେ ନିଶ୍ଚୟ ମିଳିବ! ନମିଳିଲେ ବି କ'ଣ ଅସୁବିଧା ହେଇଯାଉଛି ? ଏମିତି କେତେ ପ୍ରସ୍ତାବ ଆସିବ !
- କାହିଁକି, ତୋର କ'ଣ ବାହା ହେବାକୁ ନାହିଁ? ଘରସଂସାର ବାନ୍ଧିବାକୁ ନାହିଁ ? ଆମେ ବାପମା' କ'ଣ ସବୁଦିନେ ତୋ' ପାଇଁ ବସି ରହିଥିବୁ ?
- ସବୁବେଳେ ଏମିତିଆ କଥା କହି କେତେ ଆଉ ବ୍ଲାକ୍‌ମେଲ୍ କରିବ ମତେ ? ତମକୁ ପ୍ରଥମରୁ କହିଥିଲି ମତେ ଜୀବନରେ ଆହୁରି ବହୁତ କିଛି କରିବାକୁ ଅଛି ! ବହୁତ କିଛି ହାସଲ କରିବାକୁ ଅଛି .. ପାଇବାକୁ ଅଛି ! ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଅଛି ! ତୁମେ ସେକଥାକୁ କ'ଣ ଭୁଲି ଯାଇଛ ?
- କ'ଣ ଆଉ ବାକି ରହିଲା ତୋର ଯେ ? ଯେତେ ଦିନ ଯାଏଁ ଚାହିଁଲୁ, ପଢ଼ିଲୁ । ଯୋଉଠି ଚାକିରି କରିବାକୁ ମନ କରିଥିଲୁ, ସେଇଠି କଲୁ । ପ୍ରମୋସନ୍ ବି ପାଇଲୁ ! ଆଉ କାହିଁ ତା'ହେଲେ ବିଳମ୍ବ ? ଏଥର ତ ଆମକୁ ଚିନ୍ତା ମୁକ୍ତ କର !
- ସେଇ ଗୋଟାଏ ରେକର୍ଡ ବଜେଇ ଚାଲିଥାଅ ଦିନରାତି ! ମଣିଷକୁ ଟିକେ ଶାନ୍ତିରେ ରହିବାକୁ ବି ଦେବନି । ଛୁଟିଦିନର ସକାଳକୁ ଖରାପ କରିବାର ପଣ କରିଛ ତୁମେ !
- ଶାନ୍ତିରେ ଆମେ ରଖେଇ ଦଉନୁ ନା ତୁ ଆମକୁ ରଖେଇ ଦଉନୁ ? ତୋ' ସାଙ୍ଗର ସବୁ ଝିଅ ବହାସାହା ହେଇ ସଂସାର ଚଳେଇଲେଣି ନା ନାହିଁ ?
- ହଁ, ଚଳାଉଥିବେ ! ମୋର ସେଥିକୁ କ'ଣ ଗଲା ? ମତେ ସେମାନଙ୍କ ଜୀବନ ନୁହେଁ, ମୋ ନିଜ ଜୀବନ ଜୀଇଁବାକୁ ଅଛି । ସେମାନଙ୍କୁ ଯାହା ଠିକ୍ ଲାଗିଲା, ସେମାନେ କଲେ । ହେଲେ ମତେ ବି ସେଇ ସବୁ କଥା ଠିକ୍ ଲାଗିବ ବୋଲି ତୁମେ କାହିଁ ଭାବୁଛ ?

ପ୍ରତି ରବିବାରର ସକାଳେ ପଡିଶା ଘରୁ ଭାସି ଆସୁଥିବା ମା' ଝିଅଙ୍କ ମଧୁର ଯୁକ୍ତିତର୍କ ରତ୍ନମାଳାଙ୍କୁ ବେଶ୍ ଆମୋଦିତ କରେ । ଯଦିଓ ଅନ୍ୟ କାହା ଘର ଭିତରର ବାଦସମ୍ବାଦକୁ ଏମିତି ଶୁଣିବା ତାଙ୍କ ନିୟମବିରୁଦ୍ଧ, ତଥାପି ମା' ଝିଅଙ୍କର ଏ କଥୋପକଥନକୁ ଶୁଣିବା ପାଇଁ ସେ ତାଙ୍କ ନିୟମକୁ ଟିକିଏ କୋହଳ କରି ଦିଅନ୍ତି । ବୋଧହୁଏ ନିଜ ଅତୀତ ସହ କିଛିଟା ସାମଞ୍ଜସ୍ୟ ଥିବାରୁ ଝିଅଟି ସହିତ ଭାବନାତ୍ମକ ରୂପରେ ଆପଣାଛାଏଁ ଯୋଡି ହେଇଯାଇଛନ୍ତି ପ୍ରଥମ ଦିନରୁ । ସିଏ ନିଜେ ଯେମିତି ବୋଉ ସହିତ ନିଜ ବାହାଘରକୁ ନେଇ ସେତେବେଳେ ଯୁକ୍ତି କରୁଥିଲେ, ଠିକ୍ ସେହିପରି ଝିଅଟି ପ୍ରତି ରବିବାର ଦିନ ସକାଳୁ ସକାଳୁ କରୁଛି । ଅନ୍ୟ ଦିନମାନଙ୍କରେ ଅଫିସ୍ ବାହାରିବାର ହଇଚଇ ଭିତରେ ପୂରାପୂରି ନୀରବ ରହୁଥିବା ଘରଟି, ସପ୍ତାହର ଏଇ ଗୋଟିଏ ଦିନ ହି ଜୀବନ୍ତ ଲାଗେ । ରତ୍ନମାଳାଙ୍କ ପାଇଁ ଯୋଗାଏ ମନୋରଞ୍ଜନର ଖୋରାକ । ଚା କପ୍ ଧରି ବାଲକୋନିରେ ଆସି ବସିଯାନ୍ତି ସେ ଖବରକାଗଜ ଧରି । ପଢ଼ିବାର ବାହାନା କରନ୍ତି କେବଳ, ନହେଲେ ସଂପୂର୍ଣ୍ଣ ଧ୍ୟାନ ମା'ଝିଅଙ୍କ ପାଖରେ ହି ଥାଏ ।

କେତେବେଳେ ଯୁକ୍ତିତର୍କ କରି କରି ହାରିଗଲା ପରେ ମା' ନିଜର ସବୁଠାରୁ ସଶକ୍ତ ଅସ୍ତ୍ରର ଉପଯୋଗ କରିଦିଅନ୍ତି ତ ଆଉ କେବେ ଝିଅ ରାଗରେ ଦୁମ୍ ଦୁମ୍ ହେଇ ସ୍ପୋର୍ଟସ ସୁଜ୍ ପିନ୍ଧି ତା' ଜିମ୍‌କୁ ପଳାଏ । ନହେଲେ ଗାଡି ଧରି ବାହାରକୁ ପଳାଏ । ସିଏ ଚାଲିଗଲା ପରେ ମା' ପୁଣି ଡହଳ ବିକଳ ହେଇ ଘରବାହାର ହୁଅନ୍ତି । ବାଲକୋନିରେ ଠିଆହୋଇ ଘଣ୍ଟାକୁ ଚାହିଁ ଚାହିଁ ସମୟ କାଟନ୍ତି । ବାରମ୍ବାର ମୋବାଇଲ୍ ଖୋଲନ୍ତି, କିନ୍ତୁ ଫୋନ୍ ଲଗେଇବାକୁ ସାହସ କରି ପାରନ୍ତିନି । ଝିଅକୁ ଅଧିକ ବିରକ୍ତ କରିବାର ଭୟ ହୁଏ ବୋଧେ । ମାତ୍ର ସମୟ ଯେତିକି ବଢ଼ିଚାଲେ, ମା' ହୃଦୟ ସେତିକି ଆତଙ୍କିତ ହୋଇଉଠେ । ଶେଷରେ ସବୁତକ ଦୋଷ ଲଦା ହୋଇଯାଏ ଏପର୍ଯ୍ୟନ୍ତ ନୀରବ ରହିଥିବା ଚରିତ୍ରଟି ଉପରେ – ମାନେ ଝିଅଟିର ବାପାଙ୍କ ଉପରେ । ସକାଳ ପହରୁ ଚାଲିଥିବା ଡ୍ରାମାକୁ ଆଖିକାନ ବୁଜି ଉଦରସ୍ଥ କରିଚାଲିଥିବା ଲୋକଟିକୁ ଏଥର ଶୂଳୀରେ ବସିବାକୁ ପଡେ, "ସାରା ଜୀବନ ତମେ ଏମିତି ଖବରକାଗଜ ଭିତରେ ମୁହଁକୁ ଗୁଞ୍ଜି ଖାଲି ବସିରୁହ ! ବଢ଼ିଲା ଝିଅର ବାପା ହୋଇ ଏତେ ନିଧଡକ କେମିତି ରହିପାରିବ କେହି! ତମରି ମୁହଁ ପାଇ ଏମିତି ଫୁଲାଫାଙ୍କିଆ ହେଇ ବୁଲୁଛି ! କେତେ ବୟସ ହେଲାଣି ତାକୁ ତମର ହେତୁ ଅଛି ତ ? କେତେ ଦିନ ଆଉ ବୁଲୁଥିବ ସେ ? ବାପା ହେଇ ତମେ ସେ ବିଷୟରେ ତାକୁ ଟିକେ ବୁଝେଇବା କଥା କ'ଣ ନୁହେଁ ?

କହୁ କହୁ କଣ୍ଠ ବତୁରି ଆସେ । କୋହଗୁଡା ଉତୁରି ଆସେ । ନିର୍ଲିପ୍ତ ଲୋକ ଜଣଙ୍କ ଅତି ଧିର ସ୍ୱରରେ କିଛି କୁହନ୍ତି ତାଙ୍କୁ .. ତା'ପରେ ସବୁ ଚୁପ୍‌ଚାପ୍ ହେଇଯାଏ କିଛି ଦିନ ପାଇଁ !

ରତ୍ନମାଳା ଉଠିଆସନ୍ତି ଭିତରକୁ । ତାଙ୍କ ମନୋରଞ୍ଜନର ଅବଧି ଶେଷ ହେଇଗଲା ବୋଲି ଜାଣନ୍ତି । କିନ୍ତୁ ଅଜବ ଏକ ଶୂନ୍ୟତା ଭିତରେ ଦିନସାରା ଘୂରି ବୁଲନ୍ତି । ରହି ରହି ବୋଉର କରୁଣ ମୁହଁଟା ଆଖି ଆଗରେ ନାଚିଉଠେ । କେତେ ଆଶା କରିଥିଲା ଝିଅକୁ ବାହା ଦେବ ବୋଲି, ହେଲେ ଆଶାଟା ଆଶାରେ ରହିଗଲା ! କିଛି ନା କିଛି କାରଣକୁ ନେଇ ଠିକ୍ ସମୟରେ ହେଇ ତ ପାରିଲାନି, ତା'ପରେ ବି ସଂଯୋଗ ଆସିଲାନି । ଏକା ଏକୁଟିଆ ହେଇ ରହିଗଲେ ସେ ସାରା ଜୀବନ ! ଏ ଝିଅଟିର ଭାଗ୍ୟରେ ବୋଧେ ସେଇଆ ଲେଖା ହେଇଛି । ତା' ବାପାମା'ଙ୍କୁ ଦେଖି, ତାଙ୍କ ଦୋଷାରୋପକୁ ଶୁଣି ତାଙ୍କୁ ନିଜ ବାପାବୋଉଙ୍କ କଥା ମନେ ପଡୁଛି । ସେମାନଙ୍କ ଯୁକ୍ତିତର୍କ ଏକଦମ୍ ବାପା ବୋଉଙ୍କ ଝଗଡାର ପୁନରାବୃତ୍ତି । ବୋଉର ସୁଁ ସୁଁ କାନ୍ଦ ଏମିତି ଚହଲେଇ ଦିଏ ଘରକୁ ପ୍ରତି ଥରର ଆଲୋଚନା ପରେ । ବାପା କିନ୍ତୁ ସବୁବେଳେ ରତ୍ନମାଳାଙ୍କ ସପକ୍ଷରେ ପାଟି ଖୋଲନ୍ତି । ବୋଉର କୌଣସି ଦଲିଲ ଶୁଣନ୍ତିନି କି ତାଙ୍କୁ ବାହା ହେବାକୁ କେବେ ବାଧ୍ୟ କରନ୍ତିନି । ସେତେବେଳେ ବାପାଙ୍କ ପ୍ରତି ତାଙ୍କ ମନରେ ଶ୍ରଦ୍ଧା ବଢୁଥିଲା, ଏବେ କିନ୍ତୁ କେବେ କେବେ ଭାରି ଅଭିମାନ ଲାଗେ । କାହିଁକି ବୋଉର କଥାକୁ ମାନି ନେବାକୁ ତାଙ୍କୁ ସେତେବେଳେ ବାଧ୍ୟ କଲେନି .. କାହିଁକି ଏକା ଏକୁଟିଆର ଏ ଜୀବନ ଜୀଇଁବାକୁ ତାଙ୍କୁ ଛାଡିଦେଲେ, ଭାବି ଆଖି ଓଦା ହେଇଆସେ । ଥରେ ତ ବୁଝେଇ ଥାଆନ୍ତେ .. ଥରେ ତ କହିଥାନ୍ତେ ଭବିଷ୍ୟତର ଏହି ଶୂନ୍ୟତାର କଥା !

ସିଏ କିନ୍ତୁ ଏ ଝିଅକୁ କହିବେ । ତା' ସହିତ କିଛି ସଂପର୍କ ନଥିଲେ ବି ସେ ତାକୁ ତା' ଭବିଷ୍ୟତ ଦେଖେଇବେ !

ବହୁତ ଥର ଭାବିଲେଣି, ତା' ସହିତ ଚିହ୍ନା ପରିଚିତି ଆଉ ଟିକେ ବଢେଇ ତାକୁ ନିଜ ଭାବନା ସହିତ ଅବଗତ କରାନ୍ତେ, ମାତ୍ର ସୁଯୋଗ ଆସୁନାହିଁ । ଏତେ ଦିନରୁ ଦେଖାସାକ୍ଷାତ ତ ହେଉଛି, ତେବେ ସଂପର୍କଟା କେବଳ 'ହାୟ .. ହ୍ୟାଲୋ..'ରୁ ଆଗକୁ ବଢିନି । ତା' ମା'ଙ୍କ ସହିତ ଅବଶ୍ୟ ଥରେ ଦୁଇ ଥର କଥା ହେଇ ସାରିଲେଣି, ତେବେ ବ୍ୟକ୍ତିଗତ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ପରିକା ନୁହେଁ । ଏପରି ସ୍ଥିତିରେ ସିଏ କେମିତି ବା କହିପାରିବେ ତାଙ୍କ ନିଜସ୍ୱ ଅନୁଭବ କଥା !

ପ୍ରଥମେ ପ୍ରଥମେ ଭାରି ଭଲ ଲାଗୁଥିଲା ଏ ଏକାନ୍ତ ଜୀବନ .. ସ୍ୱାଧିନତାର ଜୀବନ ! ଏବେ ବୟସ ବଢିବା ସଙ୍ଗେ ସଙ୍ଗେ କିନ୍ତୁ ଏସବୁ ବୋଝ ଲାଗୁଛି । କାହାର ସାହଚର୍ଯ୍ୟ ପାଇଁ ମନ ବ୍ୟାକୁଳ ହେଉଛି । ଏମିତି ଦିନେ ନା ଦିନେ ଲାଗିବ ବୋଲି ବୋଉ ତାଙ୍କୁ ବହୁତ ଥର କହୁଥିଲା .. ଅନେକ ବୁଝେଇଥିଲା, ସେତେବେଳେ ସିଏ ମାନିନଥିଲେ । ନୂଆ ନୂଆ ଚାକିରି .. ମୁଠା ମୁଠା ଦରମା .. ତା' ସହିତ ଦେଶ ବିଦେଶ ବୁଲିବାର ସୁଯୋଗ ! ଏସବୁକୁ ଛାଡି ବୋଉ ପରି ଗୃହିଣୀର ଚକିରେ ପୁଣି ପେଷି ହେବେ ? ନା, ଜମାରୁ ନୁହେଁ ! ତାଙ୍କ ଦେଇ ଏସବୁ ଆଦୌ ହେବନି ! ତେଲ ଲୁଣ ଡାଲି ଚାଉଳର ହିସାବ .. କାମବାଲୀ ସହ ଝିକ୍ ଝିକ୍ .. ଛୁଆପିଲାଙ୍କ କେଚେର ମେଚେର .. ସ୍ୱାମୀ ସହିତ ବାକ୍ୟ ବିତଣ୍ଡା .. ନା ବାବା ନା, ତାଙ୍କ ଜୀବନ ଏତେ ବି ଶସ୍ତା ନୁହେଁ ! ବୋଉର ସମସ୍ତ ପ୍ରୟାସ ସତ୍ତ୍ୱେ ସିଏ ସଂସାର କଲେ ନାହିଁ । ତା'ର କୌଣସି ଅନୁରୋଧ ରଖିଲେ ନାହିଁ ।

ବୋଉ ଚାଲିଗଲା ଅଫେରା ବାଟରେ ପର୍ବତେ ଅବସୋସକୁ ଛାତିରେ ଜାକି ! ବୋଉର ଅବର୍ତ୍ତମାନରେ ସେ ନିହାତି ଏକୁଟିଆ ହେଇଗଲେ .. ଭାଙ୍ଗିପଡିଲେ, କିନ୍ତୁ ତା' ଦୁଃଖକୁ ଅନୁଭବ କରିପାରିଲେ ନାହିଁ ! ଏବେ ବୟସର ଅପରାହ୍ନରେ ସିଏ ନିଜ ଶୂନ୍ୟ ଜୀବନକୁ ଚାହିଁ ଉଦାସ ଅନୁଭବ କରୁଛନ୍ତି । ସେଇଥିପାଇଁ କି କ'ଣ, ପଡିଶା ଘରର ମା'ଝିଅଙ୍କୁ ଦେଖି ତାଙ୍କୁ କେବେ କେବେ ଭଲ ତ ଲାଗୁଛି, ତା' ସହିତ ମା'ଟିର ବ୍ୟାକୁଳତା ପାଇଁ ଦୁଃଖ ବି ଲାଗୁଛି । ବହୁତ ଥର ମନକୁ ଆସୁଛି ସେମାନଙ୍କ ମଝିରେ ପଶି କିଛି ଗୋଟାଏ ସମାଧାନର ବାଟ କାଢି ଦିଅନ୍ତେ .. ମା'କୁ ଆଶ୍ୱାସନା ଓ ଭରସା ସହିତ, ଝିଅକୁ ବି ସାହାଯ୍ୟ କରନ୍ତେ ନିଜ ନିର୍ଣ୍ଣୟ ଉପରେ ଆଉ ଥରେ ଚିନ୍ତା କରିବାକୁ । ବୁଝେଇ ଦିଅନ୍ତେ ସ୍ୱାଧିନତା ଏକ ନିଶା .. ଏହା କିନ୍ତୁ ମସ୍ତବଡ ଏକ ବୋଝ, ଯାହାକୁ ଉଠେଇବା ପାଇଁ ବୟସ୍କ କାନ୍ଧରେ ସାମର୍ଥ୍ୟ ରହେନା । ତେଣୁ ଏବେଠୁ ସେ ଦିଗରେ ତାକୁ ସଚେତନ ହେବାକୁ ପଡିବ । ଯଦି ସତରେ ନିଜ ସ୍ୱପ୍ନକୁ ପୂରଣ କରିବାକୁ ସିଏ ଆଉ କିଛି ସମୟ ଲୋଡୁଛି, ତେବେ ଠିକ୍ ଅଛି, ମା' ବାପା ତାକୁ ଦେବା କଥା । କିନ୍ତୁ ଏହାର ଏକ ଅବଧି ରହିବା ଉଚିତ ହେବ । ଅନିର୍ଦ୍ଦିଷ୍ଟ କାଳ ପାଇଁ ହେଲେ ଭବିଷ୍ୟତ ପାଇଁ ବିପଦ ରହିବ ।

କିନ୍ତୁ ଏତେ କଥା କହିବା ପାଇଁ ସଂପର୍କର ନିବିଡତା ଯେତିକି ରହିବା ଦରକାର, ଏପର୍ଯ୍ୟନ୍ତ ହେଇପାରିନି ସେମାନଙ୍କ ଭିତରେ । ଏଇ ମାତ୍ର ଦୁଇ ଚାରି ସପ୍ତାହ ହେବ ସେ ଏଠିକୁ ରହିବାକୁ ଆସିଛନ୍ତି । କାମର ବ୍ୟସ୍ତତା ସହିତ ଘର ସଜାଡିବାର ଧନ୍ଦା ଭିତରେ ପଡିଶା ଘରକୁ ଯାଇ ଭଲକରି ଚିହ୍ନା ପରିଚୟ ବଢେଇ ପାରିନାହାନ୍ତି । ଗଲା ଆସିଲା ବାଟରେ ଦୁଇ ଚାରି ଥର ଖାଲି ଦେଖା ହେଇଛି ଯାହା ! ସବୁବେଳେ ସିଏ ତରତର ଥାଆନ୍ତି ଚାଲିଯିବାକୁ, ତାଙ୍କଠୁ ଆହୁରି ଅଧିକ ତରତରରେ ଥାଏ ସେ ଝିଅ । କିନ୍ତୁ ସେତିକିରେ ଜାଣି ପାରନ୍ତି ଝିଅଟିର ତାଙ୍କ ପ୍ରତି ରହିଛି ଅଶେଷ ଶ୍ରଦ୍ଧା । ହୁଏତ ତାଙ୍କ ଜୀବନଶୈଳୀ ତାକୁ ଖୁବ୍ ଆକର୍ଷିତ କରୁଛି .. ଅଥବା ମନେ ମନେ ସିଏ ଭାବି ନେଇଛି ଏ ସଂସାରର ସବୁଠାରୁ ସୁଖୀ ମହିଳାକୁ ସିଏ ଦେଖୁଛି ! ଖାସ୍ ସେଇ କାରଣରୁ ତା' ବିରୋଧର ସ୍ୱର ବୋଧେ ଧିରେ

ଧିରେ ଅଧିକ ସୁଦୃଢ ହେବାରେ ଲାଗିଛି ।

ହେଇପାରେ ଏହା ରତ୍ନମାଳାଙ୍କର ମନର ଭ୍ରମ ମାତ୍ର, କିନ୍ତୁ କାହିଁକି କେଜାଣି ଦିନକୁ ଦିନ ତାଙ୍କର ଭାରି ଇଚ୍ଛା ହଉଛି ଝିଅଟି ସହିତ କଥା ହେବାକୁ .. ତାକୁ ବାସ୍ତବ ପରିସ୍ଥିତି ସହ ଅବଗତ କରେଇବାକୁ । ଯୋଉ ସାଧିନତାର ସ୍ୱପ୍ନ ସେ ଦେଖୁଛି, ତାହା ଯେ ଦୁନିଆକୁ ସୁଖୀ ରହିଥିବାର ଦେଖେଇବାକୁ ଏକ ଛଳନା କେବଳ, ସେଇଟା ଜଣେଇ ଦେବାକୁ !

ନିହାତି ଆକସ୍ମିକ ଭାବେ ସେପରି ସୁଯୋଗଟିଏ ଆସିଗଲା । ଝିଅଟି ନିଜେ ନିଜେ ହି ଦିନେ ତାଙ୍କୁ ଭେଟିବାକୁ ଆସିଗଲା । ଫୁରସତ ମିଳିଥିବ ବୋଧେ ! ଦୈବାତ୍ ସେଦିନ ସିଏ ବି ଫୁରସତରେ ଥିଲେ । ପ୍ରାରମ୍ଭୀକ ସମ୍ଭାଷଣ ପରେ ଝିଅଟି କହିଲା, “ସତ କହିବି, ଆପଣଙ୍କୁ ପ୍ରଥମ ଦିନରୁ ହି ମୁଁ ପ୍ରଶଂସା କରିଚାଲିଛି । ମାମାଙ୍କୁ ସବୁବେଳେ କହିଛି, ମତେ ଆପଣଙ୍କ ପରି ଶୀର୍ଷରେ ପହଞ୍ଚିବାକୁ ଅଛି । ସେଥିପାଇଁ ମତେ ଯାହା ତ୍ୟାଗ କରିବାକୁ ପଡିବ, ମୁଁ କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ଆପଣ ତ ଜାଣନ୍ତି ମା’ମାନେ ସବୁ କେମିତି ! ଆପଣଙ୍କ ମା’ ବି ସେମିତି ହି କହିଥିବେ ଦିନେ ଆପଣଙ୍କୁ ! ହେଲେ ନିଜ କଥାରେ ଦୃଢ ରହି ଆପଣ ଯେମିତି ସାଧିନତାର ଜୀବନ ଜୀଉଁଛନ୍ତି, ସେପରି ମୁଁ ବି କରିବି ବୋଲି ତାଙ୍କୁ କହିଲି । .. ହେଲେ ସେକଥାକୁ ସିଏ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ତେଣୁ ମୋ ନିର୍ଣ୍ଣୟକୁ ସାମାନ୍ୟ ବଦଳେଇବାକୁ ଏବେ ବାଧ୍ୟ ହେଇଛି । ମାନେ କିଛି ଦିନର ସମୟ ତାଙ୍କଠୁ ମାଗିନେଇଛି ।”

“ଭଲ କଲ ରୋଜାଲିନ୍, ମୁଁ ତୁମକୁ ସେଇ କଥା କହିବାକୁ ଚାହୁଁଥିଲି । ମାନେ ସାଥି ବିନା ଜୀବନ ଜୀଇଁବା ସବୁବେଳେ ସମ୍ଭବ ନୁହେଁ । ଏବେ ଚଳୁଛି । ଭଲ ବି ଲାଗୁଛି ନିଜର ନିର୍ଣ୍ଣୟ ନେବାକୁ । ମାତ୍ର କିଛି ଦିନ ପରେ ଲାଗିବ, କାହା ସହିତ ଟିକିଏ ବିଚାର ବିମର୍ଶ କରନ୍ତି .. କେହି ଜଣେ ମୋର ନିହାତି ଆପଣାର ଥାଆନ୍ତା, ଯାହା ସହିତ ସବୁକଥା ମୁଁ ବାଣ୍ଟି ପାରନ୍ତି । ଏମିତି ବି ମଣିଷର ମନ ବଦଳି ଯିବାକୁ ସମୟ କ’ଣ ନିଏ ? ଆଜି ଯାହା ଭଲ ଲାଗୁଛି କାଲିକୁ ଖରାପ ନଲାଗିବ ବୋଲି କିଛି ମାନେ ନାହିଁ । ତେଣୁ ତୁମେ ଗୋଟେ କାମ କର, ଏବେ କୌଣସି ମତେ କିଛି ଦିନ ପାଇଁ ଏହାକୁ କିପରି ଟାଳି ହେବ, ସେଇ ବାଟ କାଢ । କମ୍ ସେ କମ୍ ମାମା ତମର କିଛି ଦିନ ପାଇଁ ଚୁପ୍ ରହିବେ ଆଉ ତୁମେ ନିଶ୍ଚିନ୍ତରେ କାମ କରି ନିଜ ସ୍ୱପ୍ନକୁ ପୂରା କରିବ । ମାତ୍ର ଏତିକି ମନେ ରଖିବ, ଯେତିକି ଦିନର ସମୟ ନେବ, ତାରି ଭିତରେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବ ବିବାହ ପାଇଁ । କାରଣ ନିଜ ଅଭିଜ୍ଞତାରୁ ମୁଁ କହୁଛି ..”

“ଆପଣ ଯାହା କହୁଛନ୍ତି, ମୁଁ ବୁଝି ପାରୁଛି ମ୍ୟାଡାମ୍ । ଠିକ୍ ସେମିତି ହି ମୁଁ କରିବି । ଏଇ ପ୍ରସ୍ତାବଟିକୁ କୌଣସିମତେ ଭାଙ୍ଗିବାର ଚେଷ୍ଟାକରି ଦୁଇ ତିନି ବର୍ଷ ପାଇଁ ଏ ବିଷୟରେ କିଛି ନକହିବାକୁ ସେମାନଙ୍କୁ କହିବି ।”

ରୋଜାଲିନ୍ ଚାଲିଗଲା ପରେ ନିଶ୍ଚିନ୍ତ ହେଇଗଲେ ସେ । ତା’ ଦୃଢତା ସତରେ ବିସ୍ମିତ କରି ଦେଇଥିଲା ତାଙ୍କୁ । ଏ ପ୍ରସ୍ତାବକୁ ଭାଙ୍ଗିଦେଲେ ବାପାଙ୍କ କଥା ତ ଜଣାନାହିଁ, ତେବେ ମାମା ତା’ର ନିଶ୍ଚୟ ମନ ଖରାପ କରିବେ । ବରଦାସ୍ତ ବି ନକରି ପାରନ୍ତି, ତଥାପି ସିଏ ନିଜ ନିର୍ଣ୍ଣୟରୁ ଓହରିବ ନାହିଁ । ଦୁଇ ବର୍ଷ ପରେ ମାମା ଯାହାକୁ କହିବେ ତାକୁ ବିନା ପ୍ରଶ୍ନ କରି ସେ ବାହା ହେବାକୁ ସମ୍ମତି ପ୍ରଦାନ କରିବ ବୋଲି ଜଣେଇ ଦେବ, ସେତିକି ପାଇଁ ମାମା ତା’ର ନିଶ୍ଚିନ୍ତ ରହିଯାଇ ପାରନ୍ତି ।

ହଁ ସେମିତି ହିଁ ହେଲା । ବାହାଘରଟା ଭାଙ୍ଗିଗଲା । ରୋଜାଲିନ୍ ର ମାମା ଆସି ରତ୍ନମାଳାଙ୍କ ଆଗରେ ସେକଥା କହିଲା ବେଳେ ଫଣଫଣେଇ ଉଠୁଥିଲା ତାଙ୍କ ମୁହଁ କୌଣସି ମତେ କୋହକୁ ଚାପିବାକୁ ଚେଷ୍ଟା କରି କହିଲେ, “ଯାହା ଚାହୁଁଥିଲା, ସେଇଆ ହେଲା । ଅତି ବେଶି ଜିଦିଆ ସେ ! ଯାହା ଥରେ ମୁଣ୍ଡକୁ ପଶିଲା ତାକୁ ଯେମିତି ହେଉ ପୂରା କରିବ ! କେତେ ବୁଝେଇଲି .. କେତେ ରାଗିଲି .. ହେଲେ ନା ମାନେ ନା ! କାହରି କଥା ଶୁଣିବାଟା ଶିଖିଲାନି କେବେ ! ତେବେ ଦୁଇ ବର୍ଷ ପରେ ଯାହାକୁ ବାହା ହେବାକୁ କହିବି, ତାକୁ ବାହା ହେବାକୁ ରାଜି ହେଇଯିବ ବୋଲି କହିଛି । ଭଗବାନଙ୍କୁ ଡାକୁଛି ଟିକିଏ ସଦ୍‌ବୁଦ୍ଧି ଦିଅନ୍ତୁ ତାକୁ । କେମିତି କୋଉ ଉପାୟରେ ବି ସିଏ ତା’ ସଂସାର କରୁ !”

ଆପାତତଃ ସବୁ ସମସ୍ୟାର ସମାଧାନ ଏବେ ହେଇଗଲା ଭାବି ନିଶ୍ଚିନ୍ତ ହେଇଗଲେ ରତ୍ନମାଳା । ରୋଜାଲିନ୍ ପ୍ରଚଣ୍ଡ ପ୍ରତିଭାଧାରିଣୀ । ଏତେ କମ୍ ବୟସରେ ଯୋଉଠି ପହଞ୍ଚି ସାରିଲାଣି, ଆଉ କିଛି ଦିନ ପାଇଗଲେ ନିଶ୍ଚୟ ଆକାଶ ଛୁଇଁବ ! ବିବାହ ପରେ ଯେ ସିଏ ଉନ୍ନତି କରି ପାରିବନି, ସେକଥା ନୁହେଁ । ତଥାପି ନିଶ୍ଚୟ ସାମାନ୍ୟ ବାଧା ଉପୁଜିବ, ସେଥିକୁ ସନ୍ଦେହ ନାହିଁ । ବାପମା’ ତାକୁ ସେତିକି ସମୟ ଦେବାକୁ ପ୍ରସ୍ତୁତ ହୋଇ କେବଳ ତା’ ପ୍ରତି ନ୍ୟାୟ କରିନାହାନ୍ତି, ନିଜ ପାଇଁ ବି ସୌଭାଗ୍ୟର ବାଟ ଖୋଲିଛନ୍ତି ! କାଲି ଯେତେବେଳେ ଶୀର୍ଷରେ ପହଞ୍ଚି ଯାଇଥିବା ଝିଅ ଆଡକୁ ଚାହିଁବେ, ଗର୍ବ ଆଉ ଅଭିମାନରେ ଛାତି କୁଣ୍ଢେମୋଟ ହେଇଯିବନି କି !!

ରତ୍ନମାଳା ଆଶା କରିଥିଲେ ନିଜେ ରୋଜାଲିନ୍ ଆସି ତାଙ୍କୁ ଏ ଖବରଟା ଦେବ । କ’ଣ କହି ଏ ପ୍ରସ୍ତାବକୁ ଭାଙ୍ଗିପାରିଲା, ସେକଥା ଜଣେଇବ । ମାତ୍ର ଦୁଇ ଦିନ ବିତିଗଲା ପରେ ବି ରୋଜାଲିନ୍ ର ଦେଖାଦର୍ଶନ ନଥିଲା । ଏପରିକି ଫୋନ୍ ବି ସୁଇଚ୍ ଅଫ୍ ଆସୁଥିଲା । ଇଚ୍ଛା ତ ହେଉଥିଲା ଦରଜା ବାଡେଇ ତାକୁ ଦେଖାକରି ଆସିବାକୁ । କିନ୍ତୁ ସାମାନ୍ୟ ସଂକୋଚ ଲାଗୁଥିଲା ତଥା ଭୟ ବି । କାଳେ ତା’ ବାପାମା’ ଭାବିବେ ଏସବୁ ପଛରେ

ରତ୍ନମାଳାଙ୍କର କିଛି ହାତ ରହିଛି ବୋଲି ! ଯଦିଓ ସେମିତି କିଛି ନାହିଁ, ମାତ୍ର ଏତେ ଭଲ ପ୍ରସ୍ତାବଟା ହାତରୁ ଚାଲିଯିବାର ଦୁଃଖ ତାଙ୍କୁ ଯେକୌଣସି କଥା ଭାବିବାକୁ ପ୍ରେରିତ କରିଦେବ ନିଶ୍ଚୟ । କାରଣ ବିଗତ ଦୁଇ ଦିନରୁ ବାଲକୋନିରେ ଲୁଗା ଶୁଖେଇବାକୁ ଆସୁଥିବା ମାମାଙ୍କୁ ତା'ର ଦେଖି ସେ ଯେ ଅତି ବେଶି ଉଦାସ ଆଉ ଦୁଃଖି ଅଛନ୍ତି, ସେକଥା ସ୍ପଷ୍ଟ ଜାଣି ହେଉଥିଲା । ଅବଶ୍ୟ ତାହା ଆଗରୁ ଜଣା ହି ଥିଲା ।

ଦୁଇ ଦିନର ଅପେକ୍ଷାର ଅନ୍ତ କରି ରବିବାର ଦିନ ସକାଳୁ ସକାଳୁ ରୋଜାଲିନ୍ ଆସିଲା ତାଙ୍କୁ ଦେଖା କରିବାକୁ । ତା'ର ସଫଳତା ପାଇଁ ଶୁଭେଚ୍ଛା ଜଣେଇବାକୁ ପାଟି ଖୋଲୁ ଖୋଲୁ ଚମକି ପଡିଲେ ରତ୍ନମାଳା । ଇଏ କି ରୂପ ତା'ର ? ମାତ୍ର ଦୁଇ ଦିନ ଭିତରେ ଏତେ ବେଶି ମଳିନ ଦେଖା ଯିବାର କାରଣ କ'ଣ ! ସିଏ ତ ଓଲଟା ରୂପରେ ଦେଖିବାର ଆଶା କରିଥିଲେ !

ଆସୁ ଆସୁ ତାଙ୍କୁ ଜାବୁଡି ଧରି ଭେଁ ଭେଁ ହୋଇ କାନ୍ଦିବାକୁ ଲାଗିଲା ରୋଜାଲିନ୍ । ଆଶ୍ଚର୍ଯ୍ୟ ହେଲେ ସେ । ଏପରି ଏକ ସ୍ଥିତିର ସମ୍ମୁଖୀନ ହେବାର କଳ୍ପନା ଆଦୌ କରିନଥିଲେ !

କେତେବେଳକୁ ନିଜକୁ ସମ୍ଭାଳି ନେଇ କୋହ ବତୁରା ସ୍ୱରରେ କହିଲା, "ବାହାଘରଟା ଭାଙ୍ଗିଗଲା ଦିଦି !"

- ହଁ, ଶୁଣିଲି । ଆମ ଯୋଜନା କାମ କରିଲା ତା'ମାନେ ! ହେଲେ ମୁଁ ବୁଝିପାରୁନି ତୁମେ ଖୁସି ହେବା ବଦଳରେ ଏମିତି କାନ୍ଦୁଛ କାହିଁକି .. ତୁମେ ତ ପ୍ରଥମରୁ ଚାହୁଁଥିଲ ଏଇଟା ଭାଙ୍ଗିଯାଉ ବୋଲି, ତା'ହେଲେ ..

- ଭାଙ୍ଗିଯାଉ ବୋଲି ତ ମୁଁ ଚାହୁଁଥିଲି .. ହେଲେ ସେମାନଙ୍କୁ ମୁଁ ପସନ୍ଦ ଆସିବିନି, ଏକଥା ତ ସ୍ୱପ୍ନରେ ବି ଭାବିନଥିଲି !

- କ'ଣ ଏହାର ଅର୍ଥ ? .. ଯୋଉ ବାଟରେ ହେଉ, ଭାଙ୍ଗିଲା .. ତୁମ ଉଦ୍ଦେଶ୍ୟ ସଫଳ ହେଲା । ଏବେ ନିଶ୍ଚିନ୍ତରେ କାମ କରିପାରିବ କିଛି ଦିନ .. ପୂରା କରିପାରିବ ସବୁ ଅଭୀଷ୍ଟ !

- ନା, ତାହା କେବେ ବି ସମ୍ଭବ ହେବନି ଦିଦି ! ବିଗତ ଦୁଇ ଦିନରୁ ମୋ ମନରେ ଅଜସ୍ର କୁଣ୍ଠା ! ଆଜି ପର୍ଯ୍ୟନ୍ତ ନିଜକୁ ସବୁ କ୍ଷେତ୍ରରେ ଶ୍ରେଷ୍ଠ ମଣି ଆସୁଥିଲି । ରିଜେକ୍ଟ କରିବାର କ୍ଷମତାକୁ ଭରପୂର ବ୍ୟବହାର କରୁଥିଲି । ହେଲେ ଆଜି ମୁଁ ନିଜେ ହିଁ ରିଜେକ୍ଟେଡ୍ ଜାଣିଲା ପରେ କେମିତି ସେ କ୍ଷମତାକୁ ଉପଭୋଗ କରିପାରିବି ! ଏବେ ତ ପ୍ରତି ମୁହୂର୍ତ୍ତରେ ଏହି ମୋହରଟି ଆଖି ଆଗରେ ମୋର ଝୁଲିରହିବ ! କାହାକୁ କିଛି କହିଲା ବେଳେ ନିଜକୁ ନେଇ ସନ୍ଦେହ ହେବ !

- ହେ, ସେମିତି କିଛି ହେବନି ! ଏସବୁ ସମୟର ଖେଳ । କିଛି ଦିନ ପରେ ସବୁକିଛି ସାମାନ୍ୟ ଲାଗିବ ନିଶ୍ଚୟ । ତୁମେ ନିଜ କାମରେ ଧ୍ୟାନ ଦିଅ । ସମସ୍ତଙ୍କର ପସନ୍ଦ ଅପସନ୍ଦ ତ ନିଶ୍ଚୟ ରହିବ ! ତୁମେ ଯେମିତି ତାକୁ ମନା କରିବ ବୋଲି ଭାବିଥିଲ ନିଜସ୍ୱ କାରଣକୁ ନେଇ, ସେମିତି କିଛି ତା'ର ବି ଥାଇପାରେ ! ଏସବୁ ଫାଲତୁ କଥାକୁ ପଛରେ ଛାଡି ଆଗେଇ ଯାଅ !

- ନା, ଦିଦି .. ଫାଲତୁ କଥା ନୁହେଁ ! ଏବେ ମୋ ଭିତରେ ଆଉ ଏକ ନିଆଁ ହୁତୁହୁତୁ ହେଇ ଜଳିବା ଆରମ୍ଭ କରିଦେଇଛି – ସେ ପିଲା ମୋ ଠାରୁ କୋଉ ମାନରେ ଏତେ ଉର୍ଦ୍ଧ୍ୱରେ ଯେ ମୁଁ ତା'ର ଯୋଗ୍ୟ ନୁହେଁ ବୋଲି ସେ ଭାବି ପାରିଲା ! ଆଗ ମତେ ସେ ବିଷୟରେ ଖୋଜିକି ବାହାର କରିବାକୁ ପଡିବ ! ଯେପର୍ଯ୍ୟନ୍ତ ଏ ରିଜେକ୍ଟେଡ୍ ର ମୋହର ମୋ ମଥାରୁ ପୋଛି ନଯିବ, ସେପର୍ଯ୍ୟନ୍ତ ମୁଁ ସ୍ଥିର ବସି ପାରିବିନି ଦିଦି !

- ତା'ହେଲେ ?

- ମୁଁ ସ୍ଥିର କରିଛି ଏଇ ବର୍ଷ ଯେମତି ହେଉ ମୁଁ ବିବାହ କରିବି ! ସେ ପିଲାଠୁ ସବୁ ଗୁଣରେ ଅଧିକା ଆଉ ଯୋଗ୍ୟର ..

- ଆଉ ତୁମ କାମ ?

- ସେସବୁ ତ ହେବ ଦିଦି, ହେଲେ କାହାକୁ ପସନ୍ଦ ନଆସିବା ର ଅପମାନର ବୋଝକୁ କ'ଣ ସାରା ଜୀବନ ମୁଁ ମୁଣ୍ଡେଇ ଚାଲିବି ! ଆଗ ମତେ ସେଥିରୁ ବାହାରିବାକୁ ପଡିବ ! ତାକୁ ଦେଖେଇବାକୁ ହେବ - ମତେ ଅପସନ୍ଦ କରି ଜୀବନରେ ସେ କ'ଣ ହରେଇଲା ! ତା'ପରେ ଯାଇ କାମ କରିବାକୁ ମୋର ଇଚ୍ଛା ହେବ !

ଚାଲିଗଲା ରୋଜାଲିନ୍ ନିଜ ନିର୍ଣ୍ଣୟକୁ ବାପାମା'ଙ୍କୁ ଜଣେଇବାକୁ । ଅବାକ୍ ହୋଇ ତା' ଯିବା ବାଟକୁ ଚାହିଁ ରହିଥିଲେ ରତ୍ନମାଳା ଆଉ ଭାବୁଥିଲେ ରୋଜାଲିନ୍ ନିଜ ପାଇଁ ଏବେ ଜୀବନସାଥୀଟିଏ ଖୋଜିବ ନା ଅପମାନ ମନେ କରୁଥିବା ଘଟଣାର ପ୍ରତିଶୋଧ ପାଇଁ ଯୋଗାଡ କରିବ ଏକ ଗୋଟି !!


ଆଉ ବି ସ୍ଥିର କରି ପାରୁନଥିଲେ ଝିଅର ବାହା ହେବାର ନିର୍ଣ୍ଣୟକୁ ନେଇ ଏବେ ତା' ମା' ଖୁସି ହେବେ ନା ଦୁଃଖୀ !

*****

Email: kamala.satpathy@gmail.com

# ମୋ ଅନ୍ତ୍ୟେଷ୍ଟିକ୍ରିୟାର ସିଧା ପ୍ରସାରଣ

ବିଷ୍ଣୁମୋହନ ଦାସସାମନ୍ତ



ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ । ପାଠ ପଢ଼ି ଚାକିରୀ କଲି । ଠିକ୍ ସମୟରେ ବାପା ବିବାହ କରିଦେଲେ । ପାଞ୍ଚ ପୁଅ ଓ ଦୁଇ ଝିଅଙ୍କୁ ମଣିଷ କଲି । ଯୋଗ୍ୟ ହେଲା ପରେ ସେମାନେ ନିଜର ଘର ସଂସାର କରି ରହୁଛନ୍ତି। ସରକାରୀ ଚାକିରୀରେ ୬୦ ବର୍ଷ ପୂରିଲା ପରେ ଅବସର ନେଇ ନିଜସ୍ୱ ଘରେ ସ୍ତ୍ରୀ ସହ ଅବସ୍ଥାନ କରୁଥିଲି । ପରେ ଦେହ ଖରାପ ହେଲା । ଡାକ୍ତରଖାନା ଗଲି ଏବଂ ଚକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଲା । ଏଇ କେତୋଟି ଧାଡ଼ିରେ ମୋର ଜୀବନ ଇତିବୃତ୍ତି ସମାପ୍ତ; କିନ୍ତୁ ଅସଲ କାହାଣୀ ବର୍ତ୍ତମାନ ଆରମ୍ଭ ହେଲା । ମୃତ୍ୟୁର ନିମିଷକ ମଧ୍ୟରେ ମୁଁ ସ୍ୱର୍ଗରେ ପହଞ୍ଚିଲି । ଯମରାଜ ମୋର ବାଇଓଡାଟା ଏବଂ ଅର୍ଜିଥିବା ପୁଣ୍ୟର ସମୀକ୍ଷା କରି କହିଲେ– "ତୁମେ ପୃଥିବୀରେ ଭଲ କାମ କରିଛ । ଏଠି କିଛି ପଦବୀ ଖାଲି ଅଛି, କେଉଁଠିକୁ ଯିବ କୁହ ?" ମୁଁ ଭାବିଲି ଓଡ଼ିଶାରେ ଯେପରି ଅବସର ନେଲା ପରେ ଅଧିକାରୀମାନଙ୍କୁ ସରକାର ଲାଭଦାୟକ ସଂସ୍ଥାରେ ପୁନଃ ଥଇଥାନ କରନ୍ତି ଏଠି ମଧ୍ୟ ସେଇ ବ୍ୟବସ୍ଥା ଅଛି । ମୁଁ କହିଲି "ପ୍ରଭୁ ! ଆପଣ ଯଦି ମୋ ଉପରେ ଏତେ ମେହେରବାନ୍ ତେବେ ମୋତେ କିଛି ଦିନ ପ୍ୟାରୋଲ୍‌ରେ ମୋ ଘରକୁ ଯିବା ପାଇଁ ଅନୁମତି ଦିଅନ୍ତୁ। ମୁଁ ସେଠି ମୋର ଅନ୍ତ୍ୟେଷ୍ଟିକ୍ରିୟା କିପରି ହେଉଛି ଦେଖିବି ଏବଂ ସରିଲା ମାତ୍ରକେ ଫେରିଆସିବି।" ଯମରାଜ ଅନୁମତି ଦେଲେ ଏବଂ ମୋତେ ଗୋଟିଏ ଚଢ଼େଇର ରୂପ ଦେଇ ଛାଡ଼ିଦେଲେ। ମୁଁ ଆମ ଘର ବାଡ଼ିରେ ଥିବା ଆମ୍ବ ଗଛରେ ଡେରା ପକାଇଲି ।

ଏହା ମଧ୍ୟରେ ମୋର ପାର୍ଥିବ ଶରୀର ଡାକ୍ତରଖାନାରୁ ଆସି ଘର ପ୍ରାଙ୍ଗଣରେ ଥୁଆ ହୋଇଥାଏ । ଆଡା ଆଡମ୍ବରରେ ମୋର ପୁଅ, ଝିଅମାନେ ତାଙ୍କ ପରିବାର ସହ ଆସି ପହଞ୍ଚିଗଲେ । ମୋତେ ଘେରି ସମସ୍ତେ ବହେ କାନ୍ଦିଲେ । ଜଣେ କିଏ କହିଲା "ଡେରି ହେଲାଣି ଲାସ୍‌କୁ ଦାହ ପାଇଁ ନେବା ।" କିଛି ପରିଜନ କହିଲେ "ପୈତୃକ ଗାଁକୁ ନେବା ।" ମୋର ମଧ୍ୟ ସେଇ ଇଚ୍ଛା ଥିଲା ଯେ ଯେଉଁ ପାଣି ପବନରେ ଜନ୍ମ ନେଇଚି ସେଇ ମାଟିରେ ମୋ ଦେହ ମିଶୁ; କିନ୍ତୁ ପିଲାମାନେ ବଡ଼ଲୋକପଣିଆ ଦେଖାଇ ପୁରୀ ସ୍ୱର୍ଗଦ୍ୱାର ନେବା ପାଇଁ ଆଗ୍ରହ ପ୍ରକାଶ କଲେ ଓ ତାହାହିଁ କଲେ । ଏଆରକଣ୍ଡିସନ୍ ମୁକ୍ତିରଥରେ ପୁରୀ ଗଲି ଓ ମୋର ଅସ୍ତିତ୍ୱ ହରାଇଲି । ତା'ପରେ ପୁରୋହିତଙ୍କ ଶୁଦ୍ଧିକ୍ରିୟାର ବିଧିବିଧାନ ଅନୁସାରେ ସମସ୍ତେ ଏକ ବକତ ବିନା ପିଆଜ ରସୁଣ ଓ ତେଲ ମସଲାରେ ଡାଲମା ଭାତ ଖାଇଲେ । ଜଳଖିଆ– ଚୁଡ଼ା କଦଳୀ। ନୁଖୁରା ଗାଧୋଇଲେ ଓ ଦାଢ଼ି ଚୁଟି ବଢ଼ିଗଲା। ନାତି ନାତୁଣୀଙ୍କୁ ଏଗୁଡ଼ାକ ରୁଚୁ ନଥିଲା । ତେବେ ପିଲା, ରୋଗୀ ଓ ବୃଦ୍ଧଙ୍କ ପାଇଁ ବିଧି ଲାଗୁ ହେବନାହିଁ ବୋଲି କେହି କହିବାରୁ ତାଙ୍କୁ ଭଲ ମନ୍ଦ ଖାଇବାକୁ ଦିଆଗଲା ।

ଏହା ଭିତରେ ଗୋଟିଏ ଭଲ କାମ ହେଉଥିଲା ଯେ ସକାଳେ ଗୋଟିଏ ଠୋଲାରେ ପାଣି ଓ ଦାନ୍ତକାଠି, ତା'ପରେ ଚାହା ଏବଂ ଘରେ ରୋଷେଇ ହେଉଥିବା ଖାଦ୍ୟରୁ କିଛି ଗଛ ମୂଳେ ପୋତା ହୋଇଥିବା ମୋର ଅସ୍ଥିକଳସ ପାଖେ ଥୋଇ ଦେଉଥିଲେ । ମୁଁ କୃତ୍ୟ କୃତ୍ୟ ହୋଇଗଲି ଯେ ମୃତ୍ୟୁ ପରେ ବି ଏମାନେ କେତେ ଖିଆଲ ରଖୁଛନ୍ତି । ନବମ ଦିନ ଗୋଟିଏ ଦୀପ ରାତିସାରା ଜଳିଲା ଏବଂ ବାଲିରେ ଗୋଟିଏ ଶଯ୍ୟା କରାଯାଇଥିଲା। ମୁଁ କୌତୁହଳବଶତଃ ସେଠିକି ଦେଖିବାକୁ ଯାଇଥିଲି । ତା'ପର ଦିନ ସମସ୍ତେ ବାଲିରେ ମୋର ଗୋଡ଼ର ଚିହ୍ନ ଦେଖି କହିଲେ ବାପା କାଲି ରାତିରେ ଚଢ଼େଇ ବେଶରେ ଆସିଥିଲେ । ଦଶାହରେ ପୁଅମାନେ ଏବଂ ବନ୍ଧୁବାନ୍ଧବ ଏକତ୍ର ତୁଠରେ ଲଣ୍ଡା ହେଇ ଶୁଦ୍ଧି ହେଲେ । ଏକାଦଶାହରେ ସହରର ଦାମୀ ମଣ୍ଡପରେ ଭୋଜିଭାତର ଅୟୋଜନ ହେଲା । ପ୍ରାୟଃ ୩୦୦ ରୁ ୪୦୦ ଲୋକ ଆସିଥିଲେ । ପିଲାମାନେ ବଡ଼ ହାଇଫାଇ । ବିବାହରେ ଯେତିକି ଆଇଟମ୍ ହୁଏ ଆଜି ବି ତାହା ହୋଇଥିଲା । କଟକିଆ ହୋଇଥିବାରୁ ମାଛର ଦୁଇଟା ଆଇଟମ୍ ମଧ୍ୟ ହୋଇଥାଏ। ଦ୍ୱାଦଶ ଦିନ ବନ୍ଧୁବାନ୍ଧବ, ଝିଅ ଜୋଇଁ ତାଙ୍କ ଘରକୁ ବାହୁଡ଼ିଗଲେ । ପୁରୋହିତ ଆସି କହିଲେ "ବାପାଙ୍କର ଦୁଇପାଦ ପୁଷ୍କର ଲାଗିଛି, ଏଣୁ ରାତିରେ ଖାଣ୍ଟି ଗୁଆଘିଅ ଦୁଇ କିଲୋ ଆଣି ପୁଷ୍କର ହୋମ ହେବ । ତାହାହିଁ ହେଲା ଓ ପରଦିନ ସମସ୍ତେ ଶାନ୍ତି ଉଦକ ପାଣି ପାଇ ଶୁଦ୍ଧି ହେଲେ।

ସିଆଡ଼େ ଯମରାଜ ବ୍ୟସ୍ତ ହେଲେ । ମେସେଜ୍ ଦେଲେ ଯେ, କାମ ଯଦି ସରିଗଲା ଶୀଘ୍ର ଆସ । ମୁଁ ପୁଣି ଅନୁରୋଧ କଲି "ସାର୍ ଆଉ ଦୁଇଦିନ ସମୟ ଦିଅନ୍ତୁ ମୁଁ ନିଶ୍ଚୟ ଫେରିଯିବି ।" ତା'ପରଦିନ ପାଞ୍ଚ ଭାଇ ବସି ବାକିରେ ଆସିଥିବା ସାମଗ୍ରୀ, ମଣ୍ଡପ ଭଡ଼ା, ପୂଜାସାମଗ୍ରୀ, ଭୋଜିଭାତ, ଲୁଗାପଟା ଇତ୍ୟାଦି ଖର୍ଚ୍ଚର ହିସାବ କଲେ । ମୋଟ ଖର୍ଚ୍ଚ ହୋଇଛି ଚାରି ଲକ୍ଷ ସତୁରୀ ହଜାର । ମୋର ବ୍ୟାଙ୍କ ପାସ୍‌ବୁକ ଖୋଜାହେଲା । ସେଥିରେ ମାତ୍ର ତିନି ହଜାର ଟଙ୍କା ବାଲାନ୍ସ ଥିଲା । ପିଲାମାନେ କହୁଥାନ୍ତି ବାପା ଗ୍ରାଚ୍ୟୁଟି, ପ୍ରୋଭିଡେଣ୍ଟ୍ ଟଙ୍କା ସବୁ କ'ଣ କଲେ ? ତେବେ ବଡ଼ ପୁଅ କହିଲା– "ଆମେ ସମସ୍ତେ ବାପାଙ୍କର ପୁଅ, ଏଣୁ ମୋଟ ଖର୍ଚ୍ଚ ସମାନ ପାଞ୍ଚ ଭାଗ କରାଯାଉ ।" ସାନପୁଅ କହିଲା "ଏହା କେମିତି ହେବ । ତୁମେ ତିନି ଜଣ ଉଚ୍ଚ ପଦ ପଦବୀରେ ଅଛ ଓ ମୋଟା ଦରମା ପାଉଛ । ଆମେ ଦୁଇ ଜଣ ପ୍ରାଇଭେଟ୍ କମ୍ପାନୀର ତଳିଆ କର୍ମଚାରୀ । ଯାହା ଦରମା ପାଉଛୁ ମାସର ପଚିଶ ଦିନ ଯାଉଛି । ଏଣୁ ଆମେ ଦଶ ହଜାର ଲେଖାଁ ଦେଇପାରିବୁ । ବାକି ତମେ ଭରଣା କର ।" କଥା ଗଣ୍ଡଗୋଳଆଡ଼କୁ ଗଲା । ଝିଅମାନେ ଏ ଖବର ଶୁଣି କହିଲେ "ଆମେ ଆମ ସାଧମତେ


ବେଭାର ଦେଇସାରିଛୁ, ଆଉ କ'ଣ ଦେବୁ ।" ହିସାବ ନ ଛିଣ୍ଡିବାରୁ ସାହି ମୁରବୀ ଆସିଲେ, ସେମାନେ କୌଣସି ସମାଧାନ କରିପାରିଲେ ନାହିଁ । ଶେଷରେ ମୋ ସ୍ତ୍ରୀ ଗୋଟିଏ କନା ପୁଟୁଳି ଆଣି ସମସ୍ତଙ୍କ ମଝିରେ ଥୋଇଦେଲେ ଓ କହିଲେ ଏଥିରେ ମୁଁ ବାପଘରୁ ଆଣିଥିବା ସୁନା ଗହଣା ଏବଂ ତମ ବାପା ଦେଇଥିବା ଗହଣା ଅଛି, ଏଗୁଡ଼ିକ ମୋର ଆଉ କୋଉ କାମକୁ ଆସିବ, ଏଣୁ ସବୁତକ ବିକି ଉଧାରୀ ଟଙ୍କା ଶୁଝି ଦିଅ । ତାହାହିଁ ହେଲା ଏବଂ ଘରେ ଶାନ୍ତି ଫେରିଲା । ତା'ପରଦିନ ପାଞ୍ଚ ପୁଅଯାକ ନିଜ କର୍ମସ୍ଥଳୀକୁ ପିଲାଛୁଆ ନେଇ ବାହାରିଲେ । ଗଲାବେଳେ ମା'କୁ କହିଲେ – "ବାପାଙ୍କ ପେନସନ୍ ତୁ ପାଇବୁ, ସେ ବ୍ୟବସ୍ଥା ଆମେ କରିଦେଇଛୁ । ମଝିରେ ମଝିରେ ଆମେ ଆସିବୁ ।"

କମିନାଗୁଡ଼ାକ କେହି ମା'କୁ କହିଲେ ନାହିଁ ଯେ ଏଠି ଏକୁଟିଆ କାହିଁକି ରହିବୁ, ଆମ ସାଙ୍ଗରେ ଚାଲ । ଏ ସବୁ ଦେଖି ମୋର ମୋହମାୟା ପୂରାପୁରି ତୁଟିଗଲା ଏବଂ ମୁଁ ମଧ ଚାଲିଲି । ଫେରିଲାବେଳେ ପଡ଼ିଶା ଘର ରେଡିଓରୁ ୧୯୫୭ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚିତ୍ର 'ଭାଭି'ର ଏଇ ଗୀତଟି ବାଜୁଥିଲା–

"ଚଲ ଉଡ୍ ଯା ରେ ପଞ୍ଛୁ କେ ଅବ ୟେ ଦେଶ ହୁଆ ବେଗାନା..."

*****

କେଶରପୁର, କେନାଲ ରୋଡ
କଟକ - ୭୫୩୦୦୧
ମୋ.: ୯୩୩୮୭୨୪୪୩



(ସ୍ୱଭାବକବି ଗଙ୍ଗାଧର ମେହର)

"ତହିଁରୁ ବୁଝିବ ନିଜେ କେତେ ଦୀନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ?
ଉଠ ଭାଇ, ଉଠ ନବୀନ ଆଲୋକେ,
ଶୋଇଥିଲେ ଚାହିଁ ହସୁଥିବେ ଲୋକେ ।
ଶୁଭ କର୍ମ ପଥେ ହୁଅ ଅଗ୍ରସର,
ଚକ୍ଷୁ ମିଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ,
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।
ଶୁଭ ପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।"

# କର୍ଣ୍ଣ

ଶୈଳେନ୍ଦ୍ର କୁମାର ଜେନା



ତନ୍ମୟ ଜୀବନରେ ଆଜି ଗୋଟେ ଅଦ୍ଭୁତ ଘଟଣା ଘଟିଲା !
ହୃଦାନନ୍ଦର କନିଷ୍ଠରୁ ବରିଷ୍ଠ କିରାଣୀ ପଦକୁ ପଦୋନ୍ନତି ଖବରଟା ମାଧାହ୍ନଭୋଜନ ବିରତି ପରର ସାଧାରଣ ଭାବରେ ଢୁଳେଇ ପଡିଥିବା ଅଫିସ୍ ପରିବେଶଟାକୁ ସରଗରମ କରିଦେଇଥିଲା । ସମସ୍ତେ ପରସ୍ପରର ମୁହଁ ଚାହାଁଚାହିଁ ହେଇ ଫୁସୁରୁ ଫାସୁରୁ ହଉଥିଲେ, ଗଲା ପାଞ୍ଚ ବର୍ଷ ଧରି ପ୍ରମୋଶନ୍ କମିଟି ବସୁନଥିଲା । ଆଜି ଅଚାନକ, କାହାକୁ କିଛି ଖବର ନାହିଁ, କମିଟି ବସିଗଲା ଆଉ ନିଷ୍ପତ୍ତି ଆସିବା ଉପରେ ! ତନ୍ମୟ ପାଖରେ ଖବର ପହଞ୍ଚିଲା, ଭାଇ, ତମେ କେମିତି ଜାଣି ପାରିଲନି !

ଦିନଥିଲା ତନ୍ମୟ ବିନା ଏଷ୍ଟାବ୍ଲିସମେଣ୍ଟ୍ ସେକ୍ସନ୍ ଚାଲି ପାରୁନଥିଲା । କିନ୍ତୁ ଆଜି ସେ ଦିନ ଆଉ ନାହିଁ । ତନ୍ମୟକୁ ସେଠୁ କାଢି ଫୋପାଡି ଦିଆ ହେଇଛି । ତାର ସାତ ପଛରେ ଆସିଥିବା ହୃଦାନନ୍ଦକୁ ସେଇଠି ବସାଯାଇଛି । କ୍ୟାଡର୍‌ରେ ବରିଷ୍ଠ ଥାଇ ବି ତନ୍ମୟର ପଦୋନ୍ନତି ନହେଇ ହୃଦାନନ୍ଦର ହେଉଛି । ଖବରଟି ଯେମିତି ଅଫିସ୍‌ରେ ନୀରବ ଝଡର ପରିସ୍ଥିତି ସୃଷ୍ଟି କରିଥିଲା, ବାହାରକୁ ସେମିତି ନୀରବ ଥିଲା ତନ୍ମୟ, ହେଲେ ଭିତରେ ଝଞ୍ଜା ବହିଚାଲିଥିଲା । ଅଫିସ୍ ଅର୍ଡର୍ ବାହାରି ନଥିଲେ ବି ସମସ୍ତଙ୍କ ପରି ସେ ବି ହୃଦାନନ୍ଦକୁ ଯାଇ ଅଗ୍ରୀମ ବଧେଇ ଜଣେଇଥିଲା । ହୃଦାନନ୍ଦର ଗୁଣ ଆବୋରି ବସିବା । ଭଲ ଚେୟାର୍, ଭଲ ଟେବୁଲ୍, ନୂଆ ଟରକିସ୍... ତା ଆଖ ପାଖରେ ଯାହା ଅଛି ସବୁ ଭଲ ଓ ନୂଆ ହବା ଦରକାର । ଅନ୍ୟମାନେ ଯିଏ ଯେମିତି ବସୁଛନ୍ତି ବସନ୍ତୁ । କନିଷ୍ଠ କିରାଣୀ ଅନ୍ୟମାନଙ୍କ ସହିତ ହଲ୍‌ରେ ବସିବା ବ୍ୟବସ୍ଥା ଥିଲେ ବି ସେ ତା ନିଜ ପାଇଁ ଗୋଟେ ଚାମ୍ବର୍ ବି ଯୋଗାଡ କରେଇ ନେଇଛି । ହାକିମଙ୍କୁ କେମିତି ବଶ କରିବାକୁ ହୁଏ, ସେ କଳା ତାକୁ ଭଲରେ ଜଣା । ତେଣୁ, ଯେତେ କଠୋର ହାକିମ ଆସିଲେ ବି ସେ ଦିନ କେତେଟାରେ କଠୋର ହୃଦୟକୁ ତରଳେଇ ତାଙ୍କୁ ନିଜ ଆଡକୁ ବୁହେଇ ଆଣିପାରୁଥିଲା । ନିଜ କାମ ସବୁ ଅନ୍ୟ ଉପରେ ଲଦିଦବା ଓ ନିଜର ଲାଭ ଓ ଅନ୍ୟର କ୍ଷତି କରିବା ହଉଛି ହୃଦାନନ୍ଦର ଜୀବନ ଦର୍ଶନ ।

ଏହା କେବଳ ତନ୍ମୟର ଅନୁଭବ ନୁହେଁ, ବରଂ ହୃଦାନନ୍ଦର ଆଚରଣରେ ଅତିଷ୍ଠ ଅଫିସ୍ ଚପରାଶୀ ପିଅନ୍‌ମାନଙ୍କର ବି ତା ବିରୁଦ୍ଧରେ ବିକ୍ଷୋଦ୍‌ଗାରରେ ସେ ତିଳେ ହେଲେ ସଙ୍କୋଚ କରେନା । ନୂଆ ନିର୍ଦ୍ଦେଶକ କିନ୍ତୁ ଅଲଗା ଲୋକ । ଅଫିସ୍‌ରେ ତାଙ୍କ ଦ୍ୱିତୀୟ ଦିନ ସକାଳୁ ପିଅନ ରାଧାକାନ୍ତ ଆସି ତନ୍ମୟକୁ ଖବର ଦେଇଥିଲା, ଜାଣିଲେ ବେହେରା ବାବୁ, ଆଜି ପାନେ ହେଇଚି । ସକାଳୁ ସକାଳୁ ଡାଇରେକ୍ଟର୍‌ଙ୍କର ପ୍ରଶଂସା କରୁଥିଲା । ବୁଢା ରାଗିଯାଇ କହିଲା, ହଇଓ, ମତେ ଲାଗୁଛି, ତମେ କାମ ଧନ୍ଦା କିଛି କରୁନ, ଖାଲି ଚାପୁଲାସି କରୁଛ । ଯାଅ, କାମ କର । ତମ ବ୍ରାଞ୍ଚ୍ ଫାଇଲ୍ ସବୁ ଆଜି ଦେଖିବି ।
ଗ୍ରେଡେସନ୍ ଲିଷ୍ଟ୍‌ରେ ହୃଦାନନ୍ଦ ତା ତଳେ ଥିଲେ ବି ଆଜି ପଦୋନ୍ନତିରେ ଲମ୍ଫଡିଆଁ ମାରି ତନ୍ମୟକୁ ଡେଇଁ ଯାଇଛି । ଯା ପଛରେ ଅଛି ବର୍ଷେ ତଳର ଗୋଟେ ଘଟଣା । ସେଦିନ ଥାଏ ଭାରତ ପାକିସ୍ଥାନ୍ କ୍ରିକେଟ୍ ମ୍ୟାଚ୍ । କିନ୍ତୁ, ତନ୍ମୟକୁ ହେଇଥାଏ ଜ୍ୱର । ଛୁଟି ଦରଖାସ୍ତ ଖଣ୍ଡେ ଲେଖି ସେ ବଡ ବାବୁଙ୍କ ପାଖକୁ ପଠେଇ ଦେଇଥିଲା । ବଡବାବୁ ସେଇଟିକୁ ଡାକରେ ନରଖି ତାଙ୍କ ନିଜ ପକେଟରେ ରଖିଦେଇଥିଲେ । ଦୁର୍ଯୋଗକୁ ସେଦିନ ଡାଇରେକ୍ଟର୍ ପୁଣି ମ୍ୟାଡାମ୍‌ଙ୍କ ସହିତ ଝଗଡା କରି ଆସିଥିଲେ, ମୁଡ୍ ଖରାପ ଥିଲା । ଅଫିସ୍ ଆସି ପ୍ରଥମେ ଉପସ୍ଥାନ ଖାତା ମଗେଇଲେ । ଯିଏ ଯିଏ ଆସିନଥିଲେ, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ସହିତ ଗୋଟିଏ ଦିନର ଦରମା କାଟ ଆଦେଶ ଦେଇଦେଲେ । ଅନୁପସ୍ଥିତ ଲୋକମାନଙ୍କ ଭିତରେ ତନ୍ମୟ ଓ ହୃଦାନନ୍ଦ ସହିତ ଅନ୍ୟ କେତେଜଣ ବି ଥିଲେ । ତନ୍ମୟର ଦେହ ଖରାପ ବୋଲି ସେ ଅନୁପସ୍ଥିତ ଥିଲା ସିନା, ଅନୁପସ୍ଥିତ ରହିବା ହୃଦାନନ୍ଦର ଅଭ୍ୟାସ । ସେଦିନ ସେ ମ୍ୟାଚ୍ ଦେଖିବାକୁ ଯାଇଥିଲା ।

ସମସ୍ତେ ଖଣ୍ଡେ ଖଣ୍ଡେ କାଗଜରେ କ୍ଷମା ପ୍ରାର୍ଥନା କରି ଏମିତି କାମ ଆଉ କେବେ କରିବୁନି ବୋଲି ଲେଖି ବଡବାବୁଙ୍କ ଜରିଆରେ ଡାଇରେକ୍ଟର୍‌ଙ୍କୁ ଦେଲେ । ତନ୍ମୟ ତା ନିଜ ଜିଦରେ ଅଟଳ । ସେ କାରଣ ଦେଖେଇଲା, ବଡ ବାବୁଙ୍କୁ ଦେହ ଖରାପ ହେତୁ ଛୁଟି ଦରଖାସ୍ତ ଦେଇଥିଲି । ବଡବାବୁ ସେଇଟାକୁ କଣ ପାଇଁ ଚାପିକି ବସିଗଲେ, ସେ ହିଁ ଏକା କହିପାରିବେ । ସୁତରାଂ, ତନ୍ମୟ ତା ଉତ୍ତରରେ କ୍ଷମା ପ୍ରାର୍ଥନା କଲାନାହିଁ । ପ୍ରଶାସନ ମୁଣ୍ଡ ଦୋଷ ନଥାଇ ଦୋଷ ସ୍ୱୀକାର କରୁଥିବା ଲୋକମାନଙ୍କ ଭଗବାନ । ସମସ୍ତଙ୍କୁ ମାଫ୍ କରାଗଲା, ତନ୍ମୟ ବ୍ୟତୀତ ।

ଏଇ ଘଟଣାଟି ତନ୍ମୟ ପାଇଁ ଆଦୌ ଅଦ୍ଭୁତ ଘଟଣା ନୁହଁ । ଜୀବନରେ ପ୍ରତିଟି ମୋଡ ଓ ଗଳିରେ ଏଇମିତି ଘଟଣାମାନଙ୍କ ସହିତ ତାର ସାକ୍ଷାତ ହେଇଛି । ଅଦ୍ଭୁତ ଘଟଣାଟି ହେଲା, ହୃଦାର ପଦୋନ୍ନତି ଓ ନିଜର ପଦୋବାନତ ଭଗ୍ନ ହୃଦୟଟି ଧରି ସେ ଚାଲି ଆସିଲା ବାଇଆ ନନା ଦୋକାନକୁ । ଇଚ୍ଛା ନଥିଲେ ବି ଚା ପିଇଲା । ଭୋକ ନଥିଲେ ବି କାଚ ଜାର ଭିତରୁ କେକ୍ ବାହାର କରି ଚୋବେଇଲା । ଧୂମପାନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ଓ ସେଥିପାଇଁ ଅନେକ ଦିନରୁ ସିଗାରେଟ୍ ଛାଡି ଦେଇଥିଲେ ବି, ଓଠରେ ସିଗାରେଟ୍‌ଟିଏ ଲଗେଇ ଧୂଆଁ ଛାଡିଲା । ଦୋକାନ ସାମ୍ନାରେ ବି ସେଇ ଚର୍ଚ୍ଚା... ! କେତେବେଳେ ଯାଇ ପହଞ୍ଚିଗଲା ଅଞ୍ଜଳିର କୋଠରୀରେ ।

ଅଞ୍ଜଳିର କୋଠରୀ ଦ୍ୱାରରେ ଥୁଆ ହେଇଥିଲା ଗୋଟେ କୁଲର୍। କୁଲର୍‌ଟି ଥକି ଯାଇଥିବା ସୈନିକ ପରି ଗରମ ସହିତ ଘଡ ଘଡ ଶବ୍ଦ କରି ଶେଷ ବିନ୍ଦୁ ରକ୍ତ ଥିବାଯାଏ ଲଢୁଥିଲା ଓ ଶତ୍ରୁ ସୈନ୍ୟର ପଥରୋଧ କରି ଠିଆହେଇଥିଲା। କୁଲର୍ ଆଉ କବାଟ ଭିତରେ ସାମାନ୍ୟ ଫାଙ୍କରେ ଚାପି ହେଇ ଭିତରକୁ ପଶିଲା ବେଳକୁ ପଚାରିଲା, କଣ ମ୍ୟାଡାମ୍... ଦୁଆର ମୁହଁଟାକୁ ବନ୍ଦ କରି ରଖିଛନ୍ତି ଯେ ?

ଗୋଟେ ଫାଇଲ୍ ଉପରୁ କେନ୍ଦ୍ରୀଭୂତ ନଜର ହଟେଇ ଅଞ୍ଜଳି ଉଠି ଠିଆ ହେଇ ପଡିଲା। ଇଶାରାରେ ତାକୁ ପାଖକୁ ଡାକିଲା ଓ ସେ ପାଖରେ ପହଞ୍ଚିବା କ୍ଷଣି ତା ଗାଲରେ ଗୋଟେ ଚୁମା ଥୋଇ ଦେଲା !
ଏ କଣ ଅଭୂତ ଘଟଣା ନୁହଁ ?

ଅଫିସ୍‌ରେ ଅଞ୍ଜଳିର ପୋଷ୍ଟିଂ ହବା ଦିନଠାରୁ ତନ୍ମୟ ନିଜକୁ ଯେତେ ପାରେ ସେତେ ତା ଠାରୁ ଦୂରେଇ ରଖିଛି। ବିତି ଯାଇଥିବା ଦିନ ମାନଙ୍କୁ ମନ ନପକେଇବାକୁ ଯେତେ ପାରେ ସେତେ ଚେଷ୍ଟା କରିଛି। ସେ ହୃଦାନନ୍ଦ ନୁହଁ ଯେ ବାହାସ୍ଫୋଟ ମାରିଥାନ୍ତା। ଯେତେ ହେଲେ ଅଞ୍ଜଳି ଅଫିସ୍‌ର ଆଉ ସେ ହେଲା କିରାଣୀ।

ଦଣ୍ଡେ ଠିଆ ହେଇ ରହିଲା ତନ୍ମୟ। କଣ ଘଟିଗଲା। ସ୍ୱପ୍ନ ଦେଖୁଛି, ନା ସତ ! ସେ ପ୍ୟାଣ୍ଟ୍ ପକେଟ୍‌ରେ ହାତ ପୂରେଇଲା ଓ ନିଜ ଜଙ୍ଘକୁ ଚିମୁଡି ଦେଖିଲା କାଟୁଛି, ଅର୍ଥାତ୍ ସେ ସ୍ୱପ୍ନ ଦେଖୁନି। ତା ପରେ ଚେୟାର୍ ଖଣ୍ଡେ ଟାଣି ବସି ପଡିଲା, ତା ପୁଣି ବିନା ଅନୁମତିରେ। ବାମ ଗୋଡ ଉପରେ ଡାହାଣ ଗୋଡ ପକେଇ ଗୋଡ ହଲେଇବାକୁ ଲାଗିଲା, ଆଉ ମ୍ୟାଡାମ୍... କଣ ସବୁ ଚାଲିଛି ?

ଅଞ୍ଜଳି କହିଲା, ଦେଖୁନୁ, କେତେ ଗରମ ହଉଛି। ପାଞ୍ଚ ଦିନ ହେଲାଣି ଏସି ଆସି ଥୁଆ ହେଇଛି। ବହୁତ କହିବା ପରେ ମିସ୍ତ୍ରୀ ଆସି କାନ୍ଥରେ କଣା କରିଦେଇ ଯାଇଥିଲା ଯେ ଯାଇଥିଲା, ଆସିବା ନା ଧରୁ ନଥିଲା। କଣ୍ଟ୍ରାକ୍ଟର୍‌କୁ ବହେ ଗାଳି ଦବା ପରେ, ଆଜି ଆସିଥିଲା। କାନ୍ଥଟାରେ କଣା କରିଦେଇ ରୁମ୍‌ଟାକୁ କେମିତି ଖରାପ କରି ରଖିଛି ଦେଖୁନୁ। ଚା ପାଣି ପାଇଁ ପଇସା ମାଗୁଥିଲା। ମୁଁ କହିଲି, କାହିଁକିରେ... । ଏଉଠୁ ଆସୁଛି କହି କୁଆଡେ ପଳେଇଲା।

ପ୍ରଥମେ ବୋକା ପରି ହସିଲା ତନ୍ମୟ। ଅଞ୍ଜଳି ଯେତେ ବଦଳିଗଲେ ବି ତାର ଏଇ ପୁରୁଣା ଗୁଣଟି ଜମା ବଦଳିନି। କଞ୍ଜୁସି। ଥରେ କାଉନସିଲ୍ ଡିବେଟ୍ ପ୍ରତିଯୋଗିତା ପାଇଁ ତା ସହିତ ସେ କଟକରୁ ଭୁବନେଶ୍ୱର ଆସିଥିଲା। ସେତେବେଳେ ବସ ଭଡା ଥିଲା ମାତ୍ର ଟଙ୍କେ ଅଶି ପଇସା। କଣ୍ଡକ୍ଟର୍ ହାତକୁ ଦୁଇଟଙ୍କା ବଢେଇ ଦେଇ କୋଡିଏ ପଇସା ଫେରି ପାଇବା ପାଇଁ ଜିଦ୍ ଧରି ବସିଲା। କଲେଜ୍ ପିଲା ବୋଲି ହାଫ୍ ଟିକେଟ୍‌ରେ ଦୁଇ ଜଣଙ୍କ ପାଇଁ ଟଙ୍କେ ଅଶି ପଇସା ହିଁ ଦବାର ଥିଲା। କଣ୍ଡକ୍ଟର୍ ବି ତା ଜିଦ୍ ରେ ଅଟଳ। କନ୍‌ସେସନ୍‌ରେ ଯିବ ତ ସରକାରୀ ବସ୍‌ରେ ଯାଅ, ପ୍ରାଇଭେଟ୍ ବସ୍‌ରେ ନୁହଁ। ସେଦିନ ପ୍ରେମିକାକୁ ଠିକ ବୋଲି ସାବ୍ୟସ୍ତ କରିବା ପାଇଁ କଣ୍ଡକ୍ଟର୍ ସହିତ ଝଗଡା କରିଥିଲା ତନ୍ମୟ। ଆଜି ଆଉ ଅଞ୍ଜଳି ତାର ପ୍ରେମିକା ନୁହଁ, ଉପରିସ୍ଥ ଅଫିସର୍। ତନ୍ମୟ କହିଲା, ମତେ କହିଥିଲେ ମୁଁ କାହାକୁ ଗୋଟେ ଯୋଗାଡ କରିଦେଇପାରିଥାନ୍ତି।

ଅଫିସର୍ ହେଇ ଏତେ ଟଙ୍କା ଦରମା ପାଉଛି ଅଞ୍ଜଳି। କଲେଜ୍ ଦିନ ପରି ଆଜି ବି କଞ୍ଜୁସ୍ ! ଏସି ମେକାନିକ୍‌କୁ ଚା ପିଇବା ପାଇଁ ପାଞ୍ଚ ଦଶ ଟଙ୍କା ଦେଇଥିଲେ କଣ ତା ଭଣ୍ଡାର ଶେଷ ହେଇଯାଇଥାଆନ୍ତା !

ଫାଇଲ୍‌ରେ ଲେଖିସାରି ସେଇଟାକୁ ନିର୍ଦ୍ଦୟ ଭାବରେ ଇଟାଗୁଣ୍ଡରେ ଧୂଳି ଧୂସରିଆ ହେଇଯାଇଥିବା କାନ୍ଥ କୋଣକୁ ଫୋପାଡି ଦେଇ ବଡ ପାଟିରେ ବିରକ୍ତ ହେଇ ଡାକିଲା, ରଘୁ... ରଘୁ...ମୁଁ ଜାଣିଛି ପରା, ପୁରା ଇଡିଅଟ୍‌ଟା। ଘରକୁ ପଳେଇବଣି। ଶଳା... ଅଫିସର୍ ଅଫିସ୍‌ରେ ବସିଛି, ପିଅନ୍ ଛୁ...।

ରଘୁ ପ୍ରତି ଅଞ୍ଜଳିର ଶବ୍ଦ ପ୍ରୟୋଗ ଶୁଣି ଗୋଡ ଉପରୁ ଗୋଡ ହଟେଇ ସିଧା ହେଇ ବସିଲା ତନ୍ମୟ, ପର ମୁହୂର୍ତ୍ତରେ ଭାବିବାକୁ ଲାଗିଲା, ମ୍ୟାଡାମ୍‌ଙ୍କ ମୁଣ୍ଡ କଣ ଖରାପ ହେଇଯାଇଛି ନା କଣ ! ଗୋଟେ କିରାଣୀକୁ ଅଫିସ୍ ଚାମ୍ବର୍ ଭିତରେ କିସ୍ କରିବା ପଛରେ ଉଦ୍ଦେଶ୍ୟ କଣ ?
ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ ଅଞ୍ଜଳି ତା ଗାଲରେ ଯୋଉ ଜାଗାଟିରେ ଚୁମ୍ବନ ଦେଇଥିଲା, ସେ ଜାଗାଟିରେ ସେ ହାତ ବୁଲେଇ ଆଣିଲା। ଅଞ୍ଜଳି ପଚାରିଲା, ଆଉ ତୋ ଖବର କଣ ? ଆଜି କାଲି କଣ କରୁଛୁ, କାହିଁ ଦେଖା ସାକ୍ଷାତ ତ ନାହିଁ। ନାଟକ ଫାଟକ ଚାଲିଛି କି ନାହିଁ ?

ହଁ, ଚାଲିଛି...। ସବୁ ଠିକ୍ ଠାକ୍। ଏ ବର୍ଷ ଆମ କ୍ଲବ୍‌ରେ ପୌରାଣିକ କଥାବସ୍ତୁଟିଏ ନେଇ ସାମାଜିକ ନାଟକଟିଏ କରୁଛୁ। ନାଟକଟିକୁ ମୁଁ ଲେଖିଛି, ଆଉ ନିର୍ଦ୍ଦେଶନା ବି ଦଉଛି। ଏଠୁ ଗଲେ, ରିହର୍ସାଲ୍‌କୁ ଯାଇ ପହଞ୍ଚିବାକୁ ହବ।

ଫାଇଲ୍ ଥାକରୁ ଆଉ ଗୋଟେ ଫାଇଲ୍ ଟାଣି ଆଣି ଅଞ୍ଜଳି ସେଥିରେ ମନୋନିବେଶ କଲା। ତନ୍ମୟ ସେଇମିତି ସିଧା ହେଇ ବସିଲା ଓ ଚୁପ୍ ରହିଲା।

ସତରେ, ଅଞ୍ଜଳି କେତେ ବଦଳି ଯାଇଛି ! କଲେଜ୍ ଦିନରେ ଡିବେଟ୍‌ରେ ଭାଗ ନଉଥିଲା ଆଉ ଫାଷ୍ଟ ବି ହଉଥିଲା। ମଞ୍ଚ ଉପରେ ଥରେ ମନ୍ତ୍ରୀ

ଭାଷଣ ଦବାବେଳେ କହିଲେ, ନେତା ଆଉ ଅଫିସର୍‌ମାନେ ଦେଶଟାକୁ ଖାଇଗଲେ। ଦୁର୍ନୀତି କର, କିଏ ମନା କରୁଛି ? ହେଲେ ଠାକୁର ଖାଇ ଠାକୁର ଖଟୁଳି ଖାଇ ଦିଅନି।

ନିଜ ନିଜର ବକ୍ତୃତାରେ କେହି ମନ୍ତ୍ରୀଙ୍କ ଭାଷଣ ବିଷୟରେ ପଦେ କହିବାକୁ ସାହସ କଲେନି। ଯିଏ ଯାହା ଘୋଷିକି ଆସିଥିଲା, ସେତିକି କହିବାକୁ ଚେଷ୍ଟା କଲା। କିନ୍ତୁ, ପ୍ରତ୍ୟୁତ୍ପନ୍ନ ମତି ଅଞ୍ଜଳି ମନ୍ତ୍ରୀଙ୍କ ସାମନାରେ ହିଁ କହିଥିଲା, ଯଦି ମନ୍ତ୍ରୀ ମହୋଦୟ ସଭାରେ ସର୍ବଜନ ସମ୍ମୁଖରେ କହିପାରୁଛନ୍ତି ଯେ ବେଶି ଦୁର୍ନୀତି କରନି, କମ୍ କର, ତାହେଲେ ଆମକୁ ମାନି ନବାକୁ ପଡିବ ଯେ ଦେଶ ଆଜି ବି ପରାଧୀନ ଅଛି।

ଅଞ୍ଜଳି ବିଷୟରେ ଅଫିସ୍‌ଠୁ ଆରମ୍ଭ କରି ନନା ଦୋକାନ ଯାଏ, ଚର୍ଚ୍ଚା ହୁଏ। ମ୍ୟାଡାମ୍ ଫାଇଲ୍ ଖୋଲିଲେ ଆଗ ଟଙ୍କା ଉଣ୍ଡାଳୁଛନ୍ତି। ଟଙ୍କା ନାହିଁ ତ କାମ ନାହିଁ। ଆଉ ମଧ ତା ବ୍ୟକ୍ତିଗତ ଜୀବନ ବିଷୟରେ ଚର୍ଚ୍ଚା ହୁଏ। ତାକୁ ନେଇ ତା ବ୍ୟାଚ୍‌ର ଦୁଇଟା ଅଫିସର୍‌ଙ୍କ ଭିତରେ ଝଗଡା।

ସମୟର ପଶାପାଲିରେ ତନ୍ମୟ ଅଞ୍ଜଳିକୁ ହରେଇ ଦେଇଛି। ତେଣୁ ତା ବ୍ୟକ୍ତିଗତ ବ୍ୟାପାରରେ ମୁଣ୍ଡ ପୂରେଇବା ଆବଶ୍ୟକ ନାହିଁ। କିନ୍ତୁ, ଆର କଥାଟି ! ଅଞ୍ଜଳି ଯେ ପଇସାଖୋର, ସେ କଥା ସତ୍ୟ ବୋଲି ସେ ନିଜେ ନିଜ ପାଖରେ ଅସ୍ୱୀକାର କରିବ କେମିତି !

ଅଞ୍ଜଳିର କଣ ହେଇଛି କେଜାଣି ! ତାକୁ ବାହା ହବା ପାଇଁ ଦୁଇ ଦୁଇ ଜଣ ଅଫିସର୍‌ଙ୍କ ଭିତରେ ଟଣା ଓଟରା। ଅଥଚ ସେ ଗୋଟେ ସାଧାରଣ ଅଧସ୍ତନ କର୍ମଚାରୀକୁ ଏମିତି ଚୁମ୍ବନ ଦେଇପାରିଲା କେମିତି ! ତନ୍ମୟ ତା ଗାଲର ସେହି ଜାଗାଟିକୁ ଛୁଇଁ ପରଖିଲା। କିଛି ଶିହରଣ ତଥାପି ସେଠି ଅଠାରେ ଲାଖି ରହିବା ପରି ରହିଥିଲା।

ଅନେକ ବର୍ଷ ତଳେ, ପ୍ରାୟ ଏକ ଦଶନ୍ଧି ହବ, ସେମାନେ କଲେଜ୍ ପିକନିକ୍‌ରେ ସପ୍ତଶଯ୍ୟା ଯାଇଥିଲେ। ବସ୍‌ରୁ ଓହ୍ଲେଇ ଯିଏ ଯୁଆଡେ ଯୋଡି ଯାଉଁଳି ହେଇ ଚାଲିଗଲେ। ତନ୍ମୟ ସେତେବେଳେ କଲେଜ୍ ଫଙ୍କସନ୍ ପାଇଁ ନାଟକ ଲେଖୁଥିଲା। ସପ୍ତଶଯ୍ୟାର ଶାନ୍ତ ବାତାବରଣରେ କିଛି ନୂଆ ଚିନ୍ତାଧାରା ଆବିଷ୍କାର କରିବା ଉଦ୍ଦେଶ୍ୟରେ ସେ ଟିକେ ଦୂରକୁ ଚାଲିଯାଇ ଗୋଟେ ପଥର ଉପରେ ଏକା ଏକା ବସିଲା। କିଛି ସମୟ ପରେ ସେ ଅନୁଭବ କଲା ଯେ ସେ ଏକା ନାହିଁ। କେହି ଜଣେ କେତେବେଳୁ ଆସି ତା ପିଠି ପଛପଟେ ଠିଆ ହେଇଛି। ସେ କେହି ଜଣକ ତା ପାଖରେ ବସି ପଡିଲା ଓ ବାଘୁଣୀ ପରି ଏଣୁ ତେଣୁ ଗପିବା ଆରମ୍ଭ କଲା। ଗପୁ ଗପୁ ତା ହାତ ଉପରେ ନିଜ ହାତ ବି ରଖିଲା। କିଛି ସମୟ ପରେ ତା ଆଙ୍ଗୁଳି ସହିତ ଖେଳିବା ଆରମ୍ଭ ବି କରିଦେଲା। ତନ୍ମୟର ସବୁ କଳ୍ପନାର ବାହାରେ ସେ ତା ହାତଟିକୁ ନିଜ ଛାତି ଉପରେ ଥୋଇ ଦେଇ ତା ଓଠରେ ଚୁମ୍ବନ ଦେଇଥିଲା।

କୌଣସି ଝିଅକୁ ଏମିତି ଛୁଇଁବା ତନ୍ମୟ ଜୀବନରେ ପ୍ରଥମ ଓ ଅପ୍ରତ୍ୟାଶିତ ଥିଲା। ସେ ସ୍ମୃତି ଆଜି ବି ତା ହୃଦୟର ଗୋପନ କନ୍ଦରରେ ସାଇତା ହେଇ ରହିଛି।

ଏଇ ଘଟଣାଟି ଆଗକୁ ଆସୁଥିବା ସମୟ ବିଷୟରେ କଣ ସୂଚନା ଦବାକୁ ଚାହୁଁଥିଲା କେଜାଣି, ଚାହୁଁ ଚାହୁଁ ଦୁର୍ଘଟଣା ପରେ ଦୁର୍ଘଟଣା ତନ୍ମୟ ଜୀବନରେ ଘଟି ଚାଲିଲା। ତା ବାପା ଥିଲେ ସରକାରୀ ଡ୍ରାଇଭର୍। ସେଇ ବର୍ଷ ଜୁନ ମାସରେ ତା ବାପା ଅଫିସ୍‌ରୁ ଫେରିବା ବାଟରେ ପାରାଦୀପ ପଟୁ ଆସୁଥିବା ଗୋଟେ ଗାଡିର ହେଡ୍ ଲାଇଟ୍ ପଡି ତାଙ୍କୁ କିଛି ଦେଖାଗଲାନି। ସକାଳୁ ଶବ ମିଳିଲା। ବାପାଙ୍କର ବର୍ଷିକିଆ ନଯାଉଣୁ, ଲଳିତା ନାନୀ, କଲୋନୀର ଗୋଟେ ଗୁଣ୍ଡା ଲୋଫର ସହିତ ଫେରାର ହେଇଗଲା। ବାପାଙ୍କ ଅଫିସ୍‌ରୁ ତାଙ୍କ ଜିପିଏଫ୍ ଟଙ୍କା, ଗ୍ରୁପ୍ ଇନସ୍ୟୁରାନ୍ସ ଟଙ୍କା ଇତ୍ୟାଦି ପାଇବା ପାଇଁ ଦୌଡି ଦୌଡି ଚପଲ ସରିଗଲା। ଘରେ ଚୂଲୀ ଜଳିବା ବନ୍ଦ ହେଇ ଆସିବା ଅବସ୍ଥା ଆସିଗଲା। ଏଇ ଯୋଉ ଅନୁକମ୍ପାମୂଳକ ଚାକିରି ଖଣ୍ଡିକ ମିଳିଛି, ସେଇତକ ପାଇବା ପାଇଁ କେତେ ପାମ୍ପଡ ବେଲିବାକୁ ପଡିଛି, ତାକୁଇ ଜଣା।

ଶେଷକୁ ତା ପୋଥିରେ ଡୋରି ବନ୍ଧା ହେଲା। ବାପାଙ୍କ ପୁରୁଣା ସାଇକେଲ୍‌ର କଳଙ୍କିଲଗା ଚେନ୍‌ରେ ତେଲ ଢାଳି, ପେଡାଲ୍ ମାରି ତାକୁ ଅଫିସ୍ ଆସିବାକୁ ପଡିଲା। ରାସ୍ତାରେ ଭେଟ ହେଉଥିଲେ କଲେଜ୍ ଯାଉଥିବା ତା ସାଙ୍ଗମାନେ। ଜୀବନ ରହିଗଲା ପଛରେ, ସ୍ୱପ୍ନ ରହିଗଲା ବହି ଥାକରେ...।

ଅଞ୍ଜଳି କୁଆଡେ ଯେ ହଜିଗଲା। ଥରେ ଭେଟ ହେଇଥିଲା ଅଞ୍ଜଳି, ତାକୁ ଦେଖି ନଦେଖିପାରିବା ପରି ଚାଲି ଯାଇଥିଲା। ସେତେବେଳେ, ସାଙ୍ଗମାନେ ଅଞ୍ଜଳି ବିଷୟରେ ଅନେକ କଥା କହୁଥିଲେ। ଅଞ୍ଜଳିର ପ୍ରେମ ପାଇଁ ଅନେକ ପ୍ରାର୍ଥୀ ଥିବା ବେଳେ, ସେ ପ୍ରଫୁଲ୍ଲ ସାଇଁ ବୋଲି ଗୋଟେ ଟୋକା ପଛରେ ପଡିଥିଲା ବୋଲି ଖବର ମିଳିଥିଲା। ତନ୍ମୟର ଆଉ କୌଣସି ପ୍ରୟୋଜନ ନଥିଲା। ସେ ଅପାଙ୍‌କ୍ତେୟ ହେଇସାରିଥିଲା।
କିନ୍ତୁ ଜୀବନର ଗୋଟେ ମୋଡରେ ପୁଣି ଦେଖା ହେଲା ଅଞ୍ଜଳି ସହିତ। ସେ ବର୍ଷ ଅଞ୍ଜଳି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଇଥାଏ। ସେ ଖବରକାଗଜ ଆଉ ଟିଭିରୁ ଦେଖି ଜାଣିଲା ଯାହା। ଶେଷରେ ବୋଝ ଉପରେ ନଳିତା ବିଡା ପରି, ଭଗବାନ ଦାଉ ସାଧି ତାକୁ ଦିନେ ଆଣି ତାଆରି ଅଫିସ୍‌ରେ ବସେଇ ଦେଲେ, ଅଫିସର୍ କରି।
ଅଞ୍ଜଳି ଫାଇଲ୍ ଭିତରେ ମଗ୍ନ ଥିଲା। ତନ୍ମୟ ଭାବିଲା, କଣ ହେଇପାରେ

ତାର ଏମିତି ଅସ୍ୱାଭାବିକ ଆଚରଣର କାରଣ ! ସେ ଯେ ଦୁଇ ପ୍ରଣୟ ପ୍ରାର୍ଥୀଙ୍କ ଭିତରେ ଝଗଡା ଲଗେଇଛି, ଅନସ୍ୱୀକାର୍ଯ୍ୟ । କିନ୍ତୁ, ସେ ନିଜେ ବି ସେଇ ସମସ୍ୟାର ଭଉଁରୀରେ ନିଶ୍ଚିତ ଭାବରେ ବୁଡିକି ଅଛି । ଯେତେ ଯାହା ହେଲେ ବି ବୋଝେ ବୟସ ହେଲାଣି । ଯୌବନର ଛାଇ ଲେଉଟାଣୀ ବେଳ ହେଲାଣି । କଲେଜ୍ ଦିନର ଲାବଣ୍ୟ ଆଉ ତା ପାଖରେ ନାହିଁ । ଏବେ କ୍ଷମତା ଥାଉ କି ମୋଟା ଦରମା, କି କଳାଟଙ୍କା, ପୁରୁଷକୁ ଆକୃଷ୍ଟ କରିବାର କ୍ଷମତା ପ୍ରାୟ ନାହିଁ । କେତେ ମୋଟି ହେଇଯାଇଛି ଅଞ୍ଜଳି !

ତନ୍ମୟ ପାଖରେ କଣ ଅଛି ? କିଛି ନାହିଁ । ପାଠ ପଢିବା ସୁଯୋଗ ଥିଲାବେଳେ ପାଠରେ କମ୍, ନାଟକରେ ବେଶୀ ସମୟ ଦଉଥିଲା । ପାଠ ପଢିବା ନିହାତି ଆବଶ୍ୟକ ବୋଲି ବୁଝିବାବେଳକୁ ନେଡିଗୁଡ କହୁଣୀକୁ ବୋହିଯାଇସାରିଥିଲା । ପାଠ ପଢିବା ବୟସରେ ସେ ଚାକିରି କଲା । ନୋଟିଂ ଡ୍ରାଫ୍ଟିଙ୍ଗ୍ କଲା, ଛୁଟି ଦିନମାନଙ୍କର ଗଧ ପରି ଖଟିଲା । କିନ୍ତୁ ଶେଷ ପରିଣାମ କଣ ହେଲା !

ଭିଣେଇ ବାବୁ ମଦ ପିଇ ଲଳିତା ନାନୀକୁ ରୋଜ ପିଟିଲେ । ସେ କଥା କଥାକେ ଘରକୁ ଆସିଲା । ଯେତେବେଳେ ଯାହା କହିଲା, ଧାର କରଜ କରି ତନ୍ମୟ ଯୋଗାଡ କରି ଦେଲା । ମଦ ପିଇ ପିଇ ଭିଣେଇବାବୁଙ୍କ ଅକାଳ ମୃତ୍ୟୁ ପରେ, ଲଳିତା ନାନୀ ଏବେ ଘରେ । କିନ୍ତୁ, ଶନିଦଶା କଟିନି । ବାହା ବୟସ ହେଲାଣି, ନମିତା ଘରେ ବସିଛି । ତା ପାଇଁ ବରପାତ୍ର ଯୋଗାଡ କରି ତାକୁ ବିଦା କରିବା ପରିବର୍ତ୍ତେ ତନ୍ମୟ ଅଫିସ୍ ଆଉ ନାଟକ ରିହର୍ସାଲ୍‌ରେ ବ୍ୟସ୍ତ ରହୁଛି ବୋଲି ବୋଉର ଅଭିଯୋଗ । ସେମାନେ ଘରେ ମାଆ ଝିଅ ତିନିହେ ଗୋଟିଏ ପକ୍ଷ, ଆଉ ତନ୍ମୟ ଗୋଟେ ପକ୍ଷ ।

ଏଠି ଅଫିସ୍‌ରେ ବି ତନ୍ମୟର ସେଇ ଏକା ଅବସ୍ଥା । ଏଠି ଯାହା ସବୁ ଚାଲିଛି, ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତି ଇତ୍ୟାଦି, ସେ ସବୁକୁ ତନ୍ମୟ ସହଜରେ ହଜମ କରିପାରୁନି । ଧୀରେ ଧୀରେ ତା ଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱସବୁ ହଟେଇ ତାକୁ ଏକ ପ୍ରକାରରେ ନିକମ୍ମା ବୋଲି ଘୋଷଣା କରେଇଦିଆଯାଇଛି ।

ସେକଥା ମନେପକେଇ ହସିଲା, ତନ୍ମୟ । ଆଜି ଯୋଉ ଡିପାର୍ଟମେଣ୍ଟାଲ୍ ପ୍ରମୋଶନ୍ କମିଟିର ବିବରଣୀଟି ଅନୁମୋଦନ ପାଇଁ ଅପେକ୍ଷାରତ, ସେଇଟିକୁ ସେ ଅନେକ ବର୍ଷ ତଳେ ଶୁଦ୍ଧ ଇଂରାଜୀରେ ଡ୍ରାଫ୍ଟ କରିଥିଲା । ଏବେକାର ବଡବାବୁ ସେତେବେଳେ ସେଇ ବିବରଣୀ ବଳରେ ପଦୋନ୍ନତି ପାଇଥିଲେ । ସେତେବେଳର ଡାଇରେକ୍ଟର୍ ସେଇଟାକୁ ଦେଖି ତା ପ୍ରଶଂସା କରିଥିଲେ । ଆଜି ପର୍ଯ୍ୟନ୍ତ ସେଇ ମୂଳ ଫାଇଲ୍‌ରୁ କପି କରାଯାଇ ବିବରଣୀ ଲେଖା ହଉଛି, କିନ୍ତୁ, ସେଥିରେ ତନ୍ମୟ ଅବଦାନର ନାଆଁ ଗନ୍ଧ ନାହିଁ । ତାର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ, ଆଜି ପଦୋନ୍ନତିରୁ ବଞ୍ଚିତ ହବାକୁ ଯାଉଛି । ଏହା ଜୀବନର ପରିହାସ ନୁହଁ ତ ଆଉ କଣ !

ଜୀବନର ପରିହାସ ! ସେ ବିଷୟରେ ଆଉ ଟିକେ ଅଧିକ ଭାବିବା ଉଚିତ ମଣିଲା ତନ୍ମୟ । ଅନେକ ବର୍ଷ ତଳେ, ଚାକିରି ଜୀବନର ଆରମ୍ଭରେ, ସେ ନିଜ ପାଇଁ ତାଆରି କଲୋନୀରୁ ଝିଅଟିଏ ପସନ୍ଦ କରିଥିଲା । ହେଲେ ଲଳିତା ନାନୀ ଆଉ ମଦୁଆ ଭିଣେଇ, ବୋଉର ବୈଧବ୍ୟ ଆଉ ନମିତାର ପାଠପଢା ଇତ୍ୟାଦି ଜଞ୍ଜାଳ ଭିତରେ ସେ ଝିଅଟିକୁ ଭୁଲି ଯିବାକୁ ପଡିଲା । ସେ ଅନ୍ୟତ୍ର ବାହା ହେଇ ଘର ସଂସାର କରିସାରିଲାଣି । ଅଞ୍ଜଳି ପରି ତନ୍ମୟକୁ ବି ଆସି ବୋଝେ ବୟସ ହବାକୁ ବସିଲାଣି ।

ତନ୍ମୟ ତା ନାଟକ କଥା ଭାବିଲା । ସାମାଜିକ ନାଟକ, କିନ୍ତୁ ପୌରାଣିକ କଥାବସ୍ତୁ । ସେ ବିଷୟରେ ଅଞ୍ଜଳି ସବିଶେଷ ଜାଣିବା ଦରକାର । ସିଏତ ଚୁମାଟିଏ ଦେଇ ଦେଇ ତନ୍ମୟକୁ ଭୁଲି, ଫାଇଲ୍ ଚଷୁଛି । ମ୍ୟାଡାମ୍ ସିନା ଉପରକୁ ମୁଣ୍ଡ ଉଠେଇଲେ ଇଏ କିଛି କହନ୍ତା !

ରଘୁ ଆସିଲା । ହାତରେ ଗୋଟେ ଫାଇଲ୍ ଧରି । ଅଞ୍ଜଳି କହିଲା, କୁଆଡେ ଯାଇଥିଲୁବେ ରଘୁଆ ? ମୁଁ ଭାବିଲି ତୁ ମଦ ଭାଟିକୁ ଖସି ଗଲୁଣି । ମୁଁ ଆଉ ଏବେ ଫାଇଲ୍ ଦେଖିବିନି, ଘରକୁ ଯିବା ସମୟ ହେଲାଣି, ଯାହା ହବ, କାଲି ହବ ।

ରଘୁ ଫାଇଲ୍‌ଟାକୁ ଟେବୁଲ ଉପରେ କଚାଡି ଦେଲା । ତା ଅର୍ଥ ହେଲା, କେମିତି ଫାଇଲ୍ ଦେଖିବନି ଦେଖିବା । କହିଲା, ମେଡାମ୍, ଡାଇରେକ୍ଟର୍ ସାର୍ ପା କହିଚନ୍ତି, ଏଇ ଫାଇଲ୍‌ଟା ଅର୍ଜେଣ୍ଟ୍ ଅଛି । ଯେମିତି ହେଲେ ଏଇଟାକୁ କରିଦିଅନ୍ତୁ । ମୁଁ ନେଇକି ଗଲେ ସାଆରେ ସାଇନ୍ କରିବେ ।
ତନ୍ମୟ ଆଗକୁ ଝୁଙ୍କି ପଡି ଜିରାଫ୍ ପରି ବେକଟାକୁ ଲମ୍ବେଇ ଦେଲା ଫାଇଲ୍ ଆଡେ । ଅଞ୍ଜଳି ଫାଇଲ୍‌ଟିକୁ ଉଠେଇଲା । କାଗଜ ଆଡେଇ ଚାଲିଲା ଓ ଶେଷକୁ ଦସ୍ତଖତ୍ କରି ରଘୁ ହାତକୁ ବଢେଇ ଦେଲା ।
ଏବେ ଯାଇ ମ୍ୟାଡାମ୍ ଫ୍ରୀ ହେଲେ, ଆଉ ତନ୍ମୟକୁ ଚାହିଁ ପଚାରିଲେ, ହୁଁ...ନାଟକରେ ତୋ ନିଜ ପାଇଁ କି ରୋଲ ବାଛିଚୁ ?

*****

e-mail: sailendrakjena@gmail.com
Phone No. 9437314833

# ଓଡିଶାର ପର୍ବପର୍ବାଣୀ



ମନୋଜ କୁମାର ନନ୍ଦ

ଗହ୍ମାପୂର୍ଣ୍ଣିମାର ପ୍ରଚ୍ଛଦପଟ୍ଟରେ 'ଜଗତ ସରସେ ଭାରତ କମଳ , ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ'ର ଜଗତର ସ୍ୱାମୀ ଜଗନ୍ନାଥ, ଅଗ୍ରଜ ବଳଭଦ୍ର ଏବଂ ଭଗ୍ନୀ ସୁଭଦ୍ରାଙ୍କର ଅନିର୍ବଚନୀୟ ମୂର୍ତ୍ତି ଆପଣମାନଙ୍କ ପ୍ରାଣରେ ମୁହୂର୍ତ୍ତେ ମାତ୍ର ହେଲେବି ଦିବ୍ୟପୁଲକରେ ରୋମାଂଚିତ କରୁ ଏବଂ 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ'ର ଆକୁଳ ପ୍ରାର୍ଥନାରେ ଜଗତ ପତି ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଆଧ୍ୟାତ୍ମିକ ଭାବ ସ୍ପନ୍ଦନ କର୍ଷଣରେ ଲାଙ୍ଗଳଧାର ପଶୁପତି ବଳଭଦ୍ର ଆପଣ ମାନଙ୍କର ଜୀବନାୟନର ପଥକୁ ପୁଷ୍ପିତ କରି ମହକିତ କରନ୍ତୁ ଏବଂ ରକ୍ଷାବନ୍ଧନର ଏ ମହାପର୍ବରେ ଆପଣମାନଙ୍କର ପାରିବାରିକ, ସାମାଜିକ ଏ ସଂସ୍କୃତିକ ସାରସତ ଜୀବନକୁ ସୁରକ୍ଷା ପ୍ରଦାନ କରନ୍ତୁ , ଏହାହିଁ ସେହି 'ଅପାଦ ପାଣି' ବିଶ୍ୱାତ୍ମାଙ୍କ ନିକଟରେ 'ରଶ୍ମିପ୍ରଭା' ପରିବାରର ପ୍ରାର୍ଥନା।

ଆର୍ଯ୍ୟ ଅନାର୍ଯ୍ୟ ମହାମିଳନର ରକ୍ଷା ବନ୍ଧନରେ ବହୁ ବିବିଧତାର ବର୍ଣ୍ଣାଢ୍ୟ ମହୋତ୍ସବରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତ ବର୍ଷର ସାଂସ୍କୃତିକ ଆତ୍ମା ନିର୍ମିତ । ଅନିର୍ବଚନୀୟ ପ୍ରାକୃତିକ ଓ ଆଧାତ୍ମିକ ସୌନ୍ଦର୍ଯ୍ୟର ବୈଚିତ୍ର୍ୟ ମଧ୍ୟରେ ଭାରତବର୍ଷ ବିଶ୍ୱ ଐତିହ୍ୟ ଓ ସଂସ୍କୃତିର ପ୍ରାଣ କେନ୍ଦ୍ର ଓ ଭିତ୍ତିଭୂମି ।ସେଥିପାଇଁ ଦିନେ ମ୍ୟାକ୍ସମୁଲାର କହିଥିଲେ –'If I have to look after the whole world to findout the country that nature has bestowed its best , I would point to India .'

ଜନ୍ମଭୂମି ଓଡିଶା ଏବଂ ମାତୃଭୂମି ଭାରତ ଏକ ଓ ଅଭିନ୍ନ। ଏହି ପୁଣ୍ୟମୟ ମାଟିର ପ୍ରତିଟି ସ୍ୱର୍ଣ୍ଣରେଣୁରେ ଉଦାତ୍ତ କଣ୍ଠରେ ଗାନ କରେ ଅମୃତମୟ ମଙ୍ଗଳମୟ ଓ ଆନନ୍ଦମୟ ଭଗବାନଙ୍କର ବାଣୀ।

ଜୀବନର ଜ୍ୱାଳାକୁ ନୀଳକଣ୍ଠ ଭଳି ପାନ କରି ଏ ମାଟିର ସନ୍ତାନ ଯୁଦ୍ଧ କ୍ଷେତ୍ରରେ ତରବାରୀକୁ ଫିଙ୍ଗି ଦେଇ ଖୋଳ କରତାଳର ତାଳେ ତାଳେ ନାଚି ଆସିଥିଲେ ପ୍ରଭୁଙ୍କର ନାମ ସଂକୀର୍ତ୍ତନ କରି। ଓଡିଆ ଜାତିର ପାଇକ ପୁଅ ଯୁଦ୍ଧ କରେ, କୃଷି ବି କରେ ପୁଣି ଭାଗବତର ଭାବଧାରାରେ ତଲ୍ଲୀନ ହୋଇ ଜୀବନର ଦୁଃଖ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟାକରେ । ସେଇଥିପାଇଁତ ଜୀବନର ହଳାହଳର ସମସ୍ତ କ୍ଳେଶକୁ ଭୁଲିଯିବା ପାଇଁ ଏମାନେ ସୃଷ୍ଟି କରିଛନ୍ତି ବାର ମାସରେ ତେର ପର୍ବ । ସାମାଜିକ ଜୀବନରେ ପର୍ବପର୍ବାଣୀର ପ୍ରଭାବ ଅତ୍ୟନ୍ତ ଗଭୀର । ଏହି ବ୍ରତ, ଓଷା, ପୂଜା, ପର୍ବପର୍ବାଣୀ ସମସ୍ତଙ୍କ ହୃଦୟକୁ କରେ ଉଦାର ଏବଂ ସମସ୍ତଙ୍କୁ ଐକ୍ୟ, ଭାତୃତ୍ୱ ଓ ମୈତ୍ରୀରେ ବାନ୍ଧି ଦିଏ । ବିଶ୍ୱ ପ୍ରେମରେ ଉଦ୍‌ଭାସିତ କରେ । ଏହି ସବୁ ପର୍ବପର୍ବାଣୀର ଇତିହାସ ଖୋଜିଲେ , ଆମକୁ ନିରାଶ ହେବାକୁ ପଡିବ । ଆମର ସାମାଜିକ ଓ ସଂସ୍କୃତିକ ପ୍ରତ୍ୟେକ ଜୀବନକୁ ଏହି ପର୍ବପର୍ବାଣୀ କେତେ ନିବିଡ କରେ, ତାହା ପ୍ରତ୍ୟେକ ଉତ୍କଳୀୟଙ୍କର ଅନୁଭବର ବିଷୟ।

ନିଦାଘର ପଚଣ୍ଡ ରୌଦ୍ରର ଉଷ୍ଣତା , ବର୍ଷାର ମେଘ ମେଦୁରିତ ଆକାଶ ଓ ଶ୍ୟାମାୟିତ ସବୁଜ ଧରଣୀ , ଶରତର କାଶତଣ୍ଡିର ଲାସ୍ୟମୟୀ ହାସ୍ୟମୟୀ ସ୍ନିଗ୍ଧ ଲାବଣ୍ୟ , ହୈମନ୍ତିକ ଶୀତର ଶୀତାର୍ତ୍ତ ଜଡତା ଏବଂ କଳକଣ୍ଠ ନିନାଦିତ ପୁଷ୍ପ ବିତାନ ବିଶୋଭିତ ସୁରଭିତ ଋତୁରାଜ ବସନ୍ତ – ଏହି ସମସ୍ତ ପରିବର୍ତ୍ତନକୁ ହୃଦୟର ସମସ୍ତ ଉଷ୍ଣତା ଦେଇ ଅତ୍ୟନ୍ତ ଆବେଗ ପୂର୍ଣ୍ଣ ହୃଦୟରେ ସ୍ୱାଗତ କରନ୍ତି ଓ ଉପଭୋଗ କରନ୍ତି ମଧ୍ୟ । ଉତ୍କଳୀୟ ପର୍ବପର୍ବାଣୀମାନଙ୍କ ମଧ୍ୟରେ ଜ୍ୟେଷ୍ଠ ମାସରେ ପ୍ରଥମେ ସୃଷ୍ଟି ହୁଏ ରଜପର୍ବ। ଏକ ଦିଗରେ ଗ୍ରୀଷ୍ମର ବିଦାୟ ଏବଂ ଅନ୍ୟ ପକ୍ଷରେ ବର୍ଷାର ଆଗମନ ଏହାରି ମଧ୍ୟରେ ବସୁନ୍ଧରା ରଜସ୍ୱଳା । କୃଷକ ପ୍ରାଣରେ ଭରିଉଠେ ବୀଜ ବପନ କରିବାର ଅଫୁରନ୍ତ ଆନନ୍ଦ, ତିନି ଦିନ ବ୍ୟାପୀ ଏହି ପର୍ବକୁ ମହା ଆନନ୍ଦରେ ପାଳନ କରନ୍ତି ଓଡିଶାର ଆବାଳ ବୃଦ୍ଧ ବନିତା । ତାପରେ ଆସେ 'ରଥଯାତ୍ରା' । ଉତ୍କଳୀୟମାନଙ୍କର ପ୍ରାଣର ଦେବତା ଜଗତରନାଥ ଜଗନ୍ନାଥ ଟଣା ହୁଅନ୍ତି ରଥରେ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ। ଏହାର ନଅ ଦିନ ପରେ ପାଳିତ ହୁଏ 'ବାହୁଡା ଯାତ୍ରା'। ଓଡିଶାର ପୁରପଲ୍ଲୀର ନରନାରୀମାନେ ସାବିତ୍ରୀ ବ୍ରତ, ଜନ୍ମାଷ୍ଟମୀ ,ରାଧାଷ୍ଟମୀ, ଜହ୍ନି ଓଷା, ଖୁଦୁରୁକୁଣୀ ଓଷା, ଅନନ୍ତ ବ୍ରତ , ସୁନିଆଁ, ଚନ୍ଦନ ଯାତ୍ରା କରି ନିଦାଘର ଦାରୁଣ ଜ୍ୱାଳାକୁ ଭୁଲିବାକୁ ଚେଷ୍ଟା କରେ । ଭାଦ୍ରବରେ ଚାରି ରବିବାର ଖୁଦୁରୁକୁଣୀ ଉତ୍ସବ ପାଳନ କରନ୍ତି । ଏହା ପଛରେ ଶକ୍ତି ଉପାସନା ସହିତ ଉତ୍କଳର ନୌବାଣିଜ୍ୟର କେତେ ଇତିହାସ ଲୁଚି ରହିଛି । ଉତ୍କଳୀୟ କୁମାରୀ କୁମାର ପୂର୍ଣ୍ଣିମା ପାଳନ କଲାବେଳେ ତାଙ୍କ ହୃଦୟରେ ସୃଷ୍ଟି ହୁଏ ପ୍ରୀତିର ପାର୍ବଣ। କାର୍ତ୍ତିକ ପୂର୍ଣ୍ଣିମାରେ ଶିବ ଉପାସନା ଏବଂ କାର୍ତ୍ତିକେଶ୍ୱରଙ୍କର ପୂଜା ଅନୁଷ୍ଠିତ ହୁଏ। ଏହି ଦିନ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୁଏ। ମାଘ ପୂର୍ଣ୍ଣିମାକୁ ମହା ଆନନ୍ଦରେ ଓଡିଶାରେ ପାଳନ କରାଯାଏ। ଅଶୋକାଷ୍ଟମୀ, ମହାବିଷୁବ ସଂକ୍ରାନ୍ତି, ଚୈତ୍ର ପୂର୍ଣ୍ଣିମା, ଅକ୍ଷୟ ତୃତୀୟା, ମହାଳୟା, ନନ୍ଦ ଉତ୍ସବ , ସୋମନାଥ ବ୍ରତ, ରାମନବମୀ, ଭାଗବତଜନ୍ମ, ଗଣେଶପୂଜା, ସରସ୍ୱତୀ ପୂଜା, ଆଶ୍ୱିନ ମାସରେ ଦୁର୍ଗାପୂଜା ଏହାପରେ ପରେ କାଳୀପୂଜା ଓଡିଶାର ତଥା ଭାରତର ଗଣ ଜୀବନକୁ ବେଶ ଆଲୋଡିତ କରେ । ସମ୍ବଲପୁରର ନୂଆଖାଇ ପଶ୍ଚିମ ଓଡିଶାର ଏକ ଅମୃତମୟ ପର୍ବ । ମୁସଲମାନ ଭାଇ, ଖ୍ରୀଷ୍ଟିୟାନ ଭାଇମାନଙ୍କର ପୁଣି କେତେ ପର୍ବ ପଛକୁ ପଛ ଯୋଡି ହୋଇ ରହିଛି।

ଏହି ସବୁ ପର୍ବପର୍ବାଣୀ ସରଳ ଧର୍ମପ୍ରାଣ ମଣିଷ ହୃଦୟରେ ସୃଷ୍ଟିକରେ

ଆଧାତ୍ମିକ ସ୍ପନ୍ଦନ ଏବଂ ଆମ୍ଭମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନକୁ କରେ ଐକ୍ୟ ମନ୍ତ୍ରରେ ମନ୍ତ୍ରିତ ।

ଏହି ସବୁପର୍ବ ବ୍ୟତୀତ ସ୍ୱାଧିନତା ଦିବସ, ସାଧାରଣତନ୍ତ୍ର ଦିବସ , ଜୟନ୍ତୀ, ଶ୍ରାଦ୍ଧ କାହିଁ କେତେ କ'ଣ ଜାତୀୟ ପର୍ବ ଜୀବନକୁ କରେ ଉଦ୍ଦୀପିତ ଓ ପ୍ରଚୋଦିତ । ସମଗ୍ର ଜୀବନ ହୋଇଉଠେ ଉତ୍ସବ ମୁଖର ।

ଆଜି ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଉତ୍ସବ । ଆଜି କୃଷି ଦେବତା ବଳଭଦ୍ରଙ୍କ ଜନ୍ମ । ଦେବତା , ଗୋମାତା, ଯଜମାନ, ଭାଇ ଭଉଣୀ, ସାଧାରଣ ମଣିଷ ଭିତରେ ଭାଇଚାରା ସୃଷ୍ଟି ପାଇଁ 'ରକ୍ଷାସୂତ୍ର' କୁ ଏକତାର ଓ ମିଳନର ଏକ ମହାନ ପବିତ୍ର ସୂତ୍ର ରୂପେ ସଂହତିର ଏକ ଅତୁଟ ବନ୍ଧନ ରୂପେ ଆଜି ଭାରତ କାହିଁକି , ବିଭିନ୍ନ ଦେଶରେ ବିଭିନ୍ନ ରୂପରେ ପାଳନ କରାଯାଉଛି ।

ଆସନ୍ତୁ ସମଗ୍ର ଜୀବନକୁ ନୀରବଚ୍ଛିନ୍ନ ଦୁର୍ଗାପୂଜାରେ ପରିଣତ କରି ପାପୀ , ଦୁରାଚାରୀ, ଅସୁରମାନଙ୍କୁ ବିନାଶ କରି ସମସ୍ତ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱଜନନୀଙ୍କୁ ପ୍ରାର୍ଥନା କରିବା – ହେ ମାତା ! ପଥଭ୍ରଷ୍ଟ ମାନବକୁ କ୍ଷମା ପ୍ରଦାନ ପୂର୍ବକ ତା'ର ସମସ୍ତ ମହତ୍ୱପୂର୍ଣ୍ଣ ଅଭିଳାଷକୁ ପୂର୍ଣ୍ଣ କରନ୍ତୁ । ବିଶ୍ୱର ଯୁଦ୍ଧ ଘନଘଟାର ସଙ୍କଟମୟ ପରିସ୍ଥିତିରେ କଲ୍ୟାଣମୟୀ ଜଗତଜନନୀ ସମସ୍ତଙ୍କୁ ରକ୍ଷା କରନ୍ତୁ ।

ଏହି ଅବକାଶରେ ବିଶ୍ୱର ସଂହତି କାମନା କରି ଅତ୍ୟନ୍ତ ପ୍ରେମପୂର୍ଣ୍ଣ ହୃଦୟରେ ରକ୍ଷାବନ୍ଧନର ପବିତ୍ର ଆଧାତ୍ମିକ ସ୍ପନ୍ଦନକୁ ପ୍ରତିଟି ହୃଦୟରେ ପହଂଚାଇବାର ପ୍ରୟାସ ପୂର୍ବକ ଏବଂ ରକ୍ଷାବନ୍ଧନର ପବିତ୍ର ମନ୍ତ୍ରରେ ସମଗ୍ର ମାନବ ଜାତିର ସୁରକ୍ଷା କାମନା କରୁଅଛି ।

ଓଁ ଯେନବଦ୍ଧୋ ବଳି ରାଜା
ଦାନବେନ୍ଦ୍ର ମହାସୁର
ତେନତ୍ୱାମପି ବଧ୍ନାମି
ରକ୍ଷମା ଚଳମା ଚଳ ।
ବନ୍ଦେ ଉତ୍କଳ ଜନନୀ
ଜୟ ଜଗନ୍ନାଥ !

*****

ସଂପାଦକ : ରଶ୍ମିପ୍ରଭା
ଏଫ୍. ଏମ୍.-୯୬, ଫକୀରମୋହନ ମାର୍କେଟ୍
ନୂଆ ବସ୍‌ଷ୍ଟାଣ୍ଡ , ରାଉରକେଲା -୧
ମୋ. -୯୯୩୭୪୩୪୧୩୪,୯୪୩୮୪୬୬୯୦୭



# ଶ୍ରୀମନ୍ଦିର ଓ ଶ୍ରୀଗଣେଶ ଉପାସନା

ସୁଶାନ୍ତ କୁମାର ନାୟକ



ଓଡ଼ିଆ ହିସାବରେ ଆମେ ସମସ୍ତେ ଜଗନ୍ନାଥ ମନ୍ଦିର ଯାଇଛୁ। ଶ୍ରୀଜଗନ୍ନାଥ ସଂସ୍କୃତି ଯେ ରାମାୟଣ ଓ ମହାଭାରତ ଠାରୁ ପୁରୁଣା, ଏକଥା ସ୍କନ୍ଦ ପୁରାଣରୁ ଜାଣିହୁଏ । ଶ୍ରୀରାମ ଓ ଶ୍ରୀକୃଷ୍ଣ ଲୀଳାବତାର ରୂପେ ଲୀଳା କରି ଯାଇଛନ୍ତି। ମାତ୍ର, ଶ୍ରୀଜଗନ୍ନାଥ ଦାରୁ ରୂପେ ରହିଆସିଛନ୍ତି ବା ରହିବେ ମଧ । ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମଧ ତ୍ରିବାର ସତ୍ୟ କରି କଥା ଦେଇଛନ୍ତି। ମନ୍ଦିର ଭାଙ୍ଗିଗଲେ ଏବଂ ମୂର୍ତ୍ତି ଭଗ୍ନ ହେଲେ ମଧ ସେ ପୁରୁଷୋତ୍ତମ କ୍ଷେତ୍ର ଛାଡ଼ି ଯିବେ ନାହିଁ। ଏହା ହିଁ ମର୍ତ୍ତ୍ୟ ବୈକୁଣ୍ଠ। ପ୍ରଭୁ ଜଗନ୍ନାଥ ଶୈବ, ଶାକ୍ତ, ବୈଷ୍ଣବ ଏବଂ ଗାଣପତ୍ୟ - ସମସ୍ତଙ୍କର ଆରାଧ୍ୟ। ଆମେ ସମସ୍ତେ ମନ୍ଦିର ଯାଉ, ଆମ ସମୟ ସୀମା ଅନୁସାରେ ମୁଖ୍ୟ ମୁଖ୍ୟ ମନ୍ଦିର ଯେମିତିକି ଲକ୍ଷ୍ମୀ, ବିମଳା ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଫେରି ଆସୁ। ଆମେ ଜାଣିବା ଦରକାର ଯେ ଶ୍ରୀମନ୍ଦିର ମଧରେ ୭୦ ଜଣ ପାର୍ଶ୍ୱ ଦେବତା ପୂଜା ପାଉଛନ୍ତି। ବିଶ୍ୱର ଅନ୍ୟ କେଉଁ ମନ୍ଦିରରେ ଏ ବୈଶିଷ୍ଟ୍ୟ ମିଳିବା ବିରଳ ଅଟେ। ମହାଦେବ ଶିବଙ୍କର ପୂଜା ଶ୍ରୀମନ୍ଦିରରେ ୪୮ ସ୍ଥାନରେ ହେଉଛି। ରାଧାକୃଷ୍ଣଙ୍କର ୪୦ ଟି ସ୍ଥାନରେ ଏବଂ ହନୁମାନଙ୍କର ୧୧୭ଟି ସ୍ଥାନରେ। ଶ୍ରୀମନ୍ଦିରରେ ପ୍ରଭୁ ଗଣେଶଙ୍କ ଉପସ୍ଥିତି ୭୨ଟି ସ୍ଥାନରେ ଅଛି। ମନ୍ଦିରର ଉଭୟ ଭିତର ଓ ବାହାର ବେଢ଼ାରେ ଶ୍ରୀଗଣେଶଙ୍କ ମୂର୍ତ୍ତି ଓ ଚିତ୍ର ଦର୍ଶାଉଛି ଯେ ଗାଣପତ୍ୟ ସଂସ୍କୃତି ମଧ ଏଠାରେ ସମାହିତ ହୋଇଛି। ଗଣେଶ ହେଉଛନ୍ତି ସିଦ୍ଧିଦାତା, ବିଘ୍ନହର୍ତ୍ତା ଏବଂ ସର୍ବମଙ୍ଗଳକର୍ତ୍ତା। ଉଭୟ ଲୌକିକ ଏବଂ ଅଲୌକିକ ଜଗତରେ ସେ ହେଉଛନ୍ତି ଅଗ୍ରପୂଜ୍ୟ।

ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା
ଭିନ୍ନା ଭିନ୍ନ ନ କର୍ତ୍ତବ୍ୟଂ ପଞ୍ଚଦେବ ନମୋସ୍ତୁତେ

ପୁରାଣମାନଙ୍କରେ ଏହି ପଞ୍ଚଦେବତା - ଗଣେଶ, ନାରାୟଣ, ରୁଦ୍ର, ଅମ୍ବା ଓ ସୂର୍ଯ୍ୟଙ୍କୁ ସର୍ବମାନ୍ୟ ବା ସମସ୍ତ କ୍ଷେତ୍ରରେ ପୂଜାରେ ମୁଖ୍ୟ ବୋଲି ଧରା ଯାଏ। ଏମାନଙ୍କ ମଧରେ ଅଗ୍ରପୂଜ୍ୟ ହେଲେ ଶ୍ରୀ ଗଜାନନ। ବିଭିନ୍ନ ଦେବଦେବୀଙ୍କ ବ୍ୟତୀତ ଅଗ୍ରପୂଜାର ଅଧିକାରୀ ଶ୍ରୀଗଣେଶଙ୍କ ଉପାସନା ଏଠାରେ ଅନନ୍ୟ ଅଟେ। ଶ୍ରୀମନ୍ଦିରରେ ପୂଜା ପାଉଥିବା ଭିନ୍ନ ଭିନ୍ନ ନାମରେ ପ୍ରଭୁ ଗଣେଶଙ୍କ ବିଷୟରେ ଆସନ୍ତୁ କିଛି ବ୍ୟାଖ୍ୟା କରିବା।

### କଳ୍ପବଟ ଗଣେଶ

ଶ୍ରୀମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ କଳ୍ପବଟ ନିକଟରେ କଳ୍ପବଟ ଗଣେଶଙ୍କ ମୂର୍ତ୍ତିର ପୂଜା ଅର୍ଚ୍ଚନା କରାଯାଏ। ଭକ୍ତମାନଙ୍କ କଳ୍ପନା ପୂରଣ କରୁଥିବାରୁ ତାଙ୍କ ନାମ କଳ୍ପଗଣେଶ। ଭକ୍ତମାନଙ୍କର ସମସ୍ତ ଚିନ୍ତା ଦୂର କରୁଥିବାରୁ ତାଙ୍କ ନାମ ଚିନ୍ତାଗଣେଶ ମଧ। କଳ୍ପବଟମୂଳେ ଦକ୍ଷିଣାଭିମୁଖୀ ଶ୍ରୀ ବଟଗଣେଶଙ୍କ କ୍ଷୁଦ୍ର ତଥା ଭବ୍ୟ ମନ୍ଦିର ଅବସ୍ଥିତ। ମନ୍ଦିରର ଜଗମୋହନରେ ତାଙ୍କ ବାହନ ମୂଷିକରାଜ ବିରାଜମାନ। କେହି ଭକ୍ତ ଯଦି ଏହି ମୂଷିକଙ୍କର ପୃଷ୍ଠକୁ ସ୍ପର୍ଶ କରିଥିବେ, ତେବେ ସେ ମୂଷିକ ପୃଷ୍ଠ ଉପରେ ଲୋମ ଥିବା ଭଳି ବୋଧ କରିବେ।

ପୁରାଣ ଅନୁସାରେ ତଥ୍ୟ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ସମୟରେ ଶ୍ରୀ ବଟ ଗଣେଶଙ୍କୁ ଦର୍ଶନ କରି ତତ୍ ପଶ୍ଚାତ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ସୁଫଳ ପ୍ରାପ୍ତି ହୋଇଥାଏ। ଗଣେଶ ଚତୁର୍ଥୀ ଦିନ ହଜାର ହଜାର ଭକ୍ତ, ଛାତ୍ରଛାତ୍ରୀ ପ୍ରତ୍ୟୁଷରୁ ମନ୍ଦିର ସମ୍ମୁଖରେ ସମବେତ ହୋଇ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥାନ୍ତି।

କୁହାଯାଏ ଯେ ଶ୍ରୀମନ୍ଦିର ପ୍ରତିଷ୍ଠା ପୂର୍ବରୁ ଏହିଠାରେ ଶ୍ରୀଗଣେଶ ପୂଜା ପାଉଥିଲେ। ଶ୍ରୀମନ୍ଦିର ପ୍ରତିଷ୍ଠାର କଳ୍ପନା ଏହି ବିଘ୍ନନାଶକ ବଟଗଣେଶଙ୍କ ଦ୍ୱାରା ପ୍ରେରିତ ହୋଇଛି ବୋଲି ବିଶ୍ୱାସ କରାଯାଏ। ଏହା ହେଉଛି ସେହି ମନ୍ଦିର, ଯେଉଁଠାରେ କପିଳେଶ୍ୱର ପୁର ନିବାସୀ ପଣ୍ଡିତ ଭଗବାନ ଦାସ ପୁରାଣ ପାଠ କରୁଥିଲେ। ତାଙ୍କ ଅନ୍ତେ ତାଙ୍କର ସୁପୁତ୍ର ଶ୍ରୀ ଜଗନ୍ନାଥ ଦାସ ସେଠାରେ ଭାଗବତ ପାଠ କଲେ ଏବଂ ଓଡ଼ିଆ ଭାଗବତ ରଚନା କରିଥିଲେ। ଆଜି ସେହି ଓଡ଼ିଆ ଭାଗବତ ପ୍ରତ୍ୟେକ ଓଡ଼ିଆର ଘରେ ଘରେ ଆଦୃତ ଏବଂ ଭାଗବତ ଟୁଙ୍ଗିର ଆଧାର ହୋଇଛି। ଜଗନ୍ନାଥ ଚରିତାମୃତରେ ଦିବ୍ୟକାର ଦାସ ଲେଖିଛନ୍ତି -

ଶ୍ରୀ ଅତିବଡ଼ି ଜଗନ୍ନାଥ, ଦଶମ ସ୍କନ୍ଧ ଭାଗବତ।
ଶ୍ରୀକୃଷ୍ଣ ସ୍ତୁତିର ବିଚାର, ପଢ଼ନ୍ତି ଗଣେଶ ଅଗ୍ରର।
ପୁରାଣ ପଢ଼ିବାର କାଳେ, ଭକତି ପ୍ରକାଶନ୍ତି ବଳେ।

ଆସନ୍ତୁ, ଗଣପତିଙ୍କୁ ସ୍ତୋତ୍ର ମାଧମରେ ଆବାହନ କରିବା -
ପ୍ରଣମ୍ୟ ଶିରସା ଦେବଂ ଗୌରୀ ପୁତ୍ରମ, ବିନାୟକମ୍, ଭକ୍ତବାସଂ ସ୍ମରେ ନିତ୍ୟମାୟୁଃକାମାର୍ଥ ସିଦ୍ଧୟେ
(ସେହି ପ୍ରଣମ୍ୟ ଦେବ, ଗୌରୀପୁତ୍ର ବିନାୟକ, ସମସ୍ତ ଭକ୍ତମାନଙ୍କୁ ଆଶିଷ ପ୍ରଦାନ କରୁଥାଆନ୍ତୁ, ଏତିକି ନିବେଦନ)

### ନାଟ ଗଣେଶ

ଶ୍ରୀମନ୍ଦିରର ଜଳକ୍ରୀଡ଼ା ମଣ୍ଡପ ନିକଟରେ ମା ବିମଳା ମନ୍ଦିର ସମ୍ମୁଖରେ ପ୍ରଭୁ ଶ୍ରୀଗଣେଶଙ୍କ ସମର୍ପିତ ଗୋଟିଏ ମନ୍ଦିର ରହିଛି। କଳା ମୁଗୁନି ପଥରରେ ନିର୍ମିତ ଶ୍ରୀଗଣେଶଙ୍କ ବିଗ୍ରହ ଦକ୍ଷିଣମୁଖୀ ଅଟନ୍ତି। ଅଷ୍ଟଭୁଜ ସେ। ଉର୍ଦ୍ଧ୍ୱ ହସ୍ତ ଦ୍ୱୟରେ ଶିର ଉପରେ ଅର୍ଦ୍ଧ ବୃତ୍ତାକାରରେ ଏକ ନାଗସାପ ହାତରେ ଧରିଛନ୍ତି ସେ। ଦୁଇ ହସ୍ତ ଜପମୁଦ୍ରାରେ। ବାମପଟର ଗୋଟିଏ ହାତରେ ଅଙ୍କୁଷ ଏବଂ ଅନ୍ୟ ହସ୍ତରେ ମୋଦକ। ଆଉ ସେହି ମୋଦକକୁ ଶ୍ରୀଗଣେଶଙ୍କ ଶୁଣ୍ଢ ସ୍ପର୍ଶ କରୁଛି। ପାଦ ଦେଶରେ ମୂଷିକ। ଠିଆ ହେବା ଭଙ୍ଗୀରେ ଏହି ମୂର୍ତ୍ତି ଅତ୍ୟନ୍ତ ମନୋରମ। ଓଡ଼ିଶାର ଏହି ବିରଳ ବିଗ୍ରହଙ୍କୁ ନାଟୁଆ

ଗଣେଶ ରୂପେ କୁହାଯାଇଛି।

ଗଜପତି ପୁରୁଷୋତ୍ତମଙ୍କ ସମୟରେ ଭଣ୍ଡ ଗଣେଶଙ୍କ ସହ ନାଚୁଆ ଗଣେଶଙ୍କୁ ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା ବୋଲି କୁହାଯାଏ। କଥିତ ଅଛି, ଏହି ତାନ୍ତ୍ରିକ ବିଗ୍ରହ ଯୁଦ୍ଧ ଭୂମିରେ ମୃତ ସୈନିକମାନଙ୍କୁ ଜୀବନ ଦାନ ଦେଉଥିଲେ।

ନାଚୁଆ ଗଣେଶଙ୍କ ଦର୍ଶନ ସମୟରେ ପଠିତ ଶ୍ଲୋକ (ମୁକ୍ତି ଚିନ୍ତାମଣି ଅନୁସାରେ) -

ନୃତ୍ୟପ୍ରିୟାୟ ଗଣନାୟକ ସୁନ୍ଦରାୟ, ନାଗେନ୍ଦ୍ର ସୂତ୍ର ପରିଭୂଷଣ ଭୂଷିତାୟ।
ଲମ୍ବୋଦରାୟ ଶୁଭଦାୟ ପରିପ୍ରିୟାୟ, ତୁଲ୍ୟଂ ନମୋସ୍ତୁ ମମ ବିଘ୍ନ ବିନାଶକାୟ।

### ଭଣ୍ଡ ଗଣେଶ

ଶ୍ରୀ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଶ୍ରୀ ସାକ୍ଷୀ ଗୋପାଳ ମନ୍ଦିର ନିକଟରେ କାଞ୍ଚି ଗଣେଶ ବା ଭଣ୍ଡ ଗଣେଶଙ୍କ ମନ୍ଦିର ଅଛି। ଏହାଙ୍କୁ ଉଚ୍ଛିଷ୍ଟ ଗଣେଶ ବା କାମଦା ଗଣେଶ ବା ତାନ୍ତ୍ରିକ ଗଣେଶ ମଧ୍ୟ କୁହାଯାଏ। ଭଣ୍ଡ ଗଣେଶ ମୂର୍ତ୍ତିର ବିଶେଷତ୍ୱ ଏହା ଯେ ତାଙ୍କ ବାମ କୋଳରେ ବସିଥିବା ଜଣେ ନାରୀଙ୍କ ଅଙ୍ଗକୁ ଶୁଣ୍ଡ ଦ୍ୱାରା ସ୍ପର୍ଶ କରିଛନ୍ତି। ତେଣୁ ତାଙ୍କୁ କାମଦ ଗଣେଶ ବୋଲି ମଧ୍ୟ କୁହାଯାଏ।

ଆମେ ସମସ୍ତେ କାଞ୍ଚି ଅଭିଯାନ ବିଷୟରେ ଜାଣିଛେ। ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ର ଧଳା ଓ କଳା ଘୋଡ଼ାରେ ସବାର ହୋଇ ମାଣିକ ଗୌଡୁଣୀ ଠାରୁ ଦହି ଖାଇଥିଲେ ଏବଂ ଗଜପତି ପୁରୁଷୋତ୍ତମଙ୍କୁ ଯୁଦ୍ଧରେ ସହାୟତା ପ୍ରଦାନ କରିବା ପାଇଁ କାଞ୍ଚି ପହଞ୍ଚିଥିଲେ। ଶେଷରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଉପରେ ଜୟ ହେଲା। ଫେରିବା ବେଳେ କାଞ୍ଚି ରାଜ କନ୍ୟା ପଦ୍ମାବତୀଙ୍କ ସହିତ ଅନେକ ଧନ ସମ୍ପତ୍ତି ଏବଂ କାଞ୍ଚିର ଅନେକ ବିରଳ ମୂର୍ତ୍ତି ଆଣିଥିଲେ। ପଦ୍ମାବତୀଙ୍କ ସହିତ ତାଙ୍କର ପରିଣୟ ଅନୁଷ୍ଠିତ ହୋଇଥିଲା। ଗଜପତି ପୁରୁଷୋତ୍ତମ ଦେବ ଯେତେ ସବୁ ଧନସଂପତ୍ତି, ଅଳଙ୍କାର ଆଦି ଆଣିଥିଲେ, ସେ ସବୁ ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। କାରଣ ଶ୍ରୀଜଗନ୍ନାଥ ସେହି ଯୁଦ୍ଧବିଜୟର ଶ୍ରେୟ ଥିଲେ।

ସେହି ବିରଳ ମୂର୍ତ୍ତି ମଧରେ କାଞ୍ଚି ଗଣେଶ ଅନ୍ୟତମ। କାଞ୍ଚି ଅଭିଯାନରେ ପ୍ରଥମଥର ପାଇଁ ରାଜା ପୁରୁଷୋତ୍ତମ ପରାସ୍ତ ହୋଇ ଆସିଥିଲେ। ପରେ, ସେ ଭଗବାନ ଶ୍ରୀଜଗନ୍ନାଥଙ୍କ ଚରଣରେ ଶରଣ ପଶି ଯୁଦ୍ଧ ପ୍ରସ୍ତୁତି କରିଥିଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଗଜପତିଙ୍କ ଯୁଦ୍ଧାଭିଯାନ ପୂର୍ବରୁ ଯୁଦ୍ଧରେ ଭାଗ ନେବା ପାଇଁ ଆଗୁଆ ଯାଇଥିଲେ। ସେପଟେ କାଞ୍ଚି ରାଜାଙ୍କ ପାଇଁ ଶ୍ରୀଗଣେଶ ଯୁଦ୍ଧରେ କାଞ୍ଚିରାଜାଙ୍କୁ ସହାୟତା କରୁଥିଲେ। ଏଠାରେ ଗିରିଜା ସୁତ ପ୍ରଭୁ ଗଣନାୟକ ତାନ୍ତ୍ରିକ ଦେବତା ରୂପେ ସିଦ୍ଧି ଦେବୀ ବା ବିଘ୍ନେଶ୍ୱରୀଙ୍କ ସହାୟତାରେ ଅନେକ ସୈନ୍ୟ ଉତ୍ପନ୍ନ କରୁଥିଲେ। ତେଣୁ କାଞ୍ଚି ରାଜାଙ୍କର ପରାଜୟ ଗୋଟେ ପ୍ରକାର ଅସମ୍ଭବ ଥିଲା।

ଗଜପତି ପୁରୁଷୋତ୍ତମଦେବଙ୍କ ସହିତ ଭଗବାନ ପୁରୁଷୋତ୍ତମ ଏହି ଯୁଦ୍ଧରେ ସମ୍ମିଳିତ ହୋଇଛନ୍ତି, ଶ୍ରୀଗଣେଶଙ୍କୁ ବିଦିତ ନଥିଲା। ଏହା କୁହାଯାଏ ଯେ ପ୍ରଭୁ ଜଗନ୍ନାଥଙ୍କ ଅଶ୍ୱ ବିରାଡ଼ି ରୂପ ଧରି ଶ୍ରୀଗଣେଶଙ୍କ ବାହାନ ମୂଷିକରାଜକୁ ପ୍ରତାଡ଼ିତ କରିଥିଲେ। ଏହି ଘଟଣାରୁ ଶ୍ରୀଗଣେଶ ପ୍ରଭୁ ଜଗନ୍ନାଥଙ୍କ ଉପସ୍ଥିତିକୁ ହୃଦୟଙ୍ଗମ କରିଥିଲେ ଏବଂ କାଞ୍ଚିରାଜାଙ୍କ ପ୍ରତି ଥିବା ତାଙ୍କ ସମର୍ଥନ ପ୍ରତ୍ୟାହାର କରିଥିଲେ। ଶେଷରେ ଗଜପତି ପୁରୁଷୋତ୍ତମ ଦେବଙ୍କ ଜୟଲାଭ ହୋଇଥିଲା।

ରାଜା ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ ପରେ ଗଣେଶଙ୍କୁ ରୋଷଶାଳା ନିକଟରେ ସ୍ଥାପନ କରିଥିଲେ। ମାତ୍ର ପ୍ରଭୁ ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନରେ କହିଥିଲେ ଯେ ରୋଷଶାଳାରୁ ଆସୁଥିବା ପ୍ରସାଦର ସୁବାସକୁ ଗଣେଶ ଆଘ୍ରାଣ କରି ପ୍ରସାଦକୁ ଉଚ୍ଛିଷ୍ଟ କରିଦେଉଛନ୍ତି। ତେଣୁ, ତାଙ୍କୁ ସ୍ଥାନାନ୍ତରିତ କରାଯାଇ, ପଶ୍ଚିମ ପଟକୁ ଅଣାଗଲା। ଏହି କାରଣରୁ ତାଙ୍କ ନାମ ଉଚ୍ଛିଷ୍ଟ ଗଣେଶ। ବାଞ୍ଛିତ ଫଳ ପ୍ରାପ୍ତ କରିବା ପାଇଁ ଭକ୍ତମାନେ ଏହି ଗଣେଶଙ୍କର ପୂଜା କରିଥାନ୍ତି।

### ଚାର ଗଣେଶ

ପୁରୀରେ ଏକ ପ୍ରସିଦ୍ଧ ଏବଂ ବିରାଟ ପୁଷ୍କରଣୀ ଅଛି - ନରେନ୍ଦ୍ର ପୁଷ୍କରଣୀ। ଏହା ଏଥିପାଇଁ ପ୍ରସିଦ୍ଧ ଯେ ଏଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ବା ଚାପ ଖେଳ ହୁଏ। ଏଠି ଗୋଟିଏ ଜାଗା ଘର ଅଛି - ଗୁରୁଜ ଜାଗା। ଆଉ, ଏହି ଜାଗା ଘରେ ପୂଜା ପାଉଛନ୍ତି ଚାର ଗଣେଶ। ଏହି ଚାର ଗଣେଶଙ୍କ ପ୍ରତିଷ୍ଠା ଶ୍ରୀମନ୍ଦିରରେ ଶ୍ରୀଗଜନ୍ନାଥଙ୍କ ପ୍ରତିଷ୍ଠା ଠାରୁ ପୁରୁଣା ବୋଲି କୁହାଯାଏ। ପୁରୀରେ ଏକ ବିଶାଳକାୟ ମନ୍ଦିର କେମିତି ତିଆରି ହେଲା। ପାଖରେ କିଛି ପାହାଡ଼ ପର୍ବତ ନାହିଁ। କେଉଁଠୁ ଆସିଲା ଏଡ଼େ ଏଡ଼େ ପଥର? କୁହାଯାଏ ଯେ, ଏହି ନରେନ୍ଦ୍ର ପୋଖରୀକୁ ମହାନଦୀ କିମ୍ବା ଚିଲିକାରୁ ବଡ଼ ବଡ଼ ପଥର ଜଳପଥରେ ଅଣାଯାଇଥିଲା। ଏହି ନରେନ୍ଦ୍ର ପୋଖରୀ ପାଖରୁ ଶ୍ରୀମନ୍ଦିରର ମୂଳଦୁଆ ପଡ଼ିବା ଆରମ୍ଭ ହୋଇଥିଲା। ଏହିଠାରୁ ଚାରମାଳ ବନ୍ଧା ହୋଇଥିଲା। ଆଜିର ସଂଦର୍ଭରେ ଚାରମାଳ ଅର୍ଥ ହେଉଛି ରଥଯାତ୍ରା ସମୟରେ ଦିଅଁମାନଙ୍କୁ ରଥ ଉପରକୁ ବିଜେ କରାଇବା ଏବଂ ରଥରୁ ଓହ୍ଲାଇବା ପାଇଁ ତାଳ ଗଛ ଗଣ୍ଡିରେ କତା ଦଉଡ଼ି ବାନ୍ଧି ପ୍ରସ୍ତୁତ କରାଯାଉଥିଲା ଅସ୍ଥାୟୀ ପାହାଚ। ସେ ସମୟରେ ମଧ୍ୟ ଏହି ଉପାୟ ଅବଲମ୍ବନ କରି ବଡ଼ ବଡ଼ ପଥରଗୁଡ଼ିକୁ ଉପରକୁ ଉଠାଯାଉଥିଲା।

ମନ୍ଦିର ତୋଳା ବେଳେ ରାଜା ଇନ୍ଦ୍ରଦ୍ୟୁମ୍ନ ଚାରମାଳ ଦେଇ ପଥରକୁ ଉଠାଇବା କାର୍ଯ୍ୟରେ ବିଘ୍ନ ଦେଖିଥିଲେ। ବିଘ୍ନରାଜଙ୍କର ଆଦ୍ୟ ପୂଜା କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଆଦେଶ ହୋଇଥିଲା। ରାଜା ଇନ୍ଦ୍ରଦ୍ୟୁମ୍ନ

ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜା କରିବା ପରେ ତାଙ୍କର ମନ୍ଦିର ତୋଳା କାର୍ଯ୍ୟରେ ଥିବ ବିଘ୍ନ ଦୂର ହୋଇଥିଲା। ରାଜା ଇନ୍ଦ୍ରଦ୍ୟୁମ୍ନ ହିଁ ଗଣେଶ ବନ୍ଦନା କରିଥିଲେ ଏବଂ ଶ୍ରୀଗଣେଶଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଚାରମାଳ ନିକଟରେ ପ୍ରତିଷ୍ଠା ହେତୁ ଏହାଙ୍କ ନାମ ଚାର ଗଣେଶ।

ପ୍ରଭୁ ଜଗନ୍ନାଥଙ୍କୁ ସେମିତି ଜଗତର ନାଥ କୁହାଯାଇ ନାହିଁ। ଏମିତି ସମାବେଶୀ ଠାକୁର ଜଗତରେ ନାହିଁ। ନିଜ ମନ୍ଦିରର ନାମ ଶ୍ରୀମନ୍ଦିର। ବିଭିନ୍ନ ମନ୍ଦିର ଏବଂ ପ୍ରାଚୀରଚିତ୍ର ମାଧମରେ ସମସ୍ତ ଦେବଦେବତା ତାଙ୍କୁ ଘେରି ରହିଛନ୍ତି । ଗଣେଶଙ୍କର କେତେକ ମନ୍ଦିର ଶ୍ରୀମନ୍ଦିର ମଧରେ ରହିଛି, ତାହା ବ୍ୟତୀତ ଆଦ୍ୟପୂଜାର ଅଧିକାରୀ ଶ୍ରୀଗଣେଶଙ୍କ ଅନେକ ପ୍ରତିମା ଶ୍ରୀମନ୍ଦିରରେ ଦେଖିବାକୁ ମିଳେ। ଆସନ୍ତୁ, କିଛି ପ୍ରତିମୂର୍ତ୍ତି ସମ୍ବନ୍ଧରେ ଆଲୋଚନା କରିବା।

୧. ଶ୍ରୀମନ୍ଦିରର ମାଲିକାଣୀ ରୂପେ ପରିଚିତ ମା ବିମଳା ମନ୍ଦିରର ପ୍ରବେଶ ଦ୍ୱାରରେ ଏକ ଛୋଟ ଗଣେଶ ମୂର୍ତ୍ତି ରହିଛି। ଏହି ଗଣେଶ ମୂର୍ତ୍ତି ନୃତ୍ୟ ଅବସ୍ଥାରେ ଅଛନ୍ତି। ତାଙ୍କର ମୁଖ ପୂର୍ବ ଆଡ଼କୁ ରହିଛି।

୨. ଗଣେଶ ପ୍ରତିମା ବିମଳା ମାତାଙ୍କ ମନ୍ଦିରର ଜଗମୋହନରେ ବିମଳା ମାତାଙ୍କ ପ୍ରବେଶ ଦ୍ୱାରର ଡାହାଣ ପାର୍ଶ୍ୱରେ ସ୍ଥାପିତ ହୋଇଛି। ଶ୍ରୀ ଗଣେଶ ଦକ୍ଷିଣ ମୁଖା ଅଟନ୍ତି।

୩. ଆଉ ଏକ ଉତ୍ତର ମୁଖା ଗଣେଶ ମୂର୍ତ୍ତି ଖିର ଚୋରା ଗୋପୀନାଥଙ୍କ ମନ୍ଦିରରେ ଭକ୍ତମାନେ ଦେଖିପାରିବେ।

୪. ଭୋଗ ମଣ୍ଡପରେ କଳା ମୁଗୁନି ପଥରର ଏକ ଗଣେଶ ପ୍ରତିମା ଅଛନ୍ତି। ତାଙ୍କ ମୁଖ ଦକ୍ଷିଣ ଦିଗକୁ ହୋଇଛି।

୫. ଭଗବାନ ହରି ସହଦେବଙ୍କ ଦକ୍ଷିଣ ପଟ କାନ୍ଥରେ ପାର୍ଶ୍ୱ ଦେବତା ରୂପେ ଶ୍ରୀଗଣେଶ ପୂଜା ପାଉଛନ୍ତି।

୬. ଶ୍ରୀଜଗନ୍ନାଥ ମନ୍ଦିରର ବାଇଶି ପାହାଚ ବାମ ପାର୍ଶ୍ୱରେ ଭକ୍ତମାନଙ୍କ ଦୃଷ୍ଟିଗୋଚର ହୁଅନ୍ତି ଏକ ଛୋଟ ଗଣେଶ ମୂର୍ତ୍ତି। ଭଗବାନ କାଶୀ ବିଶ୍ୱନାଥ ମନ୍ଦିରର ଡାହାଣ କାନ୍ଥରେ ଏହି ମୂର୍ତ୍ତି ଅଛନ୍ତି।

୭. ବାଇଶି ପାହାଚର ବାମ ପାର୍ଶ୍ୱରେ ଅବସ୍ଥିତ ଭଗବାନ ନରସିଂହଙ୍କ ମନ୍ଦିରରେ ଏକ ଗଣେଶ ମୂର୍ତ୍ତି ଅଛନ୍ତି। ଏହି ଗଣେଶଙ୍କ ମୁହଁ ଉତ୍ତରମୁଖା ଅଟେ।

୮. କଳ୍ପ ବଟ ମୂଳରେ ମଙ୍ଗଳା ଠାକୁରାଣୀଙ୍କ ଜଗମୋହନରେ ମଧ ଶ୍ରୀ ଗଣେଶଙ୍କୁ ପୂଜା କରାଯାଏ।

୯. ଶ୍ରୀ ଜଗନ୍ନାଥ ମନ୍ଦିରର ଭିତର ପ୍ରାଙ୍ଗଣରେ ଅବସ୍ଥିତ ମାର୍କଣ୍ଡେଶ୍ୱର ମନ୍ଦିର ଭିତରେ ପୂର୍ବ ମୁଖା ଶ୍ରୀଗଣେଶଙ୍କ ପୂଜା କରାଯାଏ।

୧୦. ଇନ୍ଦ୍ରାଣୀ ଦେବୀଙ୍କ ପ୍ରବେଶ ଦ୍ୱାରରେ, ବାମ ପାର୍ଶ୍ୱରେ ପୂର୍ବ ମୁଖା ଏକ ଗଣେଶ ପ୍ରତିମା ସ୍ଥାପିତ ହୋଇଛି। ଦୋଳବେଦୀ କାନ୍ଥରେ ମଧ ଏକ ପୂର୍ବ ମୁଖା ଗଣେଶ ମୂର୍ତ୍ତି ଅଛି।

୧୧. ମୁକ୍ତି ମଣ୍ଡପଙ୍କ ବିଭିନ୍ନ ସ୍ତମ୍ଭରେ ଚାରୋଟି ଗଣେଶ ପ୍ରତିମା ରହିଛି।

୧୨. ଶ୍ରୀମନ୍ଦିର ଦକ୍ଷିଣ ବାରଣ୍ଡାର ଡାହାଣ ପାର୍ଶ୍ୱରେ ଦକ୍ଷିଣ ମୁଖା ଶ୍ରୀଗଣେଶ ପୂଜା ପାଉଛନ୍ତି।

୧୩. ମନ୍ଦିରର ଭିତର ବେଢ଼ାରେ ଅବସ୍ଥିତ ସୂର୍ଯ୍ୟ ମନ୍ଦିରରେ ଉତ୍ତର ପାର୍ଶ୍ୱ କାନ୍ଥରେ ଥିବା ଏକ ଗର୍ତ୍ତରେ ଗଣେଶ ମୂର୍ତ୍ତି ପୂଜିତ ହେଉଛନ୍ତି।

୧୪. ପାତାଳେଶ୍ୱରଙ୍କ ମନ୍ଦିରରେ ଏକ ଗଣେଶ ମୂର୍ତ୍ତି ମଧ ସ୍ଥାପନ କରାଯାଇଥିଲା। ଏହି ପ୍ରତିମା ପୂର୍ବ ଆଡକୁ ମୁହଁ କରିଛନ୍ତି।

୧୫. ପ୍ରତିହାରୀ ନିଯୋଗ ଭିତରେ ଚାରୋଟି ଗଣେଶ ମୂର୍ତ୍ତି ଅଛି। ଚାରୋଟି ଚିତ୍ର ମଧରୁ ତିନୋଟି ପ୍ରତିମା ଦକ୍ଷିଣ ଆଡକୁ, ଗୋଟିଏ ପ୍ରତିମା ପଶ୍ଚିମ ଆଡକୁ ମୁହଁ କରିଛନ୍ତି।

୧୬. ଶ୍ରୀମନ୍ଦିରର ଦକ୍ଷିଣ ଗୁମୁଟରେ ଡାହାଣ କାନ୍ଥ ଗର୍ତ୍ତରେ ଏକ ଛୋଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି।

୧୭. ମନ୍ଦିର ରୋଷଶାଳା ଦ୍ୱାରର ବାମ ପାର୍ଶ୍ୱ କାନ୍ଥରେ ଏକ ଗଣେଶ ପ୍ରତିମା ସ୍ଥାପିତ ହୋଇଛି। ସେ ରୋଷ ଗଣେଶ ରୂପେ ପରିଚିତ। ସୁଆର (ସୂପକାର) ମାନେ ଶ୍ରୀ ଗଣେଶଙ୍କ ଆଦ୍ୟ ପୂଜା କରିବା ପରେ ଭଗବାନ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ପ୍ରସ୍ତୁତିରେ ଲାଗିଥାନ୍ତି।

୧୮. ଇଲି ବୈକୁଣ୍ଠରେ ବୈକୁଣ୍ଠେଶ୍ୱର ମନ୍ଦିର ଅଛି। ଏହି ମନ୍ଦିରର ଦକ୍ଷିଣ କାନ୍ଥରେ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି ଅଷ୍ଟଭୁଜ ଗଣେଶ।

୧୯. ଶୀତଳା ମାତାଙ୍କ ମନ୍ଦିରରେ ଗଣେଶ ମୂର୍ତ୍ତି ଅଛି ।

୨୦. ନୀଳାଚଳ ଉପବନରେ ଅବସ୍ଥିତ ଚକ୍ର ନାରାୟଣ ମନ୍ଦିରର ଏକ ପିଣ୍ଡ ଉପରେ ଦକ୍ଷିଣ-ମୁଖୀ ଶ୍ରୀ ଗଣେଶ ଅଧିଷ୍ଠିତ ହୋଇଛନ୍ତି।

୨୧. ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାରରେ ଅବସ୍ଥିତ ସୋମନାଥ ମନ୍ଦିରର ବାମ ପାର୍ଶ୍ୱରେ ଗଣେଶ ପ୍ରତିମା ଦେଖାଯାଆନ୍ତି।

୨୨. ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ଅଷ୍ଟ-ଭୁଜ ଗଣେଶ ଅଛନ୍ତି।

୨୩. ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାରରେ ଅବସ୍ଥିତ ଶ୍ରୀ ରାମ ମନ୍ଦିରର ପଶ୍ଚାତ୍ ଭାଗରେ ଏକ ଗଣେଶ ପ୍ରତିମା ଅଛନ୍ତି।

୨୪. ଆନନ୍ଦ ବଜାର ଭିତରେ ମଧ୍ୟ ଏକ ଗଣେଶ ପ୍ରତିମା ମଧ୍ୟ ଗ୍ରହଣ କରିଥିଲେ।

୨୫. ନୀଳାଚଳ ଉପବନର ଦ୍ୱାର ନିକଟରେ ଥିବା ଚାରି ଧାମ ମନ୍ଦିର, ଭିତରେ ଗଣେଶ ମୂର୍ତ୍ତି ଅଛନ୍ତି।

୨୬. ଶ୍ରୀମନ୍ଦିର ଭିତରେ ଥିବା ଗଙ୍ଗା-ଯମୁନା ନାମରେ ଦୁଇଟି କୂଅ ଅଛି। ଦୁଇ କୂଅ ନିକଟରେ କାଛରେ ଦୁଇଟି ଗଣେଶ ମୂର୍ତ୍ତି ସ୍ଥାପନ ହୋଇଛି।

ସନାତନ ଧର୍ମର ବିଶେଷତା ଅନେକ। ଯିଏ ପୂଜା ପାଠ କରେ, ସେ ସନାତନୀ। ଯିଏ ନ କରେ ସିଏ ବି ସନାତନୀ। ଯାହାର ପୂଜା ପାଠରେ ଇଚ୍ଛା ରଖିଥିବା ବ୍ୟକ୍ତି ବି ସନାତନୀ, ଇଚ୍ଛା ନରଖିଥିବା ବି ସନାତନୀ। ଯିଏ ଦୈନିକ ମନ୍ଦିର ଯାଏ ସେ ସନାତନୀ, ଯିଏ ମନ୍ଦିର ନଯାଇ ଘରେ ଭିତରେ ପୂଜା କରେ ସେ ବି ସନାତନୀ। ଯିଏ ନିଜ ହୃଦୟରେ ପୂଜା କରିଥାଏ ସେ ବି ସନାତନୀ। ଭଗବାନ ନିରାକାର, ତାଙ୍କର ମୂର୍ତ୍ତି ପୂଜା କାହିଁକି କରାଯାଏ ବୋଲି କେତେ ବ୍ୟକ୍ତି ତର୍କ କରନ୍ତି। ନିରାକାରର ଭୁଲ ଅର୍ଥ ବାହାର କରାଯାଇଛି। ସେମାନଙ୍କ ଭାଷାରେ ଯାହାର ଆକାର ନାହିଁ, ତାହା ନିରାକାର। ଜନୈକ ସନ୍ଥଙ୍କ ଅନୁସାରେ ନିରାକାର ଅର୍ଥ ହେଉଛି, ଯାହା ଠାରୁ ଆକାର ନିର୍ଗତ ହୁଏ, ସେ ନିରାକାର। ତେଣୁ ଭଗବାନଙ୍କୁ ନିରାକାର କୁହାଯାଏ। ତେଣୁ ସନାତନ ବା ହିନ୍ଦୁ ଧର୍ମରେ ବିଗ୍ରହ ପୂଜା ବିଧାନ ରହିଛି। ଭାଗବତ ଅନୁସାରେ ଆଠ ପ୍ରକାର ବିଗ୍ରହର ଉଦାହରଣ ପ୍ରଦତ୍ତ ହୋଇଛି, ଯଥା –

ଶୈଳୀ ଦାରୁମୟୀ ଲୌହୀ ଲେପ୍ୟା ଲେଖ୍ୟା ଚ ସୈକତୀ ।
ମନୋମୟୀ ମଣିମୟୀ ପ୍ରତିମାଷ୍ଟ ବିଧା ସ୍ମୃତା ।।୧୧/ ୨୭/୧୨

୧) ପଥର ପ୍ରତିମା ୨) କାଠ ପ୍ରତିମା ୩) ଧାତୁ ପ୍ରତିମା ୪) ଲେପ ପ୍ରତିମା ୫) ଚିତ୍ରମୟୀ ୬) ବାଲୁକାମୟୀ ୭) ମନୋମୟୀ ୮) ମଣିମୟୀ।

ପ୍ରତି ବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଦେଶ ବିଦେଶରେ ସାମୂହିକ ଗଣେଶ ପୂଜା ଅନୁଷ୍ଠିତ କରାଯାଏ। ଏହି ମୃଣ୍ମୟ ପ୍ରତିମାର ବିଧିବଦ୍ଧ ବିସର୍ଜନ କରାଯାଏ। କେହି ଗୋଟିଏ ଦିନରେ, କେହି ସାତ ଦିନରେ କେହି ଦଶ ଦିନରେ ବିସର୍ଜନ କରିଛନ୍ତି। ଶ୍ରୀମନ୍ଦିରରେ ୭୨ଟି ସ୍ଥାନରେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ଓ ଚିତ୍ର ପ୍ରତିମା ରହିଛି। ପୂର୍ବ ଭାଗରେ ବିଭିନ୍ନ ସ୍ଥାନରେ ମହତ୍ତ୍ୱପୂର୍ଣ୍ଣ ମୂର୍ତ୍ତି ବିଷୟରେ ଆଲୋଚନା କରିଥିଲେ। ଏବେ ଆସନ୍ତୁ ପ୍ରଭୁ ଗଣେଶ ଚିତ୍ର ପ୍ରତିମା ରୂପେ ମନ୍ଦିରରେ କେଉଁ କେଉଁ ସ୍ଥାନରେ ବିରାଜମାନ କରିଛନ୍ତି, ଆଲୋଚନା କରିବା।

୧. ସିଂହଦ୍ୱାର ଗୁମୁଟର ବାମ ପାର୍ଶ୍ୱ କାଛରେ ଭଗବାନ ଗଣେଶଙ୍କ ଏକ ଚମତ୍କାର ଚିତ୍ର ପ୍ରତିମା ରହିଛି।

୨. ଶ୍ରୀମନ୍ଦିରର ଭିତର ବେଢାରେ ଭିତର ପ୍ରାଙ୍ଗଣର ଘଣ୍ଟା ମୁଣ୍ଡେଇ ଠାକୁରାଣୀଙ୍କ ନିକଟରେ ଶ୍ରୀଗଣେଶଙ୍କ ଚିତ୍ର ପ୍ରତିମା ଦେଖାଯାଏ।

୩. ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାରରେ ପୂଜା ପାଉଥିବା ବୁଢ଼ୀମା ଠାକୁରାଣୀଙ୍କ ଡାହାଣ ଦ୍ୱାରରେ ଗଣେଶଙ୍କ ଚିତ୍ର ପ୍ରତିମା ଅଛି।

୪. ଦକ୍ଷିଣ ଦ୍ୱାର ପଟେ ବାହାର ବେଢାରେ ଦକ୍ଷିଣେଶ୍ୱର ମହାଦେବଙ୍କ ନିକଟରେ ରୋଷଶାଳାର ପ୍ରବେଶ ପଥରେ ଗଣେଶଙ୍କ ଚିତ୍ର ଦେଖିବାକୁ ମିଳେ।

୫. ଉତ୍ତର ଦ୍ୱାରରେ ପୂଜା ପାଉଥିବା ଧବଳେଶ୍ୱର ମହାଦେବଙ୍କ ସାମନା କାଛରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି।

6. ଈଶାଣେଶ୍ୱର ମନ୍ଦିରରେ ଗଣେଶଙ୍କ ଚିତ୍ର ପ୍ରତିମା ଶୋଭା ପାଉଛି।

7. ଭଗବାନ ଗଣେଶଙ୍କର ଏକ ବଡ଼ ଚିତ୍ର ପ୍ରତିମା ସତ୍ୟ ନାରାୟଣ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଅଛି।

୮. ଶ୍ରୀମନ୍ଦିର ଜଗମୋହନର ମୁଦୁଲି ଦ୍ୱାର ନିକଟରେ ପ୍ରଥମ ସ୍ତମ୍ଭରେ ଶ୍ରୀଗଣେଶଙ୍କର ବଡ଼ ଚିତ୍ର ପ୍ରତିମା ଦେଖିବାକୁ ମିଳେ।

୨. ଜଗମୋହନର ଅଷ୍ଟମ ଏବଂ ତ୍ରୟୋଦଶ ସ୍ତମ୍ଭରେ ଗଣେଶ ଚିତ୍ରପ୍ରତିମା ରହିଛି।

୧୦. ମହାଲକ୍ଷ୍ମୀ ମନ୍ଦିରର ଉତ୍ତର ପାର୍ଶ୍ୱ କାଛରେ ପଞ୍ଚ ମୁଖୀ ଗଣନାଥଙ୍କ ମନୋହର ଚିତ୍ର ପ୍ରତିମା ଶୋଭା ପାଉଛି।

ଶଙ୍ଖକ୍ଷେତ୍ର ବା ଶ୍ରୀକ୍ଷେତ୍ର ପୁରୀର ବିଭିନ୍ନ ମନ୍ଦିରରେ ଶ୍ରୀଗଣେଶ ପ୍ରମୁଖ ଦେବତା କିମ୍ବା ପାର୍ଶ୍ୱଦେବତା ରୂପେ ପୂଜା ପାଉଛନ୍ତି। ପୁରୀର ପ୍ରମୁଖ ପଞ୍ଚ ମହାଦେବ ମନ୍ଦିରମାନଙ୍କରେ ଶ୍ରୀଗଣେଶଙ୍କୁ ପାର୍ଶ୍ୱ ଦେବତା ରୂପେ ପୂଜା କରାଯାଏ। ଏହି ପ୍ରସିଦ୍ଧ ପାଞ୍ଚ ଶିବ ମନ୍ଦିର ହେଉଛି ଲୋକନାଥ, ଜମ୍ବେଶ୍ୱର, କପାଳମୋଚନ, ମାର୍କଣ୍ଡେଶ୍ୱର ଏବଂ ନୀଳକଣ୍ଠେଶ୍ୱର। ଏହି ପଞ୍ଚ ମହାଦେବ ଉତ୍କଳୀୟ ସଂସ୍କୃତିରେ ପଞ୍ଚୁପାଣ୍ଡବ ରୂପେ ଖ୍ୟାତ ଅଟନ୍ତି। ଏହି ପଞ୍ଚ ମହାଦେବ ବା ପଞ୍ଚୁ ପାଣ୍ଡବ ଚନ୍ଦନ ଯାତ୍ରା ବେଳେ ପ୍ରଭୁଙ୍କ ସହିତ ନରେନ୍ଦ୍ର ପୋଖରୀରେ ଚାପ ଖେଳନ୍ତି। ଚାରା ଗଣେଶଙ୍କୁ ନରେନ୍ଦ୍ର କୋଣରେ ପୂଜା କରାଯାଏ। ଜଗନ୍ନାଥ ମନ୍ଦିର ନିର୍ମାଣରେ କୌଣସି ପ୍ରକାର ବାଧାବିଘ୍ନ ନ ଆସୁ, ସେହି ଉଦ୍ଦେଶ୍ୟରେ ଚାରା ଗଣେଶ ପ୍ରତିଷ୍ଠିତ ହୋଇଥିଲେ।

ଗଣେଶ ପୂଜା ପୁରୀରେ ପ୍ରାଚୀନ, ଗଣେଶ ମୂର୍ତ୍ତି ଏବଂ ଚିତ୍ର ପ୍ରତିମାର ଚିତ୍ତାକର୍ଷକ ସଂଖ୍ୟା ଏହାର ପ୍ରମାଣ ଅଟେ।

*****

ଡି-୯, ଟାୱାର-୧୭, ଟାଇପ୍-୪,
କିଦୱାଇ ନଗର (ପୂର୍ବ),
ନୂଆ ଦିଲ୍ଲୀ ୧୧୦୦୨୩

ସଂଦର୍ଭ - Puriwaves.nirmalya.in
ଅତୁଲ୍ୟ ଶ୍ରୀଜଗନ୍ନାଥ, ଉତ୍କଳ ପ୍ରସଙ୍ଗ ଆଦି

# ଜାହ୍ନବୀ



ଡକ୍ଟର ସଂଜୟ ହାତୀ

ଧଳା ସାଲୱାର୍ କମିଜ୍ ଉପରେ ଧଳା ଚୁନି ପକେଇ ଜାହ୍ନବୀ ଯେତେବେଳେ ତା' ଘର ବାଟଦେଇ ସ୍କୁଲକୁ ଯାଏ, ତା' ବୋଉ ପାଟିରୁ ବାହାରିଯାଏ ମଲ୍ଲିଫୁଲ ପରି ଦେଖାଯାଉଛି ଝିଅଟା। ବୋଉ ମୁହଁରେ ସବୁବେଳେ ଜାହ୍ନବୀର ପ୍ରଶଂସା, ରୂପ ଯେମିତି, ସେମିତି ଗୁଣ। ବୋଉର ଏମିତି କଥା ଶୁଣିଶୁଣି ସୀତେଶକୁ'ବି ଲାଗେ ଜାହ୍ନବୀ ଚାଲିଗଲାବେଳେ ଯେମିତି ମେଞ୍ଚାଏ ମଲ୍ଲିଫୁଲର ବାସ୍ନା ତା' ନାକରେ ବାଜିଯାଉଛି। ତା'ର ଅଭ୍ୟାସ ହେଇଗଲା ସେଇ ସମୟରେ ଗେଟ୍ ପାଖରେ କିଛି ନା କିଛି ବାହାନାରେ ଟହଲ ମାରିବା। କେବେକେବେ ଜାହ୍ନବୀ ତାକୁ ଚାହିଁଦେଇ ଟିକେ ହସିଦେଇ ଚାଲିଗଲେ ସେ ପୁରା ଅନ୍ୟମନସ୍କ ହେଇଯାଏ। ସେ ହସ ବା ଚାହାଣୀର କିଛି ଅର୍ଥ ନଥିଲେବି ତାକୁ ସେକଥା ବାରମ୍ବାର ଭାବିବାକୁ ଭଲ ଲାଗୁଥିଲା।ଏମିତି ଦିନ ଗଡ଼ି ଚାଲିଲା। ଜାହ୍ନବୀର କଲେଜ୍ର ପଢ଼ା ସରିବା ଉପରେ, ଆଉ ସୀତେଶର ନୂଆ ଚାକିରିରେ ଜଏନ୍ କରିବା ଦିନ ପାଖେଇ ଆସିଲାଣି। ସେଦିନ କିନ୍ତୁ ବୋଉ ଉପରେ ସୀତେଶ ଭାରି ରାଗିଗଲା। କାରଣ? ଜାହ୍ନବୀକୁ ଦେଖିବାକୁ କୋଉଠୁ ପୁଅଘରବାଲା ଆସିଥିଲେ। ସେ ପୁଅର ମା' କେମିତିବି ତା' ବୋଉର ଚିହ୍ନା। ସେ ଯେତେବେଳେ ବୋଉକୁ ଜାହ୍ନବୀ କଥା ପଚାରିଲେ, ବୋଉ ଏତେ ପ୍ରଶଂସା କଲା, ଯାହାକୁ ଜମା ବରଦାସ୍ତ କରିପାରୁନଥିଲା ସୀତେଶ। ଶେଷରେ ବୋଉ ପୁଣି କହିଦେଲା- "ଭାଗ୍ୟରେ ଥିଲେ ଏମିତି ବୋହୂ ମିଳେ। ଆଖିବୁଜି ସେଇଠି ପୁଅର ବାହାଘର କରିଦିଅ।" ସୀତେଶର ରାଗ ଆସୁଥିଲା କାରଣ ଏତିକି କଥା ବୋଉ ନିଜ ପୁଅ ପାଇଁ କି ନିଜ ଘରପାଇଁ ଭାବିପାରିଲାନି? ଏଡ଼ିକି ମୂର୍ଖ ତା' ବୋଉ! ଛାଡ଼। ଭାରି କଷ୍ଟ ଲାଗିଲେବି ଚୁପ ରହିଥିଲା। ସତକୁସତ ଜାହ୍ନବୀ ବାହାହେଇ ଚାଲିଗଲା। ସୀତେଶ ଚାକିରି ପାଇ ଚାଲିଗଲା ଅନ୍ୟ ଯାଗାକୁ।

ଯା' ଭିତରେ ଦି'ବର୍ଷ ବିତିଯାଇଛି। ଗଲାବର୍ଷ ବୋଉ ହାର୍ଟ୍ ଆଟାକରେ ଆରପାରିକୁ ଚାଲିଯାଇଛି। ବାପା ବହୁ ଆଗରୁ ଚାଲିଯାଇଥିଲେ। ସୀତେଶ ଏଇ କିଛି ଦିନ ହେଲା ନିଜ ସହରକୁ ବଦଳି ହେଇ ଆସିଛି। ଏଇ ଘରଟି ବୋଉର ଭାରି ପ୍ରିୟ। ଏଇଠି ସେ ମାଣ ବସେଇଛି। କେତେଥର ସୀତେଶକୁ ଦେଖେଇକି କହିଥିବ "ଆଜିକାଲିକା ବୋହୂ ଆଉକଣ ଏସବୁ ପୂଜାବିଧି ଜାଣିବେ ନା କରିବେ? ମୋ ବୋହୂକୁ କିନ୍ତୁ ମୁଁ ସବୁ ଶିଖେଇକି ଯିବି।" ହେଲାନି। ତା' ବୋହୂ ଆସିବା ଆଗରୁ ସେ ଚାଲିଗଲା।

ଆଜି ହୋଲି। ବାହାରକୁ ବାହାରିଲା ସୀତେଶ। ହଠାତ୍ ନଜର ପଡ଼ିଲା ଜାହ୍ନବୀ ଘର ଉପରେ। ଜାହ୍ନବୀ ବସିଛି ତା' ଘର ଅଗଣାରେ। ଦେହରେ ଧଳା ଶାଢ଼ୀ। ଅବଶ୍ୟ ବୋଉଠୁ ଖବର ପାଇଥିଲା ତା' ସ୍ୱାମୀ ଆକ୍ସିଡେଣ୍ଟରେ ମରିଗଲେ ବୋଲି। ଆଜି କିନ୍ତୁ ଧଳା ଶାଢ଼ୀ ଜାହ୍ନବୀକୁ ଜମା ମାନୁନଥିଲା। ଜାଣିଲା, ଧଳାରଙ୍ଗ ଚମକୁଥିଲା ଜାହ୍ନବୀ ମୁହଁର ଚମକରେ। ଆଜି ତା' ମୁହଁରେ ସେ ଚମକ୍ ନାହିଁ ବୋଲି ଧଳାରଙ୍ଗବି ମଉଳି ଯାଇଛି। କ'ଣ ମନହେଲା କେଜାଣି ତା'ର? ହାତରେ ସବୁ ରଙ୍ଗର ଅବିର ମିଶାଇ, ଗଲା ତା' ପାଖକୁ ଆଉ ବିଞ୍ଚିଦେଲା ସବୁତକ ତା' ଉପରେ। ଜାହ୍ନବୀ କିଛି ବୁଝିବା ଆଗରୁ ତା' ହାତଧରି ନେଇଆସିଲା ନିଜ ଘରକୁ। କହିଲା - "ବୋଉର ଏ ମାଣ ବର୍ଷେହେଲା ପୂଜା ପାଇନି। ତୁ ଏ ଘରକୁ ବୋହୂ ହେଇ ଆସିବୁ?" ସୀତେଶର ପଛପାଖ କାନ୍ଥର ଦର୍ପଣରେ ଜାହ୍ନବୀ ନିଜକୁ ଦେଖୁଥିଲା। ମେଞ୍ଚାଏ ନାଲିହଳଦୀ ଅବିର ତା' ସୁନ୍ଥାରେ ନେସିହେଇ ଦାଉଦାଉ ଦିଶୁଥିଲା। ସୀତେଶ କହିଲା -"ବୁଝିଲୁ, ଆଜି ବୋଉ ଯଦି ଥା'ନ୍ତା, ନିଶ୍ଚୟ କହିଥାନ୍ତା,ଜାହ୍ନବୀ ପ୍ରଜାପତି ପରି ଦେଖାଯାଉଛି।" ଲାଜମିଶା ହସରେ ଜାହ୍ନବୀ ଟିକେ ରଙ୍ଗ ନେଇ ସୀତେଶର ଗାଲରେ ବୋଳିଦେଲା। ମେଞ୍ଚାଏ ମଲ୍ଲିଫୁଲର ବାସ୍ନା ସୀତେଶକୁ ଅନ୍ୟମନସ୍କ କରୁଥିଲା।

*****

ଓଡ଼ିଆ ବିଶ୍ୱବିଦ୍ୟାଳୟ
ସତ୍ୟବାଦୀ, ପୁରୀ

"ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?"

(ଉତ୍କଳ ଗୌରବ ମଧୁସୂଦନ ଦାସ)

# ପାଣ୍ଡୁ ମା'ର ତୀର୍ଥ ଦର୍ଶନ

ବାସନ୍ତୀ ଲତା ମହାପାତ୍ର



## 'ଏକ '

ପିଠା ଖଣ୍ଡେ ପାଟିରେ ଦେଇ ପାଣ୍ଡୁର ମା' ସପ ଉପରେ ଗଡି ପଡିଥିଲା । ଆଖି ଟିକିଏ ଲାଗି ଯାଉଁ ଯାଉଁ ଜୟ ଜଗନ୍ନାଥ ଶବ୍ଦରେ ତା' ନିଦ ଭାଙ୍ଗିଗଲା । ସିଏବି ଜୟ ଜଗନ୍ନାଥ ଜୟ ଜଗନ୍ନାଥ କହୁ କହୁ ତା' ଘର ଦୁଆରେ ଲୋକଙ୍କ ପାଟି ଶୁଣି ଉଠି ବସିଲା । ସାନ ନାତୁଣୀଟା ଦଉଡି ଆସି କହିଲା. 'ଉଠୁ ଜେଜେମା, ଜଗନ୍ନାଥଙ୍କ ପାଇଁ ଚାଉଳ ମାଗି ଆସିଛନ୍ତି । ଆମ ଦାଣ୍ଡ ଦୁଆରେ ଗାଡ଼ିଟା ଠିଆ ହୋଇଛି । ମାଆ, ବାବା ତ ବିଲକୁ ଯାଇଛନ୍ତି । କଣ କରିବା ଆମେ ? ବୁଢ଼ୀ ନଇଁ ନଇଁ ଯାଇ ଘର ସାରା ଅଣ୍ଡାଳିଲା । ସେ ଉଷୁନା, କି ଅରୁଆ ଏକଥା ନଭାବି ଗୋଟିଏ ତାଟିଆରେ ଚାଉଳ ଧରି ଦାଣ୍ଡକୁ ବାହାରିଲା । ସେତେବେଳେ ଜୟ ଜଗନ୍ନାଥ ଧ୍ୱନୀ ସହ ଗାଡି ଚାଲିବାକୁ ଆରମ୍ଭ କଲାଣି । ବୁଢ଼ୀ କହିଲା, 'ଜଗନ୍ନାଥ ପରା ବଡ ଠାକୁର । ମୋର ଭାଗ୍ୟ ଯେ ଘର, ଘର ବୁଲି ଭିକ ମାଗି ମୋ ଭଳି ନିଉଛୁଣା ଘରକୁ ବି ଆସିଲେ । ' ମୋର ଭାଗ୍ୟ , ମୋର ଭାଗ୍ୟ କହି ବୁଢ଼ୀ ନଇଁ ନଇଁ ଗାଡି ପଛେ ଦଉଡିଲା । କେହି ଜଣେ ତାକୁ ଧରି ଦେଇ ନଥିଲେ ସେ ପଡି ଯାଇଥାନ୍ତା । ବୁଢ଼ୀକୁ ଦେଖି ଜଣେ ସ୍ତ୍ରୀ ଲୋକ ଗାଡି ଅଟକାଇ ବୁଢୀକୁ ଗାଡି ପାଖକୁ ନେଇଗଲା । ଜଗାର ଫୋଟୋକୁ ଦେଖି ଦୁଇ ହାତ ଯୋଡି ମୁଣ୍ଡରେ ମାରି ଜଗା ଆଗରେ ଥିବା ପାଛିଆରେ ଚାଉଳକୁ ଢାଳି ଦେଇ ବୁଢ଼ୀ କହି ପକାଇଲା "ହଇରେ ଜଗା ! ଆମେ ସିନା ଅଭାବୀ । ତୁ ତ ଜଗତ ଠାକୁର । ତୋର କି ଅଭାବ ହେଲାଯେ ତୁ ଦୁଆର, ଦୁଆର ବୁଲୁଛୁ । ଆମର କେତେ ଭାଗ୍ୟରେ ଜଗା । ତୁ ଆମ ଦୁଆରକୁ ଭିକ ମାଗି ଆସିଲୁ ।" ଜୟ ଜଗନ୍ନାଥ ଜୟ ଜଗନ୍ନାଥ କହି ନଇଁ ନଇଁ ଆସି ଦାଣ୍ଡ ଦୁଆରେ ବୁଢ଼ୀ ଲଥ କିନା ବସି ପଡିଲା ।

## 'ଦୁଇ'

ଗାଁରେ ଭାରି ଗହଳ । ସରକାର ବୁଢା, ବୁଢୀଙ୍କୁ ତୀର୍ଥ ବୁଲାଇ ନେଉଛନ୍ତି । ଖର୍ଚ୍ଚ ବାର୍ଚ୍ଚ ସବୁ ସରକାରଙ୍କର । ପାଣ୍ଡୁ ମା ଏକଥା ଶୁଣି ଭାରି ଗୋଟେ ମନ କରୁଛି, ତୀର୍ଥ କରିବ । ପୁଅ ପାଣ୍ଡୁ ସହିତ ଦିନ ରାତି ଲାଗିଛି "ମୋର ଟିକେ ଦିଅଁ ଦେଖିବାକୁ ଭାରି ଇଚ୍ଛା । ମୋତେ ତୁ ପଠାଇ ଦେରେ ପାଣ୍ଡୁ " । ପାଣ୍ଡୁର ଇଚ୍ଛା ନଥିଲେ ବି ବୁଢ଼ୀର ଜିଦ ରହିଲା । ସେ ଗାଁ ଲୋକଙ୍କ ସାଙ୍ଗରେ ଲୁଗା ଗଣ୍ଠିଲି ବାନ୍ଧି ବଳାଇ ରଖିଥିବା ତା' ଭତ୍ତା ପଇସାରୁ କିଛି ନେଇ ବାହାରିଲା । ବନାରସରେ ବୁଲି ପାଞ୍ଚ ଦିନ ପରେ ପୁରୀରେ ପହଞ୍ଚିଲେ ତା' ଦଳ । ଏବେ ସେମାନେ ଜଗାକୁ ଦେଖିବେ । ଅଖିଆ, ଅପିଆ ଭାରି ହଇରାଣ ହେଲେବି ଜଗାକୁ ଦେଖିବା ପାଇଁ ବ୍ୟାକୁଳ ସବୁ । ଟାଣ ଖରା 'ପାଣ୍ଡୁ ମା' ଓ ଆଉ କେତେ ଜଣ ଥକି ଗଲେବି ପଶିଗଲେ ଭିଡ ଭିତରେ । ଜଗନ୍ନାଥଙ୍କୁ ଦେଖିବା ଆଗରୁ କାହା ପାଦ ତଳେ ଚାପି ହୋଇଗଲେ । ପୋଲିସ ସେମାନଙ୍କୁ ଟେକି ନେଇ ଯାଉଁ ଯାଉଁ ପାଣ୍ଡୁ ମା ଜିଭଟାକୁ କାଢି ଧୀରେ ଧୀରେ କହୁଥିଲା ' ଜ...ଅ ...ଗା.., ଜ...ଅ ...ଗା.., ତଅତେ ଉଥୁନା ଚାଉଳ ଦେଲି ବୋଲି ମୋର ଏହି ଅବଥା କଲୁକି ଜଗା । ତାପରେ ତା ମୁହଁଟା ବୁଲେଇ ଦେଇ ପାଟିଟା ଚୁପ କରି ଦେଇଥିଲା । ଏକ ଜାଗାରେ ଚାରୋଟି ଶବ ରଖି ଦେଇ ପୋଲିସ ଖୋଜିଲା ବେଳକୁ ସରକାରୀ ଲୋକ ଛୁ ...ଉ... ଉ...

*****

ସେବା ନିବୃତ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ,
ହନୁମାନ ବିହାର, ବାରିପଦା

*Our special thanks to*

**Shri Kamal Kumar Gupta**

Managing Director of

**Times Logistics Ltd.**

for his unconditional support.

# ପାତାଳୀ ଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା




ଡ ଚିତ୍ତରଞ୍ଜନ ମିଶ୍ର

ଶ୍ରୀ ଜଗନ୍ନାଥ ମନ୍ଦିର ଉପରେ ବିଭିନ୍ନ ସମୟରେ ଅଣହିନ୍ଦୁମାନଙ୍କ ଦ୍ୱାରା ୧୮ଥର ଆକ୍ରମଣ ହେଇଥିବାର ଐତିହାସିକ ପ୍ରମାଣ ରହିଛି। ସେଥିମଧ୍ଯରୁ ରକ୍ତବାହୁ ଦ୍ୱାରା ଶ୍ରୀମନ୍ଦିର ଆକ୍ରମଣକୁ ପ୍ରଥମ ଆକ୍ରମଣ ଭାବେ ମାଦଳା ପାଞ୍ଜିରେ ବର୍ଣ୍ଣନା କରାଯାଇଛି। ଯଥା : "ଶୋଭନ ଦେବ ଭୋଗ କଲେ ବ ୯୬। ଏହି ମହାରାଜାଙ୍କ ଅ ୨ ଙ୍କେ ଡିଲିରୁ ରକ୍ତବାହୁ ଆସିବା ବାରତାକୁ ପରମେଶ୍ୱରଙ୍କୁ ସୁନ୍ନପୁର ଗୋପାଲି ଘେନିଗଲେ। ସେଠାରେ ମଣ୍ଡପ ଗୋଟିଏ କରି ବିଜେ କରାଇଲେ ବ ୪୫ । ଏଥିଉତ୍ତାରେ ମୁଗଲେ ପ୍ରବଳ ହୋଇଲାରୁ ସେବକେ ସେଠାରେ ପରମେଶ୍ୱରଙ୍କୁ ପାତାଳି କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାତିସାଙ୍କ ଅମୁରା ରକତବାହୁ ଶ୍ରୀ ପୁରୁଷୋତ୍ତମ ବୁଲି ଅଇଲା। ସମୁଦ୍ର ଥୋକାଏ ଦୂର ମାଡି ଅଇଲା। ଏ ରାଜା ଅନେକ ଯୁଝ କଲେ। ରହି ନପାରି ଝାଡଖଣ୍ଡ ଭିତରେ ରହିଲେ। ଏ ଭୋଗକଲେ ବ ୯୬।" (୧)

ପଶ୍ଚିମ ଓଡିଶାରେ ପାତାଳି ଶ୍ରୀକ୍ଷେତ୍ର ନାମରେ ଦୁଇଟି ସ୍ଥାନ ପ୍ରସିଦ୍ଧି ଲାଭ କରିଛି। ଗୋଟିଏ ବୌଦ୍ଧ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଥିବା ଗୋପାଲି/ଗୋପାଳପୁର ଗ୍ରାମ ନିକଟ ନାୟକପଡା ଗୁମ୍ଫା ଏବଂ ଅନ୍ୟଟି ଆଧୁନିକ ସୁବର୍ଣ୍ଣପୁର ବା ସୋନପୁର ଜିଲ୍ଲାର ବୀରମହାରାଜପୁର ନିକଟ କୋଟସମଲାଇ ଗ୍ରାମ ପାଖ ତ୍ରିକୂଟ ପାହାଡ ଗୁମ୍ଫା। ତେବେ ମାଦଳା ପାଞ୍ଜି ବର୍ଣ୍ଣିତ ଗୋପାଳି ଗ୍ରାମ ବୌଦ୍ଧ ଓ ସୋନପୁର ଜିଲ୍ଲା ସୀମାରେ ଅବସ୍ଥିତ ନାୟକପଡା ଗୁମ୍ଫା ନିକଟ ବର୍ତ୍ତମାନର ଗୋପଲ୍ଲୀ/ ଗୋପାଳପୁର ଗ୍ରାମ ବୋଲି ଗବେଷକମାନଙ୍କ ମତ । ତେଣୁ ମାଦଳା ପାଞ୍ଜି ବର୍ଣ୍ଣିତ ରକ୍ତବାହୁ ଆକ୍ରମଣ ସମୟରେ ପ୍ରଥମେ ନାୟକପଡା ଗୁମ୍ଫାରେ ହିଁ ଠାକୁରମାନଙ୍କୁ ଗୁପ୍ତରେ ରଖାଯାଇଥିବା ସତ୍ୟ ଅଟେ ଏବଂ ମାଦଳା ପାଞ୍ଜିର ପରବର୍ତ୍ତୀ ଧାଡିରେ ବର୍ଣ୍ଣିତ "ମୁଗଲେ ପ୍ରବଳ ହୋଇବାରୁ" ବା ମୋଗଲମାନଙ୍କ ଆକ୍ରମଣ ସମୟରେ ନାୟକପଡା ଗୁମ୍ଫାରୁ ଠାକୁରମାନଙ୍କୁ ସ୍ଥାନାନ୍ତରିତ କରି କୋଟସମଲାଇଠାରେ ପାତାଳୀ କରାଯାଇଥିବା ପରି ମନେହୁଏ । ମାଦଳା ପାଞ୍ଜି ଏବଂ ଉତ୍ତରଦେଶ ରାଜବଂଶାବଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଠାକୁରମାନେ ୪୫ ବର୍ଷ ବାଘପାଲ୍ଲୀରେ ଥିବା ସାଧକ ଚନ୍ଦ୍ରମଣି ଦାସଙ୍କ ମଠ ପରିସରରେ ଥିବା ସୁଧାଲିପ୍ତ ଗୃହରେ ଗୁପ୍ତ ଅବସ୍ଥାନ କରିଥିଲେ ଏବଂ ୯୯ ବର୍ଷ ପାତାଳୀ ହେଇଥିଲେ। ହୁଏତ ୪୫ ବର୍ଷ ଓ ୯୯ ବର୍ଷର ରହଣି ଭିନ୍ନଭିନ୍ନ ସ୍ଥାନରେ ଘଟି ଥାଇପାରେ।(୨)

**ରକ୍ତବାହୁ ଆକ୍ରମଣ ସମୟ:**

ଐତିହାସିକ ପଣ୍ଡିତ ଜଗବନ୍ଧୁ ସିଂହ ମଦଳା ପାଞ୍ଜିକୁ ଆଧାରକରି ଶୋଭନ ଦେବଙ୍କ ରାଜତ୍ୱ ଓ ରକ୍ତବାହୁର ଆକ୍ରମଣ ସମୟ ଖ୍ରୀ ୪୦୧ ରୁ ଖ୍ରୀ ୪୦୫ ମଧ୍ୟରେ ହେବା ଅନୁମାନ ଲଗାଇଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କର "ପ୍ରାଚୀନ ଉତ୍କଳ" ବହିର ୫୮୯ ପୃଷ୍ଠାରେ ଲେଖିଛନ୍ତି ଯେ ରକ୍ତବାହୁ ୩୧୮ ଖ୍ରୀଷ୍ଟାବ୍ଦରେ ସମୁଦ୍ର ପଥରେ ଆସି ପୁରୀରେ ପହଞ୍ଚି ଥିଲା ଓ ଜଗନ୍ନାଥଙ୍କୁ ନପାଇ ବିଭିନ୍ନ ବିପ୍ରାତ କରି ଫେରିବା ସମୟରେ ସମୁଦ୍ର ମାଡିଆସି ରକ୍ତବାହୁକୁ କ୍ଷତି ପହଞ୍ଚାଇବା ସହ ସମୁଦ୍ରର ଉଦ୍‌ବୃତ ଅଂଶ ଦ୍ୱାରା ଚିଲିକା ସୃଷ୍ଟି ହେଇଥିବା କଥା ବର୍ଣ୍ଣନା କରିଛନ୍ତି।(୩) ରାଜେନ୍ଦ୍ରଲାଲ ମିତ୍ର ଏହି ସମୟକୁ ଖ୍ରୀ ୩୨୩ ଅ ଦର୍ଶାଇଛନ୍ତି। ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ତୃତୀୟ ଶୁଭକର ଦେବଙ୍କ ହିନ୍ଦୋଳ ତାମ୍ରପତ୍ର ଏବଂ ଅମୋଘବର୍ଷଙ୍କ ସଞ୍ଜନ ତାମ୍ରପତ୍ର ଆଧାରରେ ଭୌମ ରାଜା ଶୁଭକର ଦେବ ପ୍ରଥମଙ୍କୁ ଶୋଭନ ଦେବଙ୍କ ସହ ଏବଂ ରାଷ୍ଟ୍ରକୁଟ ରାଜା ଗୋବିନ୍ଦ ତୃତୀୟଙ୍କୁ ରକ୍ତ ବାହୁସହ ତୁଳନା କରି ୭୯୮ ରୁ ୮୧୪ ଖ୍ରୀଷ୍ଟାବ୍ଦରେ ଗୋବିନ୍ଦ ତୃତୀୟଙ୍କ କୋଶଳ, କଳିଙ୍ଗ, ବଙ୍ଗ, ଦହଲ ଏବଂ ଓଡ୍ରକ ଆକ୍ରମଣକୁ ରକ୍ତବାହୁ ଆକ୍ରମଣ ଭାବେ ଗ୍ରହଣ କରିଛନ୍ତି। କୃଷ୍ଣଚନ୍ଦ୍ର ପାଣିଗ୍ରାହିଙ୍କ ଓଡ୍ରକ ରାଜ୍ୟକୁ ତୋଷାଳି ରାଜ୍ୟ ସହ ଚିହ୍ନିତ କରିଛନ୍ତି, କିନ୍ତୁ ଏହା ଯଦି ତୋଷାଳି ହେଇଥାଆନ୍ତା ତେବେ ସଞ୍ଜନ ତାମ୍ରପତ୍ରରେ ଓଡ୍ରକ ବଦଳରେ ତୋଷାଳି ଲେଖାଯାଇଥାଆନ୍ତା, ତେଣୁ ଏହା ମଧ୍ୟ ଗ୍ରହଣ ଯୋଗ୍ୟ ମାନେ ହୁଏ ନାହିଁ । ଶ୍ରୀ ବିଗ୍ରହମାନଙ୍କୁ କ୍ଷତି ପହଞ୍ଚିବା ଭୟରେ ଓଡିଶାର ରାଜା ଶଗଡ ସାହାଯ୍ୟରେ ଏବଂ ଡଙ୍ଗା ସାହାଯ୍ୟରେ ମହାନଦୀ ଜଳପଥରେ ବୌଦ୍ଧ ଏବଂ ସୋନପୁର ସୀମାବର୍ତ୍ତି ଅଞ୍ଚଳ ନାୟକପଡା ଗୁମ୍ଫାରେ ଗୁପ୍ତରେ ସ୍ଥାନିତ କଲେ ଏବଂ ପରବର୍ତ୍ତୀ ସମୟରେ ମୋଗଲ ଭୟରେ ପାତାଳୀ କରି ସେହି ସ୍ଥାନରେ ବରଗଛ ରୋପଣ କରି ଫେରିଆସିଲେ। ଐତିହାସିକ ଯଜ୍ଞ କୁମାର ସାହୁଙ୍କ ମତରେ ମାଦଳାପାଞ୍ଜି ବର୍ଣ୍ଣିତ ଶୋଭନ ଦେବ ସୁଲକି ରାଜା କାଞ୍ଚନ ସ୍ତମ୍ଭ ଯେହେତୁ ତୃତୀୟ ଗୋବିନ୍ଦଙ୍କ ଓଡ୍ରକ ଆକ୍ରମଣ ପୂର୍ବରୁ ଓଡ୍ରକର ଅନୁଗୁଳ ଏବଂ ଢେଙ୍କାନାଳ ଅଂଶ କୋଦଳକ ମଣ୍ଡଳର ଅନ୍ତର୍ଭୁକ୍ତ ଥିଲା ଏବଂ ସଞ୍ଜନ ତାମ୍ରଶାସନରେ କୋଦଳକ ନାମ ଲେଖାଯାଇ ନାହିଁ। କେହିକେହି କହନ୍ତି ସେ ଖିଞ୍ଜିଳୀ ମଣ୍ଡଳର ଭଞ୍ଜବଂଶୀୟ ରାଜା ଶତ୍ରୁଭଞ୍ଜ (୭୮୦ -୮୦୦ ଖ୍ରୀ.ଅ.), କାରଣ ସେତେବେଳେ ଓଡ୍ର ରାଜ୍ୟ ଖିଞ୍ଜିଳୀ ମଣ୍ଡଳ ଅନ୍ତର୍ଭୁକ୍ତ ଥିଲା।(୪)



ଲେଖକ ଶ୍ରୀ ମିଶ୍ର ନାୟକପଡା ଗୁମ୍ଫା ମଧ୍ୟରେ

**ମାଦଳା ପାଞ୍ଜି ଲିଖନ ସମୟ:**

ଶ୍ରୀମନ୍ଦିରର ଅନେକ ସେବାୟତଙ୍କ ମଧ୍ୟରୁ ଦେଉଳ କରଣ ଓ ଚଢ଼ାଉ କରଣଙ୍କୁ ମାଦଳା ପାଞ୍ଜି ଲେଖିବା ଦାୟିତ୍ୱ ଦିଆଯାଇଥିଲା। ଗବେଷକଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ସୁଦ୍ଧା ତିନୋଟି ମାଦଳା ପାଞ୍ଜି ଲୋକଲୋଚନକୁ ଆସିପାରିଛି। କିଛି ଗବେଷକଙ୍କ ମତରେ ମାଦଳା ପାଞ୍ଜି ଲେଖାଯିବାର ସମୟ ଦ୍ୱାଦଶ ରୁ ଚତୁର୍ଦ୍ଦଶ ଶତାବ୍ଦୀ। ଅନ୍ୟ କିଛି ଗବେଷକ ମତ ଦିଅନ୍ତି ଯେ ମାଦଳା ପାଞ୍ଜିରେ 'ମୁଗଲ', 'ପତିସା', 'ପଠାଣ', 'ହାଜର', 'ଫଉଜ', 'ଅମଳ', 'ସୁବା' ଇତ୍ୟାଦି ଯାବନିକ ଶବ୍ଦର ବ୍ୟବହାର ସୂଚନା ଦେଉଛି ଏହାର ଲିଖନ କାଳ ନିଶ୍ଚିତ ଓଡିଶା ମୋଗଲ ଅଧିକୃତ ହେବା ପରବର୍ତ୍ତୀ ସମୟ ଅର୍ଥାତ ଷୋଡଶ ଶତାବ୍ଦୀର ଶେଷ କାଳ।(୫) ଅନେକ ଗବେଷକଙ୍କ ମତରେ ମାଦଳା ପାଞ୍ଜି ୧୬୦୦ ଖ୍ରୀଷ୍ଟାବ୍ଦରେ ଗଜପତି ପ୍ରଥମ ରାମଚନ୍ଦ୍ର ଦେବଙ୍କ ଶାସନ କାଳରେ ଲେଖାଯାଇଥିଲା । ଏ ସବୁ ସମୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଠାକୁରମାନଙ୍କ ପାତାଳୀ ହେବାର ବହୁ ବର୍ଷ ପରେ ପାଞ୍ଜିଟି ଲେଖାଯାଇଛି ଏବଂ ରକ୍ତବାହୁ (ଯବନ) ଓ ମୁଗଲ (କଳାପାହାଡ) ଆକ୍ରମଣର ଉଭୟ ଘଟଣାକୁ ଏକାଠି ଲେଖାଯାଇଛି। ସୋମବଂଶୀ ରାଜା ଯଯାତୀ କେଶରୀ ଯେତେବେଳେ ନିଜ ରାଜ୍ୟ କୋଶଳର ପୂର୍ବ ଦିଗକୁ ବୃଦ୍ଧି କରି ଭଞ୍ଜ ରାଜାମାନଙ୍କୁ ପରାସ୍ତ କଲେ ଓ ସେମାନଙ୍କୁ ଘୁମୁସର ଏବଂ ଦଶପଲ୍ଲା ଆଡକୁ ତଡି ଉଡ୍ର ଦେଶର ଅଧୀଶ୍ୱର ହେଲେ, ସେହି ସମୟରେ ନୂତନ ଭାବେ ଅଧିକୃତ ଅଞ୍ଚଳର ରାଜଧାନୀ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ଜଗତି ଗ୍ରାମ ନିକଟ ଯଯାତିନଗର (ଯାହା ସମୟସ୍ରୋତରେ ମହାନଦୀ ଗର୍ଭରେ ଲୀନ)ରେ ପ୍ରତିଷ୍ଠା କରି ଶାସନ କଲେ । ପରବର୍ତ୍ତୀ କାଳରେ ରାଜ୍ୟର ସୀମା ବୃଦ୍ଧି ଘଟିବାରୁ ରାଜତ୍ୱର ପଞ୍ଚଦଶ ବର୍ଷରେ ଅଭିନବ ଯଯାତୀ ନଗର (ଆଧୁନିକ ଯାଜପୁର)କୁ ସ୍ଥାନାନ୍ତରିତ କଲେ। ପରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଖୋଜିବା ଆରମ୍ଭ କରି ଠାକୁରଙ୍କ ପାତାଳୀ ହେଇଥିବା ଜାଣିପାରି ସୋନପୁରରୁ ଶ୍ରୀବିଗ୍ରହମାନଙ୍କୁ ଉଦ୍ଧାର ପୂର୍ବକ ପୁରୀରେ ପୁନଃ ସ୍ଥାପନ କରାଇଥିଲେ।(୬)

**ରକ୍ତବାହୁ କିଏ ?**

ମାଦଳା ପାଞ୍ଜିରେ ବିଦେଶ ଆକ୍ରମଣକାରୀଙ୍କ ଉଦ୍ଦେଶ୍ୟରେ ଦୁଇଟି ଶବ୍ଦ ବ୍ୟବହାର ହେଇଥିବା ଦେଖାଯାଏ ଗୋଟିଏ ଯବନ ଏବଂ ଅନ୍ୟଟି ମୋଗଲ। ମାଦଳା ପାଞ୍ଜି ଲେଖାଯିବା ସମୟରେ ଯେହେତୁ ଦିଲ୍ଲୀରେ ମୋଗଲ ଶାସକମାନେ ରାଜତ୍ୱ କରୁଥିଲେ ତେଣୁ ମାଦଳା ପାଞ୍ଜିରେ ରକ୍ତବାହୁ ଆକ୍ରମଣ କୁ ମୁଗଲ ବୋଲି ଲେଖାଯାଇଛି କିନ୍ତୁ ଏହା ଅସମ୍ଭବ ମନେହୁଏ କାରଣ ବ୍ରଜରାଜ ଦେବ, ନରସିଂହ ଦେବ ଓ ଶରଶଙ୍କ ଦେବଙ୍କ ସମୟରେ ବାରମ୍ବାର ଯବନ ଆକ୍ରମଣ ହେଇଥିବା ରାଜେନ୍ଦ୍ରଲାଲ ମିତ୍ରଙ୍କ ବିବରଣୀରୁ ଜଣାପଡେ ଏବଂ ସେହି ଭୟରେ ଶୋଭନ ଦେବ ଶ୍ରୀ ବିଗ୍ରହମାନଙ୍କୁ ସ୍ଥାନାନ୍ତରିତ କରିଥିବା ଅନୁମେୟ। ପଣ୍ଡିତ ସଦାଶିବ ମିଶ୍ର ତାଙ୍କର "ଜଗନ୍ନାଥ ମନ୍ଦିର" ନାମକ ବହିରେ ରକ୍ତବାହୁକୁ ମ୍ଲେଛ ଓ ପତିତ ସ୍ଥାନ ବାସିନ୍ଦା ବୋଲି ବର୍ଣ୍ଣନା କରିଛନ୍ତି। W. W. Hunter କହନ୍ତି ରକ୍ତବାହୁ ଜଣେ ଗ୍ରୀକ ସେନାପତି।(୭) ଏ ସବୁ ଅଯୌକ୍ତିକ ମନେ ହୁଏ। ଐତିହାସିକ ପ୍ୟାରି ମୋହନ ଆଚାର୍ଯ୍ୟ କହନ୍ତି ରକ୍ତବାହୁ ଏକ ବୌଦ୍ଧ ଶ୍ରମଣ ଓ ତାମ୍ରଲୁକର ଅଧିବାସୀ ଅଟେ। ସେ 'ବହୁ' ନାମକ ଶ୍ରମଣ ଗୋଷ୍ଠୀର ଅନ୍ତର୍ଭୁକ୍ତ ଅଟେ । (୮) କିନ୍ତୁ ସେ ସମୟରେ ତାମ୍ରଲୁକରେ ବୌଦ୍ଧମାନେ ଶାସନ କରିବା ସୂଚନା ମିଳେନାହିଁ ବରଂ କାଲୁଭୂୟାଁ ବା ତାହାର ବଂଶଧରମାନେ ଶାସନ କରୁଥିବା ଜଣାଯାଏ। ତେଣୁ ସେ ବୌଦ୍ଧ ହେଇପାରେ କିନ୍ତୁ ତାମ୍ରଲୁକର ବା ପଶ୍ଚିମାଞ୍ଚଳର ବୌଦ୍ଧ ଶାସକ ହେଇନପାରେ । ପୁଣି ଜଗବନ୍ଧୁ ସିଂହ ତାଙ୍କର 'ପ୍ରାଚୀନ ଉତ୍କଳ' ବହିରେ ମହାବଂଶ ଗ୍ରନ୍ଥର ପ୍ରମାଣ ଦର୍ଶାଇ ଏହା ସୂଚନା ପ୍ରଦାନ କରିଛନ୍ତି ଯେ 'ବାହୁ' ବଂଶୀୟ ରାଜା ସିଂହବାହୁ ଦ୍ୱାରା ସିଂହପୁର ପ୍ରତିଷ୍ଠା ହେଇଥିଲା ଯାହା ଗଞ୍ଜାମର ପଶ୍ଚିମରେ ୧୧୫ ମାଇଲ ଦୂରରେ ଭାଗଲ ନଦୀ କୂଳରେ ଅବସ୍ଥିତ ।(୯) Mr. T. W. Rhys Davidsଙ୍କ ପୁସ୍ତକ "Buddhist India" ରେ ବର୍ଣ୍ଣିତ ଅଛି ଯେ ଗୋଦାବରୀ ନଦୀ କୂଳରେ ୨୦ ଡିଗ୍ରୀ ତଳକୁ ଏକ ସ୍ଥାନ ଅଛି ଯାହା ଖୁବ ପ୍ରାଚୀନ ଓ ବୈଦିକ ଅଟେ କିନ୍ତୁ ବୁଦ୍ଧଙ୍କ ସମୟରୁ ଏହି ସ୍ଥାନକୁ ପତିତ ସ୍ଥାନ ବୋଲି ନାମିତ କରାଯାଇଛି। ଏଥିରୁ ଅନୁମାନ ହୁଏ ଯେ ବୌଦ୍ଧଧର୍ମ ଯେହେତୁ ବେଦ ଓ ସନାତନ ଧର୍ମର ଅନେକ ନୀତି ନିୟମକୁ ଗ୍ରହଣ କରୁନଥିଲେ, ବୋଧହୁଏ ସେଥିପାଇଁ ଏହି ବୈଦିକ ସ୍ଥାନକୁ ପତିତ ସ୍ଥାନର ଆଖ୍ୟା ଦେଇଥାଇପାରନ୍ତି । ରକ୍ତବାହୁ ହୁଏତ ସେହି ଦାକ୍ଷିଣାତ୍ୟର ବାହୁବଂଶୀୟ ବୌଦ୍ଧ ନରପତି ହେଇଥାଇପାରେ ଓ ସେ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଆସିଥାଇପାରେ। ଏହାର ଦୁଇଟି କାରଣ ହେଇପାରେ ପ୍ରଥମତଃ ବୌଦ୍ଧମାନଙ୍କର ବିଶ୍ୱାସ ଯେ ଜଗନ୍ନାଥଙ୍କ ଶରୀରରେ ବୁଦ୍ଧଙ୍କ ଦେହାବଶେଷ (ଦାନ୍ତ) ସ୍ଥାପିତ ହେଇଛି ସେଥିପାଇଁ ଦର୍ଶନ କରିବା ଏବଂ ଦ୍ୱିତୀୟତଃ ବୌଦ୍ଧମାନେ ମୂର୍ତ୍ତି ପୂଜାରେ ବିଶ୍ୱାସ କରୁନଥିଲେ ତେଣୁ ବିଗ୍ରହ ନଷ୍ଟ କରିବା ଉଦ୍ଦେଶ୍ୟରେ। କାରଣ ଖ୍ରୀଷ୍ଟୀୟ ପ୍ରଥମ ଶତକରୁ ଦ୍ୱିତୀୟ ଓ ତୃତୀୟ ଶତକ ମଧ୍ୟରେ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଜଗନ୍ନାଥ ମନ୍ଦିର ସ୍ୱଂସ୍ପର୍ଶରେ ଆସିଥିବା ଇତିହାସରୁ ଜଣାଯାଏ । (୧୦) କିନ୍ତୁ ଯେତେବେଳେ ସେ ଜଗନ୍ନାଥଙ୍କ ଦର୍ଶନ ପାଇନାହିଁ ଓ ଶୋଭନ ଦେବ ଶ୍ରୀ ବିଗ୍ରହମାନଙ୍କୁ କେଉଁଠି ଲୁଚାଇଦେଇଛନ୍ତି ବୋଲି ଜାଣିପାରିଛି ସେତେବେଳେ ସେ କ୍ରୋଧରେ ଓଡ଼ିଶାକୁ ଆକ୍ରମଣ କରି ଅନେକ କ୍ଷତି ପହଞ୍ଚାଇ ଫେରିଯାଇଛି।

**ରକ୍ତବାହୁ କେଉଁ ଦିଗରୁ/କେଉଁଠାରୁ ଆସିଥିଲା:**

ଅନେକ ଐତିହାସିକ ମତଦିଅନ୍ତି ଯେ ରକ୍ତବାହୁ ଚିଲିକା ଆଡୁ ସମୁଦ୍ର ପଥରେ ଆସି ଓଡିଶାରେ ପ୍ରବେଶ କରିଥିଲା। କାରଣ ରକ୍ତବାହୁ ଯଦି

ଉତ୍ତର ଭାରତ ଆଡୁ ଓଡିଶା ଆସିଥାଆନ୍ତା ତେବେ ଓଡିଶାର ରାଜା ଓ ପୂଜକମାନେ ଶ୍ରୀବିଗ୍ରହମାନଙ୍କୁ ସୋନପୁର ଆଡକୁ ନେବାବେଳେ ରାସ୍ତାରେ ସେ ଏହାର ସୂଚନା ପାଇପାରିଥାନ୍ତା | ଏହା ଏକ logic କୁହାଯାଇପାରେ | କିନ୍ତୁ ମାଦଳା ପାଞ୍ଜିରୁ ସୂଚନା ମିଳେ ଯେ ରକ୍ତବାହୁ ସମୁଦ୍ର ପଥରେ ଆସି ଓଡଶାକୁ ଆକ୍ରମଣ କରି ଫେରିଲା ବେଳେ ସମୁଦ୍ର ମାଡିଆସି ରକ୍ତବାହୁର ଅନେକ ସୈନ୍ୟଙ୍କ ମୃତ୍ୟୁର କାରଣ ହେଇଥିଲା ଏବଂ ସେହି ସମୁଦ୍ରର ଉଦ୍‌ବୃତ ଅଂଶଟି ଚିଲିକା ହ୍ରଦ ବୋଲି ଅନେକ ମତ ଦିଅନ୍ତି | ଦ୍ୱିତୀୟତଃ ଚିଲିକା ଦିଗରୁ ପୁରୀ ଆଡକୁ ଆସିବାକୁ ହେଲେ ତାହାର ଏକମାତ୍ର ରାସ୍ତା ହେଉଛି ଅରଖକୁଦା, ହରଚଣ୍ଡୀ ଦେଇ ଲୋକନାଥ ଘାଟ ବାଟେ ପୁରୀରେ ପ୍ରବେଶ କରିବା | ଉକ୍ତ ରାସ୍ତାର ମଝାମାଝି ନରସିଂହ ପାଟଣା ନାମକ ଏକ ଗ୍ରାମରେ ଏକ ପ୍ରାଚୀନ ଧର୍ମଶାଳା ରହିଛି | ସେହି ଧର୍ମାଶାଳାର ଠିକ ପଛକୁ ଏକ ଐତିହାସିକ ପ୍ରାଚୀନ ପୁଷ୍କରିଣୀ ରହିଛି ଯାହାକୁ ଲୋକେ ଭୀମ ପୁଷ୍କରିଣୀ ବୋଲି କହନ୍ତି | ଏହି ପୁଷ୍କରିଣୀରେ ବ୍ୟବହୃତ ଇଟା ଏହାର ପ୍ରାଚୀନତାର ପ୍ରମାଣ ଦେଇଥାଏ | ସ୍ଥାନୀୟ ଲୋକକଥା ଅନୁସାରେ ଏହି ପୋଖରୀକୁ ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ହରଚଣ୍ଡୀ ଦର୍ଶନ କରି ଆସିଥିବା ବେଳେ ଖୋଳାଇଥିଲେ | ଯାହା ଅଯୌକ୍ତିକ ମନେ ହୁଏ | କାରଣ ଭୀମ ନାମ ସହ ରାମାୟଣର କୌଣସି ସମ୍ପର୍କ ନାହିଁ | ତେବେ ଏହି ପୁଷ୍କରିଣୀରୁ ଶିଳାଲେଖ ଖୋଦିତ ହେଇଥିବା ଏକ ପ୍ରସ୍ତର ଖଣ୍ଡ ଐତିହାସିକଙ୍କ ଦୃଷ୍ଟି ଗୋଚର ହେଇଛି ଯାହା ରକ୍ତବାହୁ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ | ଶିଳାଲେଖଟି ସଂସ୍କୃତ ଭାଷାରେ ଓ ନାଗରୀ ଅକ୍ଷରରେ ଲିଖିତ ଓ ଏହାର ଶୀର୍ଷରେ ଏକ ହସ୍ତୀ ଚିତ୍ର ଥିବା ଦେଖାଯାଏ | ଏଥିରେ ଲେଖା ଅଛି:

"ଯୋ ରକ୍ତବାହୁ ଭୋପାଳ ପତିତ ଗ୍ରାମବାସୀଭିଃ ରାମେଶ୍ୱର ସଚିବଦ୍ୱାତ ଆଗତଃ ଚିଲିକା ତଟେଇଃ ସର୍ବୌଦ୍ଧ ନୃପତି +ହ+ଦର୍ଶନାଥ ଶୁଭକ୍ଷଣେଇଃ ଆଗମ୍ୟ ଚାଅତ୍ର ତଦ ଭୁପଃ ତଡାଗ ଖନନେ ପରମ ପୁନଶ୍ଚ ଖନନମ କୁର୍ଯାତ କୁପେଇକ ମଧୁରେଇଜଳେଇଃ ସମ୍ବତ ୩୭୫ + + ଶକବତ୍ସରେ" (୧୧)

ଅର୍ଥ: 'ପତିତ ଗ୍ରାମ ନିବାସୀ ବୌଦ୍ଧ ରାଜା ରକ୍ତବାହୁ ତାଙ୍କର ମନ୍ତ୍ରୀ ରାମେଶ୍ୱର ସହ ଚିଲିକା ବାଟଦେଇ ଶୁଭକ୍ଷଣରେ ଦର୍ଶନ ପାଇଁ ଆସି ଏକ ପୁଷ୍କରିଣୀ ଖୋଳିଲେ ଓ ପୁଣି ଗୋଟିଏ କୂଅ ଖୋଳିଲେ ଯାହାର ଜଳ ମଧୁର' | ସେହି ପୋଖରୀ ଠାରୁ କିଛି ବାଟ ଗଲା ପରେ ଏକ ପ୍ରାଚୀନ ବାମ୍ପୀ ପଡେ ଯାହା 'ମିଠା କୂଅ' ନାମରେ ସ୍ଥାନୀୟ ସ୍ତରରେ ପରିଚିତ ତାହା ହିଁ ଶିଳାଲେଖର ମିଠା କୂଅ ବୋଲି ଐତିହାସିକମାନେ ଚିହ୍ନିତ କରିଛନ୍ତି | ଶିଳା ଲେଖାର ଅଗ୍ର ଭାଗରେ ହସ୍ତିର ଚିତ୍ର, ରକ୍ତବାହୁ ବୌଦ୍ଧଧର୍ମାବଲମ୍ବୀ ବୋଲି ସୂଚନା ଦିଏ , କାରଣ ହସ୍ତିକୁ ବୌଦ୍ଧ ଧର୍ମରେ ପବିତ୍ର ଓ ଶୁଭ ମନାଯାଏ | ଏ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଏହା ସ୍ପଷ୍ଟ କୁହାଯାଇପାରେ ଯେ ରକ୍ତ ବାହୁ ଜଣେ ବୌଦ୍ଧ ଧର୍ମାବଲମ୍ବୀ ରାଜା (ରକ୍ତବାହୁ ଯେ ଯବନ ହେଇନଥିବେ ଏହା ଅସ୍ୱୀକାର କରାଯାଇ ନପାରେ | ହୁଏତ ସେ ବୌଦ୍ଧ ଧର୍ମ ଗ୍ରହଣ କରିଥାଇପାରେ ) ଓ ସେ ଦକ୍ଷିଣଭାରତରୁ ଆସି ସମୁଦ୍ର ପଥରେ ଓଡିଶାର ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରବେଶ କରିଛି | ରାଜା ଶୋଭନ ଦେବ ଏହି ସୂଚନା ପାଇବା ମାତ୍ରେ କିଛି ବିପଦର ଆଶଙ୍କା କରି ଶ୍ରୀବିଗ୍ରହମାନଙ୍କୁ ବୌଦ୍ଧ ଓ ସୋନପୁର ସୀମାରେ ସ୍ଥିତ ନାୟକ ପଡା ଗୁମ୍ଫାକୁ ସ୍ଥାନାନ୍ତରିତ କରିଦେଇଥିଲେ | ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନପାଇ ରକ୍ତବାହୁ ଓଡିଶାରେ କିଛି ଉତ୍ପାତ ଓ ଅତ୍ୟାଚାର କରିଥିବା ସୂଚନା ମିଳେ | ଏହି କାରଣରୁ ବୌଦ୍ଧ ଜିଲାର ନାୟକପଡା ଗୁମ୍ଫା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନ୍ୟ ଏକ ଲୀଳାଭୂମି ଭାବେ ପ୍ରସିଦ୍ଧି ଲାଭ କରିଛି | ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି |


ସହାୟକ ଗ୍ରନ୍ଥ ସୂଚୀ:

୧. ଆର୍ତ୍ତବଲ୍ଲଭ ମହାନ୍ତି (ସଂ), ମାଦଳା ପାଞ୍ଜି, ପ୍ରାଚୀ ସମିତି, ୧୯୩୨, ଏବଂ ଓଡିଶା ସାହିତ୍ୟ ଏକାଡେମି, ଭୁବନେଶ୍ୱର, ୨୦୦୧, ପୃ-୩

୨. ପାତାଳୀ ଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା, ସଂସ୍କୃତି ବିକାଶ ପରିଷଦ, ବୌଦ୍ଧ, ପ୍ରକାଶ କାଳ –(ଲେଖାଯାଇନି, ସମ୍ଭବତଃ ୨୦୧୦ ରୁ ୨୦୧୨ ମଧ୍ୟରେ ହେବ), ପୃ-୨୦

୩. ସହକାର, ଷଡବିଂଶ ସଂଖ୍ୟା, କଟକ, ୧୯୪୭, ପୃ- ୩୩-୩୫

୪. ପାତାଳୀ ଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା, ସଂସ୍କୃତି ବିକାଶ ପରିଷଦ, ବୌଦ୍ଧ, ପ୍ରକାଶ କାଳ –(ଲେଖାଯାଇନି, ସମ୍ଭବତଃ ୨୦୧୦ ରୁ ୨୦୧୨ ମଧ୍ୟରେ ହେବ), ପୃ-୧୩

୫. ଅମ୍ବରୀଷ ଶତପଥୀ, 'ଓଡିଆ ସାହିତ୍ୟରେ ମାଦଳା ପାଞ୍ଜିର ପ୍ରଭାବ', ପ୍ରମେୟ, ୧୪.୩ I 24.

୬. ଆର୍ତ୍ତବଲ୍ଲଭ ମହାନ୍ତି (ସଂ), ମାଦଳା ପାଞ୍ଜି, ପ୍ରାଚୀ ସମିତି, ୧୯୩୨, ଏବଂ ଓଡିଶା ସାହିତ୍ୟ ଏକାଡେମି, ଭୁବନେଶ୍ୱର, ୨୦୦୧, ପୃ-୪

୭. Hunter's Orissa, Vol-1, chap. V, and Journals Societ. Xi III Pt. p. 246

୮. ପ୍ୟାରିମୋହନ ଆଚାର୍ଯ୍ୟ, ଓଡିଶାର ଇତିହାସ, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୨୫, ପୃ- ୫୧

୯. ଜଗବନ୍ଧୁ ସିଂହ, ପ୍ରାଚୀନ ଉତ୍କଳ, ଓଡିଶା ସାହିତ୍ୟ ଏକାଡେମି, ତୃତୀୟ ସଂସ୍କରଣ, ୧୯୮୨, ପୃ- ୨୫୮

୧୦. ସହକାର, ଷଡବିଂଶ ସଂଖ୍ୟା, କଟକ, ୧୯୪୭, ପୃ- ୩୨

୧୧. ସହକାର, ଷଡବିଂଶ ସଂଖ୍ୟା, କଟକ, ୧୯୪୭, ପୃ- ୩୩


*****


ଅଧ୍ୟକ୍ଷ
ପଞ୍ଚାୟତ ମହାବିଦ୍ୟାଳୟ
ଫିରିଙ୍ଗିଆ , କନ୍ଧମାଳ-୭୬୨୦୦୧

# ଗାଁ ବାହୁଡ଼ା

ସୁସ୍ମିତା ମହାପାତ୍ର



'ଗାଁ ବାହୁଡ଼ା' କହିବାର ଅନ୍ତରାଳେ ଉହ୍ୟ ଥିବା, ସହର ନଗର ଜୀବନରୁ ଅପସରି ଗ୍ରାମ୍ୟ ଜୀବନକୁ ଆପଣେଇ ନେବାର ଉଦ୍ଦେଶ୍ୟ ଏବଂ ସଙ୍କେତ ସ୍ପଷ୍ଟ ବାରିହୁଏ । ସହର ନଗରର ଯନ୍ତ୍ର ଜୀବନକୁ ତୁଚ୍ଛ ମଣି ଛନ୍ଦକବି ରାଧାମୋହନ ଗଡ଼ନାୟକଙ୍କ ଦ୍ୱାରା ଲିଖିତ 'ମାଟିର ମଣିଷ' କବିତାର ପଂକ୍ତି, "ଯନ୍ତ୍ର ତତେକି ମନ୍ତ୍ର ଦେଇଛି ମାଟିର ମଣିଷ ଆରେ ! ମୁଗ୍ଧ ତୋହର ଚିତ୍ତ ଗହନେ ଚିହ୍ନି ପାରୁନୁବାରେ !", ମନ ମଧରେ ଅସୀମ ଗୁଞ୍ଜରଣ ସୃଷ୍ଟିକରେ । ଗାଁର ସଭ୍ୟତା, ସଂସ୍କୃତି, ପର୍ବ ପର୍ବାଣି, ସବୁଜ ବନାନୀ, ପିଲାବେଳ, ଧୂଳିଖେଳ, ପାଣି, ପବନ ତଥା ଛନ୍ଦ କପଟ ହୀନ ନିରାଡ଼ମ୍ବର ଜୀବନର ଅନୁଭୂତି ବାସ୍ତବିକ ନିଆରା ।

"ବରଷ ସାରା କେତେ ନିଆରା ପରବ ଯହିଁ ମାଆ ଆମରି ପାଳେ,
ଗୋଧୂଳି ବେଳେ ଚଉଁରା ମୂଳେ ନିଇତି ପୁଣି ସଞ୍ଜବତୀ ଜାଳେ,
ଜନମ ମୋର ସେଇ ମାଟିରେ ଖେଳିଛି ଯହିଁ ଧୂଳିରେ ସାଥୀମେଳେ,
ନଈ ପାହାଡ଼ ଘେରା ମୋ ଗାଁ, ଶୁଦ୍ଧ ଶୀତଳ ତା'ରି ବାଆ, ପୋଥି ପତରେ ଯାହାର ନାଁ ଥିବଟି କାଳେକାଳେ ।।"

ଏଇଭଳି ସବୁଜ, ସୁନ୍ଦର, ସଂସ୍କୃତି ସମ୍ପନ୍ନ ପୁଣ୍ୟ ପଲ୍ଲୀଭୂମିରେ ଆମର ଶୈଶବ ଅତିବାହିତ ହେଇଛି ସତ ମାତ୍ର ; ଯୁବାବସ୍ଥା ସାଲିସ କରିଛି ଅତ୍ୟାଧୁନିକ କୃତ୍ରିମ ସହରର ମିଥ୍ୟା ଆଢ୍ୟ ଓ ନିର୍ବୋଧ ଆନନ୍ଦରେ(false vanity and foolish pleasure) । ବଢ଼ିଛି ବୟସ, ଯନ୍ତ୍ରବତ ଅଣନିଃଶ୍ୱାସୀ ନିରବଚ୍ଛିନ୍ନ ପ୍ରତିଯୋଗିତାର ଦୌଡରେ । ଭାଟ ସଦୃଶ କରିଛୁ ଶତ୍ରୁର ସ୍ତୁତି ଗାନ ସମୟ ଚକ୍ରରେ । କେବେ କେବେ ପେଷି ହେଇଛୁ କାଳର କୂଟ ମନ୍ତ୍ରଣାରେ ତ କେବେ ଶ୍ୱାସରୁଦ୍ଧ ହୋଇଛି, ଚକ୍ରାନ୍ତର ଚକ୍ରବ୍ୟୁହରେ । ବାରବାର କ୍ଷତ ବିକ୍ଷତ ହେଇଛୁ ପ୍ରତିଦ୍ୱନ୍ଦ୍ୱୀର କଟାକ୍ଷରେ । ଫଟା ହୃଦୟ ଓ କଟା କଲିଜାର କୋହକୁ ଚାପିରଖି ମିଛ ହସ ଖିଏ ନେସିଛୁ ଓଷ୍ଠାଧାରେ, ଅନେକ ସମୟରେ ବାଧ ବାଧକତାରେ । ନୟନରୁ ନିଗାଡ଼ି ନପାରି ଯନ୍ତ୍ରଣାର ଲହୁ, ଲଜ୍ଜାରେ ପିଇ ଯାଇଛୁ ସମାଜର ନେତ୍ର ଆଢୁଆଳେ । ତଥାପି ବିରାମ ଦେଇନୁ କେବେ ନିଜର ଗତିକୁ । ବ୍ୟସ୍ତ ରଖିଛୁ ନିଜକୁ ଅହରହ ନିଜର ଲକ୍ଷ୍ୟ ସାଧନ ମାର୍ଗରେ । ସଜାଡ଼ିଛୁ ସ୍ୱପ୍ନ ଚଢିବାକୁ ବିଦେଶୀ ଗାଡି, ଗଢିବାକୁ ଅତ୍ୟାଧୁନିକ ବଙ୍ଗଳା ଓ ଗଚ୍ଛିତ ରଖିବାକୁ ଅମାପ ବ୍ୟାଙ୍କ ବାଲାନ୍ସ । ପତ୍ର ପତ୍ରିକାର ସମ୍ମୁଖ ପୃଷ୍ଠା ମଣ୍ଡନ କରିବା ନିମନ୍ତେ ପୋଷଣ କରିଛୁ ଅହେତୁକ ଆଗ୍ରହ । ସମାଜରେ ଆଗଧାଡିର ବିଶିଷ୍ଟ ବ୍ୟକ୍ତି ତାଲିକାରେ ନାମ ଯୋଡ଼ିବା ପାଇଁ ଲଗାଇଛୁ ଲବି । ଅସହିଷ୍ଣୁ ପଣରେ ବି ଜଳିଛୁ ଅନେକ ବାର ପ୍ରତିବେଶୀର ପ୍ରଗତିରେ । ଅହଙ୍କାରର ଆହ୍ୱାନରେ ଲେପିଛୁ ଚୂନ, ଶତ୍ରୁର କଟା ଘାଆରେ । ଯୌଥ ପରିବାରର ନିଆରା ପରମ୍ପରାକୁ ଜଳାଞ୍ଜଳି ଦେଇ ବନ୍ଧା ହୋଇଛୁ ଏକକ ପରିବାରର ମୋହରେ, ଗାଁଠୁ ଦୂର ଅଜଣା ସହରର ଅସୁରକ୍ଷିତ ଅଟ୍ଟାଳିକାରେ, ସୁଅ ମୁହଁର ପତର ପରାଏ । ଅଧିକାଂଶ ରାତି ବିତାଉଛୁ କେଉଁ କ୍ଲବ, ବାର, ଡିସ୍କୋ ଅଥବା କେଉଁ ସାଙ୍ଗ କି ସଙ୍ଗିନୀର ବେଡ଼ରୁମରେ । ବୟୋବୃଦ୍ଧଙ୍କ ବାରଣ ରହିତ ଜୀବନ ଜୀଉଁଛୁ ବିନ୍ଦାସ ନିଜ ହିସାବରେ ଓ କେବଳ ନିଜ ମତଲବରେ ।

ସମ୍ପର୍କର ମାନେ ନଥାଏ ଏଭଳି ଯନ୍ତ୍ର ଜୀବନରେ । ଭାଗିଦାରୀ ନଥାଏ କାହାରି, ଯାବତୀୟ ଯନ୍ତ୍ରଣାରେ ଜୀଉଁଥିଲା ବେଳେ । ଅଟକି ଯାଇ ଆ...ହାଃ... ଚୁ...ଚୁ... କରେନା କେହି ବିଚ ରାସ୍ତାରେ ଦୁର୍ଘଟଣାର ଶିକାର ହେଇଥିଲାବେଳେ । ପଥି ଯୋଗାଇ ଦିଏନା ପଡୋଶୀ, ରୋଗଶଯ୍ୟାରେ ଜୀବନ ସହ ଯୁଝୁଥିଲା ବେଳେ । ମିମାଂସା କରେନା କେହି, ଦାମ୍ପତ୍ୟ ଜୀବନରେ ଫାଟ ପଡୁଥିଲା ବେଳେ । ପୋଛି ଦିଏନା ଲୁହ ଅବା ବୁଝିପାରେନା ଅଭିମାନ ଏଠି ସ୍ୱାମୀ, ସ୍ତ୍ରୀର କିମ୍ବା ଭାଇ, ଭଉଣୀର । ଦିନ ଦ୍ୱିପ୍ରହରେ ରାସ୍ତା ମଝିରେ ହୁଏ, ନାବାଳିକାର ଗଣ ବଳାତ୍କାର । ନିଶାରେ ଚୁର ବାପ ଭୁଲିଯାଏ, ଜନ୍ମିତ ଝିଅ ସହ ତା'ର ପବିତ୍ର ସମ୍ପର୍କକୁ । ଶାଶୂ ଯାଏ ଜ୍ୱାଇଁ ସହ ଡେଟିଙ୍ଗରେ ନାଇଟ କ୍ଲବକୁ । ଅର୍ଥ ଉପାର୍ଜନରେ ସାରାଦିନ ବ୍ୟସ୍ତ ଥାଏ ମା', ସ୍ତନନ୍ଧୟଶିଶୁକୁ ଛାଡି ଆୟା କୋଳରେ । ସାବାଳକ ପୁତ୍ର କନ୍ୟାଙ୍କ ମଉଜ ପରେ ଘରବାହୁଡା, ଅବେଳରେ । କ୍ଷୁଧିତ ପେଟରେ ପଥ ଚାହିଁ ବସେନି ମା', ପୁଅର ଅବା ସ୍ତ୍ରୀ, ସ୍ୱାମୀର । ବଣ୍ଟା ହୁଏନି ସୁଖ ଦୁଃଖ ଏଠି, ଆତ୍ମୀୟ ସ୍ୱଜନ ମଧରେ ।

ପ୍ରଦୂଷଣରେ ପ୍ରପୀଡ଼ିତ ପୂରା ସହର । ବିକ୍ରିହୁଏ ଜରା, ବ୍ୟାଧି, ଶୋକ ଏଠି, ଖୁବ ଶସ୍ତାରେ । ଧୂଳି, ଧୂଆଁ ଜନିତ କୃତ୍ରିମ କୁହୁଡିର ଆସ୍ତରଣ ଯୋଗୁଁ ଅହରହ ଘଟେ ଦୁର୍ଘଟଣା ରାସ୍ତାଘାଟରେ । ଗୃହର ସୌଖୀନ ଉପକରଣ, ଯାନବାହାନ ତଥା କଳ କାରଖାନାରୁ ନିର୍ଗତ ଉଚ୍ଚ ଧ୍ୱନି ସମ୍ପନ୍ନ ଶବ୍ଦ ଓ ବିଷାକ୍ତ ବାଷ୍ପରେ ଜନ ଜୀବନ ହୁଏ ବ୍ୟଥିତ ମଥିତ । ସବୁଜ କୋଠରୀ ବାଷ୍ପର ଉନ୍ମତ୍ତ ନୃତ୍ୟ ଚାଲେ, ବାୟୁମଣ୍ଡଳରେ । ଫଳ ସ୍ୱରୂପ କ୍ଷତିଗ୍ରସ୍ତ ଓଜୋନ ସ୍ତରରେ ହୁଏ ଛିଦ୍ର । ଅବାଧରେ ଅତିବାଇଗଣୀ ରଶ୍ମିର ପ୍ରବେଶରେ ଜନସାଧାରଣଙ୍କ ଠାରେ ସୃଷ୍ଟି ହୁଏ ଚର୍ମ କର୍କଟ, ଚକ୍ଷୁ ତଥା ଶ୍ୱାସରୋଗ ପରି କେତେକ ଆରୋଗ୍ୟ ବିହୀନ ବ୍ୟାଧି । ଶ୍ୱାସକ୍ରିୟା ନିମନ୍ତେ ଶୁଦ୍ଧ, ସତେଜ ବାୟୁର ଅଭାବରୁ ନିରାମୟ ମଣିଷର ବି ପ୍ରତିକୂଳ ପ୍ରତିକ୍ରିୟା ଜନିତ ଘଟେ ଆୟୁକ୍ଷାଳ । ପୁଣି ଆକାଶରେ ବିଷାକ୍ତ ବାଷ୍ପ ଓ ଘନୀଭୂତ ଜଳର ପ୍ରତିକ୍ରିୟାରୁ ସୃଷ୍ଟି ଅମ୍ଳବର୍ଷାରେ କ୍ଷତିଗ୍ରସ୍ତ ହୁଏ ବସୁଧା, କଳାସୌଧ ଓ କୀର୍ତ୍ତିସ୍ତମ୍ଭ । ସହରୀକରଣ ପ୍ରକ୍ରିୟାରେ ନଷ୍ଟ କରାଯାଉଥିବା ବଣ ଜଙ୍ଗଲ ଯୋଗୁଁ

ବାଧାପ୍ରାପ୍ତ ହୁଏ ବର୍ଷା ଓ ସମାନ୍ତରାଳ ଭାବେ କ୍ଷତିଗ୍ରସ୍ତ ହୁଏ ଫଳ ଫସଲ । ବିସ୍ଫୋରିତ ଜନସଂଖ୍ୟାର ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ସ୍ୱଳ୍ପ ସମୟ ଅବଧି ମଧ୍ୟରେ କୃତ୍ରିମ ପ୍ରଣାଳୀରେ ରାସାୟନିକ ସାର, କୀଟନାଶକ ଆଦିର ପ୍ରୟୋଗରେ ଉତ୍ପନ୍ନ କରାଯାଉଥିବା ଶଙ୍କରୀକୃତ ଫଳ, ପନିପରିବାର ସେବନ ପୂର୍ବକ, ପ୍ରତ୍ୟହ ଅକାଳ ବାର୍ଦ୍ଧକ୍ୟରେ ଜର୍ଜରିତ ହୁଅନ୍ତି ଅବା ମୃତ୍ୟୁ ବରଣ କରନ୍ତି, ଅଗଣିତ ଜନସାଧାରଣ । ବିନା ପରିଶ୍ରମରେ ଉଦରସ୍ଥ କରି ପ୍ରୋଟିନ ବିହୀନ, ଚିକ୍କଣ ଯନ୍ତ୍ର ଉତ୍ପାଦ ଖାଦ୍ୟ, କିଣନ୍ତି ଆଣ୍ଠୁଗଣ୍ଠି ବାତ, ମଧୁମେହ ଓ ଉଚ୍ଚ ରକ୍ତଚାପ ପରି ଯାବତୀୟ ସ୍ଥାୟୀ ରୋଗ । ପିଜା, ବର୍ଗର, ଚାଓମିନ, ମଞ୍ଚୁରିଆନ ନିଏ ଏଠି ପିଠାପଣା, ଖୀରି ଖେଚୁଡ଼ିର ସ୍ଥାନ । ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଅତ୍ୟଧିକ ସ୍ନେହସାର ଯୁକ୍ତ ଖାଦ୍ୟ ଯୋଗୁଁ ଅକାରଣେ ବୃଦ୍ଧି ହୁଏ କୋଲେଷ୍ଟ୍ରଲ ଓ ମେଦ, ଆକ୍ରମଣ କରେ ବ୍ୟାଧି । ପ୍ରତ୍ୟେକେ ଏଠି ବ୍ୟସ୍ତତା ଓ ବ୍ୟଗ୍ରତାରେ କାଳାତିପାତ କରୁଥିବାରୁ କାହାରି ଭଲମନ୍ଦ ବୁଝିବା କି ଖବର ନେବାପାଇଁ କାହାପାଖରେ ନଥାଏ ସମୟ । ଏପରିକି, ଭିକାରୀ ଓ ଦିବ୍ୟାଙ୍ଗଙ୍କୁ ଦୟା ଦେଖାଇବା ମଧ୍ୟ ହୋଇଯାଏ ସ୍ୱପ୍ନ ।

ଯଦିଓ ସହରରେ ଉପଲବ୍ଧ ନିଯୁକ୍ତିର ଅନେକ ସୁଯୋଗ, ଚିତ୍ତ ବିନୋଦନ ନିମନ୍ତେ ବିଭିନ୍ନ କୃତ୍ରିମ ବ୍ୟବସ୍ଥା, ରକମାରୀ ସୁସ୍ୱାଦୁ ଖାଦ୍ୟର ସମ୍ଭାର, ସୁନ୍ଦର ବସ୍ତ୍ର, ସୌଖୀନ ପ୍ରସାଧନ ସାମଗ୍ରୀ, ଦୈହିକ ସୁଖ, ସର୍ବୋପରି ନିଜ ଜନ୍ମଦାତ୍ରୀ ବ୍ୟତୀତ ପ୍ରତ୍ୟେକ ଚିଜ, ଏଇ ଯାବତୀୟ ସୁଖ ସମ୍ଭୋଗ ମଧ୍ୟରେ ମିଳେନା କିନ୍ତୁ ପ୍ରକୃତ ମାନସିକ ସୁଖ, ଶାନ୍ତି । ମିଳେନା ଶୁଦ୍ଧ ବାୟୁ, ନିର୍ମଳ ଜଳ, ସତେଜ ପନିପରିବା ଓ ସୁସ୍ଥ ନିରାମୟ ଜୀବନ ।

ଋତୁଚକ୍ରର ପରିଧି ମଧ୍ୟରେ ପଲ୍ଲୀର ରଙ୍ଗ ବଦଳେ ସବୁଜ ବନାନୀ ଓ ଶ୍ୟାମଳ ଶସ୍ୟକ୍ଷେତ୍ରର କୋମଳ ଗାଲିଚା ଉପରେ । ଗ୍ରୀଷ୍ମର ରୌଦ୍ରତାପରେ ସହର ସିଝୁଥିବାବେଳେ, ତାହା ପହଞ୍ଚି ପାରେନା ପଲ୍ଲୀଭୂଇଁରେ ପ୍ରକୃତି ରାଣୀର ପଣତ ତଳେ ଥିବା ଶୀତଳ ଛାୟାକୁ ଭେଦ କରି । ଅସରା ମେଘର ପସରା ଅଜାଡି ଗାଁ ମଥାନରେ, ମେଘ ଦେଖାଉଥିବା ନୃତ୍ୟଛଟାର ରମଣୀୟ ଦୃଶ୍ୟ ମିଳେନା ସହରର ବହୁତଳ ପ୍ରାସାଦର କାଚ କାନ୍ଥିନୀ ଉହାଡ଼ରୁ ଅବା ବର୍ଷାର ଇସାରା କରି ନାଲି ଓଢଣୀ ଟାଣି, ଶ୍ୟାମଳ ଦୁର୍ବାଦଳ ପରିବର୍ତ୍ତେ କଂକ୍ରିଟ ସଡ଼କ ଉପରେ ଖେଳ ଦେଖାଏନି ସାଧବ ବୋହୂ । ପହିଲି ବର୍ଷାର ସ୍ପର୍ଶ, ଖେଳାଏନା ଶିହରଣ, ସହରୀ ସଭ୍ୟତାର ଶିରା ପ୍ରଶିରାରେ । ଉନ୍ମାଦିତ ହୁଏନା କବି । କବିତାର ସ୍ୱତଃ ସ୍ଫୁରଣ ହୁଏନା ତା' ହୃଦୟରେ । ନଈ ଧାରେଧାରେ ଶାରଦୀୟ କାଶତଣ୍ଡୀର ଗ୍ରାମ୍ୟ ସୁଷମା ଫୁଟେନା ସହରରେ । ଘାସ ଗାଲିଚାରେ ହୈମନ୍ତିକ ମୁକ୍ତାବିନ୍ଦୁର ମନୋରମ ପଲ୍ଲୀଶୋଭା ନଥାଏ ସହରର ମାର୍ବଲ, ଟାଇଲ ଖଚିତ ଚଟାଣରେ । ଚୁଲୀ ମୁଣ୍ଡରେ ହାତ ପାଦ ସେକି, ଶୀତର ଜାଡକୁ ଅତି ଅନ୍ତରଙ୍ଗତାରେ ଉପଭୋଗ କରିବାର ମଜା କେଉଁଠି ଥାଏ, ଶୀତତାପ ନିୟନ୍ତ୍ରିତ କୋଠରୀରେ ? ବ୍ୟସ୍ତ ବହୁଳ କର୍ମମୟ ସହରୀ ଜୀବନ ଶୈଳୀ ଭିତରେ କାହାର ଅବା ସମୟ ଥାଏ ମନ୍ଦ୍ର ମଧୁର ମଳୟକୁ ଅନୁଭବିବା ପାଇଁ ଅବା ଅଶୋକ, ପଳାଶ, ଶିମିଳି, କୃଷ୍ଣଚୂଡାରେ ନିହିତ ନାଲି ରଙ୍ଗର ଯାଦୁରେ ବିହ୍ୱଳ ବିଭୋର ହେବା ପାଇଁ ?

ଜଡ ଶରୀର ଓ ଚେତନ ଆତ୍ମାଧାରୀ ଜଣେ ମଣିଷ ପାଇଁ ତା'ର ମାଆ, ମାଟି ଓ ମାତୃଭାଷା ସବୁଠୁ ଆପଣାର ଏବଂ ସେମାନଙ୍କ ସୁରକ୍ଷା ଦିଗରେ ରହିଛି ତା'ର ଯଥେଷ୍ଟ କର୍ତ୍ତବ୍ୟ । ତଥାପି ବୟସର ବିଭିନ୍ନ ସୋପାନରେ ତାକୁ ସମ୍ପାଦନ କରିବାକୁ ପଡ଼େ ନିଜର କୃତ୍ୟ ଓ କର୍ତ୍ତବ୍ୟ । ଏହିକ୍ରମରେ, ସେ ସହରାଭିମୁଖୀ ହୁଏ, ଉଚ୍ଚଶିକ୍ଷା ଗ୍ରହଣ କରି ଦେଶ ଓ ଜାତିର ଟେକ ରଖିବା ନିମନ୍ତେ କର୍ମ, ସେବା ଓ ତ୍ୟାଗ ମାଧ୍ୟମରେ । ଶତ ପ୍ରତିଶତ ନ୍ୟାୟ ପୂର୍ବକ ନିଜର ଭୂମିକା ମଧ୍ୟ ସେ ନିର୍ବାହ କରେ । ଏହି ଅବଧି ମଧ୍ୟରେ ସହରର ମିଥ୍ୟା ଆଭିଜାତ୍ୟରେ ନିଜକୁ ହଜାଇ ନଦେଇ ମାତୃଭୂମିର ସର୍ବାଙ୍ଗୀନ ଉନ୍ନତି ପରିକଳ୍ପେ ସତତ ଚେଷ୍ଟିତ ରହିବା ତା'ର ପରମ କର୍ତ୍ତବ୍ୟ । କର୍ମମୟ ଜୀବନରୁ ଅବସର ନେବା ପରେ ଗାଁକୁ ମୁହାଁଇ ସ୍ୱଚ୍ଛ ତଥା ନିର୍ମଳ ବାତାବରଣରେ ଆୟୁଷ୍ମାନ ହେଇ ମାଆ ମାଟିର ସେବାରେ ନିଜକୁ ନିୟୋଜିତ କରିବା ଏକାନ୍ତ ବିଧେୟ । ଜନ ଜାଗରଣ ସୃଷ୍ଟି କରି ମାତୃଭାଷାର ଉନ୍ନତି ନିମନ୍ତେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ଗାଁର ନିରକ୍ଷର ତଥା ଅଶିକ୍ଷିତ ଲୋକମାନଙ୍କୁ ଶିକ୍ଷିତ କରାଇ ତାଙ୍କ ଅଧିକାର ପାଇଁ ଲଢ଼ିବାକୁ ତାଙ୍କୁ ଉପଯୁକ୍ତ କରାଇବା ଜଣେ ସଚେତନ ନାଗରିକ ହିସାବରେ ତା'ର ପ୍ରଥମ କର୍ତ୍ତବ୍ୟ । ଯଥାର୍ଥରେ ପ୍ରକୃତି କବି ଗଙ୍ଗାଧର ମେହେର କହିଛନ୍ତି,

"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?"

ପ୍ରତ୍ୟେକ ସଭ୍ୟତାର ସୃଷ୍ଟି ସ୍ଥଳ ଗାଁ । ଇତିହାସର ମୂକ ସାକ୍ଷୀ ଗାଁ । ଗାଁରୁ ରପ୍ତାନି ଦ୍ରବ୍ୟରେ ଭରିଥାଏ ସହରର ହାଟ ବଜାର । ଗାଁ ଶ୍ରମିକଙ୍କ ଶ୍ରମ ଓ ତ୍ୟାଗରେ ଛିଡା ହୁଏ ସହରର ମନ୍ଦିର, ମସଜିଦ ଓ ନଭଃଚୁମ୍ବି ପ୍ରାସାଦ । ଗାଁର ଢିଙ୍କିକୁଟା ଚାଉଳ, ଚୂଡ଼ା ଓ ହାଣ୍ଡିଭଜା ଖଇ, ମୁଢିରେ ଆଜିବି ରହିଛି, ସହରୀ ଲୋକଙ୍କ ଅହେତୁକ ଆକର୍ଷଣ । ସହରକୁ ଆମଦାନୀ ହେଇ ଆସୁଥିବା ବାସି ବିଦେଶୀ ମାଛ ଅପେକ୍ଷା ଲୋକଙ୍କର ବେଶୀ ପସନ୍ଦ ଗାଁ ବିଲ, ଗଡ଼ିଆ ଓ ପୋଖରୀର ଦେଶୀ ସତେଜ ମାଛ । ଗାଁର ସୂର୍ଯ୍ୟ, ଚନ୍ଦ୍ର, ପ୍ରତ୍ୟୁଷ, ପ୍ରଦୋଷ, ଆଲୋକ, ଅନ୍ଧାର, ଆବାଳ ବୃଦ୍ଧ ବନିତା ସଭିଙ୍କୁ ବିମୋହିତ କରିଥାଏ । ଯାହାକୁ ଉପଭୋଗ ପୂର୍ବକ କବି ସଚ୍ଚି ରାଉତରାୟ

ଲେଖି ଯାଇଛନ୍ତି :

"ଆଲୋକ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ, ଜୀବନ ପଥେ ସକଳ ତା'ର ଫିଟାଏ ନୂଆ ରାହାଟି, ଛୋଟ ମୋର ଗାଆଁଟି ।"

ଆଜିର ଆହ୍ୱାନ ହେଉଛି, ଚାଲ ଆମେ ଗାଁକୁ ଫେରିବା ଯେଉଁଠି ଶରତ ନଈକୂଳେ ପ୍ରକୃତିର ସବୁଜ କୋଳରେ ମନକୁ ମତୁଆଲା କରିପାରୁଥିବା ଛାଇ ଛଇଳ ଆମ୍ରତରୁ ମୂଳ ଏବଂ ମାଧୁରୀ ଚାଖି ଭ୍ରମର ସମ ଘୂରି ବୁଲୁଥିବା ମନ ଥାଏ, ବଣମଲ୍ଲୀର ବାସ୍ନାରେ ଚଉଦିଗ ଉଚ୍ଛୁଳୁଥାଏ । ବିରହ ନେତ୍ରରେ ଚକ୍ରବାକ ଓ ଚକ୍ରବାକୀ ଅସ୍ଥିର ହେଉଥାନ୍ତି । ସଂଧ୍ୟା ନଇଁ ଆସୁଥାଏ । ପଦ୍ମ ନେତ୍ର ବୁଜିଲାବେଳେ କଇଁଫୁଲ ଚକ୍ଷୁ ଖୋଲୁଥାଏ । ଦ୍ୱାରେ ଦ୍ୱାରେ ସଞ୍ଜବତୀର ଶିଖା ଉର୍ଦ୍ଧ୍ୱଗାମୀ ହେଉଥାଏ । ଦେବ ମନ୍ଦିରରେ ଆଳତି ଏବଂ ଘଣ୍ଟା ଶବ୍ଦ ଶୁଭୁଥାଏ ଆଉ ଅସ୍ତମିତ ସୂର୍ଯ୍ୟଙ୍କ ପରେ ଅନ୍ୟ ଦିଗରେ ଚନ୍ଦ୍ର ଉଦୟର ଶୋଭା ସଂଦର୍ଶନ କରିବାର ଆନନ୍ଦ ପ୍ରାପ୍ତ ହୋଇଥାଏ । ଯେଉଁଠି ନିତି ଶୁଭେ ପକ୍ଷୀଙ୍କ କଳରବ, ପତ୍ର ମର୍ମର, ଝରଣାର କୁଳୁକୁଳୁ ନାଦ, ସ୍ତିମିତ ବର୍ଣ୍ଣାଳୀ ବୋଳା ଗୋଧୂଳି ଲଗ୍ନରେ ଦୂର ବନ ପ୍ରାନ୍ତରୁ ଭାସି ଆସୁଥିବା ଗୋପାଳ ବାଳକର ବଂଶୀବାଦ, ଝିଙ୍କାରୀର ଝିଂ ଝିଂ ସାଥେ ମଧୁପର ଗୁଣୁଗୁଣୁ ଗୀତ ଓ ଦୂର ପର୍ବତର ପ୍ରତିଧ୍ୱନି । ଯେଉଁଠି ବିମୁଗ୍ଧ କରେ ପ୍ରାକୃତିକ ପଲ୍ଲୀଶୋଭା, ଋତୁ ମାନଙ୍କର ମର୍ମଭେଦୀ ଅନୁଭବ, ମାଟିର ଆପଣା ପଣ, ବିସ୍ତୃତ ନୀଳ ଗଗନ, ରକ୍ତ ତପନ ଓ ସଞ୍ଜର ଆଗମନ । ଗ୍ରାମ୍ୟ ଜୀବନର ଅନୁଭୂତିରେ ଅଭିଭୂତ ହୋଇ ଜଣେ ଆନନ୍ଦରେ ଗାଇପାରେ,

"ଏ ଗାଁ ମାଟି ଏ ପାଣି ପବନ ଭଲଲାଗେ ମୋତେ ଭଲଲାଗେ, ଉଆଁସ ରାତିର ଘନ ଅନ୍ଧାରେ ଚହଳ ଜାଗେ ଚଉଦିଗେ ।"

ଏ ସବୁ ସ୍ୱର୍ଗୀୟ ଚେତନା ଓ ଦିବ୍ୟଭାବ କି କସ୍ମିନକାଳେ ସହର ଜୀବନରେ କଳ୍ପନା କରାଯାଇପାରେ ?

*****

ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ,
ସେକ୍ଟର-6, ରାଉରକେଲା – 769002
ମୋ. ନଂ – 9437503138/7978449218

# Corporate Donors


## Ganesh Chaturthi Mahotsav 07-09-2024

- AMD Industries Ltd.
- Anuj Cable
- AOV Exports Pvt. Ltd.
- B D Yarn Pvt Ltd
- Bharat Textile Embroidery
- Bir Horizons
- Diplomatic Tours
- Indo Medhub
- Ink Texventures Pvt Ltd.
- KDH Textiles Pvt. Ltd.
- Rahul Cargo Pvt. Ltd.
- Richa Global Exports Pvt. Ltd.
- R.S. Printfab Pvt. Ltd.
- Santosh Timber Trading Co. Pvt Ltd.
- Shakti Infrastructure
- Sri Krishna Logistics
- Team Express Pvt. Ltd.
- Times logistics Limited

*Thanks for your kind support*

# ଅନ୍ତିମ ଭୋକ

ଡକ୍ଟର ମନୋଜ ପ୍ରଧାନ



ଦିନସାରା ପାଖରେ ବସି ବୁଢା ବୁଢୀର ମୁହଁକୁ ଅନାଇଁ ରହୁଥିଲା। ସାଇଭାଇ,ବଂଧୁ,ପ୍ରିୟପରିଜନ ବରାବର ଆସୁଥିଲେ ବୁଢୀକୁ ଦେଖିବା ପାଇଁ, ତା'ର ସ୍ନେହ, ଶ୍ରଦ୍ଧାକୁ ମନେପକାଇ। କିନ୍ତୁ ବୁଢା କୌଣସି କାରଣରୁ କାହାସହ ମନଖୋଲି ପଦେ ବି କଥା ହେଉ ନଥିଲା। ତା' ଦୃଷ୍ଟି ସର୍ବଦା ନିବଦ୍ଧ ରହୁଥିଲା ତା' ବୁଢୀର ମୁହଁ ଉପରେ। ତା'ର ବଦ୍ଧମୂଳ ଧାରଣାଥିଲା, ଯମ କେବେ ବି ତା' ବୁଢୀକୁ ନେଇ ପାରିବନି ଯେ ପର୍ଯ୍ୟନ୍ତ ପାଖରେ ଲୋକମାନଙ୍କ ଉପସ୍ଥିତି ରହିଛି, କିମ୍ବା ସେ ନିଜେ ପାଖେପାଖେ ଅଛି। କିନ୍ତୁ ରାତି ହୋଇଗଲେ ତା'ର ଆଶଙ୍କା ବଢିଯାଉଥିଲା କାରଣ ଅଂଧାର ଭିତରେ ହଜି ଯାଉଥିଲେ ସମସ୍ତେ ନିଜ ନିଜ ଚୌହଦୀ ଭିତରେ। ଆଉ ସାରା ଗାଁଟା ବି କେମିତି ଯେ ନୀରବି ଯାଉଥିଲା ଆପେଆପେ ଗୋଟିଏ ଘଞ୍ଚ କଳାଚାଦର ଭିତରେ। ତେବେ ନୀରବି ଯାଉ ନଥିଲା ବୁଢାର କଣ୍ଠସ୍ୱର। ଲଣ୍ଠନର ଧିମା ଆଲୁଅ ଭିତରେ ବି ସେ ସ୍ପଷ୍ଟ ଭାବରେ ତା ବୁଢୀର ମୁହଁକୁ ଅନାଇଁ ବୋଲୁଥିଲା ଭାଗବତ,ରାମାୟଣ, ଶାନ୍ତି ବୋଧ ଚଉତିଶା, ବାୟାଦାସଭଜନ ମାଳା, ହନୁମାନ ଚାଳିଶାରୁ କିଛିକିଛି ଯାହାସବୁ ତା'ର କଣ୍ଠାଗ୍ରତ ଥିଲା ବହୁତ ଦିନରୁ। ସେ ଏଥିପାଇଁ ବୋଲୁଥିଲା କି ଠାକୁରଙ୍କ ନାମନେଲେ କି ଧର୍ମ ପୁସ୍ତକ ପାଠକଲେ ଯମ କେବେବି ତା' ବୁଢୀର ପାଖ ମାଡି ପାରିବନି।

ଦୁଇମାସ ପୂର୍ବରୁ ସବୁ ଠିକଠାକ୍ ଥିଲା। ବୁଢାର ଆଉ ବୁଢୀର ଦୈନନ୍ଦିନ ଜୀବନ ଚର୍ଯ୍ୟା ସବୁ ସୁନ୍ଦର ଭାବରେ ଚାଲିଥିଲା। ଦୁହେଁ ନିଜ ପରିପୂର୍ଣ୍ଣ ଜୀବନକୁ ନେଇ ବହୁତ ଖୁସିଥିଲେ। ପରିବାରର ସମସ୍ତେ ଦୁହିଁଙ୍କୁ ଭଲ ପାଉ ଥିଲେ। ଭକ୍ତି, ସମ୍ମାନ ଦେଖାଉଥିଲେ। ରାତିରେ ଦି'ଜଣଯାକ ପାଖାପାଖି ଦୁଇଟା ଖଟରେ ଖୁସିଗପ କରୁକରୁ ଶୋଇ ଯାଉଥିଲେ। ବୁଢା ସବୁଦିନ ବୁଢୀକୁ ଧର୍ମଶାସ୍ତ୍ର ପଢି ଯାହାସବୁ ଶିଖିଥିଲା କିମ୍ବା ମନେ ରଖିଥିଲା ସେସବୁ ଗୋଟିଗୋଟିକରି ଶୁଣାଉଥିଲା। ସେମାନେ ହସୁଥିଲେ,କାନ୍ଦୁଥିଲେ ଏକାବେଳେ ଆଉ ସୁଖଦୁଃଖ ବି ବାଣ୍ଟି ନେଉଥିଲେ ସମାନ ଭାବରେ। 'ଏକମନ ଏକ ପ୍ରାଣ'-- ର ଜୀବନ ଥିଲା ଦୁହିଁଙ୍କର। କିନ୍ତୁ ହଠାତ୍ ଦିନେ ଅସାବଧାନତାବଶତଃ ବୁଢୀର ପାଦ ବାରଣ୍ଡାରେ ପଡିଯାଇଥିବା ତେଲ ଉପରେ ପଡି ଖସିଯିବାରୁ ସବୁକିଛି ଓଲଟ ପାଲଟ ହୋଇଗଲା। କାହିଁକି କେଜାଣି କୋତରା ଲଗା ହୋଇଗଲା ବୁଢୀ। ସେତେବେଳେ ଗାଁ ଗଣ୍ଡାରେ ନା ଥିଲା ଡାକ୍ତରଖାନା,ନା ଥିଲେ ଡାକ୍ତର। ତା' ଛଡା ସାଧ ସାଧନ ଦି'ଟା ଯାକର ଘୋର ଅଭାବ ଥିଲା ଗାଁଗଣ୍ଡାର ଲୋକମାନଙ୍କର। ଖାଲି ଏକମାତ୍ର ଭରସା ଥିଲା ଚୁଟୁକାମୁଟୁକା ଜାଣିଥିବା ଗାଁବଇଦ। ସେଇ ଗାଁବଇଦ ବନେଇ ସାହୁ ଶେଷରେ ଆସି ଯେତେ ଯାହା କଲା କିଛି କାଟୁ କଲାନି। ନିରାଶ ହୋଇ ମୁଣ୍ଡ ଟୁଙ୍ଗାରିଦେଇ ସେ ଚାଲିଗଲା ପରେ ସମସ୍ତେ ଜାଣିଲେ ବୁଢୀ ଆଉ ଥାକିବନି। ବୁଢା ବି ଜାଣିଲା। ମନକଥା ମନରେ ମାରି ବହୁତ କାନ୍ଦିଲା। ମୃତବତ୍ ବୁଢୀଟାକୁ ଲକ୍ଷ୍ୟକରି ତା' ମୁଣ୍ଡରେ ଚଡକ ମାଡି ପଡିଲା। ବୁଢୀବିନା ସେ ବଞ୍ଚିବ କିପରି? ତା' ମନକଥା, ତା'ର ହୃଦୟର କଥା ଆଉ ଶୁଣିବ କିଏ, ବୁଝିବ କିଏ? ତା'ର ଗୀତ, ଗପ, ପୁରାଣ କାହାଣୀ ଆଉ ମନଲଗାଇ ଶୁଣିବ କିଏ??? ବୁଢୀର କଥା ଚିନ୍ତା କରିକରି ବୁଢା ବି ଦିନକୁଦିନ କାଇଲା ପଡି ଗଲା। ପ୍ରଥମେ ପ୍ରଥମେ ପାଟିକୁ କିଛିକିଛି ନେଉଥିଲା ବୁଢୀ। ଏବେ ଦି'ଢୋକ ମିଶିରି ପାଣି ବ୍ୟତୀତ ତା' ତଣ୍ଟିରେ କିଛି ବି ଯାଉନି। ଏଇ ଢୋକେ ପଣାରେ କ'ଣ ଆଉ ପିଣ୍ଡ ଧରିପାରିବ ବୁଢୀ? ଏତେସତ୍ତ୍ୱେ ବି ବୁଢା ଆଶା ଆଉ ବିଶ୍ୱାସ ରଖିଥିଲା ଦିନେ ନା ଦିନେ ତା' ବୁଢୀ ଠିକ୍ ହୋଇଯିବ। ପୁଣି ଅଳିଅର୍ଦ୍ଦଳି କରିବ ତା'ଠୁଁ ଭଲଭଲ କଥା ଶୁଣିବାକୁ। କିନ୍ତ ତା' ବୁଢୀଟା ବିବାକେ ଚୁପ୍ ହୋଇଯିବାରୁ ତାକୁ ସଂସାରଟାଯାକ ଲାଗିଲା ଶୂନ୍ୟମୟ। ଶୂନ୍ୟ ଶୂନ୍ୟ ମହାଶୂନ୍ୟ। ଆଉ ସେଇ ମହାଶୂନ୍ୟର କୋଉ ଅନାମଧେୟ କୋଣରେ ଲଟକି କରି ରହିଛି ତା' ବୁଢୀର ଦୁର୍ବଳ ଶରୀରର ଆତ୍ମା!!

ସେଦିନ ଥିଲା ଭୋଦୁଅ ଏକାଦଶୀ। ବୁଢା ସବୁଥର ପରି ସକାଳୁ ସକାଳୁ ଉଠିପଡି, ସ୍ନାନଶୌଚ ସାରି ଲାଗିପଡିଲା ଠାକୁରଙ୍କ ସେବାରେ। ଗୋଟିଏ ବୋଲି ବୋହୂ। ଝିଅ ମାନ୍ୟରେ ନିଜ ବାପାମାଆ ଭଳି ମାନେ ବୁଢାବୁଢୀଙ୍କୁ। ମନପ୍ରାଣ ଦେଇ ହେପାଜତ କରେ ଦୁହିଁଙ୍କର। ସେ ବି ବୁଢାକୁ ସାହାଯ୍ୟ କରିବାକୁ ଯାଇ ବଡିଭୋରରୁ ଉଠିଯାଇ ସ୍ନାନଶୌଚ ଅନ୍ତେ ଲାଗି ପଡିଥିଲା ଭୋଗରାଗ ତିଆରି କରି ବୁଢାଙ୍କ ପୂଜା ସମୟରେ ପାଖେପାଖେ ରହି ହାତ ବାଣ୍ଟିବାରେ। ଦିନକ ଆଗରୁ ସେ ଆୟୋଜନ କରି ସାରିଥିଲା ସବୁ କିଛି ଆଗଭଳି। ବୁଢା ଆସନରେ ବସି ନାନାଦି ମନ୍ତ୍ର ଉଚ୍ଚାରଣ ସହ ଧୂପ ଦୀପ ଗୋଗୁଳ ଆଉ ପୁଷ୍ପାଦି ନୈବେଦ୍ୟ ଦେଇ ଆବାହନ ଅନ୍ତେ ଭୋଗରାଗ ଦେଇ ଠାକୁରଙ୍କୁ ଅର୍ପଣ କଲା ବିଧିମତେ। ତାପରେ ମୁଖସ୍ଥ କରିଥିବା ଏକାଦଶୀ ମହିମା ସ୍ତୋତ୍ର ଆରମ୍ଭ କଲା ସାବଲୀଳ କଣ୍ଠସ୍ୱରରେ। ତନ୍ମୟହୋଇ ଗାଇ ଯାଉଥାଏ ବୁଢା। ପାଖରେ ଯୋଡହସ୍ତରେ ବସିଥାଏ ବୋହୂ। ଧୂପ, ଦୀପ ଆଉ ଗୋଗୁଳର ବାସ୍ନା ଚହଟି ଯାଉଥାଏ ଘରସାରା। ସ୍ତୋତ୍ର ବୋଲୁବୋଲୁ ଧାରଧାର ଲୁହ ବୋହି ଯାଉ ଥାଏ ବୁଢାର ଆଖିରୁ। ତାଙ୍କ ଆଖିରେ ଲୁହ ଦେଖି ବୋହୂର ଆଖି ବି ନରମି ଯାଉଥାଏ ଅମାନିଆଁ ଲୁହରେ। ପୂଜା ସରିବାକୁ ଆଉ ଅଳ୍ପ କିଛି ବାକିଥାଏ । ବୁଢା ଭୋଭୋହୋଇ କାନ୍ଦିଉଠି କହିଲା---" ମୋ ବୁଢୀକୁ ଆଉ ଏତେ ହନ୍ତସନ୍ତ କରନାହିଁ ପ୍ରଭୁ ! ତା' କଷ୍ଟ ମୁଁ ଦେଖି ପାରୁନାହିଁ।

ପାରିବତ ନେଇଯାଅ ତାକୁ, ନାହିଁତ ଅକାଳ ମରଣ ଦିଅ ମୋତେ ଯେ, ମୁଁ ଯେମିତି ଚାଲିଯାଏ ତା'ର ଏତେକଷ୍ଟ ଆଖିରେ ଦେଖିବା ଆଗରୁ " !! ଏତକ କହି ମୁଣ୍ଡିଆଟେ ମାରିବାକୁ ଯାଉଛି ବୋହୂ ବୁଢୀର କୁଛେଇବା ଶବ୍ଦ ଶୁଣି ଉଠିପଡି ଧାଇଁଗଲା ତା' ପାଖକୁ ଆଉ ଖୁବ୍ ଶୀଘ୍ର ଫେରି ଆସି ବୁଢାକୁ କହିଲା -- " ବାପା,ବାପା,ମାଆ ଆମର ଉଠିକି ବସିଲେଣି " !!

ବୁଢା କାଳବିଳମ୍ବ ନକରି ଉଠିଗଲା ବୁଢୀ ପାଖକୁ। ସତକୁସତ ବୁଢୀ ଉଠିଯାଇ ବସି ଯାଇଥିଲା ତା'ର ଖଟ ଉପରେ। ଥରୁଥିଲା ରହିରହି ଅଜବ ଭାବରେ। ବୁଢା ତାକୁ କୁଣ୍ଢେଇ ନେଇ କାନ୍ଦିପକାଇଲା ଭୋଭୋ ହୋଇ। ଖୁବଶୀଘ୍ର ଘରଟାଯାକ ଲୋକ, ସାଇଭାଇ ହୋହୋଲ୍ଲା ହୋଇ ଧାଇଁ ଆସିଲେ ବୁଢୀପାଖକୁ। ସ୍ତ୍ରୀଲୋକ ଯେତେ ତା' ସେବାରେ ଲାଗି ପଡିଲେ ସମସ୍ତେ। କିଏ ଗୋଡ଼ହାତ ଘଷିପକାଇଲା ତ କିଏ ଓଦା ଗାମୁଛା ଚିପୁଡିଦେଇ ପୋଛିନେଲା ଦିହ ଆଉ ମୁହଁ ଅବା ଆଉ କିଏ ମିଶିରି ପାଣି ଟିକିଏ ପିଆଇ ଦେବ ବୋଲି ଆଗ୍ରହ କଲା। ବୁଢା ବୁଢୀକୁ କାନ୍ଦିକାନ୍ଦି କହିଲା---" ଆଲୋ, ତୁ କିଛି କହୁନୁ କାହିଁକି? ତୁ ଜାଣିଛୁ, ମୁଁ ଯଦି ତୋଠୁଁ କିଛି ଶୁଣିବିନି ତାହେଲେ ଆଉ ବଂଚି ପାରିବିନି କେବେ ବି " !! ବୁଢୀ ସେଇ ମିତି ଆଖିବୁଜି ବୁଢାର ଛାତି ଉପରେ ମୁଣ୍ଡଟା ଡେରିଦେଇ କହିଲା ଖନେଇ ଖନେଇ---" ମୋତେ ଭା'ରି ଭୋକ "!! ବୁଢା ବୋହୂକୁ ଡାକି କମ୍ପିତ ଗଳାରେ କହିଲା---" ତୋ ମାଆକୁ ବହୁତ ଭୋକ ଲୋ ଝିଅ ! ତୁ ଟିକିଏ ହାଉଲେ ଗଲୁ ମା',ଠାକୁରଙ୍କ ଜାଗାରୁ ତାଟିଆରେ କିଛି ପ୍ରସାଦ ନେଇକି ଆସିବୁ। ଠାକୁରଙ୍କ ପାଖରେ ଲାଗିଥିବା ଭୋଗରୁ ସେଥିରେ ଟିକିଏ ମିଶାଇବାକୁ ଭୁଲିବୁନି। ଜବର ଭର୍ତ୍ତିକରି ଆଣିବୁ। ଜାଣିଛୁ ନା ତୋ ମାଆ କେଇଦିନ ହେଲା କିଛି ବି ଖାଇନି। ଆଜି ସେ ଖାଇବ ଲୋ ମାଆ ମୋ ହାତରୁ, ଦେଖିବୁ "।

ବୋହୂ ଲୁହ ଟଳମଳ ଆଖିରେ ତାଟିଆଟେ ନେଇ ଧାଇଁଯାଇ ବୁଢା କହିଥିବା ମୁତାବକ ତାଟିଆଏ ନେଇ ଆସିଲା ଠାକୁରଙ୍କ ପ୍ରସାଦ। ରୁଣ୍ଡ ହୋଇଥିବା ସମସ୍ତେ ଅନାଇଁଥାନ୍ତି ବୁଢୀର ମୁହଁକୁ ତଟସ୍ଥ ହୋଇ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ---' ସତରେ କ'ଣ ବୁଢୀ ଖାଇବ? ସତରେ'?? କିନ୍ତୁ ସତକୁ ସତ ବୁଢୀ ଖାଇଲା। ବୁଢା ସ୍ନେହ ସରାଗ ଭରି ବୁଢୀକୁ ଖୁଆଇ ଦେଲା ତାଟିଆଏ ପ୍ରସାଦ। ତାପରେ ଠାକୁରଙ୍କ ଛଡାପାଣି ଗିଲାସରୁ ମୁନ୍ଦାଏ ହେବ ପିଆଇଦେଇ କାନ୍ଧରେ ଥିବା ଗାମୁଛା ରେ ତା' ମୁହଁକୁ ପୋଛିନେଲା ଭଲକରି।

ଧିରେଧିରେ ଆଖିଖୋଲିଲା ବୁଢୀ। ବୁଢା ମୁହଁକୁ ଚାହିଁ ହସି ଦେଲା ସରାଗରେ। ବୁଢା ଆଉ ସମ୍ଭାଳି ପାରିଲାନି ନିଜକୁ। ଝରଝର ହୋଇ ଦି'ଧାର ଲୁହ ଝରିଗଲା ତା' ଚିବୁକଦେଇ। ଗଡି ପଡିଲା ବୁଢୀର କପାଳ ଉପରେ। ବୁଢୀ ଏକାଗ୍ର ଚିତ୍ତରେ ଅନାଇଁଥାଏ ତା'ର ପ୍ରାଣ ପ୍ରିୟତମର ଆଖିକୁ। ନିଷ୍ପଲକ ଦୃଷ୍ଟି ରେ। ସମଗ୍ର ଦୃଷ୍ଟି କିଛି କ୍ଷଣପରେ ସ୍ଥିର ହୋଇଗଲା ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ବଳୟରେ। ନିଥର ହୋଇଗଲା ତା'ର ସବୁକିଛି। ଭାବପ୍ରବଣ ଲୋକମାନଙ୍କର ହରିବୋଲ ହୁଳହୁଳି ଧ୍ୱନିରେ କଂପିଗଲା ବୁଢାବୁଢୀଙ୍କ କୁନି ବଖରାଟି। ସମସ୍ତେ ଏକାସ୍ୱରରେ କହିଲେ 'ଧନ୍ୟ ଧନ୍ୟ' !! ଏଇ ମୁଠିକ ସ୍ୱାମୀ ହାତରୁ ପାଇବ ବୋଲି ତାହେଲେ ତକେଇ ଥିଲା ପୁଣ୍ୟବତୀ ବୁଢୀ। ଥାଇ ଥାଇ ଏକାଦଶୀର ଅମୃତ ବେଳାରେ ଚାଲିଗଲା ସେ ସବୁଦିନ ପାଇଁ। ବୁଢା କାନରେ ଏସବୁ କିଛି ବି ଶୁଭୁ ନଥିଲା। ବୁଢୀର ନିଷ୍ପ୍ରାଣ ଶରୀରକୁ ଭିଡିଧରି ସେ ଚିତ୍କାର କଲା ---" ଏତକ ପାଇକି ଯିବୁ ବୋଲି ତୁ ତାହେଲେ ମୋ ସାଙ୍ଗରେ ଖେଳୁଥିଲୁ, ନାଇଁ ? ତୋତେ ସତରେ ଭୋକ ହେଉଥିଲା ନା କଥାପଦେ ନକହି ଚାଲିଗଲେ ମୋ ମନରେ କଷ୍ଟ ହେବ ବୋଲି ଏମିତି ଭିଆଣ କରି ଚାଲିଗଲୁ?? ଦେଖ୍, ତୁ ମୋତେ ଏମିତି ଏକୁଟିଆ କରି, ଠକିଦେଇ ଯାଇ ପାରିବୁନି ଆଗରୁ, ତୋତେ କାନେକାନେ କହି ଦେଉଛି। ତୋତେ ଏକୁଟିଆ କିଛି ବି ଭଲ ଲାଗେନି। ମୋ ଛଡା ଆଉ କିଏ ଅଧିକ ଜାଣିଛି, କହିଲୁ ମୋ ଧନ !! ତୁ ତ ମୋ ହାତରୁ ମୁଠିକ ନେଇ ଚାଲିଗଲୁ। ତୋ ମୁଠିକ ନପାଇ ମୁଁ କେମିତି ବଞ୍ଚିବି ଟିକିଏ ବି ଚିନ୍ତା କଲୁନାହିଁ "???


ବାହାରେ ସଂସାରଯାକର ଲୋକଭିଡ ଭିତରେ ବୁଢୀକୁ ଅହ୍ୟ ସୁଲକ୍ଷଣୀ ବେଶରେ ସଜେଇ ତା'ର ଶେଷଯାତ୍ରା ପାଇଁ କୋକେଇ ଭିଡା ହେଲାବେଳେ ବୁଢା ବାରଣ୍ଡାର ଖୁଣ୍ଟକୁ ଆଉଜି ଅନାଇଁଥିଲା ଅନନ୍ତ ଆକାଶ ଆଡକୁ। ପକ୍ଷୀଟିଏ ଉଡିଉଡି ଯାଇ ଲୀନ ହୋଇଯାଉଥିଲା ଦୂର ଦିଗବଳୟରେ। ନିଷ୍ପଲକ ଚକ୍ଷୁରେ ସେଦିଗକୁ ଅନାଇଁ ସେ କ'ଣ ଭାବୁଥିଲା କେଜାଣି !! କିନ୍ତୁ ସେଯାଏଁ ତଥାପି ପ୍ରତିଧ୍ୱନିତ ହେଉଥିଲା ତା' କାନରେ ତା' ବୁଢୀର ଶେଷ କଣ୍ଠସ୍ୱର---" ମୋତେ ଭା'ରି ଭୋକ "! ବୁଢା ଆଖିରୁ ଗଳଗଳ ହୋଇ ଗଳି ପଡୁଥିଲା ଅସରା ଅସରା ଲୁହ। ତା ଆଖି ରୁନ୍ଧି ହୋଇଯାଉଥିଲା ଲୁହର ଅଳନ୍ଧୁରେ। କେହି ଜଣେ ହାତଧରି ତାକୁ ଉଠାଇଲା ବେଳେ କୋହ ବିଜଡିତ କଣ୍ଠ ରୁ ତାହାର ବାହାରି ପଡିଲା---" ମନେମନେ ଆଗତୁରା ଗଲୁ। ଟିକିଏ ବି ଭାବି ପାରିଲୁନି, ଏକୁଟିଆ ଚାଲିଗଲୁ ମୋତେ ପଛ ରେ ପକାଇ ଦେଇ। ହାତଟା ଧରି ଭିଡିନେଲୁନି ?? ମୁଁ କ'ଣ ତୋ ସାଥିରେ ଯିବାପାଇଁ ମନାକରୁଥିଲି "???

*****

ରେଢାଖୋଲ, ସମ୍ବଲପୁର
pradhanmanoranjan1664@gmail.com

# ନୀଳଚକ୍ର

ଇଂ ବିଜୟ କୁମାର ସେନାପତି



ଶ୍ରୀ ମନ୍ଦିରର ଦଧିନଉତି ଉପରେ ଶୋଭାପାଉଥିବା ଚକ୍ରକୁ ନୀଳଚକ୍ର କୁହାଯାଏ,ଯାହା ଉପରେ ପତିତପାବନ ବାନା ଫରଫର ହୋଇ ଅନବରତ ଉଡୁଥାଏ। ଏହାକୁ ବିଷ୍ଣୁଙ୍କର ସୁଦର୍ଶନ ଚକ୍ରର ପ୍ରତିକୃତି ବୋଲି ମଧ ବିବେଚନା କରାଯାଇଥାଏ। ଏହା ଅଷ୍ଟ ଧାତୁରେ ନିର୍ମିତ ହୋଇଥିବାର ପ୍ରମାଣ ମିଳେ। ଏହି ଧାତୁ ମାନ ହେଲେ ଲୁହା, ତମ୍ବା,କଂସା,ରୂପା,ସୁନା,ପାରଦ,ଦସ୍ତା ଓ ଜିଙ୍କ୍ । ପୁରାତନ ଯୁଗରେ ବି ମିଶ୍ର ଧାତୁର ବ୍ୟବହାର ଯେ ଆମ ଓଡିଶାର ବିନ୍ଧାଣୀ ମାନଙ୍କୁ ଜଣାଥିଲା,ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ବୈଜ୍ଞାନିକ ଦୃଷ୍ଟି କୋଣରୁ ବିଚାର କଲେ,ଏହା ବଜ୍ରପାତ ଓ ବିଜୁଳିର ମାଡ ସହିବାର କ୍ଷମତା ରଖିଥାଏ। ତା ଛଡା ଏହି ନୀଳଚକ୍ର ସହ ଚାରି ଇଞ୍ଚ ଚଉଡା ର ତିନିଶହ ଫୁଟ ଲମ୍ବର ଏକ ଲୁହା ପ୍ଲେଟ୍ ଖଞ୍ଜା ହୋଇ ମନ୍ଦିରର ଚୂଡ଼ାରୁ ଲମ୍ବି ଆସି ,ମାଆ ବିମଳାଙ୍କ ମନ୍ଦିର ସମ୍ମୁଖରେ ଥିବା କୂଅରେ ସଂଯୋଗ ହୋଇଥିବାର ଲକ୍ଷ୍ୟ କରାଯାଏ। ଏହି ( earthing) ହିଁ ବୋଧେ ମୁଖ୍ୟ ମନ୍ଦିରକୁ ଏ ପର୍ଯ୍ୟନ୍ତ ବଜ୍ରପାତ ରୁ ରକ୍ଷା କରିପାରିଛି।

ନୀଳଚକ୍ର ଦୂରରୁ ଛୋଟ ଦେଖା ଯାଉଥିଲେ ବି ତାହା ପ୍ରକୃତରେ ବିଶାଳକାୟ।

ନୀଳଚକ୍ର ର ବାହ୍ୟ ପରିଧି ୩୬ ଫୁଟ ହୋଇଥିବା ବେଳେ ଅନ୍ତର୍ପରିଧି ୨୭ ଫୁଟ। ଏହା ମଧରେ ଆଠଟି ଅଖ ଅଛି। ପ୍ରତ୍ୟେକ ଅଖ ର ଲମ୍ବା ୧ ଫୁଟ ଦଶ ଇଞ୍ଚ । ପରିଧିର ଚଉଡା ୯ ଇଞ୍ଚ ହୋଇଥିବା ବେଳେ ମୋଟେଇ ୨ ଇଞ୍ଚ। ନୀଳଚକ୍ରର ଉଚ୍ଚତା ୧୧ ଫୁଟ ୮ ଇଞ୍ଚ ହୋଇଥିବା ବେଳେ ଏଥିରେ ସଂଯୋଗ ହୋଇଥିବା ପତାକା ଖମ୍ବ ର ଉଚ୍ଚତା ୩୮ ଫୁଟ।

ଏହାର ଓଜନ ୨୨୦୦ କିଲୋଗ୍ରାମ। ଏହାର ପରିଧି ଚାରିକଡେ ଅଷ୍ଟ ନବ ଗୁଞ୍ଜର ଶୋଭା ପାଉଛନ୍ତି। ଏଠାରେ କହି ରଖେ କି ହିନ୍ଦୁ ଧର୍ମ-ବିଶ୍ୱାସ ଅନୁସାରେ

ନବ ଗୁଞ୍ଜର ହେଉଛି ଏକ ବିରଳ ପ୍ରାଣୀ ଯାହା ନଅଟି ପଶୁ ଓ ପକ୍ଷୀଙ୍କ ଅଙ୍ଗ ପ୍ରତ୍ୟଙ୍ଗର ସମାହାରରେ ସୃଷ୍ଟି ହୋଇଅଛି।

ଚୋଳ ସଂପ୍ରଦାୟର ଗରୁଡ ସେବକ ମାନେ ପ୍ରତିଦିନ ଅପରାହ୍ଣରେ ମନ୍ଦିର ଚୂଡ଼ାକୁ ଚଢି ନୀଳଚକ୍ରର ପତାକା ବଦଳାଇ ନୂଆ ପତାକା ବାନ୍ଧି ଥାଆନ୍ତି। ଶୀତଦିନେ ଏହି ଧ୍ୱଜା ଆରୋହଣ ପର୍ବ ଅପରାହ୍ଣ ପାଞ୍ଚଘଟିକା ସମୟରେ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରୀଷ୍ମ ଋତୁରେ ଏହା ଛଅ ଘଟିକା ସମୟରେ ଅନୁଷ୍ଠିତ ହୋଇଥାଏ।

ମାଦଳା ପାଞ୍ଜିର ତଥ୍ୟ ଅନୁଧ୍ୟାନ କଲେ ଜଣାଯାଏ ଯେ ନୀଳଚକ୍ରର ପ୍ରଥମ ମରାମତି ଭୋଇ ବଂଶୀୟ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ୧୭୦୦ CE ରେ ହୋଇଥିବା ବେଳେ ୧୭୧୫ CE ରେ ରାଜା ଦିବ୍ୟସିଂହ ଦେବଙ୍କ ସମୟରେ ସମ୍ପନ୍ନ ହୋଇଥିଲା। ପୁନଃଶ୍ଚ ୨୦୧୦ ମସିହାରେ Archeological survey of India ତାହାର ମରାମତି କାର୍ଯ୍ୟ ହାତକୁ ନେଇଥିଲେ। ଯଦିଓ ଏହାକୁ ନୀଳଚକ୍ର କୁହାଯାଏ,ଏହା କିନ୍ତୁ ତାର ରଙ୍ଗ ପରିବର୍ତ୍ତନ କରି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଲୋହିତ ବର୍ଣ୍ଣ ଧାରଣ କରିଥାଏ।

ନୀଳଚକ୍ରର ମହତ୍ତ୍ୱକୁ ବଳବତ୍ତର କରି ପ୍ରଭୁ ସୁଦର୍ଶନଙ୍କ ନାମରେ ଦିଅଁ, ପ୍ରଭୁ ଜଗନ୍ନାଥଙ୍କ ସନ୍ନିକଟରେ ଉଭା ହୋଇଥାଆନ୍ତି, ଯାହାଙ୍କୁ ଅଣସର ସମୟରେ ପୂଜା ପ୍ରାପ୍ୟ ହୋଇଥାଏ।

ନୀଳଚକ୍ରରେ ନେତ ବାନ୍ଧିବାର ମାନସିକ,ସୁନିଶ୍ଚିତ ପୂରଣ ହେଉଥିବା ଭକ୍ତ ମାନଙ୍କର ଅଖଣ୍ଡ ବିଶ୍ୱାସ। ତେଣୁ ପ୍ରତିଦିନ ଅପରାହ୍ଣରେ ନେତ ବନ୍ଧା ଯାଉଥିବା ଦୃଶ୍ୟକୁ ଚର୍ମଚକ୍ଷୁରେ ଦର୍ଶନ ପାଇଁ ଲକ୍ଷଲକ୍ଷ ଭକ୍ତ ଆକୁଳରେ ନୀଳଚକ୍ରକୁ ଚାହିଁ ବସି ଥାଆନ୍ତି।

ଧନ୍ୟ ନୀଳଚକ୍ର। ଧନ୍ୟ ପ୍ରଭୁ ଜଗନ୍ନାଥ। ଧନ୍ୟ ତୁମର ଲୀଳା ପ୍ରଭୁ!

*****


ଜି ୧୯ ,ସେକ୍ଟର୍ ୨ , ରାଉରକେଲା ୬
ମୋ.୮୮୯୫୫୦୦୯୯୨

**"ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି
ଗୋଦର ଗୋଡ଼ରେ ମାଉଁସ ଲାଗିଲେ
ଦେହରେ କି ଶୁଭ ଗଣି ?"**

(ଉତ୍କଳ ଗୌରବ ମଧୁସୂଦନ ଦାସ)

# ଆଦ୍ୟାଶା

ସଦାନନ୍ଦ ତ୍ରିପାଠୀ



ମା-ବାପାଙ୍କର ସିଏ ପ୍ରଥମ ସନ୍ତାନ ବୋଲି ନାଁ ତା'ର ଆଦ୍ୟାଶା ଓ ଡାକ ନାଁ ଆଦି । କୋଡିଏ ବର୍ଷର ଝିଅ । ଆଉ ମାତ୍ର ଏକ ମାସ ପରେ ଯୁକ୍ତ ତିନି ଡିଗ୍ରୀ ପାଇଁ ପରୀକ୍ଷା ଦେବ ସେ । ଗତ ବର୍ଷକ ମଧ୍ୟରେ ତିନିଗୋଟି ଗଳ୍ପ ଲେଖିଲାଣି । ଛୋଟ ଛୋଟ ଗଳ୍ପ । ବାପା ଯେଉଁ ପତ୍ରିକା ଆଣନ୍ତି ତାକୁ ପଢି, ତା'ର ମଧ୍ୟ ଲେଖିବାକୁ ଭାରି ଇଚ୍ଛା ହୁଏ । ଲେଖିଛି ବୋଲି ଅବଶ୍ୟ ବାପାଙ୍କୁ ସେ ଜଣାଇ ସାରିଛି । କିନ୍ତୁ ମାଆଙ୍କୁ କହିନି । କହିଲେ ସେ ରାଗିବେ । ନିଜେ ଜଣେ ଅଧ୍ୟାପିକା ହେବା ପାଇଁ ମାଆଙ୍କର ଅଭିଳାଷ ଥିଲା । ଶାଶୁ -ଶ୍ୱଶୁରଙ୍କ ସମର୍ଥନ ମିଳି ପାରିଲାନି । ମାଆ କହନ୍ତି - ଝିଅ ମାନେ ଚାକିରୀ କରିବା ଉଚିତ । ତେବେ, ଅଧ୍ୟାପିକା କି ଡାକ୍ତରାଣୀ ବା ସରକାରୀ ଅଫିସର ହେଲେ ଭଲ । ଘରକୁ ସମ୍ଭାଳିବା କି ସଜାଡ଼ିବା ଅବଶ୍ୟ ତାଙ୍କର ହିଁ ଦାୟିତ୍ୱ । ସଂସ୍କାରର ଆଧାର ଯେ ସିଏ ।

ଭଲ ରୂପେ ପଢିବାକୁ ମାଆ ତାକୁ ଉତ୍ସାହିତ କରନ୍ତି । ନିଜେ ବି ପଢ଼ାନ୍ତି ତା'କୁ, ପାଠ ସବୁ ବୁଝାଇ ଦିଅନ୍ତି । ଚାକିରୀ କରିବା ପାଇଁ ପ୍ରେରଣା ଯୋଗାନ୍ତି । ଅଥଚ ସେ ଲେଖୁଛି ବୋଲି ଜାଣିଲେ ରାଗିବେ ନିଶ୍ଚୟ । ତାଙ୍କର ନିର୍ଣ୍ଣୟ ଅତି ଅଜବ ଯେ ଝିଅମାନେ ଗପ ବା କବିତା କିଛି ଲେଖିବା କି ନାଚଗୀତ ଶିଖିବା ଅଥବା ନାଟକ, ଆଲବମ କି ସିନେମା ରେ ଅଭିନୟ କରିବା ତାଙ୍କ ପାଇଁ କାଳ ହୋଇପାରେ । ସେ ଯଦି ସୁନ୍ଦରୀ, ତେବେ ସେ ଦିଗକୁ ଚାହିଁବା ବି ତା' ନିମନ୍ତେ ନିରାପଦ ନୁହେଁ ।

ଆଦ୍ୟାଶାର ସାନଭାଇ ଅବିନାଶ, ଡାକ ନାଁ ଅବି , ତା'ର ବୟସ ସତର । ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର , କ୍ରିକେଟ ଓ ଫୁଟବଲ ଖେଳରେ ସେ ଭାରି ପାରଦର୍ଶୀ । ବାପା ତାକୁ ଆକଟ କରନ୍ତି - ଖେଳରେ ଏତେ ଅଧିକ ମାତିଯିବା ଭଲ ନୁହେଁ ବାବୁ !

ମାଆ କିନ୍ତୁ ପ୍ରତିବାଦ କରନ୍ତି - ଭଲ ଖେଳୁଛି ତ ଖେଳୁ । ପୁଅ ପିଲାଟା ଖେଳିଲେ ମର୍ଦ୍ଦାନି ଫିଟିବ । ସୁନାମ ଅର୍ଜନ କଲେ, ବାପା ମାଆଙ୍କର ଦିନେ ନାଁ ମଧ୍ୟ ପଡିବ ।

ହସି ହସି ବାପା ପୁଣି କହନ୍ତି - ଆଚ୍ଛା.. ! କହିଲ, ତେନ୍ଦୁଲକର ମାଆଙ୍କର ନାଁ କଣ , ବାଇଚୁଙ୍ଗ ଭୁଟିଆ ବାପା କିଏ ? ମାଆ ମୁହଁ ଫୁଲାଇ ଅନ୍ୟ ବଖରାକୁ ଚାଲି ଯାଆନ୍ତି ।

ସେଦିନ ଷ୍ଟାଡିଅମରେ ଫୁଟବଲ ମ୍ୟାଚ ଥିଲା । ଅବଶ୍ୟ ଅପରାହ୍ଣରେ । ରବିବାର । ଅବି ଯାଇଥିବ ଖେଳିବାକୁ । ସକାଳ ଦଶଟା ବେଳେ ଆଦ୍ୟାଶା ଚାଲି ଯାଇଥିଲା କଲେଜକୁ କଲେଜରେ ଗୋଟିଏ ଉଚ୍ଚ ମାନର ସାହିତ୍ୟ ସଭା ହେବ ବୋଲି କଟକ, ଭୁବନେଶ୍ୱରରୁ କେତେଜଣ ପ୍ରତିଷ୍ଠିତ ଲେଖକ ଆସିଥିଲେ । ସେମିନାରର ଆୟୋଜନ ମଧ୍ୟ କରାଯାଇଥିଲା । ଶେଷ ଅଧିବେଶନରେ ଛଅ ଜଣ ଛାତ୍ରଛାତ୍ରୀ ସ୍ୱରଚିତ ଗଳ୍ପ ପଢିବେ ଓ ଆଲୋଚନାରେ ଭାଗ ନେବେ ବୋଲି ସ୍ଥିର ହୋଇଥିଲା । ଆଦ୍ୟାଶା ଅବଶ୍ୟ ମାଆଙ୍କୁ ଜଣାଇଲା ନାହିଁ ଯେ ତା'ର ଗୋଟିଏ ଗଳ୍ପ, ଅଧକ୍ଷ ଓ ଅଧ୍ୟାପକଙ୍କ ଅନୁମୋଦନ ଅନୁଯାୟୀ, ପଢିବାକୁ ସେ ଅନୁମତି ପାଇଛି ।

ରାଜ୍ୟ ସାହିତ୍ୟ ଏକାଡେମୀ, ସ୍ଥାନୀୟ ଏକ ସାହିତ୍ୟ ଅନୁଷ୍ଠାନ ଓ କଲେଜର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ସଭାଟି । ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ବି ଥିଲା । ଘରୁ ବାହାରିବା ବେଳେ ଆଦ୍ୟାଶାକୁ କହିଥିଲେ ମାଆ - ସେ ସଭା ସରୁ କି ନ ସରୁ, ସନ୍ଧ୍ୟା ପାଞ୍ଚଟା ବେଳକୁ ନିଶ୍ଚୟ ଫେରିବୁ ।

କାର୍ଯ୍ୟସୂଚୀ ଅନୁଯାୟୀ ଚାରିଟା ତିରିଶି ମିନିଟରେ ସବୁ କାର୍ଯ୍ୟକ୍ରମ ସରିବାର ଥିଲା । କିନ୍ତୁ ସଭା ଆରମ୍ଭ ହେଲା ଦୁଇ ଘଣ୍ଟା ବିଳମ୍ବରେ । ସାଢେ ଦଶଟା ବେଳେ ଆରମ୍ଭ ହୋଇଥାନ୍ତା । ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟକ ଆସିବେ ଆସିବେ ବୋଲି ସାଢେ ବାରଟା ଯାଏ ଅପେକ୍ଷା କରାଗଲା । ତଥାପି ସେ ପହଞ୍ଚି ପାରିଲେ ନାହିଁ । ବାଧ ହୋଇ ସଭା କାର୍ଯ୍ୟ ଆରମ୍ଭ କରାଗଲା । ବିଧାୟକ ମହାଶୟ ପ୍ରଥମ ଅଧିବେଶନ ସରିବାର ଅବ୍ୟବହିତ ପୂର୍ବରୁ ଆସି ପହଞ୍ଚିଲେ ।

ତା' ପରେ ମଧ୍ୟାହ୍ନ ଭୋଜନ ।

ଭୋଜନ କରିବା ପରେ ସ୍ଥାନୀୟ ସାହିତ୍ୟିକ ଓ ଶ୍ରଦ୍ଧାଳୁ, ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନେକ ଏବଂ ପ୍ରଥମ ଅଧିବେଶନରେ ନିଜର ଭୂମିକା ତୁଲାଇ ସାରିଥିବା ନିମନ୍ତ୍ରିତ ଲେଖକମାନେ ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବିଧାୟକ ବି । ସେ ତ ଉଦ୍ଘାଟକ ଭାବରେ ଯୋଗ ଦେଇଥିଲେ, ଯଦିବା ତାଙ୍କୁ ଅପେକ୍ଷା କରି ଅନ୍ୟ ଅତିଥିଙ୍କ ଦ୍ୱାରା ସଭାର ଉଦ୍ଘାଟନ କରା ଯାଇଥିଲା ଦୁଇ ଘଣ୍ଟା ବିଳମ୍ବରେ ଓ ତା' ପରେ ମଧ୍ୟ ଆହୁରି ଘଣ୍ଟାଏ ବିଳମ୍ବରେ ତାଙ୍କର ଆବିର୍ଭାବ ଘଟିଲା । ମଧ୍ୟାହ୍ନ ଭୋଜନ କରିବାକୁ ବି ରହି ପାରିଲେନି ।

* ବିଧାୟକ ଭାରି ବିଜି ଲୋକ । ଆଦ୍ୟାଶା କହିଲା ବାନ୍ଧବୀ ସଙ୍ଗୀତାକୁ ।

ଦ୍ୱିତୀୟ ଅଧିବେଶନ ଯଦି ଆରମ୍ଭ ହୁଏ ଅପରାହ୍ଣ ତିନିଟା ବେଳକୁ, ତେବେ ଚତୁର୍ଥ ଅଧିବେଶନ ସାରିବାକୁ ରାତି ସାତଟା ବାଜନ୍ତା ନାହିଁକି

? ପୁଣି ଆଦ୍ୟାଶାକୁ ତା' ଗଳ୍ପଟି ପଢିବାର ସୁଯୋଗ ମିଳିଲା ସବା ଶେଷରେ । କ'ଣ ବା କରନ୍ତା ସେ , ତା'ର ଆଉ ଚାରା କଣ ?

ଘରେ ସେ ପହଞ୍ଚିବା ପରେ ମାଆ ଭାରି ବିରକ୍ତ ହେଲେ ଓ ଅନେକ କଥା ଶୁଣାଇଲେ । ଅବସନ୍ନ ମନରେ ସଭାସ୍ଥଳରୁ ଫେରିଥିବା ଆଦ୍ୟାଶାର ପୁଞ୍ଜିଭୂତ ବିଷାଦ ବୋମା ପରି ଫୁଟିଲା - ଅବି ତ ସବୁଦିନ କ୍ରିକେଟ କି ଫୁଟବଲ ଖେଳିବାକୁ ଯାଉଛି, ତାକୁ କିଛି କହୁନ । ମୁଁ ଦିନେ ସେମିନାର ରେ ରହିଗଲି ଯେ ......

ମାଆ ଆଉ ତାକୁ ଅଧିକ କହିବାକୁ ଦେଲେନି । କେତେ କଥା ବୁଝାଇଲେ । ଆଦ୍ୟାଶା ଏତିକି ବୁଝିଲା ଯେ ପୁଅ ଗୁଡାକ ସଭ୍ୟତା, ସେମାନେ ଯୁଆଡେ ଇଛା ସିଆଡେ ମାଡିଯାଇ ପାରିବେ ଓ ସମୟ କ୍ରମେ ସଜାଡି ହେବେ । କିନ୍ତୁ ଝିଅ ମାନେ ସଂସ୍କୃତି । ସେମାନେ ଆରମ୍ଭରୁ ସଂଯତ ଓ ସତର୍କ । ସଂସ୍କୃତି ବଦଳେ; କିନ୍ତୁ ସୁନିୟନ୍ତ୍ରିତ ଭାବରେ, ମନ୍ଥର ଗତିରେ ।

ଶେଷରେ ମାଆ କହିଲେ - ତୋର ତ ଅନେକ ସାଙ୍ଗ ତିନିଟା ବେଳୁ ଫେରି ଆସିଲେଣି ସବୁ କାର୍ଯ୍ୟକ୍ରମ ସରିବା ଯାଏ ରହିବା ତୋର କି ଦରକାର ?

ଆଦ୍ୟାଶା କହୁ କହୁ କହିଦେଲା - ମୋର ପରା ଗପ ପଢ଼ିବାର ଥିଲା !

ମାଆ ଭାରି ବିସ୍ମୟ ଓ ଆତଙ୍କରେ ତା' ଆଡକୁ ଚାହିଁଲେ । ଜୋରରେ ପ୍ରଶ୍ୱାସ ଟାଣି ଧୀରେ ଧୀରେ ନିଃଶ୍ୱାସ ଛାଡିଲେ ଓ ଶୁଣାଇଲେ - ତାହା ଆଦୌ ଶୁଭଂକର ନୁହେଁ । ମୋର ସାଙ୍ଗ ଓ ଅଧାପିକା ଲବଙ୍ଗଲତା ଜଣେ କବି । ମୁଁ ଜାଣେ, ସେଥିପାଇଁ, କି ଭଳି ସଙ୍କଟ ଦେଇ ସେ ଗତି କରୁଛି ! ଏବେ ମଧ ପରିଣତ ବୟସରେ ସୁଦ୍ଧା !!


ଲବଙ୍ଗଲତା ମ୍ୟାଡ଼ାମ, ସଙ୍ଗୀତାର ମାଆ । ସଙ୍ଗୀତାଠୁ ଶୁଣିଛି ଆଦ୍ୟାଶା, ନାନା କଥା । ମ୍ୟାଡ଼ାମଙ୍କ ବୟସଠୁ ଦୁଇଗୁଣ ବଡ ଜଣେ ଲେଖକ, ଯାହାଙ୍କର ଗୋଟେ ଗୋଡ ଘରେ ଆଉ ଗୋଟେ ଗୋଡ ଶ୍ମଶାନରେ, ପୂର୍ବେ ତାଙ୍କ କବିତାକୁ ପ୍ରଶଂସା କରି ଚିଠି ଲେଖୁଥିଲେ ଓ ଆଜି କାଲି ମନ ଇଛା ଫୋନ କରୁଛନ୍ତି ବା ମୋବାଇଲ ଫୋନରେ ବାର୍ତ୍ତା ପଠାଉଛନ୍ତି । ସେ ହୁଏତ କବିତାର ପ୍ରଶଂସା କରୁଥିବେ । କିନ୍ତୁ ସେ ବ୍ୟାପାର ସଙ୍ଗୀତାର ବାପାଙ୍କ ଦେହରେ ଯାଉନି ।

ଆଦ୍ୟାଶା କିଛି ଆଉ କହିଲାନି ମାଆଙ୍କୁ । ମାଆ ବୋଧେ ଜାଣି ପାରୁନାହାନ୍ତି ଯେ ଏକବିଂଶ ଶତାବ୍ଦୀର ଯୁବତୀ କଂସାରୀ ଘରର ପାରା । ତା' ଆଗରେ କିଏ ମୃଦଙ୍ଗ ବଜାଇଲେ ସେ ଚଙ୍କିବ କାହିଁକି ?

ଧୁଆ ଧୋଇ ହୋଇ ପୋଷାକ ପାଲଟିବାକୁ ଆଦ୍ୟାଶା ଯାଇ ଗାଧୁଆ ଘରେ ପଶିଲା । ସାବୁନ ଲଗାଇ ମୁହଁ ଓ ଗୋଡ ହାତ ଧୋଇଲା । ବାହାରକୁ ବାହାରିବା ପରେ ମାଆଙ୍କର ଆଖିରେ ଆଖି ମିଶାଇ ଫିକକିନା ହସିଲା ।

*****

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ ନ - ୨୪୦୮, ମଂଚେଶ୍ୱର ଗାଁ
ଭୁବନେଶ୍ୱର -୭୫୧୦୧୭
ମୋବ.: ୯୪୩୭୫୦୨୯୭୨



"ତୋ' ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରସେ ଜାତ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?"

(ଉତ୍କଳ ଗୌରବ ମଧୁସୂଦନ ଦାସ)

# ପୁଷ୍ପିତା ହେଲା ଲେଖିକା
## ( ଅନୁଭୂତି )



ପୁଷ୍ପିତା ଜେନା

"ସୁଖ କହିବି ନା ଦୁଃଖ କହିବି ଅଙ୍ଗେ ନିଭାଇବା କଥା କହିବି" ପ୍ରାତଃ ପୂଜା, ଆରତୀ ପ୍ରାର୍ଥନା ପରେ ଜଳଖିଆ ଖାଇ ସାରି ଏକାକିନୀ ଶୟନ କକ୍ଷରେ ବସି ଏକ ପତ୍ରିକା ଉପରେ ବାରମ୍ବାର ଦୃଷ୍ଟି ନିକ୍ଷେପ କରି ପଢିବାକୁ ଶତ ଚେଷ୍ଟା କରି ବିଫଳ ହୋଇଥିଲା ସେ, ତା' ମନ ମଧ୍ୟରେ ସେହି ସ୍ୱପ୍ନ ଜଡିତ ଅତୀତ ତଥା ବର୍ତ୍ତମାନର ଅନୁଭୂତି କିଛି ସମୟ ଏ ସୁଖଦୁଃଖ ଭରା ସ୍ମୃତିକୁଣ୍ଡରେ ବୁଡି ରହିବାକୁ ବାଧ କରିଥିଲା ଯେପରି ।

ପିଲାଟି ଦିନରୁ ଜିଦଖୋର୍‌ ପ୍ରକୃତିର ଥିବାରୁ ପ୍ରତିକ୍ଷେତ୍ରରେ ତା'ର ଜିଦକୁ ଉପଯୋଗ କରିଚାଲିଥିଲା ସେ, କଣ୍ଢେଇ କିଣିବା ଠାରୁ ଆରମ୍ଭ କରି ପାଠପଢା, ସଂଗୀତ, କ୍ରୀଡା ଓ ଅନ୍ୟାନ୍ୟ ସବୁ କ୍ଷେତ୍ରରେ । ବାପା, ମା, ଜେଜେ, ଜେଜେମା, ଅଜା ଆଇ.... ଅନ୍ୟମାନଙ୍କର ଭରପୂର ସଂସାରରେ ଅଲିଅଳୀ ରାଜଜେମା ପରି ବଢିଥିବା ଝିଅଟିକୁ କଷ୍ଟ କଣ ଜଣା ନଥିଲା । ଯଦି କେବେ ଭାଇ ଭଉଣୀର ଲଢେଇରେ କିଏ ଟିକିଏ ତାକୁ ଚିଡ଼ାଇ ଦିଏ କିମ୍ବା ରଗାଇ ଦିଏ, ସେ ପଟରୁ ଉଚ୍ଚ ଗଳାରେ ଡାକରା ସମସ୍ତ ଗୁରୁଜନମାନଙ୍କର ଚିତ୍କାର - କାହିଁକି ଛୋଟିଆ ଛୁଆଟିକୁ ରଗାଉଛ, କନ୍ଦାଉଛ ? ତା ସାଙ୍ଗରେ କାହିଁକି ଲାଗୁଛ ? ସେ ସବୁ ଦିନପାଇଁ ହୋଇ ଯାଇଥିଲା ସମସ୍ତଙ୍କର ଗେଲବସରିଆ ଛୋଟିଆ ଛୁଆ ।

ଏମିତି ଏକ ଉଚ୍ଚ, ସମ୍ଭ୍ରାନ୍ତ ଜମିଦାର, ପୂଜାପାଠ ଓ ସଂସ୍କାରିତ ପରିବାରରେ ବଢିଥିଲା ସେ । ପିଲାଟି ଦିନରୁ ସକାଳ, ସନ୍ଧ୍ୟାରେ ଧ୍ୟାନ, ପ୍ରାର୍ଥନା ସହିତ ଖୁବ ଭଗବତ ବିଶ୍ୱାସୀ ଥିଲା ସେ । ସବୁ ବୃତ୍ତି ପରୀକ୍ଷାରେ ବୃତ୍ତି ପାଇବା ସହିତ ହାଇ ସ୍କୁଲ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଭଲ ନମ୍ବର ରଖି ପାସ କରିବା ସହିତ ଜାତୀୟ ମେଧାବୃତ୍ତି ପାଇବାକୁ ମନୋନୀତ ହୋଇଥିଲା । ପିଲାଟି ଦିନରୁ 'ବିଜ୍ଞାନ' ପଢିବା ପାଇଁ ଆଗ୍ରହ ଥିବାରୁ ସେ କ୍ଷେତ୍ରରେ ଅଗ୍ରସର ହେଲା । ମା ଆନନ୍ଦମୟୀଙ୍କ ଉପରେ ଦୃଢ ବିଶ୍ୱାସ ଓ ଭରସା ରଖି, ଶୈଳବାଳା ମହାବିଦ୍ୟାଳୟ ( କଟକ) ରେ ଯୋଗ ଦେଲା ।

ତା'ପରେ ରେଭେନ୍ସା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ବିଏ. ସି ( B. Sc. ) ପଢିଲା । ସେଥିରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳରେ ପ୍ରଥମରେ ଥିବା ଦଶ ଜଣଙ୍କ ମଧ୍ୟରୁ ସପ୍ତମ ସ୍ଥାନ ସହିତ ଅନର୍ସ ଓ ଡିଷ୍ଟିଙ୍କ୍‌ସନ ସହିତ ଉତ୍ତୀର୍ଣ୍ଣ ହେଲା । ତା'ପରେ ଏମ. ସି ( M.Sc.) ମଧ୍ୟ ରେଭେନ୍ସାରେ ପଢିବା ସହିତ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲା । ଏମିତିରେ ଏ ଦୁଇଟି ସୋପାନ ଖୁବ ଭଲ ଫଳାଫଳ ସହିତ ଉତୀର୍ଣ୍ଣ ହେବା ପରେ ଉଚ୍ଚ ଶିକ୍ଷା ନିମିତ୍ତ ଏମ. ଫିଲ ( ଉଦ୍ଭିଦ ବିଜ୍ଞାନରେ ) ଶେଷ କଲା ।

ଏବେ ମଧ୍ୟ ଅତୀତର ସେହି ଦିନ ଗୁଡିକ ତା'ର ମନ ମଧ୍ୟରେ ଉଙ୍କି ମାରି ଉଠେ । ହଠାତ ଏମ. ଫିଲ ପରୀକ୍ଷା ସାରି ଘରେ ପାଦ ରଖୁ ରଖୁ ତା'ର ସାନ ଭାଉଜ ଟିକେ ସ୍ମିତ ହାସ୍ୟ ହସି କହିଲେ - ତୁମ ପାଇଁ ଗୋଟିଏ ଭଲ ବିଭାଘର ପ୍ରସ୍ତାବ ଆସିଛି ଓ ସେମାନେ ଆସନ୍ତାକାଲି ସନ୍ଧ୍ୟାରେ ତୁମକୁ ଦେଖିବାକୁ ଆସିବେ । ତା'ର ମୁଣ୍ଡରେ ଯେପରି ବଜ୍ରପାତ ହେବା ପରି ମନେ ହେବା ସଂଗେ ସଂଗେ ସେ ହଠାତ ଏ କଥାଟିକୁ ଯେପରି ଗ୍ରହଣ କରିବାକୁ ଇଚ୍ଛା କରୁ ନଥିଲା । ଘରର ସମସ୍ତେ ଏ କଥାକୁ ସମର୍ଥନ କରି ଚକ୍ଷୁରୁ ଅଶ୍ରୁବର୍ଷଣ କରି ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ - ପ୍ରଥମ ପ୍ରସ୍ତାବରେ କ'ଣ ବାହାଘର ପାଇଁ କିଏ ରାଜି ହେଇଯିବ ନା ବିଭାଘର ହୋଇ ଯାଉଛି ? ଏମିତିକା ଅନେକ ଗୁଡିଏ ଆଶ୍ୱାସନା ଓ ସାନ୍ତ୍ୱନାବାଣୀ । ଝିଅଟିଏ ଧରିତ୍ରୀ ପୃଷ୍ଠରେ ଭୂମିଷ୍ଠ ହେବା ସଂଗେ ସଂଗେ ସମସ୍ତେ ପ୍ରାୟ ଧରି ନେଇଥାନ୍ତି ସେ ସମସ୍ତଙ୍କ ପାଇଁ ବୋଝଟିଏ । ତେଣୁ ସେ ଯେତେ ଭଲ ଛାତ୍ରୀ ହୋଇ କଲେକ୍ଟର, ଡାକ୍ତର, ଇଂଜିନିୟର, ଓକିଲ ଓ ବୈଜ୍ଞାନିକା ଯାହା ହେଉ ନା କାହିଁକି , ବାପା, ମା .. ପରିବାରର ସମସ୍ତେ ସେ ବୋଝଟିକୁ ମୁଣ୍ଡରୁ ଓହ୍ଲାଇବାକୁ ଚେଷ୍ଟାକରି ଚାଲନ୍ତି । ମାତ୍ର ଝିଅଟିର ଜୀବନର ଲକ୍ଷ୍ୟ , ତା'ର କ୍ୟାରିଅରର , ତା'ର ପରିଶ୍ରମର ମୂଲ୍ୟ ଏ ସବୁ ତା' ଜୀବନରେ କେତେ ମୂଲ୍ୟବାନ ଧନ ସେ କଥା ବୁଝିବାକୁ ସମସ୍ତେ ନାରାଜ । ତା'କୁ ହଠାତ ଏପରି ତୋଫାନର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ ସେ ଆସ୍ତେ ଆସ୍ତେ ପରିସ୍ଥିତିକୁ ସମ୍ଭାଳିନେବା ପାଇଁ ନିଜକୁ ପ୍ରସ୍ତୁତ କରି ନେଇଥିଲା । କାରଣ ତା'ର ବିଭାଘର ତା'ର ପରିବାରରେ ଏତେ ଶୀଘ୍ର ପ୍ରଶ୍ନବାଚୀ ହୋଇ ଉଠିବ ସେ କେବେ ସ୍ୱପ୍ନରେ ଭାବି ନଥିଲା । ତା' ମନରେ ସର୍ବଦା ଏମ.ଫିଲ ପରେ ଗବେଷଣା ( research) କରିବାର ଆଶା ମନ ମଧ୍ୟରେ ଘୁରିବୁଲୁଥିଲା ।

ଏହାପରେ ଶ୍ୱଶୁରାଳୟର ଦେଖାସାକ୍ଷାତ, ଜାତକ ମିଳନ ଇତ୍ୟାଦି କାର୍ଯ୍ୟକର୍ମ ସବୁ ସମାପ୍ତ ହେଲା । ଏହି ସମୟରେ ସେ ତା'ର ଗବେଷଣାଜନିତ ପରୀକ୍ଷା ଦେବାକୁ ଦିଲ୍ଲୀ ଆସିବାକୁ ପଡିଥିଲା । ତେଣୁ ଏ ଅବସରରେ ତା'ର ସ୍ୱାମୀ , ତାଙ୍କର ଜଣେ ବନ୍ଧୁଙ୍କ ସହିତ ତାଙ୍କର ପିତାମାତାଙ୍କ ଆଦେଶ ପାଳନ ପୂର୍ବକ ଦେଖାକରିବାକୁ ଆସିଥିଲେ । କାରଣ ସେ ଦିଲ୍ଲୀରେ ଚାକିରୀ କରୁଥିଲେ । ତା'ପରେ ଦିଲ୍ଲୀରୁ ଫେରୁ ଫେରୁ ଗବେଷଣାଜନିତ ପରୀକ୍ଷା ସମ୍ବନ୍ଧରେ ବହୁତ କମ ଲୋକଙ୍କର ପ୍ରଶ୍ନ ଥିଲା । ସମସ୍ତେ ପ୍ରଶ୍ନ କରିଥିଲେ ସେମାନଙ୍କର ଭାବି ଜାମାତା ସମ୍ବନ୍ଧରେ । ଶେଷରେ ପିଲାଟି ଦିନରୁ ପ୍ରତି କ୍ଷେତ୍ରରେ

'ଜିଦି' କରି ଆସିଥିବା ଏ କ୍ଷେତ୍ରରେ ଆଉ ଲାଗୁ କରି ପାରିନଥିଲା । ତାକୁ ସମସ୍ତଙ୍କ ସମ୍ମୁଖରେ ହାର ମାନିବାକୁ ପଡିଲା । ଶେଷରେ ବିଭାଘର କାର୍ଯ୍ୟ ଭଲରେ ସମାପନ ହେଲା ।

ସମସ୍ତେ ଖୁସି ହୋଇଥିଲେ ଏ ବିଭାଘରରେ -ଖୁବ ଭଲ ସଂସ୍କାରିତ ପରିବାର, ଇଂଜିନିୟର ବ୍ୱାଇଁ, ଶାନ୍ତ ଓ ଭଦ୍ର ବର୍ଣ୍ଣାଢ୍ୟ ବ୍ୟକ୍ତିତ୍ୱକୁ ଦେଖି । ଶେଷରେ ସମସ୍ତଙ୍କର ଲୁହ ପୋଛି ଦୁଇ ପରିବାରର ସମସ୍ତ ସଦସ୍ୟଙ୍କୁ ଖୁସି କରାଇଥିଲା ସେ । ବିଭାଘର ପରେ ସମସ୍ତେ ଆଶୀର୍ବାଦ ସହିତ ଅନେକ ଅନେକ ସାନ୍ତ୍ୱନା ବାଣୀ ଶୁଣାଇ ଆଶ୍ୱାସନା ଦେଇ ଚାଲିଥିଲେ, ତୋ ସ୍ୱାମୀ ପାଖରେ ନିଶ୍ଚିନ୍ତରେ ରହି ଗବେଷଣା କରିବୁ । ଓଡିଶାରୁ ପିଲାମାନେ କେତେ ହଇରାଣ ଓ କଷ୍ଟ ସହ୍ୟ କରି ଦିଲ୍ଲୀ ଯାଉଛନ୍ତି ପଢିବା ପାଇଁ, ତୁ ଯାଇ ଦିଲ୍ଲୀରେ ଶାନ୍ତିରେ ଗବେଷଣା କରି ପାରିବୁ ।  ତା' ମନରେ ତ ସବୁବେଳେ ପାଠ ଓ ଗବେଷଣା କରିବାର ଆଶା । ତେଣୁ ଛୋଟ ପିଲାଟିକୁ ଲଲିପପ ଧରାଇ ତା'ର କାନ୍ଦ ବନ୍ଦ କରିବା ଭଳି ଲାଗୁଥିଲା ତାକୁ । ଏମିତିରେ ଶେଷରେ ଛୋଟିଆ ଛୁଆରୁ ବଧୂ ସାଜି ମନରେ ଅଗଣତି ଆଶା ନେଇ ସ୍ୱାମୀଙ୍କ ସହିତ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲା ଓ ଦିଲ୍ଲୀରେ ପହଞ୍ଚି ନବଦାମ୍ପତ୍ୟ ଜୀବନ ଖୁସିରେ ଅତିବାହିତ କରିବା ସହ ଗବେଷଣା ନିମିତ୍ତ ପଢାପଢି ମଧ କରୁଥିଲା ।

ସେ ତା'ର ଗଣେଷଣା ଜନିତ ( Research) ପରୀକ୍ଷା ନିମିତ୍ତ ନିଜକୁ ପ୍ରସ୍ତୁତ କରିବା ସମୟରେ ଅଚାନକ ଅନ୍ତଃସତ୍ତ୍ୱା ହେବାର ପ୍ରଥମ ସୋପାନରେ ପଦାର୍ପଣ କରି ବହୁତ କଷ୍ଟ ପାଇବାରୁ ବାଧ ହୋଇ ପରୀକ୍ଷାଟିକୁ ବାତିଲ କରିବାକୁ ପଡିଲା । ମନୁଷ୍ୟର ହାତରେ ବା ଅଛି କଣ ? ସବୁକିଛି ଭଗବାନଙ୍କର ଇଚ୍ଛା  । ତେଣୁ ଇଂରାଜୀ ରେ କୁହାଯାଏ ' ମ୍ୟାନ ପ୍ରପୋଜେସ ଗଡ଼ ଡିସପୋଜେସ " ( Man proposes, God disposes ) ।

ଏମିତିରେ ଦିନ ଗଡି ଚାଲିଥିଲା ତା' ବାଟରେ ଓ ତା' ଗର୍ଭରୁ ଏକ ସୁନ୍ଦର ପୁତ୍ର ସନ୍ତାନ ଜନ୍ମ ନେଲା । ସମସ୍ତେ ଖୁସି ହୋଇଥିଲେ । ତା'ପରେ ସେ ସୁଗୃହିଣୀରୁ ଏକ ସୁଜନନୀ ଭାବରେ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରି ଚାଲିଲା । ତା' ସହିତ ମଧ ଆଶାର ସୌଧଟିକୁ ସଜାଡି ନେଇ ପୁଣି ବି. ଏଡ଼ (B. Ed. ) ଘରୋଇ ଭାବରେ ( correspondence course ) କରିବାକୁ ନିଷ୍ପତ୍ତି ନେବା ସଙ୍ଗେ ସଙ୍ଗେ ଆଗକୁ ଅଗ୍ରସର ହେଲା । ଏହା ମଧରେ ଦିଲ୍ଲୀରେ କେତୋଟି ମହାବିଦ୍ୟାଳୟରେ ( Delhi University)  ମୌଖିକ ( interview) ଦେଇ ନିରାଶ ହୋଇଥିଲା କାରଣ ଏଠାରେ ସବୁ ରାଜ୍ୟର ପିଲା ଏତଦ ବ୍ୟତୀତ ଚିହ୍ନା ଜଣା ଓ doctorate ( P. hd. ) କରିଥିବା ପରୀକ୍ଷାର୍ଥୀ ଥିଲେ । ପିଲାଟିକୁ ଦେଖା ଦେଖି କରିବା ତଥା ତା'ର ଯତ୍ନ ନେବାକୁ କେହି ନଥିବାରୁ ଚାକିରୀ ବା ରିସର୍ଚ୍ଚ .. ଇତ୍ୟାଦି କରିବାକୁ ଆଗକୁ ପାଦ ବଢାଇବା ଖୁବ କଷ୍ଟକର ଥିଲା । ତେଣୁ ମନ ମଧରେ କେବେ କେବେ ନୂତନ ଆଶା ସଞ୍ଚାର କରି ସକାଳେ ଓ ସନ୍ଧ୍ୟାରେ ମାତୃ ଚରଣରେ ସଞ୍ଜ , ଧୂପ ଜଳାଇ ତା'ର ପିତାଙ୍କ ଲିଖିତ ଦୁଇ ତିନୋଟି ମାତୃ ବନ୍ଦନା ଗାନ କରିବା ସହିତ ଢାଳିଦିଏ ମନ ଭିତରେ ଥିବା ସୁଖ ଦୁଃଖ ଭରା ଦୁଇଧାର ଲୋତକର ଧାର । ଯାହାଦ୍ୱାରା ସେ ଖୁବ ଶାନ୍ତି ପାଉଥିଲା ଓ ଆଗକୁ ଅଗ୍ରସର ହେବାର ଅଦମ୍ୟ ପ୍ରେରଣା ଓ ଉତ୍ସାହ ପାଉଥିଲା ।

ସେ ପିଲାଟି ଦିନରୁ ତା'ର ଖେଳନା କଣ୍ଢେଇ ଓ ପ୍ରିୟ ପୁସ୍ତକ ଗୁଡିକର ଯତ୍ନ ଯେପରି ନେଉଥିଲା ଠିକ ସେହିପରି ପିଲାଟିର ଉପଯୁକ୍ତ ଯତ୍ନ ନେଇ ତା'ର କାର୍ଯ୍ୟସୂଚୀ ନିର୍ଘଣ୍ଟ କରି ପିଲାଟିକୁ ସୁସ୍ଥ, ସବଳ କରି ବଢ଼ାଇ ଚାଲିଲା । ସେ ସମୟରେ ମଧ ଘରୋଇ ଭାବରେ 'ଇଂଟରିୟର ଡେକୋରେସନ କୋର୍ସ କରୁଥିଲା ସେ ମଧ । ଅନେକ ସ୍ଥାନରୁ ଚାକିରୀ ନିମନ୍ତେ ଡାକରା ପାଉଥିଲା । ମାତ୍ର ଛୋଟ ପିଲାଟିକୁ କ୍ରେଚରେ ବା ଆୟା ହାତରେ ଅବହେଳିତ ଅବସ୍ଥାରେ ଛାଡ଼ିଦେଇ ଚାକିରୀ କରିବାକୁ ପସନ୍ଦ କରି ନଥିଲା । ସମୟ ଗଡି ଚାଲିଥିବା ସହିତ ମନରେ ଭବିଷ୍ୟତରେ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସ୍ୱପ୍ନ ' ମୁଙ୍ଗେରୀ ଲାଲ କି ହସିନ ସପ୍ନେ ' ( ଅତୀତର ଟିଭି ସିରିଏଲ ) ପରି ଦେଖି ଚାଲିଥିଲା ।

'ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ' ସେଦିନ ଥିଲା ୧୯୯୭ ମସିହା ଫେବୃଆରୀ ୧୨ ତାରିଖ, ସୋମବାର । ପୁଅକୁ ନେଇ ସ୍ୱାମୀଙ୍କ ସହିତ ପୁଅର ପ୍ୟାରେଣ୍ଟସ ଟିଚର୍ସ ଇଣ୍ଟରଭିଉ ଦେବାକୁ ଦିଲ୍ଲୀ ପବ୍ଲିକ ସ୍କୁଲ, ମଥୁରା ରୋଡ଼କୁ ଯିବା ସମୟରେ ହଠାତ ଏକ ବସରୁ ଓହ୍ଲାଇବା ସମୟରେ ପଡିଯାଇ ତା'ର ବାମ ଗୋଡ଼ର ଜଙ୍ଘରେ ହାଡଟି କାଉଁରିଆ କାଠି ପରି ଭାଙ୍ଗି ତିନି ଖଣ୍ଡ ହୋଇ ଯାଇଥିଲା । ତଳେ ପଡି ରହି ସେ ଦେଖୁଥିଲା ଯେ ଏକ ଅସୁର ପରି ଏତେ ବଡ ବସଟା ଯେପରି ତା ଉପରେ ଚଢି ଯାଉଛି । ମାତ୍ର ସେ ବେହୋସ ହୋଇ ନଥିଲା କି ଆଉ କେଉଁଠି ଟିକେ ଖଣ୍ଡିଆ ଖାବରା ହୋଇ ନଥିଲା ।  କି କଷ୍ଟ! କି ଯନ୍ତ୍ରଣା !

ତା'ପରେ ସାର ଗଙ୍ଗାରାମ ହସ୍ପିଟାଲ ରେ ତା'ର ଚିକତ୍ସା କରାଗଲା । ଭଲ ଡାକ୍ତର, ଭଲ ହସ୍ପିଟାଲ, ଅଜସ୍ର ଧନ ବ୍ୟୟ ତଥା ତା'ର ସ୍ୱାମୀଙ୍କର ସେବା ସହିତ ତା'ର ଦୃଢ ମନବଳ ଓ କଷ୍ଟ ସହ୍ୟ କରିବାର ଶକ୍ତି ଦିନକୁ ଦିନ ବଢି ଚାଲିଲା । ଶେଷରେ ପିତାମାତାଙ୍କର ସୁକୃତ ଓ ସ୍ୱାମୀଙ୍କର ସେବା ପାଇଁ ଦୁଇ ଥର ଅସ୍ତ୍ରୋପଚାର ପରେ ବହୁତ କଷ୍ଟରେ ସେ ଠିକ ହୋଇ ପାରିଥିଲା । ଦୀର୍ଘ ତିନିବର୍ଷ ପରେ ସେହି ବିଛଣା, ଫ୍ଲାଟ ଘର, ଡାକ୍ତର ଖାନା ହିଁ ତା'ର ସେ ସମୟର ସାଥି ଥିଲା । ତା' ସାଙ୍ଗରେ ତା'ର ଆଶାବାଡି ( ବୈଶାଖୀ ) ତାକୁ ଡେଇଁ ଡେଇଁ ଆଗକୁ  ଚାଲିବାରେ ସାହାଯ୍ୟ କରିଥିଲା । ତା ସହିତ

ହୁଇଲ ଚେୟାରଟି ମଧ୍ୟ ତା'ର ବହୁତ ସାଥି ହୋଇଥିଲା ।

ଏହା ସହିତ ମା'ଙ୍କର ଅସୀମ କୃପାରୁ ତା'ର ସେବା କରିବା ପାଇଁ ଏକ ଛୋଟ ଝିଅଟିକୁ ପଠାଇଥିଲେ ଓ ପୁଅର ଦେଖାଶୁଣା କରିବା ପାଇଁ ଏକ ପୁଅ ପିଲାଟିକୁ ମଧ୍ୟ ରଖାଯାଇଥିଲା । ଆଶାବାଡି ଧରି ଡେଇଁ ଡେଇଁ ଚାଲିବା , ହୁଇଲ ଚେୟାରରେ ବସି ଓ ବିଛଣାରେ ବସି ବସି ବର୍ଷ ବର୍ଷ ଅତିବାହିତ କରିବା ସମୟରେ ସେ ତା'ର ଭବିଷ୍ୟତ ସ୍ୱପ୍ନ ପାଠ ପଢ଼ାକୁ ଭୁଲି ଯାଇ କିପରି ଠିକ ହୋଇ ତା'ର ସଂସାର ଚଳାଇବ ସେଥି ନିମିତ୍ତ ଭଗବାନଙ୍କ ନିକଟରେ ଦିନରାତି ମାଗୁଣି ସହିତ ମଥା ପିଟୁଥିଲା ।

ଏମିତିରେ ଠିକ ଛଅ ମାସ ଯେଉଁଦିନ ବିତୁଥିଲା 'ବୋଝ ଉପରେ ନଳିତା ବିଡ଼ା' ପରି ୧୯୯୭ ମସିହା ଅଗଷ୍ଟ ୧୨ ତାରିଖ ସୋମବାର, ତା'ର ସବୁଠାରୁ ପ୍ରିୟ, ପ୍ରେରଣାର ଉତ୍ସ ତା'ର ପିତାଙ୍କର ହଠାତ ହୃଦ ରୋଗରେ ଦେହାନ୍ତ ହେଲା । ଏତେବଡ଼ ଦୁଃଖ ସହ୍ୟ କରିବା ତା' ପାଇଁ ବହୁତ କଷ୍ଟ ସାଧ୍ୟ ହୋଇ ଥିଲା । ତା' ପରେ ପୁନଶ୍ଚ ମନରେ ଶକ୍ତି ସଞ୍ଚାର କରି ଉଠି ଆସ୍ତେ ଆସ୍ତେ ଛିଡା ହେବା ନିମିତ୍ତ ସମର୍ଥ ହେଲା । ଶେଷରେ ମା' ଆନନ୍ଦମୟୀଙ୍କର ଆଶୀର୍ବାଦ ଓ ଦୃଢ ମନବଳ ନେଇ ସେ ଚାଲିବୁଲି ତା'ର ଘର ସମ୍ଭାଳିବାକୁ ଆସ୍ତେ ଆସ୍ତେ ସକ୍ଷମ ହେବାକୁ ଲାଗିଲା । ମାତ୍ର ଏତେ କମ ବୟସରୁ ଜୀବନରେ ଏତେ ବଡ ଅବିସ୍ମରଣୀୟ ଆଘାତ ଦୁଇଟା ପାଇବା ପରେ ସେ ନିଜର ସ୍ଥିତି ଓ ଭାରସାମ୍ୟ ହରାଇ ବସୁଥିଲା । ସବୁ ସମୟରେ ଅନ୍ୟର ସାହାରା ଉପରେ ନିର୍ଭର କଲା ।

ସମସ୍ତଙ୍କ ଚକ୍ଷୁରେ ସେ ଥିଲା ସୁଗୃହିଣୀ , ଆଦର୍ଶ ଜନନୀ ଓ ଆଦର୍ଶ ବଧୂ । 'ସ୍ୱପ୍ନ ଦେଖିବା କଣ ମନା ?' ତଥାପି ସମୟ ସମୟରେ ମନ ଭିତରେ କିଛି କରିବାର ଆଶା ସଞ୍ଚାର କରି ଦଶ ପାଦ ଆଗକୁ ବଢ଼ାଇ ନେଇ ପଛକୁ ଫେରି ଆସୁଥିଲା ସେ, ନିଜର ଶାରୀରିକ ପରିସ୍ଥିତି ତଥା କିଶୋରାବସ୍ଥାରେ ପଦାର୍ପଣ କରିବାକୁ ଅଗ୍ରସର ହେଉଥିବା ତା'ର ପୁଅ, ତାକୁ ନୂଆ ଜନ୍ମ ଦେଇଥିବା ସ୍ୱାମୀଙ୍କର ଇଚ୍ଛା ବିରୁଦ୍ଧରେ ଘରୁ ବାହାରି କିଛି କରିବାର ଇଚ୍ଛା ବିଷୟରେ ଭାବି ଭାବି ।

"ସମୟ ଓ ଜୁଆର କାହାକୁ କେବେ ଅପେକ୍ଷା କରେନା" ସେ ତା' ବାଟରେ ଅବିରତ ଭାବରେ ବହି ଚାଲିଥାଏ । ସେହିପରି ବୟସର ସୋପାନ ଗଡି ଗଡି ଚାଲୁଥିବା ସମୟରେ ଖୁବ ଭୟ ଲାଗୁଥିଲା ତାକୁ । ସେ ଅନେକ ସମୟରେ ଖୁବ ଦୁଃଖିତା ଓ ଅସହାୟା ମନେକରି ପୁନଶ୍ଚ ମନ ମଧ୍ୟରେ ଅନେକ ନୂତନ ଆଶା ଭରି ଖୁସିରେ ରହିବାକୁ ଚେଷ୍ଟା କରି ମନେ ମନେ ଭାବୁଥିଲା ଯେ ସେ ତ ଦୁର୍ଘଟଣା ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇ ତା'ର ସଂସାର ଚଳାଇବାର ଶକ୍ତି ଦେବା ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାଥନା କରୁଥିଲା ଯାହାକି ସେ ପୂରଣ କରିଛନ୍ତି ତେଣୁ ଗବେଷଣା ବା ଚାକିରୀ ପରି ତୁଚ୍ଛ ମରୀଚିକା ପଛରେ 'ଭ୍ରାନ୍ତ ପଥିକଟି ' ପରି ଧାଇଁ ଧାଇଁ ନିରାଶ ହେବାହିଁ ତା' ଜୀବନରେ ସାର ହେବ ବୋଲି ସେ ଭାବି ଚାଲିଥିଲା ।

ହଠାତ ୨୦୦୫ ମସିହାରେ ତା' ମନର ଏ ଦୁଃଖକୁ ନିବାରଣ କରିବା ପାଇଁ ତା'ର ସ୍ୱର୍ଗ ବାସୀ ପିତା ଓ ମା ସରସ୍ୱତୀ ତା' ମନ ମଧ୍ୟରେ ନୂତନ ଆଶା ସଞ୍ଚାର କଲେ - ତୁ ଘରେ ବସି ଘରର କାମ ଓ ପିଲାର ପାଠପଢା ଦାୟିତ୍ୱ ସହିତ ନିଜର ମସ୍ତିଷ୍କକୁ ଏସବୁ ଦୁଃଶ୍ଚିନ୍ତାରୁ ଦୂରେଇ ରଖିବା ନିମିତ୍ତ କିଛି କିଛି ଲେଖା ଲେଖି କଲେ ଖୁବ ମାନସିକ ଶାନ୍ତି ପାଇ ପାରିବୁ । ତେଣୁ ୨୦୦୫ ନୂତନ ବର୍ଷ ଉପଲକ୍ଷେ ' କରୁଣାମୟୀ ମା' ବୋଲି ଏକ ମାତୃ ବନ୍ଦନା ଲେଖି ପଣ୍ଡିଚେରୀ ଆଶ୍ରମକୁ ପଠାଇ ସେଠାରୁ ଆଶୀର୍ବାଦ ପୁଷ୍ପ, ବାଣୀ ଓ ମାଙ୍କର ପାଦପଦ୍ମ ଓ ଆଗକୁ ଅଗ୍ରସର ହେବା ନିମିତ୍ତ ପତ୍ର ପାଇବା ପରେ ତା' ଜୀବନର ସମସ୍ତ କିଛି ମାତୃ ଚରଣରେ ସମର୍ପଣ କରି ଏ ସାରସ୍ୱତ କ୍ଷେତ୍ରରେ ଆଗକୁ ଅଗ୍ରସର ହୋଇ ଖୁବ ଆନନ୍ଦ ଅନୁଭବ କରୁଛି ।

ସ୍ୱପ୍ନରେ କେବେ ଆଶାକରି ନଥିଲା କି ସେ ଏକ ଲେଖିକା ଭାବରେ ପରିଚିତ ହେବ । ଏକ ବିଜ୍ଞାନ ଛାତ୍ରୀ ହିସାବରେ ସର୍ବଦା ଗବେଷଣା କରି ବୈଜ୍ଞାନିକା ହେବାର ସ୍ୱପ୍ନ ଦେଖିବା ସମୟରେ ଏକ ସାରସ୍ୱତ କ୍ଷେତ୍ରରେ ପାଦ ଯୁଗଳ ଥାପିବ । ଯେତେବେଳେ ସେ କିଛି ଲେଖେ ଓ ଏହାକୁ ପତ୍ର ପତ୍ରିକାରେ ସ୍ଥାନ ପାଇବାର ଦେଖେ ତା' ମନରେ ଏତେ ଶାନ୍ତି ଓ ଆନନ୍ଦ ଆସେ ଯାହା କି ଭାଗ ଦୌଡ ଜୀବନ ମଧ୍ୟରେ ଦୁଇ ପଇସା ରୋଜଗାର କରିଥିଲେ ସେତିକି ଶାନ୍ତି ପାଇ ପାରିନଥାନ୍ତା କି ନାହିଁ ତା ମା' ଆନନ୍ଦମୟୀ ହିଁ ଜାଣନ୍ତି । ତଥାପି ମନ ମଧ୍ୟରେ ଅସୁମାରୀ ସ୍ୱପ୍ନ ଦେଖି ମନୁଷ୍ୟ ଜୀବନର ସୁଖ ଦୁଃଖ ଭରା ଜୀବନକୁ ପ୍ରତି କୋଣ ଅନୁକୋଣରୁ ବିଶ୍ଳେଷଣ କରି ପ୍ରକୃତ ଜୀବନ ଉପରେ ସେ ଲେଖି ଚାଲିଛି । କିଛି ବର୍ଷ ଧରି ମଝିରେ ମଝିରେ ଶାରୀରିକ ଓ ଚକ୍ଷୁର ଅସୁବିଧା ନେଇ ବନ୍ଦ କରିଥିଲେ ମଧ୍ୟ ପୁନଶ୍ଚ ଆଗକୁ ବଢିବାକୁ ଶତଚେଷ୍ଟା ଚଳାଇ ଥାଏ । ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ଗଳ୍ପ, ଭ୍ରମଣ କାହାଣୀ .. ଇତ୍ୟାଦି ଅନେକ ଓଡ଼ିଶାର ପତ୍ର ପତ୍ରିକାରେ ସ୍ଥାନ ପାଇବା ଦେଖେ ତା' ମନରେ ଯେ କି ପ୍ରକାର ଶାନ୍ତି ଓ ଆନନ୍ଦ ଜାତ ହୁଏ ତାହା ପ୍ରକାଶ କରିବା କଷ୍ଟକର ବ୍ୟାପାର । ତା'ର ପ୍ରକାଶିତ ଦଶଟି ନାରୀ ଚରିତ୍ର ଉପରେ ଏକ ଗଳ୍ପ ପୁସ୍ତକ " ଜୀବନଧାରା" , ଏକ ଶିଶୁ ଗଳ୍ପ ସଂକଳନ " ମାନବ ସେବା ହିଁ ଈଶ୍ୱର ସେବା " ଓ "ଆଣ୍ଡାମାନ ଦ୍ୱୀପପୁଞ୍ଜରେ କେତୋଟି ଦିନ " ଏକ ଭ୍ରମଣ କାହାଣୀ ଆଉ କିଛି ପୁସ୍ତକ କରିବାର ଇଚ୍ଛାଥିଲେ ମଧ୍ୟ ସମ୍ଭବପର ହୋଇ ପାରିନି ।

ପିତା ନଥାଇ ମଧ୍ୟ ଅନେକ ପିତୃସ୍ଥାନୀୟ ଗୁରୁଜନସ୍ଥାନୀୟ ଲେଖକ, ସାହିତ୍ୟ ପ୍ରେମୀଙ୍କ ଉତ୍ସାହ, ପ୍ରେରଣା, ଉପଦେଶ ଓ ଆଶୀର୍ବାଦ ତାକୁ

ଆଗକୁ ଅଗ୍ରସର କରିବାରେ ସାହାଯ୍ୟ କରିଚାଲିଛି ,  ତା ସହିତ ତା'ର ପତି, ପୁତ୍ର ଓ କେତେଜଣ ବାନ୍ଧବୀ ମାନଙ୍କ ଉତ୍ସାହ ଓ ପ୍ରେରଣା । କେତୋଟି ସ୍ଥାନରୁ କିଛିଟି 'ଉପାଧି' ପାଇଁ ଖୁବ ଖୁସି ହୁଏ ଓ ମା ସରସ୍ୱତୀଙ୍କୁ ଧନ୍ୟବାଦ ଜ୍ଞାପନ କରେ ।

ଶେଷରେ ମା ବୀଣାପାଣିଙ୍କ ନିକଟରେ ପ୍ରାର୍ଥନା ଜଣାଏ - ହେ ମା ! ତୁମେ ବିଜ୍ଞାନ କ୍ଷେତ୍ରରୁ, ଅସରନ୍ତି ସ୍ୱପ୍ନରୁ  ଆଣି ଏ କଳା କ୍ଷେତ୍ରରେ ପଦାର୍ପଣ କରାଇ ଏ  କଲମଟିକୁ ଧରାଇ ଦେଇଛ । ତେଣୁ ଏ ଜୀବନରେ ଯେପରି ଏହାର କିଛି ସଦୁପଯୋଗ କରିପାରେ ଓ ମୃତ୍ୟୁ ପର୍ଯ୍ୟନ୍ତ  ଏ ହାତରେ ସେହି ଶକ୍ତି ଦିଅ, ଯେପରି ପ୍ରତି ଦିନ କିଛି କିଛି ଲେଖି ଚାଲେ ଓ ପିଲାଦିନର ପଢିଥିବା " କରି କର୍ମ ନଉ ଜନ୍ମ କର ଉଦଯାପନ, ଚକ୍ର ଆବର୍ତ୍ତନ ଯୋଗୁଁ ନିୟତି ନିୟମ"-  ଏହାକୁ ମୋ ଜୀବନରେ ପ୍ରତିଫଳିତ କରାଅ ।

*****

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ,
ପ୍ଲଟ ନ. ୮, ସେକ୍ଟର -୪
ଦ୍ୱାରକା, ନୂଆ ଦିଲ୍ଲୀ -୧୧୦୦୭୮
ମୋ. ନ.: ୯୮୧୦୦୫୫୪୭୬

सत्यमेव जयते

GOVERNMENT OF INDIA
MINISTRY OF CORPORATE AFFAIRS
OFFICE OF THE REGISTRAR OF COMPANIES

Dated : 05-10-2021

NOTE - THIS LETTER IS ONLY AN APPROVAL FOR REGISTRATION OF THE ENTITIES FOR UNDERTAKING CSR ACTIVITIES.

To,
ORIYA CULTURAL & WELFARE ASSOCIATION , BD-11, MIG FLAT,JANAK PURI,NEW DELHI,DL09,DL,110058

PAN : AAATO1376M

**Subject:** In Reference to Registration of Entities for undertaking CSR activities

**Reference:** Your application dated 05-10-2021 (SRN-T53078010)

Sir/Madam,

With reference to the above, it is informed that the entity has been registered for undertaking CSR activities and the Registration number is CSR00015864. Please refer the registration number for any further communication.

DS DS MINISTRY OF CORPORATE AFFAIRS (GOVT OF INDIA)

Registrar of Companies

ROC-DELHI

**Note:** The corresponding form has been approved and this letter has been digitally signed through a system generated digital signature.

# ଗୀତା ମର୍ମ

ବିଶ୍ୱେଶ୍ୱର ମାଝୀ



ଭାରତ ତଥା ବିଶ୍ୱର ଅନେକ ଦେଶରେ ଶ୍ରୀମଦ୍ଭାଗବତ ତଥା ଶ୍ରୀମଦ୍ଭଗବଦ୍ଗୀତା ବହୁଳ ପ୍ରସାରିତ। ସେଥିପାଇଁ ସବୁଠାରୁ ସରଳ କଥାଟିଏ ଅଛି:

"ରୁଚୁ ନ ରୁଚୁ ଖା ପିତା
ବୁଝ ନ ବୁଝ ପଢ଼ ଗୀତା।"

ବାସ୍ତବରେ ନିରାକାର ବ୍ରହ୍ମଙ୍କର ସାକାର ରୂପ ପୂଜନ ପରି ତଥା ଛୋଟପିଲା ଖଡ଼ି ମଡ଼େଇ ପାଠ ଶିଖିବା ପରି ଏ ପରାମର୍ଶ ଦିଆଯାଇଛି, ଏହି ମହାନ ଗ୍ରନ୍ଥ ସହ ଜଡ଼ିତ ରହିବା ପାଇଁ, ଯାହାଦ୍ୱାରା ଅଧ୍ୟୟନୋନ୍ମୁଖତା ଉନ୍ମୁକ୍ତ ରହିବ।

ସନାତନୀ ବିଶ୍ୱାସରେ ନିଜ ମାତା ଓ ଦେବୀମାତାଙ୍କ ପରେ ଚାରି 'ଗ' ମାତା ପଦବାଚ୍ୟ; ଗୋମାତା, ଗଙ୍ଗା, ଗାୟତ୍ରୀ ଓ ଗୀତା। ତେଣୁ ଗୀତାମାତା ଉଚ୍ଚାରଣ କରି ଆମେ ସ୍ନେହର ସ୍ପର୍ଶ ପାଇବା ସହ ଜୀବନ ସାର୍ଥକ କରିବା ଆଶା ରଖୁ। କାରଣ ଜୀବନରେ ଏପରି କୌଣସି ସମସ୍ୟା ବା ଯାଚଞ୍ଜା ନାହିଁ ଯାହାର ସମାଧାନ ଗୀତାରେ ନାହିଁ। ଏପରିକି ବିଷୟ ବାସନାର ଉପଯୁକ୍ତ ସମାଧାନ ମଧ୍ୟ ଦିଆଯାଇଛି।

ଚାରିଟି ପଦକ୍ଷେପରେ ଗୀତାର ବାଣୀ ସଫଳ ହୋଇପାରିବ; ଶ୍ରବଣ, ପଠନ, ମନନ ତଥା ଅନୁଶୀଳନ। ସମୟକ୍ରମେ ଗୀତାର ବାଣୀକୁ ଅନୁଶୀଳନ ନକଲେ ଶ୍ରବଣ, ପଠନ ବା ମନନ ବୃଥା ହୁଏ।ପରାଶର ସୁତ ବିଷ୍ଣୁରୂପ ବାଦରାୟଣ ଦିତୀକୃଷ୍ଣ ବ୍ୟାସଦେବ ଅଠର ସଂଖ୍ୟାକୁ ଏକକ ଭାବରେ ନେଇ ଅଠରଦିନର ମହାଭାରତ ଯୁଦ୍ଧ ପାଇଁ ଅଠର ପର୍ବ ବିଶିଷ୍ଟ 'ମହାଭାରତ' ମହାପୁରାଣ ରଚନା କରିଥିଲେ ଓ ତହିଁର ଭୀଷ୍ମ (ଷଷ୍ଠ) ପର୍ବରେ ଅଷ୍ଟାଦଶାଧ୍ୟାୟୀ ଶ୍ରୀମଦ୍ଭଗବଦ୍ଗୀତାକୁ ସଂଶ୍ଳିଷ୍ଟ କରିଥିଲେ।

ଗୀତାର ସାରକଥା ବୁଝିବାକୁ ଏହାର ପ୍ରଥମ ଓ ଶେଷ ଶ୍ଳୋକ ଦୁଇଟିକୁ ତାତ୍ତ୍ୱିକ ବିଚାର କରିବା:

"ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ୱତ ସଞ୍ଜୟ ॥୧-୧॥

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।
ତତ୍ର ଶ୍ରୀବିଜୟୋଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥୧୮-୭୮॥

ଏଥିରୁ ପ୍ରଥମ ଶ୍ଳୋକର ପ୍ରଥମ ଦୁଇଟି ଅକ୍ଷର ଓ ଶେଷ ଶ୍ଳୋକର ଶେଷ ଦୁଇଟି ଅକ୍ଷର ସମଷ୍ଟି: ଧର୍ମ ମମ। ଅର୍ଥାତ୍ ମୋର ଧର୍ମ। ଏହି ଧର୍ମକୁ ଆମେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଆଦି ଧର୍ମଗୋଷ୍ଠୀ ଭାବରେ ବିଚାର ନକରି ସାମଗ୍ରିକ ଭାବେ ଯେ କୌଣସି ମାନବ ପାଇଁ ବିଚାର କରିବା। କାରଣ ସାମାନ୍ୟ କିଛି ଧର୍ମାନ୍ତରିକରଣକୁ ଛାଡ଼ି ସମସ୍ତେ ଜନ୍ମତଃ ଏକ ଧର୍ମ ଗୋଷ୍ଠୀରେ ବାଣ୍ଟି ହୋଇଯାଆନ୍ତି, ଯାହା ତାଙ୍କର ଇଚ୍ଛାଧୀନ ନୁହେଁ କି କର୍ମର ଆୟତ୍ତ ନୁହେଁ। "ଧାରୟତି ଇତି ଧର୍ମ।" ଯେପରି ଜଳର ଧର୍ମ ବହିଯିବା, ବାୟୁର ଧର୍ମ ଭାସିବୁଲିବା, ସେପରି ସାଧାରଣ ମାନବର ଧର୍ମ କଣ ହେବା ଉଚିତ୍, ତାହା ବିଚାର୍ଯ୍ୟ। ସତ୍ୟ, ଶାନ୍ତି, ଦୟା, କ୍ଷମା, ସ୍ନେହ, ପ୍ରେମ, ସେବା, ଭକ୍ତି, ସଂଯମ ପ୍ରେରଣା, ସୁବିଚାର, ସହଯୋଗ, ଅନୁସନ୍ଧିତ୍ସା, ପରୋପକାର, ଦାନଶୀଳତା, ସହନଶୀଳତା, ଆଧାତ୍ମିକତା ଆଦି ମାନବୋଚିତ ଗୁଣର ପରିସ୍ଫୁଟନ ହିଁ ମାନବ ଧର୍ମ। ମାନବକୁ ଛାଡ଼ି ଆଉ ସବୁ ପ୍ରାଣୀ ମାନବେତର, କାରଣ ମାନବ ସ୍ରଷ୍ଟାଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି।

ଏବେ ପ୍ରଥମ ଶ୍ଳୋକର ପ୍ରଥମ ଚାରିଟି ଅକ୍ଷର ଓ ଶେଷ ଶ୍ଳୋକର ଶେଷ ଚାରିଟି ଅକ୍ଷର ଏକତ୍ରିତ କଲେ; ଧର୍ମକ୍ଷେତ୍ରେ ମତିର୍ମମ। ଏଠାରେ କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି, କାରଣ ଧର୍ମର ପ୍ରତିଷ୍ଠା ପାଇଁ ଭଗବାନ ଧର୍ମ ଯୁଦ୍ଧ କରିଥିଲେ। ହିନ୍ଦୁମାନଙ୍କ ପ୍ରତି ପୂଜାରମ୍ଭରେ ପବିତ୍ରିକରଣ ମନ୍ତ୍ର:

"କୁରୁକ୍ଷେତ୍ର ଗୟା ଗଙ୍ଗା ପ୍ରଭାସ ପୁଷ୍କରାଣିଚ
ଏତାନି ପୁଣ୍ୟତୀର୍ଥାନି ସ୍ନାନକାଳେ ଭବନ୍ତିହେଂ।"

ଧର୍ମଯୁଦ୍ଧରେ ଅନେକ ନୀତି ନିୟମ ରହୁଥିଲା। ଯଥା ଉଭୟ ପକ୍ଷ ଠୁଳ ହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ସୂଚନା ପାଇଲେ ଉଭୟ ପକ୍ଷର ମୁଖ୍ୟ ମାନେ ଶଙ୍ଖନାଦ କରି ଯୁଦ୍ଧ ଘୋଷଣା କଲେହିଁ ଯୁଦ୍ଧାରମ୍ଭ ହେଉଥିଲା। ସୂର୍ଯ୍ୟାସ୍ତ ହେଲାମାତ୍ରେ ଯୁଦ୍ଧ ବନ୍ଦ ଘୋଷଣା କରାଯାଉଥିଲା। ସମକକ୍ଷ ଯୋଦ୍ଧାଙ୍କ ସହ ଯୁଦ୍ଧ କରାଯାଉଥିଲା ତଥା ନିରସ୍ତ୍ର ଓ ଆତ୍ମ ସମର୍ପଣ କରିଥିବା ବ୍ୟକ୍ତିସହ ଯୁଦ୍ଧ କରାଯାଉ ନଥିଲା। ଯୁଦ୍ଧ ସମୟ ବ୍ୟତୀତ କୌଣସି ଶତ୍ରୁତା ଆଚରଣ ବା ଛଳ କପଟ ହେଉ ନଥିଲା। ଏହି ସମସ୍ତ ନିୟମକୁ କୁରୁ ବାହିନୀ ଭଙ୍ଗ କଲାପରେ ପାଣ୍ଡବ ପକ୍ଷକୁ ଅନୁରୂପ ଉପଦେଶ ଦେଇଥିଲେ ସ୍ୱୟଂ ଶ୍ରୀକୃଷ୍ଣ। କାରଣ ଅଧର୍ମୀ ମାନଙ୍କ ପ୍ରତି ଧର୍ମାଚରଣ ଧର୍ମର ବିରୋଧ।

ଗୀତାର ଅଠରଟି ଅଧ୍ୟାୟ ତିନିଭାଗରେ ବିଭକ୍ତ, ଯଥା କର୍ମ, ଭକ୍ତି ଓ ଜ୍ଞାନ ଯୋଗ। ନିଷ୍କାମ କର୍ମରେ ଆଧାତ୍ମିକ ଜ୍ଞାନ ଯୋଗହେଲେ ଯଥାର୍ଥ ଭକ୍ତି ହୁଏ। ପ୍ରଥମ ଅଧ୍ୟାୟ 'ଅର୍ଜୁନ ବିଷାଦ ଯୋଗ'ରେ ଆପଣାର ଲୋକଙ୍କ ପ୍ରତି ଯୁଦ୍ଧ ବିମୁଖ ଅର୍ଜୁନଙ୍କ ଅନେକ ପ୍ରଶ୍ନ

ସନ୍ନିହିତ। ଦ୍ୱିତୀୟ ଅଧ୍ୟାୟ 'ସାଂଖ୍ୟଯୋଗ' ରେ ଭଗବାନ ଅର୍ଜୁନଙ୍କୁ ସାମଗ୍ରିକ ଭାବରେ ବୁଝାଇବା ପ୍ରୟାସ କଲେ। କିନ୍ତୁ ଅର୍ଜୁନଙ୍କର ସଂଶୟ ଦୂର ନହେବାରୁ କର୍ମ, ଭକ୍ତି ଓ ଜ୍ଞାନ ଆଧାରରେ ଅବଶିଷ୍ଟ ୧୬ଟି ଅଧ୍ୟାୟ ଶ୍ରୀକୃଷ୍ଣ କହିଲେ:

'ସର୍ବୋପନିଷଦୋ ଗାବଃ ଦୋଗ୍ଧା ଗୋପାଳ ନନ୍ଦନ
ପାର୍ଥୋବର୍ତ୍ସା ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍।'

ଜିଜ୍ଞାସୁ ଭକ୍ତ ଅର୍ଜୁନଙ୍କ ଯୋଗୁ ସମଗ୍ର ମାନବ ଜାତିର ଅମୂଲ୍ୟ ସମ୍ପଦ ଗୀତାମୃତ ପ୍ରାପ୍ତ ହେଲା। ଜୀବନ-କୁରୁକ୍ଷେତ୍ରରେ ଆତ୍ମା-ଅର୍ଜୁନ ଦ୍ୱନ୍ଦ ସଂଘାତର ସମ୍ମୁଖୀନ ହୋଇ ପରମାତ୍ମାଙ୍କ ସହ ସଂଯୋଗ ସ୍ଥାପନ କଲେ ମୋକ୍ଷ ସନ୍ନ୍ୟାସ ପ୍ରାପ୍ତି କରିପାରିବ, ଏହାହିଁ ମାନବ ସମାଜକୁ ସଂଦେଶ।

ଗୀତାର ସମୁଦାୟ ୭୦୦ ଶ୍ଳୋକ ମଧ୍ୟରୁ କେବଳ ପ୍ରଥମ ଶ୍ଳୋକଟି ଧୃତରାଷ୍ଟ୍ର ପଚାରିଛନ୍ତି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ବୁଝାଇ କହିବା ପାଇଁ ୪୧ ଟି ଶ୍ଳୋକ, ପରମ ପିତା ତଥା ଜଗଦଗୁରୁ ଶ୍ରୀକୃଷ୍ଣଙ୍କୁ ଅନୁସନ୍ଧିତ୍ସା ମୂଳକ ଅର୍ଜୁନଙ୍କ ୮୪ ଟି ଶ୍ଳୋକ, ତଥା ବିଶଦ ବ୍ୟାଖ୍ୟା ପାଇଁ ଯୋଗେଶ୍ୱର କୃଷ୍ଣ ୫୭୪ ଟି ଶ୍ଳୋକ ଉଚ୍ଚାରଣ କରିଥିଲେ। ଅନୁଷ୍ଟୁପ ଛନ୍ଦରେ ପରମାତ୍ମାଙ୍କ ମୁଖନିଃସୃତ ଉପରୋକ୍ତ ଶ୍ଳୋକ ମଧ୍ୟରୁ ସୁନିର୍ବାଚିତ କିଛି ବାଣୀ:

**କର୍ମ ଓ ତଜ୍ଜନିତ ଫଳ:**
କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମ ଫଳହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱକର୍ମଣି।୨/୪୭

**କର୍ମ ସନ୍ନ୍ୟାସ:**
ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ
ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ। ୫/୭

**ଯୋଗୀର କର୍ମ:**
ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍
ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍। ୮/୨୮

**ଅଧର୍ମର ସଂଜ୍ଞା:**
ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍। ୧୬/୨୧

**ଧର୍ମର ସଂଜ୍ଞା ଓ ଈଶ୍ୱରଙ୍କ କର୍ତ୍ତବ୍ୟ:**
ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।
ପରିତ୍ରାଣାୟ ସାଧୂନାଂ ବିନାଶାୟଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ୪/୭~୮

**ଭକ୍ତିର ଶକ୍ତି:**
ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି
ଶୁଭାଶୁଭ ପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟ। ୧୨/୧୭

**ଯୋଗେଶ୍ୱରଙ୍କ ସହ ଯୋଗର ଲାଭ:**
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯୁପାସତେ
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍। ୯/୨୨

ସର୍ବଧର୍ମାନ୍ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।୧୮/୬୬।।

**ଆତ୍ମାର ସ୍ୱରୂପ :**
ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା ନ୍ୟନ୍ୟାନି ସଂଜାତି ନବାନି ଦେହୀ।
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।୨/୨୨~୨୩

ଆତ୍ମା ଅବିନାଶୀ ତଥା ଶରୀର ନାଶବାନ ଓ ଅନିତ୍ୟ ଅର୍ଥାତ କେଉଁ ସମୟରେ ଜୀବନଦୀପ ଲିଭିଯିବ ତାହା ଅନିଶ୍ଚିତ। ମାତ୍ର ଶରୀର ବିନା ଆତ୍ମାର ସ୍ଥିତି ନାହିଁ। ଅନେକ ଜନ୍ମର ପୂଣ୍ୟ ଫଳରେ ଚୌରାଶି ଲକ୍ଷ ଯୋନି ଜନ୍ମରୁ ଦୁର୍ଲଭ ମାନବ ଶରୀର ପ୍ରାପ୍ତ ହେଲାପରେ ବୁଦ୍ଧି ବିବେକର ପ୍ରୟୋଗ କରି ପରମାତ୍ମାଙ୍କୁ ପ୍ରାପ୍ତ ହେବା ଅର୍ଥାତ ମୋକ୍ଷ ଲାଭ କରିବା ଆମର ଲକ୍ଷ୍ୟ ହେବା ବିଧେୟ। ଅବୋଧ ଶିଶୁଟିଏ ଜନ୍ମ ବେଳେ କ୍ରନ୍ଦନ କଲାପରି 'ଅର୍ଜୁନ ବିଷାଦ ଯୋଗ'ରୁ ଆରମ୍ଭ କରି ହସହସ ମୁଖରେ ମୃତ୍ୟୁବରଣ ବା 'ମୋକ୍ଷ ସନ୍ନ୍ୟାସ ଯୋଗ' ପର୍ଯ୍ୟନ୍ତ ଶ୍ରୀମଦ୍ଭଗବତଗୀତା ବିସ୍ତୃତ ଭାବେ ଜୀବନର ସକଳ ସଂଶୟ ଦୂରକରି ଯୋଗ ଦ୍ୱାରା ଈଶ୍ୱର ପ୍ରାପ୍ତି କରିବା ପାଇଁ ମାନବକୁ ଅଭିମନ୍ତ୍ରିତ କରେ।

ଶ୍ରୀକୃଷ୍ଣ ଅବତାରୀ ବା ଅବତାରରୁ ଉର୍ଦ୍ଧ୍ୱରେ ଜଗତର ଗୁରୁ:
"କୃଷ୍ଣଂ ବନ୍ଦେ ଜଗଦଗୁରୁମ୍।"

*****

ବୈକୁଣ୍ଠ, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
ମୋ: ୯୪୩୭୬୯୭୧୬୧

# ଆଦିବାସୀଙ୍କ ଗୋତର ପରବ

ଡ଼ଲିରାଣୀ ବ୍ରହ୍ମା



ଓଡ଼ିଶାର ପୁରାତନ ଆଦିମ ଅଧିବାସୀ 'ଗଦବା' ସମ୍ପ୍ରଦାୟର ଲୋକ ଆନ୍ଧ୍ର, ଓଡିଶା ଓ ମଧ୍ୟ ପ୍ରଦେଶର ସୀମାରେଖା ମଧ୍ୟରେ ବସବାସ କରନ୍ତି।

ଶିକ୍ଷା କ୍ଷେତ୍ରରେ ଅବହେଳିତ ହେଲେବି ଏମାନଙ୍କ ଜୀବନରେ ଗୋଟିଏ ଛନ୍ଦ ଅଛି। ଜୀବନକୁ ଉପଭୋଗ କରିବାର ପ୍ରବଣତା ଅଛି। ଅନ୍ୟକାହାର ଖିଆଲ ଅନୁସାରେ ଗଢ଼ାହେବା ପରିବର୍ତ୍ତେ ସେମାନେ ନିଜ ଖିଆଲକୁ ଗୁରୁତ୍ୱ ଦେଇଥାନ୍ତି। ଦିନ ସାରା ପାହାଡ ପର୍ବତ ଚଢି ଚାଷକାମ ସାରି ଘରକୁ ଫେରି କ୍ଳାନ୍ତ ଶରୀରରେ ସେମାନେ ଧାଇଁ ଯାନ୍ତି , ଗାଁ ସଦରକୁ, ଯେଉଁଠାରେ ଗାଁର ପୂର୍ବ ପୁରୁଷମାନଙ୍କୁ ମନେ ପକେଇବା ପାଇଁ ସଜା ହୋଇ ରଖା ଯାଇଥାଏ ବଡ ବଡ ପଥର ଏବଂ ଯାହାର ସାମ୍ନାରେ ଆୟୋଜନ କରାଯାଏ ପ୍ରତିଦିନ ଗୀତ ନାଚର ଆସର। ଧାଙ୍ଗଡୀ ମାନଙ୍କ ସହ ପୁରୁଷ ମାନେ ଆରମ୍ଭ କରି ଦିଅନ୍ତି ଢେମସା ନାଚ । ନୂତନ ପ୍ରାଣ ପ୍ରାଚୁର୍ଯ୍ୟରେ ଭରି ଉଠେ ସେମାନଙ୍କ ଜୀବନ। ସେମାନଙ୍କର କୌଣସି ଦାବି ନଥାଏ, ପ୍ରକୃତି ଓ ପରିବେଶକୁ ଖାତିର ନଥାଏ। କେବଳ ଥାଏ ହିଂସ୍ର ପଶୁ ପକ୍ଷୀଙ୍କ ଠାରୁ ରକ୍ଷା ପାଇବାର ଧୈର୍ଯ୍ୟ ଓ ସାହସ।

ଏମାନେ ରାମାୟଣ ବର୍ଣିତ ପ୍ରଭୁ ରାମଚନ୍ଦ୍ରଙ୍କ ସହିତ ସମ୍ପର୍କ ଯୋଡି ପ୍ରମାଣ ପାଇଁ ଗୋଦାବରୀ ନଦୀର ଆଖପାଖରୁ ସେମାନଙ୍କର ଉତ୍ପତ୍ତି ବୋଲି ଯୁକ୍ତି ବାଢିଥାନ୍ତି । ପରବର୍ତ୍ତୀ କାଳରେ ଜୟପୁରର ରାଜା ବିକ୍ରମଦେବଙ୍କ ସମୟରେ ଏମାନେ ପାଲିଙ୍କି ବୁହାଳି କାମ କରୁଥିବାର ପ୍ରମାଣ ମଧ୍ୟ ମିଳିଥାଏ। ଏହି ଗଦବା ସମ୍ପ୍ରଦାୟର ଲୋକ ମୁଖ୍ୟତଃ ତିନି ଭାଗରେ ବିଭକ୍ତ , ଯଥା : ବଡ ଗଦବା, ଓଲାର ଗଦବା ଏବଂ ପାରେଙ୍ଗା ଗଦବା। ବଡ ଗଦବା ଅନ୍ୟ ଦୁଇ ଗଦବା ଠାରୁ ବଡ ତେଣୁ ସେମାନଙ୍କ ମଧ୍ୟରେ ବିବାହ ହୋଇ ପାରିନଥାଏ। ପ୍ରତ୍ୟେକ ଗଦବା ଗ୍ରାମ ଗୁଡିକ ଅନ୍ୟ ଗ୍ରାମ ସହିତ ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇଥାଏ । ସେମାନଙ୍କ ମଧ୍ୟରୁ ଚୋରୁଭାଇ ଓ ପାଞ୍ଜିଆ ଭାଇ ପ୍ରଧାନ । ଚୋରୁଭାଇ ସମ୍ପର୍କ ଏକା ଗୋତ୍ରର ନିଜ ଗ୍ରାମ କିମ୍ବା ବାହାର ଗ୍ରାମ ସହିତ ସ୍ଥାପିତ ହୋଇଥାଏ। ଚୋରୁଭାଇର ମୁଖ୍ୟ କର୍ମ ହେଲା ପ୍ରତ୍ୟେକ ପୂଜା ପର୍ବରେ ପବିତ୍ର ଚୋରୁଭାତ ରାନ୍ଧିବା ଏବଂ କେହି ଅଜାତି ହୋଇଥିଲେ ଜାତି କରିବା। ପାଞ୍ଜିଆ ଭାଇ ସମ୍ପର୍କ ଭିନ୍ନ ଗୋତ୍ରରେ ଏବଂ ବିଭିନ୍ନ ଗ୍ରାମ ସହିତ ସ୍ଥାପିତ ହୋଇଥାଏ । ଯିଏକି ଗୋଦବା ମାନଙ୍କର ବହୁ ଚର୍ଚ୍ଚିତ ଗୋତର ପରବରେ ମୃତ ଲୋକଙ୍କ ନାମରେ ବନ୍ଧା ଯାଉଥିବା ପୋଢ଼ ଓ ମଇଁଷି ମାନଙ୍କୁ ନେଇ ମାରି ଖାଇଥାଏ।

ଜନ୍ମ ପରେ ମୃତ୍ୟୁ ଓ ମୃତ୍ୟୁ ପରେ ଜନ୍ମ ଏମାନଙ୍କ ବିଶ୍ୱାସ। ତେଣୁ ଏହି ସମ୍ପ୍ରଦାୟର କୌଣସି ଲୋକ ମରିଗଲେ ସାଧାରଣତଃ ପୋତି ଦେଇଥାନ୍ତି । ମାତ୍ର ଭଲରେ ନ ମରିଥିବା ଲୋକମାନଙ୍କୁ ପୋତି ଦେଇଥାନ୍ତି ଓ ଗାତ ଭିତରେ ସେମାନେ ବ୍ୟବହାର କରୁଥିବା ସମସ୍ତ ପଦାର୍ଥ ଓ ଖାଦ୍ୟ ପେୟ ମଧ୍ୟ ଦେଇଥାନ୍ତି । ହିନ୍ଦୁମାନଙ୍କ ପରି ସେମାନେ ମଧ୍ୟ ତିନି ଦିନରେ ପିତା ଓ ଦଶ ଦିନରେ ଦଶା ପାଳନ କରିଥାନ୍ତି । ଏହି ଦିନ ମାନଙ୍କରେ ସମସ୍ତ ବନ୍ଧୁ ବାନ୍ଧବ ଆସି ଗାଈ ରକ୍ତ ଓ କଲିଜା ନେଇ ମଶାଣିରେ ଦେଇ ଆସନ୍ତି। ଏହା ବ୍ୟତୀତ ଲଙ୍ଗଳ, ଜୁଆଳି, କଟୁରୀ, ଭାତ, ମାଛ ନେଇ ମଶାଣିରେ ଦେଇ ଆସନ୍ତି । ସେମାନଙ୍କର ବିଶ୍ୱାସ ଯେ ମୃତ୍ୟୁ ପରେ ଜଣେ ପାତାଳପୁରରେ ଚାଷ ବାସ କରିଥାଏ । ତେଣୁ ଏ ସବୁର ଆବଶ୍ୟକତା ପଡିଥାଏ। ଏପରିକି ଏମାନଙ୍କର ବିଶ୍ୱାସ ଯେ ଗଦବା ରମଣୀ ଯଦିଓ ଏକାଧିକ ପତି ବରଣ କରିଥାଏ ତଥାପି ମୃତ୍ୟୁ ପରେ ତାହାର ପ୍ରଥମ ସ୍ୱାମୀ ପାଖରେ ରହିଥାଏ । ଦଶା ପରେ ମୃତ୍ୟୁଲୋକର ସମସ୍ତ କ୍ରିୟା ଯେ ସରିଯାଏ ତାହା ନୁହେଁ। ଏମାନଙ୍କ ବିଶ୍ୱାସ ଯେଉଁ ପର୍ଯ୍ୟନ୍ତ 'ଗୋତର ପରବ' ବା 'ଡୁମାପୂଜା' ନ ହୋଇଛି ସେ ପର୍ଯ୍ୟନ୍ତ ମୃତ ଲୋକର ଆତ୍ମା ଘୂରି ବୁଲୁଥାଏ। ତେଣୁ ସେହି ଆତ୍ମା ଘରର ଅନିଷ୍ଟ କରିଥାଏ। ଫସଲ ଖରାପ କରେ ଦେହପା ଖରାପ କରେ। ଗାଈ ଗୋରୁଙ୍କୁ ମଧ୍ୟ ମାରି ଦେଇଥାଏ।

'ଗୋତର ପରବ' ବା 'ଡୁମା ପରବ' ପ୍ରତି ଗ୍ରାମରେ ପାଞ୍ଚ ବର୍ଷରେ କିମ୍ବା ଦଶ ବର୍ଷରେ ଏ ପରିକି ପୀଢ଼ି ପରେ ମଧ୍ୟ ସୁବିଧା ଦେଖି ଆୟୋଜନ କରାଯାଇଥାଏ। ଏହା ସେମାନଙ୍କର ସବୁଠାରୁ ବଡ ପର୍ବ । ଏହି ପର୍ବ ଗୋଟିଏ ଦିନରେ କିମ୍ବା ସପ୍ତାହରେ ସମାପ୍ତ ହୋଇ ନଥାଏ । ଏହି ପର୍ବ ମାସ ମାସ ଧରି ଚାଲିଥାଏ । ଏହି ପର୍ବ ପାଇଁ ଦରକାର ପଡିଲେ ସେମାନେ ଜମି ବାଡ଼ି, ସୁନା ଗହଣା ମଧ୍ୟ ବିକ୍ରୀ କରି ଦେଇଥାଆନ୍ତି । 'ଗୋତର ପରବ' ସାଧାରଣତଃ ଗୋଷ୍ଠୀଗତ ଭାବରେ ପାଳନ ହୋଇଥାଏ।

ଏହି ପର୍ବ ସାଧାରଣତଃ ମାଘ ମାସରେ ହୋଇଥାଏ। ମାତ୍ର ଦିପାବଳୀ ସମୟରୁ ଗଡରିଆ ଦିଶାରୀ ( ଗୋତର ପରବର ପୂଜକ) ମଶାଣିକୁ ଯାଇ ଘୁଷୁରୀ ମାଂସ ଓ ମଦ ଦେଇ ସମସ୍ତ ଡୁମା (ମୃତ ଲୋକର ଆତ୍ମା ) କୁ ଜୀବଦାନ କରି ଉଠାଇ ଥାଏ ଓ ଗ୍ରାମ ଦେବତୀ ହୁଣ୍ଡି ଠାକୁରାଣୀଙ୍କ ପାଖରେ ବନ୍ଧନ କରି ଛାଡି ଦେଇଥାଏ। ଯେଉଁ ଯେଉଁ ଆତ୍ମା ମାନଙ୍କୁ ଗୋତର କରାଯିବ ସେହି ମାନଙ୍କର ଆତ୍ମାକୁ ଦିଶାରୀ ଉଠାଇ ଥାଏ ଏବଂ ଅନ୍ୟ ସବୁ ଅତୃପ୍ତ ଆତ୍ମାକୁ ଗ୍ରାମ ଭିତରେ ନପଶିବା ପାଇଁ ଗ୍ରାମର ଚାରିପାଖେ ସତର୍କତା ସ୍ୱରୂପ ବାନା ମାରିଥାଏ ତେଣୁ ଏହି ଦିନରେ ହେଉଥିବା ପୂଜାକୁ ବାନା ଭରିବା

ପୂଜା କୁହା ଯାଇଥାଏ ।

ଗୋତର ହେଉଥିବା ଡୁମା ମାନଙ୍କ ମଧ୍ୟରୁ ଯେଉଁ ଡୁମା ପ୍ରଥମେ ମରିଯାଏ, ସେହି ଲୋକର ଆତ୍ମୀୟ ଗୋତର ପର୍ବର ମୁଖିଆ ଭାବରେ ଦାୟିତ୍ୱ ତୁଲାଇଥାଏ । ସେହି ଡୁମା ନାମରେ ବନ୍ଧା ଯାଇଥିବା ପୋଢକୁ କୁଟି ପୋଢ଼ କୁହା ଯାଇଥାଏ ।

ଦିଶାରୀ ମାଘ ମାସର ଶୁଭ ତିଥି ଦେଖି ଗ୍ରାମର ହୁଣ୍ଡି ଠାକୁରାଣୀଙ୍କ ଠାରେ ଗୋଟିଏ କୁକୁଡ଼ା ଓ ଗୋଟିଏ ଛେଳି ମାରି କୁଟି ପୋଢ଼ ବାନ୍ଧୁଥିବା ଲୋକକୁ ଗୋଟିଏ ବାଡ଼ି ଦେଇଥାଏ ଏବଂ 'ଆଜିଠାରୁ ଯାଇ ଏଇ ଦିଗରୁ ପୋଢ଼ କିଣ' ବୋଲି ଆଦେଶ ଦେଇଥାଏ । ଫଳରେ ପ୍ରଥମେ କୁଟି ପୋଢ଼ କିଣା ହୁଏ । ପରେ ସମସ୍ତ ଲୋକ ନିଜ ନିଜ ଘରେ ମରିଥିବା ଲୋକ ( ଡୁମା ) ନାଁରେ ଗୋଟିଏ ଗୋଟିଏ ପୋଢ଼ କିଣନ୍ତି ।

ଯଦି ପୁରୁଷ ଲୋକ ହୋଇଥାନ୍ତି ଗୋଟିଏ ପୋଢ଼, ସ୍ତ୍ରୀ ଲୋକ ହୋଇଥିଲେ ଗୋଟିଏ ମଇଁଷି କିଣନ୍ତି । ଏପରିକି ମରିଥିବା ଲୋକର ବୟସ, ରଙ୍ଗ, ଉଚ୍ଚତା ଓ ଢଙ୍ଗ ଦେଖି ପୋଢ଼ କିଣାଯାଏ । ଏହାପରେ ଦିଶାରୀ ହୁଣ୍ଡି ଠାକୁରାଣୀଙ୍କ ପାଖରେ ବନ୍ଧନ କରି ଛାଡ଼ି ଦେଇଥିବା ପ୍ରତ୍ୟେକ ଡୁମାକୁ ମନ୍ତ୍ର ଦ୍ୱାରା ସେହି ଡୁମା ନାମରେ ବନ୍ଧା ଯାଇଥିବା ପୋଢ଼ ଓ ମଇଁଷି ଦେହରେ ପ୍ରବେଶ କରାଇଥାଏ । ଏହା ପରଠାରୁ ପତ୍ୟେକ ଦିନ ପୂଜା ହୋଇଥାଏ । ସେହି ପୂଜା ଦିନ ମଧ୍ୟ ଭୋଜି କରା ଯାଇଥାଏ । ତେଣୁ ଏଥିପାଇଁ ପ୍ରଚୁର ପରିମାଣରେ କୁକୁଡ଼ା. ଛେଳି, ଗାଈଗୋରୁ ମରାଯାଏ । ଏହା ସହିତ ହାଣ୍ଡି ହାଣ୍ଡି ମଦର ମଧ୍ୟ ବ୍ୟବସ୍ଥା କରା ହୋଇଥାଏ । ସେହି ପୂଜା ଗୁଡିକ ହେଲା : କାଠ ମାରିବା ପୂଜା, ଧାନକୁଟା ବା ଗଦାମରା ପୂଜା , ପତ୍ର ତୋଳା ପୂଜା ଇତ୍ୟାଦି .... ।

ମୁଖ୍ୟ ଗୋତର ପର୍ବର ସାତଦିନ ପୂର୍ବରୁ ଦିଶାରୀ ନିଶାର୍ଦ୍ଧ ମଧ୍ୟରେ ଗ୍ରାମର ଲୋକମାନଙ୍କୁ ନେଇ ସଦର ସାମନାରେ ଗୋଟିଏ କୁକୁଡ଼ା ଅଣ୍ଡା ଓ ଚାଉଳ ଦେଇ ପୂଜା ସାରିବା ପରେ ଗୋଟିଏ ଶିମିଳି ଶାଖା ପୋତିଥାଏ ଓ ସେଠାରୁ ବାଜା ବଜେଇ ମଶାଣି ପାଖରେ ଥିବା ଗୋଟିଏ ପଡିଆରେ ମଧ୍ୟ ଗୋଟିଏ ଶିମିଳି ଶାଖା ପୋତିଥାଏ । ଏହି ଜାଗାକୁ ପଦା ଗୋତର ମୁଣ୍ଡା ( ଗୋତର ଲାଙ୍ଗବେ ) କୁହାଯାଏ ।

ଗୋତର ପର୍ବର ତିନିଦିନ ପୂର୍ବରୁ ପୋଢ଼ ମାନଙ୍କୁ ଚୋରୁ ଭାତ ଖୁଆ ଯାଇଥାଏ । ଏହି ଦିନ ସକାଳୁ ଚୋରୁ ଭାଇ ଆସି ପ୍ରତ୍ୟେକ ଘରେ କୁକୁଡ଼ା ମାରି ଚୋରୁ ଭାତ ରାନ୍ଧି ଥାଏ ଏବଂ କୁଟି ପୋଢ଼କୁ ହଳଦୀ ତେଲ ଦେଇ ଗରମ ପାଣିରେ ଧୋଇବା ପରେ ଘର ସାମନାରେ ଥିବା ମୁଣ୍ଡାରେ ( ଗୋତର ନଙ୍ଗମ ) ଶିମିଳି ଶାଖା ପୋତି ସେଥିରେ କୁଟି ପୋଢକୁ ବାନ୍ଧି ଭାତ, ମାଂସ ଖୁଆଇ ଥାଏ । ଏହାପରେ ଅନ୍ୟ ପୋଢ଼ମାନଙ୍କୁ ମଧ୍ୟ ଏହିପରି ଖାଇବାକୁ ଦିଆଯାଏ । ଏହି ଦିନ ବାହାର ଗ୍ରାମରେ ଥିବା ଝିଅ ଭଉଣୀ ବନ୍ଧୁ ବାନ୍ଧବ ମାନେ ଆଣିଥିବା ଭାତ, ମଦ, ମାଂସ, ପିଠା ଇତ୍ୟାଦି ଏହି ପୋଢ଼ ମାନଙ୍କୁ ଖୁଆଇଥାନ୍ତି । ଏହି ଭାତ ଖୁଆଇବା ସମୟରେ ସମସ୍ତେ କାନ୍ଦି କାନ୍ଦି ଖୁଆଇଥାନ୍ତି । ଏହି ସମୟରେ କେହି କେହି ଗୋତର ଗୀତ ଗାଇ ଗାଇ ସେମାନଙ୍କ ଆଗରେ ନାଚୁଥାନ୍ତି । ପ୍ରଚୁର ପରିମାଣରେ ମଦ ନିଜେ ପିଇଥାନ୍ତି । ପୋଢ଼ ମାନଙ୍କୁ ମଧ୍ୟ ପାଣି ନ ଦେଇ ମଦ ପିଇବାକୁ ଦେଇଥାନ୍ତି । ଏହି ଦିନଠାରୁ ଗ୍ରାମର ଚାରି ପାଖରେ ଅସ୍ଥାୟୀ କୁଡ଼ିଆ ମାନ ମାଳ ମାଳ ହୋଇ ଗଢି ଉଠିଥାଏ । ଏବଂ ସେଥିରେ ରହିଥାନ୍ତି ଗଦବା ମାନଙ୍କର ଗଡିଆ କୁଟୁମ୍ବ ମାନଙ୍କ ଦ୍ୱାରା, ପ୍ରତ୍ୟେକ ଦିନ ପାଞ୍ଚଟାରୁ ଆରମ୍ଭ କରି ଦଶଟି ପର୍ଯ୍ୟନ୍ତ ଗାଇ, ପ୍ରଚୁର ଘୁଷୁରୀ ଓ ଛେଳି ମଧ୍ୟ କଟା ଯାଇଥାଏ । ଏହି ଦିନଟାକୁ ଚୋରୁ ଖିଆ ଦିନ କୁହାଯାଏ ।

ଏହାର ପରଦିନଟି ପାଖନାବୁହା ଦିନ । ଏହିଦିନ ବାହାର ଗ୍ରାମରେ ଥିବା ପାଞ୍ଜିଆ ଭାଇ ମାନେ ମଦ, ପେଣ୍ଡମ ସହିତ ବଡ ବଡ ପଥର ଚାରୋଟି ଓ ବହୁତ ଗୁଡିଏ ଶିମିଳି ଶାଖା ନେଇ ଆସିଥାନ୍ତି । ଏମାନେ ଆସିବା ସମୟରେ ବାଜା ବଜାଇ ଆସନ୍ତି ସମସ୍ତେ ହାତରେ ଗୋଟିଏ ଲେଖାଏଁ ଠେଙ୍ଗା ଓ ହାତ ହତିଆର ଆଣିଥାନ୍ତି ଏବଂ ଏହାକୁ ଉପରକୁ ଦେଖାଇ ନାଚି ନାଚି ଆସିଥାନ୍ତି । ଏମାନେ ଆଣିଥିବା ପଥର ୪ ଟିରୁ ସଦରଠାରେ ଗୋଟିଏ ତଳେ ରଖନ୍ତି, ଏବଂ ଆଉ ଗୋଟିଏ ପଥରକୁ ତାହାରି ପଛ ପାଖରେ ଠିଆ ଭାବରେ ରଖନ୍ତି । ତାହାପରେ ପଦା ଗୋତର ଗୁଣ୍ଡାରେ ଅନ୍ୟ ଦୁଇଟି ପଥରକୁ ସେହିପରି ପୋତିବା ପରେ ଆଣିଥିବା ସମସ୍ତ ଶିମିଳି ଶାଖାକୁ ତାହାର ଗଛ ପାଖରେ ଧାଡି କରି ପୋତନ୍ତି । ଗୋତର କରାଯାଉଥିବା ଲୋକ ସ୍ମୃତିରେ ଏହି ପଥର ପୋତାଯାଏ । ଏହାପରେ ସେହି ଗ୍ରାମର ସମସ୍ତ ଲୋକ ପାଞ୍ଜିଆ ଭାଇମାନଙ୍କୁ ନାନା ପ୍ରକାର ରଙ୍ଗ, ମାଟି, କାଦୁଅ ଇତ୍ୟାଦି ଲଗାଇ ପିଠିରେ ଥାପୁଡ଼ା ଓ କହୁଣୀ ମାରନ୍ତି । ପାଞ୍ଜିଆ ଭାଇମାନେ ମଧ୍ୟ ଛଡ଼ାନ୍ତିନି । ଏହାପରେ ଧାଙ୍ଗଡୀ ମାନେ ଗରମ ପାଣି ଓ ତେଲ ଦେଇ ଏମାନଙ୍କୁ ଗାଧୋଇ ଦିଅନ୍ତି ଓ ଭୋଜି ଘର ପାଖକୁ ପାଛୋଟି ନେଇ ସେଠାରେ ବସାଇ ଭୋଜି ଖୁଆନ୍ତି ।

ପାଖନାବୁହାର ପରଦିନଟିକୁ ଜୁରଦିନ କୁହାଯାଏ । ଏହି ଦିନ ସକାଳୁ ଦିଶାରୀ ପୂଜା ସାରିବା ପରେ ରାଉଦେବତା ( ସୂର୍ଯ୍ୟ) ନାମରେ ଗୋଟିଏ ପୋଢ ମାରେ । ଏହାକୁ ରାଉପୋଢ କୁହାଯାଏ । ସୂର୍ଯ୍ୟୋଦୟ ପରେ ସମସ୍ତ ପୋଢ ଓ ମଇଁଷିକୁ ଗରମ ପାଣିରେ ଗାଧୋଇ ହଳଦୀ ଓ ତେଲ ମଖା ସାରିବା ପରେ ମଦ, ମାଂସ, ଭାତ, ପିଠା, ଚାଉଳ ଇତ୍ୟାଦି ଖାଇବାକୁ ଦିଆଯାଏ । ଏହାପରେ ସେମାନଙ୍କୁ ମୃତ ଲୋକର ରୁଚି ଅନୁଯାୟୀ ସଜା ହୋଇଥାଏ । ମୁଣ୍ଡରେ ପାନିଆଁ, ଦର୍ପଣ, ଟଙ୍କା, ଖଦି, ସୂତା, ଥାଳି ଇତ୍ୟାଦି ଏବଂ

ପିଠିରେ ଲୁଗା, ଲୁଙ୍ଗି, ଶାଢ଼ୀ କେରଙ୍ଗ ଇତ୍ୟାଦି ବନ୍ଧା ଯାଇଥାଏ । କାହାର ବେକରେ ଚପଲ, କୋଡ଼ି, ଗାଂଡୁଆ ତ କାହାର ବେକରେ ଖଇନି, ଧୂଙ୍ଗିଆ, ମଦ ବୋତଲ, ବିଡି ଇତ୍ୟାଦି ଝୁଲୁଥାଏ । ଏମାନଙ୍କର ବିଶ୍ୱାସ, ତୁମାର ମୋକ୍ଷ ପ୍ରାପ୍ତି ପରେ ଆର ପୁରରେ ଏହି ସବୁ ପଦାର୍ଥର ଆବଶ୍ୟକତା ହୋଇଥାଏ । ପୋଢମାନଙ୍କୁ ସଜାଇବା ପରେ ପଦା ଗୋତର ମୁଣ୍ଡାକୁ ନେଇ ସେଠାରେ ଆଗରୁ ପୋତା ଯାଇଥିବା ଶିମିଳି ଶାଖା ମାନଙ୍କରେ ବାନ୍ଧି ଦେଇଥାନ୍ତି । ଏହାପରେ ସେମାନଙ୍କୁ କେବଳ ମଦ ପିଇବାକୁ ଦିଆ ଯାଇଥାଏ । ଏହି ସମୟରେ ଶହ ଶହ ଲୋକ ରୁଣ୍ଡ ହୋଇଥାନ୍ତି । ଦୋକାନ ବଜାର ଚାରିଆଡେ କୋଳାହଳର ତରଙ୍ଗ ଛୁଟିବାରେ ଲାଗିଥାଏ । ଧାଙ୍ଗଡା ଦଳ ଦଳ ହୋଇ ଧାଙ୍ଗଡୀର ସନ୍ଧାନରେ ଘୁରି ବୁଲନ୍ତି କାରଣ ଏହି ଦିନ ଧାଙ୍ଗଡା ମାନେ ଧାଙ୍ଗଡୀମାନଙ୍କୁ ଝିଙ୍କି ନେଇ ବିବାହ କରିଥାନ୍ତି । ତେଣୁ ଏହି ଭୟରେ କୌଣସି ଧାଙ୍ଗଡୀ ଏକା ବୁଲିବାର ଦେଖା ଯାଏ ନାହିଁ।

ପାଞ୍ଜିଆ ଭାଇମାନେ ଗୋତର ମୁଣ୍ଡାରେ ଗାମୁଛା ଓ ଡାଳ ଧରି ନାଚନ୍ତି । କେହି କେହି ଠେଙ୍ଗା ବାଡ଼ି ଓ ଅସ୍ତ୍ର ଶସ୍ତ୍ର ଧରି ନାଚୁଥିବାର ଦେଖାଯାଏ । ଏହି ସମୟ ମଧରେ ବାଜା ବଜାଇ ଆଖ ପାଖ ଗ୍ରାମରୁ ଝିଅ, ମଇତର, ମାମୁଁ ପ୍ରମୁଖ ଗୋଟିଏ ଗୋଟିଏ ଲେଖାଏଁ ପୋଢ ଆଣିଥାନ୍ତି । ଏହାକୁ ପୁରାଣୀ କୁହାଯାଏ । ନିୟମ ଅନୁସାରେ ଯିଏ ପୁରାଣୀ ଆଣିଛି ଏବଂ ଯାହାର ଘରକୁ ଆଣିଛି, ଦୁଇ ପକ୍ଷର ପାଞ୍ଜିଆ ଭାଇର ଭାଗ ସେଇ ପୋଢ ଉପରେ ସମାନ ଥାଏ । ଦୁଇ ପକ୍ଷରୁ ଶକ୍ତିବାନ ପାଞ୍ଜିଆ ପକ୍ଷ ଅନ୍ୟ ପକ୍ଷ ଠାରୁ ଏହାକୁ ଛଡାଇ ନେଇ ପାରେ । ତେଣୁ ପୁରାଣୀ ଆସିବାର ବାଦ୍ୟ ଯନ୍ତ୍ର ଶୁଣିବା କ୍ଷଣି ଏମାନେ ଅଧା ରାସ୍ତାକୁ ଅସ୍ତ୍ର ଶସ୍ତ୍ର ଧରି ଦୌଡ଼ିଥାନ୍ତି ଓ ମାର ପିଟି ମଧ ହୋଇଥାନ୍ତି ଏହି ପୁରାଣୀକୁ କେନ୍ଦ୍ର କରି । ସମସ୍ତ ପୁରାଣୀ ଆସି ସାରିବା ପରେ ଗୋତର ମୁଣ୍ଡାରେ ଅପରାହ୍ନରେ ଦିଶାରୀ ପୂଜା କରେ।

ତାପରେ ଶିଶାକୁ ( ପୁଜାରିକୁ ) କୁଟିପୋଢ ହାଣିବାକୁ ନିର୍ଦ୍ଦେଶ ଦିଏ । ଏହି ସମୟରେ ଉପସ୍ଥିତ ଲୋକମାନଙ୍କ ମଧରେ ଠେଲା ପେଲା ଓ ଧାଁ ଦଉଡ ଆରମ୍ଭ ହୋଇ ଯାଏ । ଶିଶାଭାଇ ପୋଢର ବାମ ପାଖରୁ ପେଟରେ ୨ ଚୋଟ ହାଣିବା ପରେ ଶିମିଳି ଶାଖାରୁ ପୋଢକୁ ଖୋଲି ଦିଆଯାଏ । ସେଇ ସମୟରେ ପୋଢ ପ୍ରାଣ ବିକଳରେ ଦୌଡ଼ି ଥାଏ । ଶେଷରେ ତାହାର ଜୀବନ ଚାଲିଯାଏ । ଲୋକେ ତାହାର ମାଂସ, ଦାନ୍ତ ଆଣି ଜମିରେ ପୋତିଥାନ୍ତି । ତାଙ୍କର ବିଶ୍ୱାସ ଏମିତି କଲେ ଜମିର ଉର୍ବରତା ବଢିଥାଏ । ଏହି ପୋଢ ପୂର୍ବ ପୁରୁଷ ନାମରେ ମରାଯାଉଥିବାରୁ ସେମାନେ ତାହାର ମାଂସ ଖାଆନ୍ତି ନାହିଁ । ମାତ୍ର ଏମାନଙ୍କ ଠାରୁ ପୋଢ ନେଇଥିବା ପାଞ୍ଜିଆ ଭାଇ ମାନେ ଗୋତର କଲେ ଏମାନେ ସେହି ପୋଢକୁ ଖାଇଥାନ୍ତି । କାରଣ ଏମାନଙ୍କର ବିଶ୍ୱାସ କୁଟି ପୋଢ ମରିବା ପରେ ତାହାର ମୋକ୍ଷପ୍ରାପ୍ତି ହୁଏ।

ଯଦିଓ ଏହି ପର୍ବରେ ଗଦବା ସମାଜ ବର୍ଷ ବର୍ଷ ଧରି ବହୁତ କଷ୍ଟରେ ଅର୍ଜିତ ଧନକୁ ହରାଇ, ସର୍ବସ୍ୱାନ୍ତ ହୋଇଯାଏ , ତଥାପି ତାହାର ମନୋବଳ ଭାଙ୍ଗିନଥାଏ । ସେ ମନେକରେ ତା ପାଇଁ ତା ପୂର୍ବପୁରୁଷର ଆତ୍ମା ଶାନ୍ତି ହୋଇ ପାରିଛି । ସେମାନଙ୍କ ଶୁଭ ଦୃଷ୍ଟିରୁ ତାହାର ଅସୁବିଧା ହେବ ନାହିଁ।

ମାତ୍ର ଆଜିକାଲି ସମୟର ପରିବର୍ତ୍ତନ ହେବା ସାଙ୍ଗେ ସାଙ୍ଗେ ସେମାନେ ଶିକ୍ଷିତ ହେଲେଣି । ତାଙ୍କର ଚାଲିଚଳନ ଓ ରହଣିର ପରିବର୍ତ୍ତନ ଘଟୁଛି । ଧୀରେ ଧୀରେ ସେମାନେ ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ଉନ୍ନତ ପ୍ରଣାଳୀରେ ଚାଷ ବାସ କଲେଣି।

*****

ଯୋଗାଯୋଗ:
ବି/୧୦୫, ସେକ୍ଟର -୭
ରାଉରକେଲା-୩
ମୋ .: ୯୯୩୭୫୧୪୯୬୯

**"ଜାତି ନନ୍ଦିଘୋଷ ଚଳିବ କି ଭାଇ**
**ସ୍ୱାର୍ଥ କୁ ସାରଥି କଲେ**
**ଟାଣେ କିରେ ଗାଡି ଦାନାର ତୋବଡ଼ା**
**ଘୋଡା ମୁହେଁ ବନ୍ଧା ଥିଲେ ?"**

(ଉତ୍କଳ ଗୌରବ ମଧୁସୂଦନ ଦାସ)

Oriya Cultural & Welfare Association OCWA

# ତଥାପି... ରାତି ଚେଇଁଛି

କୁମାର ପ୍ରସନ୍ନ ମହାନ୍ତି



ସହର ଠାରୁ ବେଶ କିଛି ଦୂର ଷ୍ଟେସନର ଶେଷ ମୁଣ୍ଡରେ ବେଞ୍ଚ ଉପରେ ଦୁଇ ଜଣ ଯୁବକ ଯୁବତୀ.. କିଛି ପାଟିତୁଣ୍ଡ, ଯୁକ୍ତିତର୍କ..

କିଛି ସମୟ ବେଶ ନୀରବତା..,ପ୍ରେମ କୁ ମୁକ୍ତି ଦେଲେ ବୋଧେ । ତା ପରେ ହାତ ଧରା ଧରି ହୋଇ ଷ୍ଟେସନରୁ ବାହାରି ଗଲେ ଓ ସେତିକିବେଳେ ପ୍ରଚଣ୍ଡ ଶବ୍ଦ କରି କୌଣସି ଏକ ଦୂରଗାମୀ ଟ୍ରେନ ଦ୍ରୁତ ବେଗରେ ଷ୍ଟେସନ ଅତିକ୍ରମ କଲା । .........

ପାନ୍ଥଶାଳା ରେ ମେହେଫିଲ ଜମି ଆସୁଥିଲା,

ରଙ୍ଗୀନ ହୋଇ ଉଠୁଥିଲା ରାତି ଅଧା ଛାଇ, ଅଧା ଆଲୁଅ ରେ ଅର୍ଦ୍ଧ ନଗ୍ନ ପରିହିତା ତରୁଣୀ ର ରୁଣୁଝୁଣୁ ପାଉଁଜି ର ମଧୁର ଝଙ୍କାର ରେ..., ସୁରା ସହ ସାକୀ,.. ମାତି ଗଲା ରାତି ! ସୁଖ କିଣୁଥିଲେ କିଛି ଦେହର ନିଲାମ ଡାକି..; ଅଜୟ ଓ ରୀତା ମୂକ ଦର୍ଶକ ସାଜି ନିକଟବର୍ତ୍ତୀ କଫି ହାଉସରେ ବସି ସିଆଡେ ଅନେଇଥିଲେ। ଅନ୍ୟମନସ୍କ ହୋଇ ଅଜୟ ପଚାରିଲା --

* ଚା ' ଆଣିବି ? ବହୁତ ସମୟ ହେଲାଣି ପାଟି କେମିତି କେମିତି ଲାଗୁଛି ।

* ନା, ଥାଉ, ରାତି ୧୧ଟା ହେଲାଣି, ଏବେ କଣ ଚା, ମୁଁ ପିଇବିନି, ତୁମେ ଯଦି .... ତେବେ ଆଣ !!! ବଡ ନିସ୍ପୃହ ହୋଇ ରୀତା ଉତ୍ତର ଦେଲା ।

* ଦେଖୁଛ, ଦେଖୁଛ ରୀତା, ସେ ବଦମାସ୍ ଲୋକ କେମିତି ହେଉଛନ୍ତି? ନିର୍ଲଜ୍ଜ ସାମାଜିକ ପ୍ରାଣୀ ମାନେ ଏ ଜୀଅନ୍ତା ରାତିରେ କେମିତି ରାକ୍ଷସ ଭଳି ହେଉଛନ୍ତି?

ଅଜୟର ଦୃଷ୍ଟି ଅଟକିଗଲା ସେ ରାସ୍ତାକଡ କିଣାବିକାର କଥନ ଓ ଉପକଥନ ଶୁଣି, ଅଜାଣତରେ କିଛି ଶବ୍ଦ ଟାଣି ଓଟାରି ଅଜୟ ମୁହଁରୁ ଅସ୍ପଷ୍ଟ ଭାବେ ନିର୍ଗତ ହେଲା

* ଯଦି ସେ ପୁରୁଷର କଥନକୁ ଆମେ ମାର୍ଜିତ ବୋଲି ବିବେଚନା କରିବା ତେବେ ସେ ବେଶ୍ୟାର ଉପକଥନକୁ କଣ କହିବା?

* ହଠାତ୍ ରୀତା ଚିହିଙ୍କି ଉଠିଲା, ସେ ବେଶ୍ୟା ହେଲା ଆଉ ପୁରୁଷ ଭଲ ??? ଜୀବନରେ ଗୋଟିଏ କଥା ମନେ ରଖ ଅଜୟ, ଝିଅ ବା ସ୍ତ୍ରୀ କୁ କେବେ ହେଲେ ଖେଳନା ଭାବିବନି । ପ୍ରେମରେ ଅନେକ ଦୂରଦର୍ଶୀ ଦୃଶ୍ୟମାନ ଅଛି, ତୁମେ ଯଦି ତାକୁ ଏବେ ଦେଖି ନ ପାରୁଛ ତେବେ ଶାନ୍ତ ରହିବାକୁ ଚେଷ୍ଟା କର ।

ଅଦୂରରୁ ଇଂଲିଶ ମ୍ୟୁଜିକର ଜାଜ୍ ଓ ତାଳେ ତାଳେ ନୃତ୍ୟର ଶବ୍ଦ ବାରି ହୋଇପଡୁଥାଏ। ଆଭିଜାତ୍ୟର ଦ୍ୱାହି ଦେଇ ସମ୍ଭ୍ରାନ୍ତ ଘରର ନର ଓ ନାରୀ ନିଜ ତୃଷାର ଉପଚାର ପାଇଁ ଏହିପରି ସ୍ଥାନ ମାନଙ୍କୁ ଆସିଥାନ୍ତି ବୋଲି ଅଜୟ ଆଗରୁ ଶୁଣିଥିଲା ହେଲେ କେବେ ଦେଖି ନ ଥିଲା। ଅହୋ ଭାଗ୍ୟ! ଆଜି ସ୍ୱଚକ୍ଷୁରେ ଦର୍ଶନ ହେଲା।

* ପ୍ରେମ ? ଯାକୁ ପ୍ରେମ କହନ୍ତି? ହେଃ... ରାସ୍ତା ଉପରେ କୁକୁର ମଧ ପ୍ରେମାସକ୍ତ ହୁଏ...କିନ୍ତୁ ସେ କୁକୁର ଏବଂ ଆମେ .....

ରୀତାର କଥାକୁ ଅଜୟ ପ୍ରାୟ ମନ ଭିତରକୁ ନିଏ ନାହିଁ, ସେ ଜଣେ ଚପଳମତି ଓ ଶାନ୍ତ ଝିଅ, ପାଠ ଭଲ ତ ସେ ଭଲ, ବାସ୍ ଏକା ସାଙ୍ଗରେ ଏ ମହାନଗରୀ ରେ ପଢନ୍ତି। ନିଷ୍ପାପ ଚରିତ୍ର ଓ ସରଳ ଜୀବନଧାରା ତା ' ର - ଏବଂ ଅଜୟ ତା ଠାରୁ ଆହୁରି ସରଳ। ସେ ଇଂଲିଶ ମ୍ୟୁଜିକ ମଝିରେ ରୀତାର କଥା ତାକୁ ଶୁଣାଯାଇଛି ନିଶ୍ଚୟ।

* (ସ୍ୱଳ୍ପ ହସି) ବେଶ୍ୟା କହିଦେଲି ଖରାପ ଲାଗିଲା ତୁମକୁ। ଯଦି ପୁରୁଷ ପାଇଁ "ବେଶ୍ୟ" ଶବ୍ଦ ଥାଆନ୍ତା, ତାକୁ ନିଶ୍ଚୟ କହିଥାନ୍ତି ମୁଁ।

( ଦୁଇ ଜଣ ମୁରୁକି ମୁରୁକି ହସି ପୁଣି କଥା ଆରମ୍ଭ କଲେ, ଏଥର ଅଜୟ ବୁଝେଇବା ସ୍ୱରରେ ପଚାରିଲା ରୀତାକୁ)

* କହିଲ ଦେଖି, ଏଠି ଯେଉଁ ବୁଭୁକ୍ଷାର ସଭା ଚାଲିଛି ତା' ର କାରଣ କଣ?

ନାରୀ ତା ଦେହକୁ ଟଙ୍କାର ପ୍ରତିଦାନରେ ବଳି ପକେଇବା ପାଇଁ ଉଦ୍ୟତ, ପୁରୁଷ ଦେହକୁ ସାମୟିକ ଭାବେ କ୍ରୟ କରିବାକୁ ପ୍ରସ୍ତୁତ, ବୁଭୁକ୍ଷା ହାଟରେ ଦୋକାନୀ ମଧ ବେଶ ସଜବାଜ ହୋଇ ବସିଛି, ରଜନୀଗନ୍ଧା ଫୁଲମାଳ ଓ ବିଦେଶୀ ଅତରର ଉତ୍କଟ ବାସ୍ନା ପରିବେଶକୁ କାମାତୁର କରିଛି.... କିଏ କାମ ପାଇଁ ଆତୁର ଓ କିଏ କାମ ଦେବା ପାଇଁ ଆତୁର। ଆତୁରତାର ବିକଟ ଦୃଶ୍ୟ ସର୍ଜନା ହେବା ପାଇଁ ଯେମିତି ଏ ଜାଗା ପ୍ରକୃଷ୍ଟ, କେତେ ଜଣ ରଙ୍ଗୀନ ଦୃଶ୍ୟ ଦେଖିବାକୁ ବ୍ୟାକୁଳ ଇତ୍ୟାଦି।

ଯା ମାନେ କଣ ରୀତା? ......ପ୍ରେମର ପରିଭାଷା ଏତେ ବୀଭତ୍ସ!!!

* ଚାଲ, ଯିବା', କାଲି ଅନେକ assignment କରିବାକୁ ଅଛି, ରାତି ୧୨ ଟା ହେଲାଣି। ରୀତା ଉତ୍ତର ଦେଲା।

ବଦନାମ ଗଳି ର ଛକ ରେ ମଲ୍ଲୀ ଗଜରା ମାଳ ମାଳ..,

ଗଳି ରାସ୍ତା ରେ ମଦ ମାଂସ ର ଫୁଆରା, ବାରାଙ୍ଗନା ର ପିଣ୍ଡା ରେ ଦର କଷାକଷି, ବିକ୍ରି ହେଉଛି ଖୁସି..! ଖୁସି ମଧ ଗୋଟିଏ ଦ୍ରବ୍ୟ ସମାନ!!!!

ଦେଖ! ଦେଖ! ଏପଟେ ...... ଗୋଟିଏ ସଉଦା ବୋଧେ ଶେଷ ହେଲା, ବାବୁ ରିକ୍ସାରେ ମଲ୍ଲି ମାଳ ପକେଇ ଚାଲିଲେ, କଦାକାର ବ୍ୟକ୍ତି ଜଣେ, ତା ' ର ଭାଗ୍ୟରେ କିଏ ସେ ଯୁବତୀ ଆଜି, ୨/୩ ଟି ମସ୍ତାନ ମଧ ତା ସାଙ୍ଗରେ ଚାଲିଛନ୍ତି। ଏଇ ହେଲା ବିଡମ୍ବନା! ଏ ସଂସାରର !!!!!

* ବିଡମ୍ବନା ନୁହେଁ ଏ ! ସଂସାରର ଚଳଣି।

"ଯେ ଦେଶ ଯାଇ, ସେ ଫଳ ଖାଇ।" ଆମେ ଆସିଛେ ଏ ମହାନଗରୀକୁ - ଏଠିକାର ଆବାଦ କାଇଦା ଦେଖି ହାଇପାଇଁ ହେଲେ ଲୋକେ ମଫୁ କହିବେ, ତୁମକୁ ପସନ୍ଦ ନୁହେଁ ବୋଲି ମୁଁ ଜାଣିଛି ଅଜୟ।

* ମୋ ପସନ୍ଦ, ତୁମ ପସନ୍ଦ ର କଥା ଏଠି ପଡିନି ବରଂ ଦେଖ କେମିତି ଏଠିକା ରାତିରେ କଳଙ୍କ କେମିତି ଲାଗୁଛି।

* ମୁଁ ଏଥିରେ ବିଶ୍ୱାସ କରେ ନାହିଁ, ଯଦି ଏଠି ରାତି ବିକ୍ରି ହେଉଛି ତୁମର ଯାଏ ଆସେ କେତେ ?

* କଣ କହିଲ? ମୋର କିଛି ଯାଏ ଆସେ ନାହିଁ ?


* ଆଃ! ମୋ ଶିକ୍ଷାରେ ଏସବୁ ନ ଥିଲା ରୀତା - ଏସବୁ ବହିରେ ନ ଥିଲା। ବହିରେ ଏବେ ବି ଅଛି - ରାତିରେ ପୃଥିବୀ ମା ନିଦ୍ରା ଯାଏ ଓ ତା ର ଯେତେ ସନ୍ତାନ ସନ୍ତତି ଅଛନ୍ତି, ସେମାନେ ଆରାମ କରନ୍ତି ନିଦ୍ରାର ସାହାଯ୍ୟରେ, କିନ୍ତୁ ଏଠି ରାତି ଚେଇଁଛି!!!! ଏ ମାନବ ଶବ୍ଦ ଯୁକ୍ତ ପ୍ରାଣୀ କଣ ପୃଥିବୀ ମା କୁ ରାତି ସାରା ଉଜାଗର ରଖିବ ??? ବିଚିତ୍ର ଜୀବ ଏ। ଏତିକି କହି ପାଖ ସିଟକୁ ଚାହିଁ ସେ ଦେଖିଲା ଓ ରୀତା???

* ଆରେ କୁଆଡେ ଗଲ ?

ରାତି ସେମିତି କର୍ମମୟ ଥିଲା ଓ ତା ର ଅସଭ୍ୟ ସନ୍ତାନ ସନ୍ତତି ମାନଙ୍କୁ ଆଁ କରି ଦେଖୁଥିଲା - କେତେ କଷ୍ଟ ଦେବ ମୋତେ?

*****

ରାଉରକେଲା
ମୋ.: ୮୨୪୯୧ ୦୨୦୮୨




**"ପ୍ରତିବେଶୀଙ୍କର ସହିତ ତୁଳନା**
**କରି କର ନିଜ ମଧରେ କଳନା**
**ତହିଁରୁ ବୁଝିବ ନିଜେ କେତେ ଦୀନ**
**କରିଅଛ ପୁଣି ମାତୃଭାଷା ହୀନ"**

(ସ୍ୱଭାବକବି ଗଙ୍ଗାଧର ମେହର)

Oriya Cultural & Welfare Association
OCWA

# ଭିନ୍ନ ଏକ ସାବିତ୍ରୀ



**ଗୋପାଳ କୃଷ୍ଣ ଦାସ**

ତନୟା ବସିଥାଏ, ଜନ୍ମେଜୟର ବାଟ ଚାହିଁ, ରାତି ଆସି ୯ ଟା ହେଲାଣି, ଏ ଯାଏଁ ଆସି ନାହାଁନ୍ତି? ସବୁ ଦିନେ ଅଫିସରୁ ସାତଟାରୁ ଆଠଟା ଭିତରେ ଆସି ଯାଆନ୍ତି, ଆଜି ପୁଣି ସାବିତ୍ରୀ ବ୍ରତ ! ଜନ୍ମେଜୟଙ୍କୁ ବାର ବାର କହିଥିଲେ ଶୀଘ୍ର ଆସି ଯିବାକୁ। ଆଜକୁ ଠିକ୍ ଦୁଇ ବର୍ଷ କୋଡ଼ିଏ ଦିନ ହେବ, ଦୁହେଁ ତନୟା ଓ ଜନ୍ମେଜୟ ଘର ଓ ସମାଜର ସମସ୍ତ ଶୃଙ୍ଖଳ ଭାଙ୍ଗି ରାମ ମନ୍ଦିରରେ ବିବାହ କରିଥିଲେ।

ଠିକ୍ ୧୦ ବର୍ଷ ପଛକୁ ଫେରିଗଲେ:-

ବି.ଜେ.ବି. କଲେଜରେ ପଢିବା ବେଳଠୁଁ, ଦୁହିଁଙ୍କ ମନ ମଧରେ ଗଢ଼ି ଉଠିଥିବା ପ୍ରେମର କ୍ଷୀଣ ଝରଣା ଟିଏ ନଦୀର ରୂପ ନେଇ ଦୁହିଁଙ୍କୁ ବିବାହ ର ଶୃଙ୍ଖଳରେ ବାନ୍ଧି ପାରିଛି। ଜନ୍ମେଜୟ ସେତେବେଳେ +୩ କଳାର ଛାତ୍ର ଆଉ ତନୟା +୨ ବିଜ୍ଞାନ ର ଛାତ୍ରୀ। ସେ ଜଣେ ମେଧାବୀ, ପରୋପକାରୀ, ଉଚ୍ଚାଭିଲାଷୀ ସଂଯମୀ ଓ ଉଚ୍ଚ ବ୍ୟକ୍ତିତ୍ୱର ଯୁବକ। ଜନ୍ମେଜୟର ପରୋପକାର ଓ ଉଦାର ବ୍ୟକ୍ତିତ୍ୱ ବୋଧ ହୁଏ ଅନେକ ଯୁବତୀଙ୍କ ହୃଦୟରେ ପ୍ରେମ ପକ୍ଷୀ ଉଡାଇବାରେ ସକ୍ଷମ ସେକଥା ନିଜେ ବି ଜାଣି ନାହାନ୍ତି ଜନ୍ମେଜୟ। ତନୟା ଦେଖିବାକୁ ଗୋଟିଏ ଚାଉଳରେ ଗଢା। ଗୋରା ତକ ତକ ଚେହେରା ସାଙ୍ଗକୁ ଦେବି ପ୍ରତିମା ପରି ମୁହଁ ଟିଏ, ତା ସହିତ ପୋଟଳ ଚିରା ଆଖି ଯୋଡ଼ିକ ଯେକୌଣସି ସନ୍ନ୍ୟାସୀ ପୁରୁଷକୁ ଭ୍ରମିତ କରିବାକୁ ବେଶ ପାରଙ୍ଗମ।

ଜୁନ ମାସ କଲେଜ ସାରି ଫେରିବାକୁ ଥାଏ ହଷ୍ଟେଲକୁ। ତନୟାଙ୍କର ହଟାତ କଲେଜ ପଡ଼ିଆରେ ଗୁପଚୁପ୍ ବାଲାକୁ ଦେଖି ସାଙ୍ଗ ମାନଙ୍କ ସହ ଗୁପଚୁପ୍ ଖାଇବାର ଲାଳସା ଯେମିତି ଦୁଇ ଗୋଡ଼କୁ ବାନ୍ଧି ଧରିଲା ଆଉ ରୁମ୍ ମେଟ ମାମିକୁ ଲେଟ ହେବ ବୋଲି ଇଙ୍ଗିତ ଦେଇ କେତେବେଳେ ଗୁପଚୁପ ଠେଲା ଗାଡ଼ି ପାଖକୁ ଆପେ ଆପେ ଆସି ଯାଇଛି ନିଜେ ବି ଜାଣିନି ତନୟା।

ତନୟା- ଗୁପଚୁପ ଅଙ୍କଲ, ଟିକେ ରାଗ ସହିତ ଖଟା କରିକି ଦେବେ।

ସ୍ମିତା (ସାଙ୍ଗ)- Uncle ଟିକେ ଭଲ କି ମଟର, ବାଦାମ ପକାଇ କି ଟେଷ୍ଟ କରାଇବେ!

ତାପରେ କଥାରେ ମଜି ଯାଇଥିଲେ ଦୁହେଁ।

ଠିକ୍ ଏହି ସମୟରେ ତନୟାର ନଜର ପଡ଼ିଥିଲା ଜନ୍ମେଜୟଙ୍କ ଉପରେ ଓ ଯେମିତି ପ୍ରଥମ ଦେଖାରେ ଗୋଟିଏ ଅହେତୁକ ଆକର୍ଷଣରେ ଭରି ରହିଥିଲା ଜନ୍ମେଜୟଙ୍କ ବ୍ୟକ୍ତିତ୍ୱ। କେମିତି ଗୋଟିଏ ଅଜଣା ଚୁମ୍ବକୀୟ ଶକ୍ତି ଦ୍ୱାରା ଟାଣି ହେଲା ଭଳି ଲାଗିଲା ତନୟାର ଅମାନିଆ ମନ !

ଜନ୍ମେଜୟ ଠିକ୍ ୨୦ ଫୁଟ ଦୂରରେ ପଡ଼ିଥିବା ସିମେଣ୍ଟ ବେଞ୍ଚ ଉପରେ ବସି ଏକ ଲକ୍ଷ୍ୟରେ ଲକ୍ଷ୍ୟ କରୁଥାଏ ଗୁପଚୁପ୍ ବାଲା ସହିତ ଗରାଖ ମାନଙ୍କୁ, ଆଉ ପେନସିଲ ମୁନ ସାହାଯ୍ୟରେ ପେପରି ଉପରେ କଣ ସବୁ ଆଙ୍କି ଚାଲିଥାଏ ନୀରବରେ। ତନୟାଙ୍କୁ ବୁଝିବାକୁ ବେଶୀ ସମୟ ଲାଗିଲାନି ଯେ ସେ ଏକ ଚିତ୍ରକର ବୋଲି। ତଥାପି ତନୟା ମନ ଭିତରେ ସୃଷ୍ଟି ହୋଇଥିବା ଭୂମିକମ୍ପର ଏକ ଅହେତୁକ ଶିହରଣ ଯେ ଏତେ ବଡ କମ୍ପନ ସୃଷ୍ଟି ହୋଇ ହୋଇ ପାରିବ ସେ କଥା କେବେ ବି କଳନା କରି ପାରି ନ ଥିଲା ସେ ନିଜେ। ଯେମିତି ଚାରୋଟି ଆଖିର ଏକ ଅପୂର୍ବ ମିଳନ, ନଦୀ ସହିତ ସମୁଦ୍ରର ମିଳନର ଭ୍ରମ ସୃଷ୍ଟି କରୁଥାଏ।

ଜନ୍ମେଜୟ କିଛି ସମୟ ଆଖିର ମିଳନକୁ କାନଭାସ ଉପରେ ଦ୍ରୁ କରିବାରେ ଲାଗିଗଲେ, ଏପଟେ ତନୟା ଗୋଟିଏ ଅପୂର୍ବ ଚୁମ୍ବକୀୟ ଆକର୍ଷଣରେ ଆକର୍ଷିତ। ସତରେ କଣ ଏଇଟା ହିଁ ପ୍ରେମ , ଭାବି ଚାଲିଛି ତନୟା ??? ମନରେ ଅସୁମାରୀ ପ୍ରଶ୍ନବାଚୀ ଛିଡା ହେଲା ପରି ଲାଗିଲା ତନୟାକୁ। ଆଉ ଗୁପଚୁପ ଖାଇବ କଣ, ଜନ୍ମେଜୟଙ୍କ ବିଶାଳ ବ୍ୟକ୍ତିତ୍ୱ ଆଗରେ ଯେମିତି ସବୁ କିଛି ତୁଛ ମନେ ହେଉଥାଏ ତାକୁ। କେତେବେଳେ ଗୁପଚୁପକୁ ପାଣି ଭାବି ତଳେ ଢ଼ାଳି, ପାଣି କି ହାତରେ ନେଇ ଖାଉଛି ତ କେତେବେଳେ ଖାଲି ହାତକୁ ପାଟି ପାଖକୁ ନେଇ ଗୁପଚୁପର ମଜା ନେଉଛି ସେକଥା ନିଜେ ବି ଜାଣିନି ସେ।

ସ୍ମିତା :- (ହାତରେ ହଲାଇ ଦେଇ) ଏ ତନୟା , କୁଆଡେ ହଜି ଯାଇଛୁ?

ଯେମିତି ଧ୍ୟାନମଗ୍ନ ଋଷିଙ୍କ ତପସ୍ୟା ଭଙ୍ଗ ହେଲା ପରି ଚିହିଁକି ଉଠିଥିଲା ତନୟା ଓ ଗୋଟିଏ ଅଜଣା ଲାଜରେ ଲାଜକୁଳୀ ଲତା ଭଳି ଝାଉଁଳି ପଡ଼ିଥିଲା ସେ।

ଜନ୍ମେଜୟ ନିଜର କାନଭାସ୍ ଓ ପେନ୍ସିଲ୍ ସହିତ ଉଠି ଆସିଥିଲେ ଗୁପଚୁପ ଠେଲା ଗାଡ଼ି ପାଖକୁ ଏବଂ ଅନୁରୋଧ କରିଥିଲେ ତନୟାଙ୍କୁ ଯେ ସେମିତି ଭାବରେ ଆଉ କିଛି ସମୟ ଠିଆ ହୋଇ ରହିବାକୁ, କାରଣ କାନଭାସରେ ଅଧା ଗଢା ଛବିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ଯେ ସମାନ Position ସହିତ ଇମୋସନ ବହୁତ ଜରୁରୀ ସେକଥା ଅତି ସରଳ ଭାଷାରେ ବୁଝାଇ ଦେଇଥିଲେ ତନୟାଙ୍କୁ।

ଏବଂ ଜନ୍ମେଜୟଙ୍କର ବିଶାଳ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଖରେ

ତନୟାର ଅମାନିଆ ମନଟା ଶାନ୍ତ ହୋଇ ବସିବାର ମନେ ହେଉଥାଏ ଯେମିତି। ଜନ୍ମେଜୟ ନିଜେ ତନୟାଙ୍କ ହାତ ସହିତ ଅଣ୍ଟାର Position କୁ ଠିକ୍ କରି ଏହି ଭଳି ଆଉ କିଛି କ୍ଷଣ ଦଣ୍ଡାୟମାନ ହେବାକୁ ଅନୁରୋଧ କରିଥିଲେ। ତନୟା ବି ଜନ୍ମେଜୟଙ୍କ କଥାରେ ହଁ ଭରି ଆଉ ଥରେ ସେହି ଭଳି ଛିଡା ହେବାର ଅଭିନୟ କରିବାକୁ ଲାଗିଲା। କିଛି ସମୟ ବ୍ୟବଧାନରେ ଜନ୍ମେଜୟ ନିଜର କାନଭାସ ଉପରେ ଜଣେ ଦେବୀ ପ୍ରତିମା, ଅପୂର୍ବ ସୁନ୍ଦରୀ ତନୟାର Pencil Art , ଅବିକଳ ତନୟା ଭଳି ଦେଖା ଯାଉଥିବା ଚିତ୍ରଟି ଉପହାର ଦେଇଥିଲେ।

ଏପଟେ ତନୟା ନିଜେ ନିଜ ଆଖିକୁ ବିଶ୍ୱାସ ନକରି ପାରି କେଉଁ ଏକ ଅଜଣା ରାଇଜରେ ଘୁରି ବୁଲି ବାକୁ ଲାଗି ଗଲାଣି ସତରେ ସେ କଣ ଏତେ ସୁନ୍ଦର ନା ଜନ୍ମେଜୟଙ୍କ ହାତରେ ଥିବା ଯାଦୁ ତାକୁ ଏତେ ସୁନ୍ଦର ଭାବରେ Pencil ମୁନରେ କାନଭାସ ଉପରେ ଅବସ୍ଥାପିତ କରିପାରିଛି। ନିଜ ଆଖିକୁ ବିଶ୍ୱାସ ନ କରି ରହିବା କଷ୍ଟ ସାଧ ହୋଇପଡିଛି ତନୟାକୁ।

ହଠାତ୍ ଥିଲା ଥିଲା, ଜନ୍ମେଜୟଙ୍କ ହାତ ଉଠି ତନୟାର ବାମ ଗାଲରେ ପଡ଼ିଥିବା ଚୂଳକୁ ସଜାଡିବାରେ ଲାଗି ପଡ଼ିଲା କିଛି ସମୟ ପ୍ରକୃଷ୍ଟିତ ହୋଇ ସମ୍ଭାଳି ନେଇଥିଲା ନିଜକୁ ତନୟା ଏବଂ ଏହାରି ଭିତରେ ଲୁଚି ଯାଇଥିବା ବାମ ଗାଲର Beauty Spots ଦେଖା ଯାଇଥିଲା ଏବଂ ସଙ୍ଗେ ସଙ୍ଗେ ପେନସିଲ୍ ସହାୟତାରେ ଆଙ୍କି ଦେଇଥିଲେ ଜନ୍ମେଜୟ ତନୟାଙ୍କ Beauty Spot କୁ ଆଉ ମୁହଁରେ ଗୋଟିଏ ଖୋଲା ହସ ଟିଏ ଢ଼ାଳି କହିଥିଲେ, ଏବେ ଠିକ୍ ଲାଗିଲା।

ତାପରେ ମନ ଖୋଲି ସ୍ମିତ ହସଟିଏ ଓଠରେ ଖେଳାଇ ଦେଇ ପଚାରିଥିଲେ। You are really beautiful....Sorry କଷ୍ଟ ଦେଇଥିବାରୁ, ଆପଣଙ୍କ ନାମ ଜାଣିପାରିବି କି? By the way, myself Janmejaya, +୩ arts Economics Hons. କହି ନିଜର ଡାହଣ ହାତ ବଢ଼ାଇ ଦେଇଥିଲା ତନୟା ଆଡକୁ ଏବଂ ତନୟା ବି ଗୋଟିଏ ଅଜଣା ଶିହରଣରେ ହାତ ବଢ଼ାଇ ଦେଇ ହାଣ୍ଡସେକ୍ କରିଥିଲା ଜନ୍ମେଜୟ ସହିତ।

ଛୋଟିଆ ପରିଚୟ ଯେ ଜୀବନର ସମ୍ପୂର୍ଣ୍ଣ ଗତିପଥ ଏମିତି ଭାବରେ ପରିବର୍ତ୍ତନ କରିବ ସେଇଟା ବୋଧେ ଦୁହିଁଙ୍କୁ ଜଣା ନଥିଲା ବନ୍ଧୁତ୍ୱର ଦ୍ୱିତୀୟ ପରିଚୟ ଯେ ପ୍ରେମ ବୋଧେ ସେଇଟା ପରିଲକ୍ଷିତ ହୋଇଥିଲା ଦୁହିଁଙ୍କ ମିଳନରେ।

ସମୟର ଗତିପଥ ଆଗେଇବା ସଙ୍ଗେ ସଙ୍ଗେ ଦୂହିଁଙ୍କ ମନ ମଧରେ ପ୍ରେମର ସୁପ୍ତ ଝରଣାଟିଏ ସୃଷ୍ଟି ହୋଇ ଯାଇଥିଲା।

ଦୁହେଁ ଦୁହିଙ୍କୁ ବୁଝିବାକୁ ଚେଷ୍ଟା କରୁଥିଲେ ପ୍ରତିଟି ମୁହୂର୍ତ୍ତରେ, କଲେଜ ସହପାଠୀଙ୍କ ଟାହି ଟାପରାକୁ ଭ୍ରୂକ୍ଷେପ ନକରି ଦୁହେଁ ଅଧିକରୁ ଅଧିକ ନିକଟତର ହେଉଥିଲେ ଯେମିତି। ଏମିତି କି ତନୟାର ଅଧିକ ସମୟ ଜନ୍ମେଜୟର ହଷ୍ଟେଲ ରୁମ୍ ରେ କଟିବାକୁ ଲାଗିଲା । ଆଉ ତନୟା ସବୁ ଦିନେ ଜିଦି କରେ ଅଲଗା ଅଲଗା ଫଟୋ ଟିଏ ଆଙ୍କିବାକୁ Canvas ଉପରେ ଜନ୍ମେଜୟକୁ। ଏମିତି କି ଥରେ ଅର୍ଦ୍ଧ ନଗ୍ନ ବେଶରେ ଜିଦ୍ ଧରି ଫଟୋ ଟିଏ ଆଙ୍କିବାର ପ୍ରୟାସ କରି ସଫଳ ହୋଇଥିଲା ତନୟା।

ସେଦିନ ଥାଏ ନଭେମ୍ବର ମାସ । ହଠାତ୍ ମନକୁ କଣ ଆସିଲା କେଜାଣି ତନୟା ଜିଦ୍ ଧରିଥିଲା କୋଣାର୍କ ବୁଲି ଯିବାକୁ । ତାପରେ ଦୁହେଁ ଜନ୍ମେଜୟ ଓ ତନୟା ଦିନ 12 ଟା ରେ ବସିଥିଲେ କୋଣାର୍କ ଯିବା ବସ୍ ରେ । ପ୍ରାୟ ଦିନ ୩ଟା ପାଖପାଖି ପହଞ୍ଚିଥିଲେ କୋଣାର୍କ ବସଷ୍ଟାଣ୍ଡରେ , ଆଉ ଦୁହେଁ ଟିକେଟ କରି ପହଞ୍ଚି ଥିଲେ କୋଣାର୍କର ମୁଖଶାଳରେ। କିଛି ବଙ୍ଗାଳୀ ଓ ଅଣଓଡ଼ିଆ ଟୁରିଷ୍ଟଙ୍କୁ ବୁଝାଉ ଥିବା ଗାଇଡଙ୍କ ପଛେ ପଛେ ବୁଲୁଥାନ୍ତି ପ୍ରେମୀ ଯୁଗଳ। କୋଣାର୍କ ମନ୍ଦିରର ଚତୁର୍ପାର୍ଶ୍ୱରେ ଖୋଦିତ ହୋଇଥିବା କାମୋଦ୍ଦୀପକ ଶିଳାମୂର୍ତ୍ତିକୁ ଗାଇଡ ବହୁତ ସୁନ୍ଦର ଭାବରେ ବୁଝାଇ ଚାଲିଥାଏ ଟୁରିଷ୍ଟ ମାନଙ୍କୁ। ଏ ପଟେ ତନୟା ଜନ୍ମେଜୟ ହାତରେ ହାତ ଛନ୍ଦି ଗାଇଡର କଥା ସହିତ ମୂର୍ତ୍ତିର ସମସ୍ତ Position କୁ ମନ ଭିତରେ କଳ୍ପନା ରାଇଜରେ ନେଇ ମନକୁ ମନ ଉପଭୋଗ କରି ଚାଲିଥାଏ।

ହଠାତ୍ ତନୟାକୁ ମନେ ହେଲା ଜନ୍ମେଜୟ ସଂଯମୀ ପୁରୁଷଟିଏ ହେଲେ ବି ସଂଯମର ଧୈର୍ଯ୍ୟ ଚ୍ୟୁତି ଘଟିବାକୁ ଯାଉଛି ଏବଂ ତନୟା ବକ୍ଷରେ ଆସ୍ତେ ଆସ୍ତେ କମ୍ପନ ସୃଷ୍ଟି ହେଉଛି ଜନ୍ମେଜୟଙ୍କ ସ୍ପର୍ଶ। ଆଉ ଦୁଇ ଜଣଙ୍କ ନିଃଶ୍ୱାସ ପ୍ରଶ୍ୱାସ ଆଗ ଠାରୁ ଅଧିକ ବେଗ ସହିତ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେଲାଣି।

ହଠାଟ ଫୋନ ରିଙ୍ଗ ଦୁଇ ଜଣଙ୍କୁ ବାସ୍ତବତାର ପରିଚୟ କରାଇ ଦେଇଛି, ଏବଂ ଦୁହେଁ ହାତ ଛଡାଛଡ଼ି ହୋଇ ପୁଣି ଥରେ ବାସ୍ତବ ଦୁନିଆକୁ ଫେରିଛନ୍ତି।

ଫୋନ ସେପଟେ (ସ୍ମିତା)- ତନୟା ଶୁଣେ ଆଜି ତୁମେ ଆସିବା କଷ୍ଟ ହୋଇ ପାରେ କାରଣ ପୁରୀ-ପିପିଲି ରୋଡ଼ରେ ଗୋଟିଏ ଭୀଷଣ ଦୁର୍ଘଟଣା ଯୋଗୁ ପୂରା ରାସ୍ତା ୩ ଘଣ୍ଟା ପାଇଁ ବନ୍ଦ ଅଛି, ମୋ ସାଙ୍ଗକୁ କହୁଛି ସେ ତୁମ ପାଇଁ ସେହି ବସ୍ ଷ୍ଟାଣ୍ଡ ପାଖରେ ଗୋଟିଏ ହୋଟେଲ୍ Room ଖୋଜି ଦେବ, ତୁମେ ଦୁଇଜଣ ଆଜି ରାତିଟା ରହି ଯା, କାଲି ସକାଳୁ ଆସିଯିବ। ଏହା କହି ରମେଶ (ସ୍ମିତାର ସାଙ୍ଗ) କୁ କନଫରେନ୍ସ ରେ ଆଣିଥିଲା ଓ ହୋଟେଲ୍ ରୁମ୍ ବୁଝିବାକୁ ଅନୁରୋଧ କରିଥିଲା।

ତନୟା, ଯେମିତି ମନେ ମନେ ଏସବୁ ଚାହୁଁ ଥିଲା କି କଣ , ମନେ ମନେ ଏକ ମୃଦୁ ସ୍ମିତ ହସଟିଏ ଖେଳାଇ ,ଭଗବାନଙ୍କୁ ବହୁତ୍

ଧନ୍ୟବାଦ ଦେଇଥିଲା।

ରାତିରେ ଗୋଟିଏ ରୁମରେ, ଗୋଟିଏ ଛାତ ତଳେ ଗୋଟିଏ ଖଟ ଉପରେ ଦୁଇ କପୋତ କପୋତୀ ଯେ କେତେ ସମୟ ଅଲଗା ହୋଇ ରହି ପାରିବେ? କିଛି ସମୟ ବ୍ୟବଧାନରେ ଦୁହେଁ ଗୋଟିଏ ଅଜଣା ଶିହରଣରେ କମ୍ପିବାକୁ ଲାଗିଥିଲେ ଯେମିତି ଏବଂ ଦୁଇ ମନ, ଦୁଇ ଶରୀର , ଦୁଇ ପ୍ରାଣ ଏକ ହୋଇ ଯାଇଥିଲା। କିଛି ସମୟ ବ୍ୟବଧାନରେ କେବଳ ଉତ୍ତପ୍ତ ନିଃଶ୍ୱାସ ପ୍ରଶ୍ୱାସ ନଭେମ୍ବର ମାସ ମୃଦୁ ଶୀତକୁ ଏକ ଉତପ୍ତ ପରିବେଶରେ ପରିଣତ କରିପାରିଥିଲା ଆଉ କିଛି ସମୟ ବ୍ୟବଧାନରେ ଦୁହେଁ ଦୁହିଁଙ୍କୁ ଚିହ୍ନିବାକୁ ଅସମର୍ଥ ହୋଇଥିଲେ ଘର ଭିତରେ ଜଳୁଥିବା ନୀଳ ଆଲୋକର ଝାପସା ଆଲୋକରେ।

ସକାଳ ସାଢ଼େ ଆଠଟାରେ ବାହାରିଥିଲେ ଭୁବନେଶ୍ୱର ଅଭିମୁଖେ ସେମାନେ, ଠିକ୍ 12 ଟା ବେଳେ ପହଞ୍ଚି ଯାଇଥିଲେ B J B ହଷ୍ଟେଲରେ। ବସ୍ ସାରା ବହୁତ୍ ଗପିଥିଲେ ଦୁହିଁଙ୍କ ଭବିଷ୍ୟତକୁ ନେଇ।

ଆଉ ଦୁହେଁ ବକ୍ସି ଜଗବନ୍ଧୁଙ୍କ ମୂର୍ତ୍ତିକୁ ଚାହିଁ ଶପଥ ନେଇଥିଲେ, ଜୀବନର ଯେତେ ଝଡ଼ଝଞ୍ଜା ଆସୁ ପଛେ କେବେ ଅଲଗା ହେବେନି। ସେମାନେ ରାମ ମନ୍ଦିର ଯାଇ ବ୍ରାହ୍ମଣ ଓ ଭଗବାନଙ୍କ ଉପସ୍ଥିତିରେ ମନେ ମନେ ସ୍ୱାମୀ ଓ ସ୍ତ୍ରୀ ବୋଲି ମାନି ନେଇଥିଲେ ଦୁହେଁ ଦୁହିଙ୍କୁ ।

ଆଉ ଆଜିକୁ ପ୍ରାୟ ୧୦ ବର୍ଷ ବିତି ଯାଇଥିଲେ ବି ଦୁହେଁ ଦୁହିଁଙ୍କୁ ଛାଡ଼ି କେବେ ଅଲଗା ରହିବାକୁ ଭାବି ନାହାଁନ୍ତି। ହେଲେ ଆଜି ଯେ ସାବିତ୍ରୀ !!! କୁଆଡେ ଗଲେ ଜନ୍ମେଜୟ? ଏତେ ରାତି ହେଲାଣି, ଏଯାଏଁ ଆସିଲେନି ଯେ ? ଏହି କଥା ଭାବୁ ଭାବୁ କେତେ ବେଳେ ଡାଇନିଂ ଟେବୁଲ୍ ଉପରେ ନିଦ ହୋଇ ଯାଇଛି ଜଣା ନାହିଁ ତନୟାକୁ। ହଠାତ ଫୋନ ରିଙ୍ଗ ଏବଂ ସେପଟେ ଜଣେ ଅଜଣା ଭଦ୍ରବ୍ୟକ୍ତିଂଙ୍କ କଣ୍ଠ ସ୍ୱର।

-କିଏ କହୁଛନ୍ତି? ବାଣୀବିହାର Traffic Inspector କହୁଥିଲି, ଜନ୍ମେଜୟ ସାର୍ ଙ୍କର ଗୋଟିଏ accident ହୋଇଯାଇଛି, ଏବେ କ୍ୟାପିଟାଲ ହସ୍ପିଟାଲରେ ସେ। ଆପଣ କ୍ୟାପିଟାଲ ହସ୍ପିଟାଲ ଆସି ଯାଆନ୍ତୁ।

ତନୟା ହାତରୁ ଆଇଫୋନ୍ ଟା ଖସି ପଡ଼ିଲା ଘରର ଚଟାଣ ଉପରେ, ମନରେ ଗୋଟିଏ ଅଜଣା ଆତଙ୍କ, ସହିତ କମ୍ପନ ସୃଷ୍ଟି ହୋଇ ସାରିଥାଏ ତାଙ୍କର। କେତେ କଥା ଭାବି ଚାଲିଥିଲା ସେ, ଆଜି ଭାବିଥିଲି ଜନ୍ମେଜୟଙ୍କୁ ବହୁ ଦିନର ଅପେକ୍ଷାରତ ଅନ୍ତସତ୍ୱାର ସମ୍ବାଦ ଦେଇ ଖୁସି କରିବ, ଆଉ କହିବ, "ଜନ୍ମେଜୟ ମୋର ତୁମ ଭଳି ପିଲାଟିଏ ଦରକାର। ତୁମ ଭଳି ରୂପ, ଗୁଣ ଆଉ ଉଚ୍ଚ ବ୍ୟକ୍ତିତ୍ୱ ସମ୍ପର୍ଣ ପିଲାଟିଏ ଆସିବାକୁ ଯାଉଛି ଆମ ସଂସାରକୁ।"

ହେଲେ ସବୁ ଖୁସି ଯେମିତି ଗୋଟିଏ ଫୋନ୍ କଲରେ ଧୋଇ ହେଲା ଭଳି ଲାଗିଲା ତନୟାକୁ। ତଥାପି ତନୟା ସଙ୍ଗେ ସଙ୍ଗେ Cab book କରି ଧାଇଁ ଚାଲିଲା କ୍ୟାପିଟାଲ ହସ୍ପିଟାଲକୁ। ସେଠାରେ ପହଞ୍ଚିଲା ପରେ ଡ଼ାକ୍ତର ଯେମିତି ଅପେକ୍ଷା କରି ବସିଥିଲେ ତନୟାକୁ ଗୋଟିଏ ଭୟଙ୍କର ସମ୍ବାଦ ଦେବାକୁ।

ଡ଼ାକ୍ତର :- ତନୟା ମାଡମ, I am so sorry, ଜନ୍ମେଜୟ is no more.

ଏ କଣ ସମ୍ବିତ, ଜନ୍ମେଜୟର ପିଲା ଦିନର ସାଙ୍ଗ ଡ଼ାକ୍ତର ।

ତନୟା:- ସମ୍ବିତ୍ ତୁମେ? ଏ କଣ କହୁଛ? ମୁଣ୍ଡଟା ଘୂରାଇ ପଡ଼ିଗଲା ବୋଲି ମନେ ହେଲା ତନୟାକୁ। ପ୍ରାୟ 30 ମିନିଟ ପରେ ନିଜକୁ ଆବିଷ୍କାର କରିଥିଲା ହସ୍ପିଟାଲ ବେଡ ଉପରେ , ନିଜେ ସାଲାଇନ ଲଗାଇ ଥିବା ଅବସ୍ଥାରେ।

ଡ଼ାକ୍ତର:- ଧୈର୍ଯ୍ୟ ଧରନ୍ତୁ ମାଡାମ୍। ଯାହା ହେବାର ଥିଲା ହୋଇଗଲା। ଆପଣ ଏବେ Dead Body ଦେଖି ପାରିବେ। ଆଉ ଗୋଟିଏ କଥା, ଜନ୍ମେଜୟଙ୍କ Organs କୁ donate କରି ପାରିବେ?

ତନୟା:- ଆଖିରୁ ବୋହି ଆସୁଥିବା ଉତ୍ତପ୍ତ ଲୁହ ପିଇ ବଞ୍ଚିବାକୁ ପଡ଼ିବ ଆଉ ଆସୁଥିବା ଭାବି ଭବିଷ୍ୟତକୁ ଏ ସୁନ୍ଦର ପୃଥିବୀରେ ସ୍ଥାନ ଟିଏ ଦେବାକୁ ପଡ଼ିବ। କାରଣ ସେ ଯେ ଭିନ୍ନ ଏକ ସାବିତ୍ରୀ। ପୁରାଣ ପରି ସାବିତ୍ରୀର ସ୍ୱାମୀ ସତ୍ୟବାନଂଙ୍କୁ ଯମ ଦେବଙ୍କ ପାଖରୁ ସିନା ଛଡ଼ାଇ ପାରିବନି ହେଲେ ଆଉ କାହା ଶରୀରରେ ସେ ଜନ୍ମେଜୟକୁ ବଞ୍ଚାଇ ତ ରଖି ପାରିବ।

ଏ ଯୁଗର ସାବିତ୍ରୀର ପ୍ରାର୍ଥନାରେ ଯମ ଦେବ ସତ୍ୟବାନଙ୍କୁ ଫେରାଇ ଦେବେ ସେକଥାର କିଛି ପ୍ରମାଣ ନାହିଁ ବରଂ ଜନ୍ମେଜୟଙ୍କ Organ ଅନ୍ୟ କାହା ଶରୀରରେ ପ୍ରତିରୋପଣ କରି ଜନ୍ମେଜୟଙ୍କୁ ବଞ୍ଚାଇ ରଖିବାର ଅଭିନବ ପ୍ରୟାସ ଯେ ସ୍ୱାଗତ ଯୋଗ୍ୟ ବୋଲି ମନେ ହେଲା , ଏବଂ ସଙ୍ଗେ ସଙ୍ଗେ ପେନ୍ ଉଠାଇ ସାଇନ୍ କରି ଦେଇଥିଲେ ଟେବୁଲ୍ ଉପରେ ଥିବା Organ Donation paper ଉପରେ।

ଅନାୟସରେ ଆଖିରୁ ଦୁଇ ଟୋପା ଲୁହ ବୋହି ଆସି Organ Donation paper କୁ ଓଦା କରି ଦେଇଥିଲା । ତନୟା ମଧ ପେଟକୁ ଥରେ ଆଉଁସି କହି ପକାଇଥିଲେ, ହେ, Little Champ ତୋ ବାପା ପାଖରେ ନଥିଲେ ବି ମୁଁ ଯେମିତି ଜୀବନ ସାରା ଗର୍ବ କରିବି, ତୁ ମଧ ତୋ ବାପା ପାଇଁ ଗର୍ବ କରିବୁ, ସେ ତ ଜନ୍ମେଜୟ। ଜନ୍ମମୃତ୍ୟୁର ବହୁ ଉର୍ଦ୍ଧରେ ।

****

ଭୁବନେଶ୍ୱର, ଓଡ଼ିଶା

# GANESH PUJA - 2023














# PRASADA SEVAN








# CULTURAL PROGRAM















# SOUVENIR RELEASE












# BLOOD DONATION CAMP







# BLOOD DONATION CAMP










# FAMILY GET - TOGETHER
















*With Best Compliments From :*

**Ajay Mohanty M: 9810973244, 9868089979**

# AJ-DEEP SERVICES

**DOMESTIC & INTERNATIONAL COURIER & CARGO**

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008 Phone : 011-41605237, 8745929393

**Dwarka Office :** 303, Durga Tower, Plot No -10, Sector-4, Dwarka, New Delhi-110075 Phone : 011-42614443, 8745929494

**Rajendra Place Office :** 115, Rajendra Bhawan, Rajendra Place, New Delhi-110008 Phone : 011-44775237, 8745928989


**Customer Service No. : 8745 92 9393 / 8745 92 9494 / 8745 92 8989**

**E-mail : ajdeep2000@gmail.com Website : www.ajdeepservices.com**

DHL FedEx Express aramex ups

BLUE DART DELHIVERY

## ମାଆ, ମୋତେ ବଜ୍ର ଦିଅ



କୁବେର ପୁରୋହିତ

ମାଆ,ମୋତେ ବଜ୍ର ଦିଅ
ବଜ୍ରବାହୁ କର
ଶାକ୍ତ ସାରସ୍ୱତ ତେଜେ
ଅନ୍ଧକାରେ ଦଳିଯିବା ପାଇଁ
ଯୋଗିନୀ ଜଗାଅ ମୋତେ
ଜ୍ୟୋତିର୍ମୟ କର ।

ଅନ୍ଧ ଯୁଗେ ଚାଲିଅଛି
ଦିବାନ୍ଧ ଶାସନ
ପ୍ରତି କ୍ଷେତ୍ରେ ମନୁ୍ୟଷରେ
ଦେଇ ଅପମାନ
ଚାଲିଅଛି ପଶୁତ୍ୱର ପୂଜା ।
ଅସହାୟ ବିଶ୍ୱପ୍ରଜା
ବାଧହୋଇ ଯାପୁଅଛି
ଜାନ୍ତବ ଜୀବନ ।

ଫିଟୁ ମାଆ,ପୁଣି ଥରେ
ତୃତୀୟ ନୟନ
ଖସୁ ବଜ୍ର, ନାଚୁ ରୁଦ୍ର
ଦିଗ ବିଦିଗରେ ଜଳି ଉଠୁ
ତୀବ୍ର ହୁତାଶନ ।

ମାଆ,ମୋତେ ଅଗ୍ନି କର
ଅଗ୍ରଗାମୀ କର
ଶାକ୍ତ ସାରସ୍ୱତ ତେଜେ
ଅନ୍ଧକାରେ ଜଳିଯିବା ପାଇଁ
ଯୋଗିନୀ ଜଗାଅ ମୋତେ
ଜ୍ୟୋତିର୍ମୟ କର ।

*****

ସମ୍ପାଦକ - 'ମାତୃଶକ୍ତି'
ସିଙ୍ଗନପୁର
ପଦମପୁର

## ଆସନ୍ତ କି ଆଉ ଏକ ବାର



ତାରିଣୀ ଚରଣ ସାହୁ

ସାଧନାର ତୀବ୍ରତାରେ କି ଶାଣିତ ମୁଗ୍ଧ ନିମଗ୍ନତା
ଜ୍ୱାଳାମୟ ଅସ୍ଥି ଶ୍ରେଣୀ,
ତପ୍ତ କାଞ୍ଚନାନୁପମ ସୁଗଠିତ ବପୁ ଅନ୍ତରାଳେ -
କେତେ ଶୌର୍ଯ୍ୟ କେତେ ପରାକ୍ରମ,
କି ଦାହିକା ସ୍ଫୁଲିଙ୍ଗ ସେ,
ଉଲ୍ଲମ୍ଫିତ, ଉଦ୍ବେଳିତ ଦୁଷ୍ଟ ବିଧ୍ୱଂସନ ଅର୍ଥେ !
ମନ୍ୱନ୍ତର ମନ୍ୱନ୍ତର ପ୍ରଲମ୍ବିତ, ଆହା ସେ କି ଦୁର୍ବାର ଅଭୀପ୍ସା !
ହେ ଋଷି ପୁଙ୍ଗବ ! ଅବର୍ତ୍ତମାନରେ ଯୁଗବ୍ୟାପୀ ବର୍ତ୍ତମାନ ତମେ
ବାରମ୍ବାର ନତଜାନୁ ପ୍ରଣାମ ମୁଁ କରେ
ପଟାନ୍ତର ହୀନ ତ୍ୟାଗପ୍ରାଣ ତ୍ରିଭୁବନ ସ୍ମରିତ ଆତ୍ମାରେ ।

ଦୁଷ୍ଟ ଦଳନରେ 'ଆତ୍ମୋତ୍ସର୍ଗ' ପୂତ ସ୍ତୋତ୍ର ଉଚ୍ଚାରି ଉଚ୍ଚାରି,
ପାପ କଳୁଷ ତିମିରେ ତବ ତ୍ୟାଗ-ମହିମା ବିଧୌତ,
ଯେ ପୁଣ୍ୟ ପ୍ରଦୀପ ଦେଇଅଛ ଜାଳି
ନିର୍ବାପିତ ହେବନାହିଁ ଯାବତ ଚନ୍ଦ୍ରାର୍କେ ।

ତବାସ୍ଥି ସର୍ବସ୍ୱ ସୁତୀକ୍ଷ୍ଣ ଶାୟକ-
ଆଶ୍ୱାସିଲା ଦେବକୁଳ ଦାନବ ବିନାଶି
ଶାନ୍ତି, ମୈତ୍ରୀ ପ୍ରୀତିର ଉଚ୍ଛ୍ୱାସେ
କୋଟି ସୁର କଣ୍ଠେ ପ୍ରାଣେ ନିନାଦିଲା ତମରି ମହିମା ।
ହେ ମହାଋଷି ବାରମ୍ବାର ପ୍ରଣମୁଛି ମହାନ ଆତ୍ମାକୁ
ବିଶ୍ୱହିତେ ସ୍ୱେଚ୍ଛାରେ ଯେ ତେଜିଛ ନିଜକୁ ।
ହେ ଦଧୀଚି ମହାଋଷି ।
ଦେଖ ଦେଖ ବିଶ୍ୱଭୂମି ଅନ୍ତରୀକ୍ଷ ଅନନ୍ତ ସାଗର
ପାଶବିକ ରେରେକାର ପ୍ରକମ୍ପରେ ଦେବସ୍ୱର ନୀରବ ନିଥର
କାଷ୍ଠ, ପାଷାଣ ମୂର୍ତ୍ତି ଅଭ୍ୟନ୍ତରେ
ଆତ୍ମଗୋପନ କି କରିଛନ୍ତି ସୁରେ ?
ଆସନ୍ତ କି ଆଉ ଏକବାର
ଦୁଷ୍ଟ, ଦୁଷ୍କୃତ କବଳୁ ଏ ଜଗତ ହୁଅନ୍ତା ଉଦ୍ଧାର !

*****

ସଭାପତି, ଉତ୍କଳ ଗୀତିକବି ସମାଜ, ରାଉରକେଲା
ଘର ନ. ଜେ.ଜି.-୧୦୮, ଜଗଦା
ରାଉରକେଲା -୭୬୯୦୪୨
ଫୋନ: ୮୯୧୭୫୭୫୯୮୦

# ଆଏଲା କେନ୍‌ନୁ

ଚଉରଞ୍ଜନ ବ୍ରହ୍ମା



ମାନୁଛେଁ ଭୁଲ୍ କରିଛେଁ –
ହେଲେ ଆର୍ ନାଇଁ ହୁଏ ।
ଖାଲି ଇ ଥର୍‌କ ଜିତେଇଦିଅ ,
ବାସ୍ ଥର୍‌ଟେ ।

କେତ୍‌ନିକେତେ ସୁବିଧାସୁଯୋଗ୍ ଦେମି,
ପେଟ୍ରୋଲ୍ ପଁପ୍ କରେଇଦେମି ,
ଯାହା କହେବ ସବୁ ମାନ୍‌ମି ।
କଥା ଦଉଛେଁ –ମାଲେମାଲ୍ କରିନେମି ।

ଇ କଥାଟା ବଲୁଛ
ପଡିଗଲା ଗୁଟେ ପେଚାର୍ କାନେ-
ଗଛର୍ ଡାହିନେ ଥାଇକରି
ଖେଁ ..ଖେଁ .. କରି ଖୁଜେଇହେଲା –
କହେଲା ,ଫେର୍ ସେଇ ଘେଁଷ୍‌ରା କଥା !

ସେଇ ଛଲ୍‌କପଟିଆ ଛାତି-
ପେଁକାଲି ଘାଏ ପେଁ – କଲା ବଏଲେ
ଆର୍ କାହିଁ ହାତୀ କି ଫାତି !

ଚୁଛା ପ୍ରତିଶୃତି
ବିଭ୍ରାନ୍ତ୍ କର୍‌ସି ଭୋଟର୍‌ମାନ୍‌କେ
ପ୍ରଗତିର୍ ବାଟେ
ଶକତ୍ ଧକ୍‌କା ଦେସି ଭର୍‌ସାକେ,
ବିର୍‌ଝେଇଦେସି ଜନ୍‌ତାକେ ।

ଫଡ୍ ଫଡ୍ କରି ଡାହିନୁ ଡାହିକେ
ଖଁଡିଭଡା ଦଉନ୍‌ଦଉନ୍
କିର୍‌ଲେଇ ଗଗେଇକରି କହୁଥିଲାନ-
ଅଁଧାର୍‌କେ ଇ ଆଏଁଖ୍ ବନେ ଦେଖ୍‌ଲା
ଅଁଧିରିଆମାନ୍‌କର୍ ଫୁସୁର୍‌ଟୁପୁର୍ କେ
ଇ କାନ୍ ବନେ ଶୁନ୍‌ଲା ।

ହଏହୋ !
ତୁମ୍‌ହର୍ ତ ସଁପ୍‌ତିବାଡି ହେତେ ନାଇଁଥାଇ –
କହତ କାହୁଁ ଆଏଲା ,
ଆର୍ ପାଏନ୍ ଲେଖେନ୍ ଖରଚ୍ ଭିଲ୍ ହେଲା !
ପେଁକାଲି ବାଜ୍‌ବାର –
ବଛର୍ ତିନ୍‌ଟା ନାଇଁ ପୂରୁନ୍ ଦେଖ୍‌ଲୁଁ –
ମାଲେମାଲ୍ ହେଇଗଲା
ଖୋଦ୍ ବଜାନେବାଲା ।

ଅମ୍‌କାଢିମ୍‌କା ବଲିକରି
ନୂଆଁ ଚକ୍‌ଚକିଆ ବସ୍ ଯୁଡେ ଚଲାଲ-
ନାମୀ ବେନାମୀ କେତ୍‌ନିକେତେ ଖାତା
ନର୍‌ଦିଲାଗ୍‌ଲେ ଇ ବେଁକ୍ ସେ ବେଁକ୍ ନେ -
କେତେଟା ଗାଡି ମଟର୍ ଲାଗିଗଲେ ଭଡାଥି
ଭିନ୍ ଭିନ୍ ସଂସ୍ଥାମାନ୍‌କେ ।

ଡଁପର ଗୁଟେ ନୁ ଯୁଡେ ତିନ୍‌ଟା ହେଇକରି
ଲାଗିଗଲେନ କେନ୍ କେନ୍ ଖଣିଖଦାନ୍‌ନେ ।
ନାମୀ ଦାମୀ ଜାଗାମାନ୍‌କେ
ଘର୍, ଡିହି,ଏକର ଏକର ଜମି
ନାଇଁନ ତ କେନ୍‌ସିଥିର୍ କମି !

ହଏହୋ ବାବୁ ! ସତ୍ କହ ତ-
ଏତେ ସବୁଯାକର୍ ଆଏଲା କେନ୍‌ନୁ ?
ଜନ୍‌ତାକେ ଭୁର୍‌ତେଇ ଫୁସ୍‌ଲେଇ କରି
ଆରୁ ଖେପ୍‌ଚେଇ ଖୁପ୍‌ଚା କର୍‌ତେଲ୍
ଇହାଦେ ବଡ୍‌ଲୋକ୍ ବନିଯାଇଛ, ନୁହେ ?

ଜନ୍‌ତାକେ ଭକୁଆ ପାଇଛ , ନାଇଁ !
ଆଗ୍‌କେ ଏନ୍‌ତା ନେତାମାନ୍‌କର୍ ସାଁଗେ
ଆମର୍ କେନ୍‌ସି ନାତା ନାଇଁ,
ପର୍‌ତେ ନାଇଁ କି ଭର୍‌ସା ନାଇଁ-
ଯଃ .. ଯଃ..,ଆମର୍ ଜବାବ୍ ହେଲା 'ନାଇଁ '
ନାଇଁ ମାନେ ନାଇଁ- ନାଇଁ -ନାଇଁ ; ବାସ୍ ।

*****

ଯୋଗାଯୋଗ : ବି/୧୫୦
ସେକ୍ଟର୍ – ୭,ରାଉରକେଲା,୭୬୯୦୦୩
ମୋ: -୮୮୯୫୫୫୦୪୪୩

# ଅଭିନ୍ନ ଭିନ୍ନ ରୂପରେ ସିଏ



**ପଦ୍ମଚରଣ ମଲ୍ଲିକ**

ଯାହାର ଜନ୍ମ ନାହିଁ
ମରଣ ବି ନାହିଁ ତା'ର
ସିଏ ଅବିନାଶୀ କାଳେ କାଳେ ।
ଯାହାର ଆରମ୍ଭ ନାହିଁ
ଶେଷ ନାହିଁ, ସେ ସୃଷ୍ଟିରେ
ଅଛି, ଥିଲା, ଥିବ ସବୁ ବେଳେ ।।
ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ
ଛୁଇଁ ପାରେ ନାହିଁ ତା'କୁ
ଜରା ବ୍ୟାଧିଠାରୁ ସିଏ ଦୂରେ ।
ବିରଳ ରୂପ କାନ୍ତିରେ
ସେ ଉଜ୍ଜ୍ୱଳ ଚିରଦୀପ୍ତ
କେବେ କେବେ ଭିନ୍ନ ଅଭିନ୍ନ ରୂପରେ ।।
ସେ ଥାଏ ସୂର୍ଯ୍ୟାଲୋକରେ
ଚନ୍ଦ୍ରମାର ଜୋଛନାରେ
ଥାଏ ତାରା ଗ୍ରହ ନକ୍ଷତ୍ରରେ ।
ଗଛ ପତ୍ର ଲତା କୁଞ୍ଜ
ଫୁଲ ଫଳରେ ସେ ଥାଏ
ଥାଏ ବନ ଗିରି ଝରଣାରେ ।।
ଜୀବ ଜନ୍ତୁ ପଶୁ ପକ୍ଷୀ
କୀଟ ପତଙ୍ଗ ଭିତରେ
ଦୃଶ୍ୟ ହୁଏ ସିଏ ଉଲ୍ଲାସରେ ।
ମଣିଷର ହସ କାନ୍ଦ
କ୍ରାନ୍ତି କୌମୁଦୀ ବିଳାସେ
ଦେଖି ହୁଏ ତାକୁ ନିର୍ବିକାରେ ।।
ଆଶା ଭରଷା ବିଶ୍ୱାସ
ଭୋଗ, ବୈରାଗ୍ୟ, ବାସନା
ସବୁଠାରେ ଦୃଶ୍ୟମାନ ସିଏ ।
ଯିଏ ସତ୍ୟ, ନିତ୍ୟ, ଶିବ
ଅଭିନ୍ନ ରୂପରେ ତାକୁ
ଦେଖି ହୁଏ ପ୍ରୀତି ପ୍ରତ୍ୟୟରେ ।।

*****

କୈବଲ୍ୟ ମାଗୁଣି ତୀର୍ଥ , ବୈତାରୀ ପୁର,
ଆଳି, କେନ୍ଦ୍ରାପଡା, ଓଡିଶା
ପିନ-୭୫୪୨୩୯
ମୋବାଇଲ: ୯୪୩୭୪୭୨୧୧୭

# ଅନ୍ଧାର



**ନିବେଦିତା ମିଶ୍ରଗୁରୁ**

ଜୀବନ ଉପହାରରେ
ଦେଇଥିଲା କେବଳ ଅନ୍ଧାର

ଅନ୍ଧାର କେବେ କଣ
ଉପହାର ହେଇ ପାରେ

ବିତୁଥିଲା ସମୟ
ଆହୁରି ବଢୁଥିଲା ଅନ୍ଧାର
ଦିନେ ବୁଝି ପାରିଲି ମୁଁ
ହଁ, ସତରେ ଅନ୍ଧାର ବି
ଉପହାର ହେଇ ପାରେ

ସେଥିପାଇଁ ତ ଭଲ ପାଇ
ଶିଖିଚି ମୁଁ ତାକୁ

ଖାଲି ଯାହା
ଅପେକ୍ଷା କରିବାକୁ ହୁଏ
ଭେଟିବାକୁ ଅନ୍ଧାରର ପରଦା
ସେପାଖେ ଥିବା ଉଜ୍ଜ୍ୱଳ
ଆଲୋକକୁ


ସେଥିପାଇଁ ତ ଏ ଅପେକ୍ଷା

ବିତୁଚି ସମୟ
ବଢ଼ି ଚାଲିଚି ଅନ୍ଧାର।

*****

ମାଲାଡ଼, ମୁମ୍ବାଇ

# ଭଏସ୍ ଚେଞ୍ଜ



ବ୍ରଜ ବିହାରୀ ଦାଶ

ନିର୍ବାଚନ କାଳ ପାଖେଇ ଆସିଲା
ନେତା ବିଜେ କଲେ ଗାଆଁକୁ
ଭଉଣୀ ଭିଣେଇ ମଉସା ମାଉସୀ
ବାପା ମାଆ କଲେ କାହାକୁ । ୧ ।

ଛାଗଳ ପାର୍ଟିରୁ ନିର୍ବାଚିତ ହେଲୁ
ଟଙ୍କାଟିଏ କଲୁ ଚାଉଳ
ଛାଗଳ ସିଂହକୁ ଭୁଲିବନି କେବେ
ଶାସନ ତାଙ୍କର ନିର୍ମଳ । ୨ ।

ମାସଟିଏ ଅଛି ସେହି ନେତା ଆସି
ହାତ ଓଠ ଧରି କହିଲେ
ଛାଗଳ ବାବୁଟା ଭାରି ଭଲଲୋକ
ଲାଗୁଥିଲା ମୋତେ ପହିଲେ । ୩ ।

ପୋତା ମୁହାଁ କାଙ୍କ ଶକୁନି ଭଣଜା
ଛାଗଳ ହେଲାଣି ପାଗଳ
ବଳଦ ଦଳରୁ ହେଉଅଛି ଛିଡା
ମାଗଣା ହୋଇବ ଚାଉଳ । ୪ ।

କୋଡ଼ିଏଟା ଦିନ ରହି ଅଛି ମାତ୍ର
ପୁଣି ନେତା କହେ ହସି
ସାଂପ୍ରଦାୟୀକର ଗନ୍ଧଟା ଅସହ୍ୟ
ସେଠାରୁ ଆସିଲେ ଖସି । ୫ ।

ରାସଭ କହିଛି ଚାଉଳଟା ଏକ
ଗହମ ହୋଇବ ଥ୍ରୀ
ଡାଲିଟା କୋଡିଏ ତେଲଟା ପନ୍ଦର
ସାଥେ ଲୁଣ ପୁଡା ଫ୍ରି । ୬ ।

ମାଙ୍କଡ ପରାଏ ଏ ଦଳୁ ସେ ଦଳ
ଡେଇଁ ମିଳିଲାନି ଟିକେଟ
ବିନା ଟିକେଟରେ କିପରି ଲଢ଼ିବ
ଆସିଗଲା ମହା ସଙ୍କଟ । ୭ ।

ସ୍ୱାଧୀନ ଭାବରେ ପ୍ରାର୍ଥୀ ପତ୍ର ଭରି
ଫେରିଣ ପୁରୁବ ସ୍ଥାନ
ଲାଗୁଛି ଏଥର ମାଙ୍କଡ ଚିହ୍ନରେ
ଜନ ସେବାରେ ମୋ ମନ । ୮ ।

ସଂଖ୍ୟା ଗରିଷ୍ଠତା ହେବେ ନାହିଁ କେହି
ସ୍ୱାଧୀନକୁ ନେବେ ବରି
ସେହି ମଉକାରେ ଘୋଡା ବେପାରରେ
ମୁଁ ହେବି ଜଣେ ମନ୍ତିରୀ । ୯ ।

ମନ୍ତିରୀ ହୋଇଲେ ତେଲ ଲୁଣ ଡାଲି
ଚାଉଳ ହୋଇବ ମାଗଣା
ଇନ୍ଦିରା ଆବାସ ସଭିଙ୍କୁ ମିଳିବ
ଦେବାକୁ ହେବନି ଚାରଣା । ୧୦ ।

ଦୁଇଟା ମାସରେ ଚାରିଟା ଦଳରେ
କାହାକୁ ଟେକୁଛ କାହାକୁ ଫିଂଗୁଛ
ବାର ନାରୀ ପରି ପ୍ରେମିକ ଆଦରି
ରାତି ପାହିଗଲେ ନିନ୍ଦୁଛ । ୧୧ ।

ହସି କହେ ନେତା ଖରାପ ଭାବିଲ
ଜାଣିନ ନେତାଙ୍କ ରେଞ୍ଜ
ରାଜନୀତିରେ ଯେ ସବୁତ ସମ୍ଭବ
କେବଳ ଭଏସ୍ ଚେଞ୍ଜ । ୧୨ ।

*****

ବି-୬୪ , ସେକ୍ଟର - ୧୭
ରାଉରକେଲା -୩
ମୋ: ୯୮୫୩୯୬୩୫୯୫

# ନଖ୍ନାନୀ ପୁଅ ଭଗିଆ ନୂଆକୁ କବିଟେ ହେଇଚି

ତାରାପ୍ରସାଦ ଜେନା



ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି
ଯୋଉଠି ପାଇଲା ସେଇଠି
ମନକୁ କବିତା ଗାଉଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଯିଏ ତ ଶୁଣିଲା ତାବଦା
ଛେପକୁ ପକାଇ ଆଉଚି
ଚଉଦ ପୁରୁଷ ଭିତରେ
ସତେକି କବିଟେ ଭେଇଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଲେଖାରେ ଭାବକୁ ଆସୁନି
ଶବଦ ପୋଡ଼ିକି ଖାଇଚି
ତଥାପି କବିରେ ଗଣାକୁ
ଖରଚ କେତେ ସେ ଦେଇଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........


ସରମ ନାହିଁଟି ମୁହଁକୁ
ପ୍ରଶଂସାପତର ଧଇଚି
କିଣିକି ଫୁଟାଣି ବାହାରେ
ଛବିକୁ ଦେଖାଇ ବଇଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ମୂରୁଖ ଦୋଷଟା କଟିନି
ପଣ୍ଡିତ ନିଜକୁ ଥୋଇଚି
କାନ୍ଧରେ ଝୁଲାକୁ ଗଳେଇ
ସଭାକୁ ହାଉଲେ ଯାଉଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଲୁଙ୍ଗୁଡ଼ା ପେରମ ଧକେଇ
ଉତ୍ତମ ମଧମ ପାଇଚି
କବିର ବାସନା ଛାଡ଼ିନି
ମନକୁ ଉପାଧି ନେଇଚି !
ନଖ୍ନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

*****

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦



"ପହିଲାଣି ଘୋର ତାମସୀ -ଯାମିନୀ
ଫୁଟିବ ଉତ୍କଳ-ଭାଷା-କମଳିନୀ"

(କବିବର ରାଧାନାଥ ରାୟ)

## ଫାଲ୍‌ଗୁନୀ ପଳାସ



**କାଦମ୍ବରୀ ମହାଖୁଡ଼**

ଏକ ବର୍ଷ ଅନ୍ତହୀନ ଘଟେ ପ୍ରତୀକ୍ଷାର
ଫାଲ୍‌ଗୁନ ଆଣିଛି ପ୍ରେମ ପତ୍ର ପଳାସର
ଦେଖି ପ୍ରକୃତି ହସେ ଦୂର ପ୍ରଥପ୍ରାନ୍ତରୁ
ବର୍ଣ୍ଣିତ ରକ୍ତପୁଷ୍ପ  ସେ ଯୁଗ ପୁରାଣରୁ  ||

ସୁନ୍ଦର ମୋହିତ ଧରଣୀର ରାଜଜେମା
ବକ୍ର ପୁଷ୍ପ ଦିଶଇ ରକ୍ତ ବହ୍ନି ଉପମା
ଚୈତ୍ର  ଋତୁରାଜ ଅବା ବଧୂ ନିରୁପମା
ପ୍ରତିଅଂଶ ଶରୀର ବୋହୁ ଗୁଣ ଗାରିମା ||

ନାଇଛି ଅଳଙ୍କାର ନାଲି ରଙ୍ଗ କାଞ୍ଚନ
ଉଦୟ ଆସନ୍ନ ପତ୍ର ଶୂନ୍ୟ ପେନ୍ଥା ମନ
ସାଜଇ ପଥିକର ଆକର୍ଷକ  ସଜନ
ତା ମୋହିନୀ ମୁରୁକି ହସ  ସୁଗନ୍ଧ ହୀନ ||

ସୌନ୍ଦର୍ଯ୍ୟର ପସରାକୁ ଦେଇଣ ମେଲାଇ
କବିତାରେ କବିପ୍ରାଣ ଦିଏ ଚହଲାଇ
ଶୋଭିତ କୃଷ୍ଣପ୍ରିୟା ଦୋଳରେ ମଣ୍ଡେଇ
ଝୁଲଣରେ ଝୁଲୁଥାଏ ଫଗୁଣ ଫୁଲେଇ ||

ଋତୁଚକ୍ର ତୁଲ୍ୟ ନିୟତିର  ସତ୍ୟ ସତ୍ୟତା
ଉଦାହାରଣ ଶିକ୍ଷା  ଅହଂକାର ବାସ୍ତବତା
ଦଣ୍ଡ ଦିନ ମାସ  ବର୍ଷ ସେ ସମୟର ସତ୍ତା
ଅପେକ୍ଷାର ପ୍ରୀତିଅନ୍ତେ ଏ ମିଳିଛି ମାନ୍ୟତା ....

ଅପେକ୍ଷାର ପ୍ରୀତିଅନ୍ତେ  ମିଳିଛି ମାନ୍ୟତା ....

*****

ସ୍ଥାନ -ଗୁଡ଼ିଆନାଳୀ
ଜିଲ୍ଲା - ଢେଙ୍କାନାଳ
ପିନ - ୭୫୯୦୦୧
ମୋ ନଂ – ୮୯୦୮୪୧୪୯୭୯

## ଆରେ ମୋ କଳା ବଦନ



**ବିଜୟ କୁମାର ଜେନା**

ଆରେ ମୋ କଳା ବଦନ  ,, ରୁକ୍ମିଣୀ ଧନ
ତୋ ନାମ ଜପି ଜପି ଯାଉ ଜୀବନ।
ଭବ ବନ୍ଧନେ ପଡ଼ି ହେଲି ଉଛନ୍ନ
ସରି ଆସୁଛି ଆୟୁ ଦିନକୁ ଦିନ
ଏ ମାୟା ରଜ୍‌ଜୁ କେବେ ହୋଇବ ଛିନ୍ନ
ଜନ୍ମ ମରଣ ଚକ୍ରରୁ କର ତାରଣ।
ତୋର ସେ ସିଂହାସନେ ବଳେ ମୋ ମନ
ଯୋଡ ହସ୍ତରେ କରେ ମୁଁ ନିବେଦନ
କି ସୁନ୍ଦର ଦିଶୁ ମୁରଲୀ ମୋହନ
କି ଯାଦୁ ଜାଣିଛୁ ତୁ ନନ୍ଦ ନନ୍ଦନ।
କେଡେ ମଧୁର ନାମ ସୁଧା ସମାନ
ତୋ ନାମ ନେଲେ ଚିତ୍ତ ହୁଏ ପ୍ରସନ୍ନ
ନାନାଦି ପାପ ରାଶି ହୁଏ ମୋଚନ
ସରବେ ନାମ ତୋର ରହିଛି ସ୍ଥାନ
ସର୍ବ ନାମରେ କାଳିଆ ଦିଅ ଦର୍ଶନ।

*****

ଅବସର ପ୍ରାପ୍ତ ପ୍ରାଧାପକ
ଶାମୁକା ସାହି, ରଣପୁର, ନୟାଗଡ଼

# ଆଧୁନିକ ଜୀବନ ଓ ଶାନ୍ତି



ଭାସ୍କର ବାରିକ୍

ଜଳୁଛି ଜୀବନ ଜଳନ୍ତା ଜୁଇରେ
ନାହିଁ କ୍ଷଣେ ଅବଶୋଷ
ଅନ୍ଧକାର ଅହଂକାର ଅହମିକା
କରେ ଜୀବନ ପାଉଁଶ ।

ନୀରବ ନିଥର ନିସ୍ତେଜ ନିଜର
ବିବେକର ବିଭବତା
କାହିଁକି କେଜାଣି କରୁଣା କାହାଣୀ
କ୍ରୁଶବିଦ୍ଧ ନୀରବତା ?

ମଳିନ ମନରେ ମହକତା ନାହିଁ
ନାହିଁ ଓଠେ ମିଠା କଥା
ସବୁଜ ସଭ୍ୟତା ସୁନ୍ଦର ସର୍ଜନା
ସଭିଙ୍କ ହୃଦୟେ ବ୍ୟଥା ।

ସ୍ୱାର୍ଥର ଶିକୁଳି ଶରବିଦ୍ଧ କରେ
ଦୟା ମାୟା ଦଳିଦିଏ
ଧର୍ମର ଧରାରେ ଧର୍ମପରାୟଣ
ମଣିଷତ୍ୱ ମାରିଦିଏ ।

କଳଙ୍କ କାଳିମା କୋଳାଗ୍ରତ କରି
ନଗ୍ନତାରେ ଭିଜୁଅଛି
ଅପକର୍ମ ଆଉ ଅପକାର କରି
ଖୁସିରେ ନାଚି ଉଠୁଛି ।

ପାପର ପଙ୍କରେ ବ୍ୟଭିଚାର ଚାଲେ
ପଶୁ ପ୍ରବୃତ୍ତି ଆଦରି
ହୃଦୟ କନ୍ଦରେ ନୀରିହ ଶିଶୁଟି
କାନ୍ଦୁଅଛି ରାହାଧରି ।

ସବୁଜିମା ଭରା ସୁନ୍ଦର ସଭ୍ୟତା
ଛାରଖାର କିଏ କରେ
ସୁବିଧାବାଦର ସୌଦାଗର ସାଜି
ପଛପଟୁ ଛୁରୀ ମାରେ ???

ଆଧୁନିକ ନାମେ ଅପସଂସ୍କୃତିର
ଛଳନାରେ ପେଶିହୋଇ
ଯେତେଦିନ ଯାଏ ବାଟ ଚାଲୁଥିବା
ଶାନ୍ତି ମିଳିବାର ନାହିଁ ।

ପ୍ରକୃତରେ ସତ୍ୟ ଧର୍ମ ନ୍ୟାୟ ପଥ
ଯଦି ଆପଣେଇ ନେବା
ସୁକର୍ମ କରିବା ସୁପଥେ ଚାଲିବା
ଜୀବନେ ଶାନ୍ତି ପାଇବା ।

ସହଜ ସୁଗମ ସୁନ୍ଦର ସରଳ
ରେଖା ବାଙ୍କେ ଜୀବନର
ପ୍ରତାରଣା ଆଉ ଛଳନା ଅଗ୍ନିରେ
ନମ୍ର ସ୍ୱର ଛାରଖାର ।

ବହୁଧା ବିଭକ୍ତ ବିଶ୍ୱାସର ବାଣୀ
ରକତର ହୋଲି ଖେଳ
ଭକ୍ତିର ଭାଷା ଭରଷା ଭୁଷୁଡେ
ଆସୁଛି କି ମୃତ୍ୟୁ ବେଳ ?

କ୍ଷମତା ଅର୍ଥ ଅବା ବାହୁବଳ
ରହିବନି ସବୁଦିନ
ବିବେକ କଥାରେ କର୍ମବୀର ହେଲେ
ରହିଥିବ କର୍ମ ଚିହ୍ନ ।

ସହନଶୀଳତା ସହାନୁଭୂତିରେ
ଯେଉଁ ସନ୍ତୋଷ ଅଛି
ସାବଧାନ ସଚେତନ ସୁଚିନ୍ତନ
ଆଣିବ ଫେରେଇ ଶାନ୍ତି ।

*****

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ମୋ ଗାଁ ରାସ୍ତା କହିଦିଅ



ବୀଣାପାଣି ଦେବତା

ରାସ୍ତାମାନେ ଖାଲି ଅଟକେଇ ଦିଅଂତି ମତେ
କେତେ ପୋକଜୋକ ଘାସ ଅନାବନା ଫୁଲର କବର ଏହା
ତେଣୁ କଣ ରାସ୍ତା ସବୁ ଲାଗେ
କେବେ ଚିହ୍ନା ତ କେବେ ଅଚିହ୍ନା
ରାସ୍ତାକଡ଼ର ସେ ଖପରଲି ଟାଇଲି ଛଣକୁଟା ବସାମାନେ କାହିଁ ଗଲେ
କାହାର ସେ ହାତମାନ
ମଣିଷମାନଂକୁ ପକ୍ଷୀ ପରି
ଏତେ ସହଜରେ ଉଡ଼ାଇ ପାରିଲେ ।

କାହାର ସେ ଅଂଗୁଳି ଇସାରା
ରାସ୍ତାମାନ ଏତେ ସହଜରେ ଭାଂଗେ ଫାଟେ ଧସିଯାଏ ବୁଡ଼ିଯାଏ
କେଇ ଇଂଚ ଦୁଃଖପାତରେ ।

ସେ ରାସ୍ତାମାନ କାହିଁ
ଯାହା ମଣିଷ ଚାଲିରେ ଗଢା
ଫସଲ ଦେଇସାରି ବିଶ୍ରାମରେ ଥିବା ନଡ଼ାକୁଟାର
ଧୂଳି ଲୋଟିବା ଆନଂଦରେ ଗଢା ।

ସେ ରାସ୍ତା ବା କାହିଁ
ଯାହା ଅନେକଂକର କ୍ଷେତ ପାରି ହେଇ
ଯାଏ ସେମାନଂକ ଦୁଆରେ ମିଶିବ ବୋଲି
କାହା ଆସୁଥିବାର ଖବର ଯେଉଁଠି
ପକ୍ଷୀଂକର ଗୀତ ହେଇ ଦାଣ୍ଡରେ ବାଜୁଥାଇ ।

ଏ ରାସ୍ତାମାନେ କୁଆଡ଼େ ନେଇ ଯିବେ ମତେ ଜଣାନାହିଁ
ପକ୍ଷୀ ଗଛ ଘାସ ଆଉ ଫୁଲର କବର
ଶାଂତନୀଡ଼ ଅଧିବାସୀଂକର ପଳାୟନରତ ଦୀର୍ଘଶ୍ୱାସରେ ଗଢା
ପରିଚ୍ଛନ୍ନ ଶୁଭ୍ର ଚାରିଧାର
ମତେ କଣ ବତାଇ ପାରିବେ ଠିକଣା କାହାର ।

ଏଇ ସବୁ ରାସ୍ତାର ଅଚିହ୍ନା
ମୋ ଗାଁର ରାସ୍ତା କହିଦିଅ
ରାସ୍ତା ତଳେ ଘାସ ଫୁଲ କୀଟପତଂଗ
ମୋ ପାଦ ତଳେ ସଲସଲ
ମତେ ଭେଟିବାକୁ ଚାହାଂତି
ମୋ ଗାଁର ହିଡ଼ମୁଣ୍ଡରେ ।

*****

1 , ସତ୍ୟ ଡାକ୍ତର ରୋଡ଼ , କୋଲକାତା ,
ପିନ , 700023 ,
ମୋ. 8777096431

# ନିୟମଗିରି



ସୁସ୍ମିତା ମହାପାତ୍ର

ଜଙ୍ଗଲ ଯାହାର ବାପା ମା'
ଜୀବନ ପାହାଡି ଝରଣା ପାଣି,
ଅଜବ ଖାଦ୍ୟପେୟ, ବିଧିବ୍ୟବସ୍ଥା ତା'ର
ବିରଳ ସଂସ୍କୃତି ପୁଣି ବିଚିତ୍ର ଚଳଣି ।
କେଉଁ ଆଦିମ କାଳରୁ ଏଯାବତ
ମାଟି ସହ ଅନୁବନ୍ଧିତ ସେ
ଦେଖିନି ତା' ସୀମା ସେପାଖର ସୂର୍ଯ୍ୟୋଦୟ
ଅବା ଜାତି ପ୍ରଗତିର ଶିରୀ,
ବିଶ୍ୱାସ ବେଡ଼ିରେ ଅନ୍ଧ
ନିୟମଗିରିର ଡଙ୍ଗରିଆ କନ୍ଧ ସେ
ତମାମ ଜୀବନ ଲଢୁଛି ବଞ୍ଚିବା ପାଇଁ
ବିକାଶକୁ ପିଠିକରି ।
ପରମ୍ପରାର ଅମୁହାଁ ଜାଲରେ ଛନ୍ଦି
ଛଟପଟ ହୁଏ ଡଙ୍ଗରିଆ ଯୁବତୀ,
ଶଙ୍ଖା ସିନ୍ଦୂର ନପିନ୍ଧିବି କାଳକାଳ
ଭୋଗୁଥାଏ ବୈଧବ୍ୟ ଯନ୍ତ୍ରଣା,
ମଦହାଣ୍ଡି ଓ କେତେ ବଇନା ଟଙ୍କା ବଦଳରେ
ଜନ୍ମରୁ ବଧୂ ସାଜିଥିବା କେଉଁ ଡଙ୍ଗରିଆର
ଯୁଆନ ଧାଙ୍ଗଡ଼ା ତେଣେ
ସଲପ ଗଛର ରସ ଅବା
ଦେଶୀ ମଦର ମତୁଆଲା ନିଶାରେ
ଟାଣିନିଏ କେଉଁ ଯୁବତୀକୁ ଧାଙ୍ଗିଡ଼ି ବସାରୁ
ନାଚ ଗୀତର ଧୂନ ଭିତରେ
ମେଣ୍ଟାଇବାକୁ ନିଜ କାମନା ବାସନା,
ଯେହେତୁ ନିୟମ ତା'ପାଇଁ କେବେ କାଳେ
ବାଧକ ସାଜେନା ।
ସ୍ୱାମୀ ପଥ ଚାହିଁଚାହିଁ ଜଳକା ବାଲ୍ୟବଧୂ
ଧାଙ୍ଗିଡ଼ିରୁ ଧୀରେଧୀରେ ହୁଏ ବୁଢ଼ୀ,
ଧାଙ୍ଗଡ଼ା ଯୁବକ ପରି ନିଜ ଇଚ୍ଛାରେ
ସାଥୀ ଖୋଜିବାକୁ ନଥାଏ ତା'ର ସ୍ୱାଧୀନତା,
ଆବାହମାନ କାଳରୁ ଯେଣୁ
ରୀତିନୀତି ନିୟମ ନିଶାପରେ ବନ୍ଧା
ନିୟମଗିରିର ପ୍ରତ୍ୟେକ ମାଟି ଗୋଡ଼ି ।
ତା'ଠୁଁ ଆରମ୍ଭ ହୁଏ ଜୀବନ ପୁଣି
ତା'ଠିଁ ହୁଏ ଶେଷ,
ଅଭାଗିନୀ ଅଭିଆଡ଼ି ବିଧବା ହୁଏ ଅଥଚ
ମେଣ୍ଟେନି ତା' ଶୋଷ ବଢ଼ି ପାରେନି ତା' ବଂଶ ।

*****

ରାଉରକେଲା
ମୋ. ନଂ – 9437503138

## "ସାଥୀ ମୋର"



କୃଷ୍ଣା ମିଶ୍ର

ସାଥୀ ମୋର!
ଏଇ ସନ୍ତାପିତ ମନର ଅନ୍ଧାରୁଆ କୋଣରେ,
ତୁମେ କ'ଣ ଖୋଜୁଛ ଯେ?

ଅପରିଚିତ ଯନ୍ତ୍ରଣା ର ବର୍ବରତାରେ
କମ୍ପିତ,
ରକ୍ତ ରଞ୍ଜିତ ରେଖା ସବୁ
ସୀମା ହୀନ ଲୁହଧାରେ,
ସୃଷ୍ଟି କରେ କ୍ଷତ!
ଏଇ ଅସଂଖ୍ୟ ଜ୍ୱଳନର ଚିତ୍କାର ଭିତରେ,
ତୁମେ କ'ଣ ବା ପାଇବ??

ନୀରବ, ନିରସ ଅସହାୟ ଏଇ ମନ,
ଟିକିଏ ସୋହାଗ ପାଇବାକୁ,
କେଉଁ କାଳରୁ ମୃଦୁ ପରଶର ପ୍ରତୀକ୍ଷାରେ...
ବୟସର ଅପରାହ୍ନ ରେ ସବୁ ଯେ ମଉଳା!!!!

ମୋହ ଗ୍ରସ୍ତ କାୟା,
ସମ୍ପର୍କ ର ମାୟା,
ପ୍ରୀତିର ସୋପାନ,
ବିସ୍ତୃତ ଆକାଶ, ଅଥଚ ସଙ୍କୀର୍ଣ୍ଣ!
ସେଇଥିରେ ତୁମେ ଉଡ଼ି ଉଡ଼ି ହଜିବା କୁ ଚାହୁଁଛ?
ନାମ ହୀନ ଏଇ ସମ୍ପର୍କର ମାୟା ନଗରୀରେ,
ତୁମେ କ'ଣ ପାଇବ ଯେ!!!

ବିଗତ ଦିନରେ ଥିଲ ଅପରିଚିତ,
ଆଗତ ସମୟରେ ମଧ....
ସଭିଙ୍କ ପରି ତୁମେ ବି ତ ଦିନେ, ଦୃଷ୍ଟି ଫେରେଇ ନେବ??
ତେବେ କାହିଁକି ଏ ମୃଗ ତୃଷ୍ଣା!!!

ସ୍ୱପ୍ନ ର ଏଇ ମରୁଭୂମିରେ,
ତୁମେ ମରିଚିକା ପଛେ ଧାଇଁଛ।
ଯୁଗ ଯୁଗରୁ ବସିଛି ମୁଁ,
ଜୀବନର ସଙ୍କୀର୍ଣ୍ଣ ଗଳିରେ,
ପବିତ୍ର ପ୍ରୀତିର ପଥରେ ,
ନିଃସ୍ୱାର୍ଥ ଭାବନାର ପ୍ରତୀକ୍ଷା ରେ....
ହେଲେ, ଏଇ ମନ ଆଜି ସ୍ଥାଣୁ,
ନିଶ୍ଚଳ ମେରୁ.....
ନିରୁତ୍ତର, ସମ୍ବେଦନା ହୀନ,
ଏଇ ଶୂନ୍ୟ ହୃଦୟ ରେ, କ'ଣ ଖୋଜୁଛ ସାଥୀ!!!!

*****

ଡି/୩, ସ୍କୁଲ ହାଉସିଙ୍ଗ କଲୋନୀ,
ଜେ. ଏସ୍. ପି. ଏଲ୍, ରାୟଗଡ଼, ଛତିଶଗଡ
୯୩୦୧୦୨୩୩୩

## ସ୍ମୃତି ସୁଗନ୍ଧା - ପ୍ରଧାନପାଟ



ସଂଜୀବ କୁମାର ଦାଶ

ଅନ୍ତରେ ରହିଛି ସଦା ରହିବ ସେ ଛବି,
ମାଟି ରେ ମିଶି ଜୀବନ,ହେବା ଯାଏ ଅନ୍ତ,
ପ୍ରକୃତି ପ୍ରାଚୁର୍ଯ୍ୟ ଭରା ବାମଣ୍ଡାର ଶିରୀ ,
ଜାତି ଜାତି ବନଫୁଲ,ଫଳ ର ବିଭବ......

ତୁଙ୍ଗ ବନବିଥି ,ଗୁଳ୍ମରାଜି ମେଳେ ଶୋଭା,
ଆହ୍ଲାଦ ସମୀର, ଛାୟାଦ୍ରୁମ ଯାଏ ବିଞ୍ଚି,
ଲକ୍ଷ ବିହଙ୍ଗ କାକଳି ସମୂହ ଗୀତିକା,
କାନ୍ତାର ନିକ୍ୱଣେ ଜାଗେ ଉଲ୍ଲସିତ ପ୍ରୀତି....

ଶତମୁଖେ କବି ସୃଜେ ଚିତ୍ରିତ ଉପମା,
ଚଞ୍ଚଳ କାନନ କିବା ,ମୃଗ ସେ ଶ୍ୟାମଳୀ,
କେଉଁ ଯୁଗତଳୁ ଛିଡା ସେ ଶଇଳଚୂଡା,
ଧୂର୍ଜଟି ଜଟାରୁ ସ୍ରୋତ,ପ୍ରଲମ୍ଫା ଜାହ୍ନବୀ...

ବିଶୁଦ୍ଧ କାଞ୍ଚନ ସମ ଧବଳ ନିର୍ଝର,
ପତିତ କିରଣେ ଦୃଶ୍ୟ ଇନ୍ଦ୍ରଧନୁ ଖେଳ,
ଘର୍ଘର ନାଦେ'ଯା ମନ ପ୍ରାଣ ରସାଣିତ,
ବିଚିତ୍ର ସୃଷ୍ଟି ସମ୍ଭାରେ ତଲ୍ଲୀନ ଜଗତ......

ହେଲେ ହେଁ ଲୁଣ୍ଠିତ ତାର ପୂର୍ବ ସବୁଜିମା,
ଚୋରା ଚଇତାଳି ଆଉ ବସନ୍ତ ଲାବଣ୍ୟ,
ଆଭାଷ ତଥାପି,କାଳ ଗଡ଼ିଅଛି ସିନା,
କେ'ଭୁଲିବ, ତାହା ସାଥେ ଆତ୍ମାର ବନ୍ଧନ..

ଜନ୍ମ ତା'କୋଳେ,ପୁଣି ସେଠେଇଁ ମଶାଣି ,
ଜାଗତିକ ଅବଶୋଷ ସେଇଠି ବିସ୍ମୃତ,
ଝରୁଛି, ଝରିବ ଶୁଭ ଆଶିଷର ଧାର,
ମାଆ ପଧାନୀର ସେଇ ଅନାହତ ସ୍ୱର..

*****

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
ମୋ 9437739577

# ବନ୍ଧୁତା




ଅକ୍ଷୟ ମହାନ୍ତି

ମୁଁ ଗରିବ ତମେ
ବଡ଼ ଲୋକ ବୋଲି
ତାହୁଁ ବି ନ ଥିଲା ମୋତେ
ଛୋଟ ଥିଲା ବେଳେ
ସାଙ୍ଗ ସାଥି ହୋଇ
ଖେଳୁଥିଲେ ଆମେ କେତେ।
ମୁଁ ଥିଲି କିରାଣୀ
ତୁମେ ଅଫିସର
ତୁମ ବୋଲ ମାନୁଥିଲି
ତୁମେ ମୋର ସାଙ୍ଗ
କାହାରିକୁ ମୁହିଁ
କେବେ ବି କହି ନ ଥିଲି।
ହୁଏତ ତୁମକୁ
ଖରାପ ଲାଗିଛି
ବଦଳି ମୋ କରିଦେଲ
ସ୍ତ୍ରୀ ପିଲା ଛାଡି
କେମିତି ଚଳିବି
କେବେ ବି ଭାବିନ ଥିଲ ।
ବହୁ କଷ୍ଟରେ ମୁଁ
ଦିନ କାଟୁଥିଲି
ପୁଅଟିଏ ମୋର ଥିଲା
ସ୍କୁଲ କଲେଜରେ
ବୃତ୍ତି ପାଇ ସିଏ
ଇଞ୍ଜିନିୟରିଂ ପଢିଦେଲା।
ଆଇ ଆଇଟରୁ
ପାଶ୍ କଲା ପରେ
ଆମେରିକା ଚାଲି ଗଲା
ଭଲ ଚାକିରିଟେ
ପାଇ ସେହିଠାରେ
ଘର ଦ୍ୱାର କରିଦେଲା।
ସେତେବେଳକୁ ମୁଁ
ବଡବାବୁ ହୋଇ
ଅବସର ନେଇଥିଲି
ପୁଅ ନେଇଗଲା
ୟୁ ଏସ ଆମକୁ
ଆସିଗଲୁ ବୁଲିବାଲି।
ଗାଆଁରେ ସହରେ
ଯେତେ ସାଙ୍ଗ ଥିଲେ
ଭାରି ଖୁସି ହୋଇଥିଲେ
ବିଦେଶ ଫେରନ୍ତା
ମଣିଷକୁ ସିଏ
ଦେଖିବାକୁ ଆସିଥିଲେ।
ଏହାରି ଭିତରେ
ମୋ' ପୁରୁଣା ସାଙ୍ଗ
ଅଫିସର ତମେ ଥିଲ
ମୋ' ଘର ଆଗରେ
କାହାର ଭିତରୁ
ସ୍ତ୍ରୀ ସଙ୍ଗେ ବାହାରିଲ।
ତମ ସ୍ତ୍ରୀ ସଙ୍ଗେ
ତୁମକୁ ଦେଖି ମୁଁ
ଇତସ୍ତତଃ ହୋଇଗଲି
ପୁରୁଣା ଦିନର
ମୋ  ବନ୍ଧୁ ହାକିମ
ମନେ ମୁହିଁ ଚିନ୍ତା କଲି।
ପୁରୁଣା ଅଭ୍ୟାସ
ଭୁଲି ବି ନ ଥିଲି
ନମସ୍କାରଟିଏ କଲି
ସୋଫା ତ ନ ଥିଲା
ଡାକି ଆଣି ସିନା
ଚଉକିରେ ବସାଇଲି।
ତୁମ ସ୍ତ୍ରୀ କହିଲା
"ତୁମେ ପରା ସାଙ୍ଗ,
ନମସ୍କାର କାହିଁ କର?
ଆମ ଝିଅଟିକୁ
ବୋହୂ କରିନେଲେ
ସମୁଦି ହେବ ଆମରା।"
କେତେ ସ୍ୱାର୍ଥପର
ମଣିଷ ସତରେ
ବନ୍ଧୁତାକୁ ଭୁଲିଯାଏ
ବଡ଼ ସାନ ଯେତେ
ଭେଦ ଭାବ କଥା
ମନେ ତାଙ୍କ ବାନ୍ଧି ଯାଏ।
ସମାସ୍କନ୍ଧ ବନ୍ଧୁ
ନ ପାଇଲେ ସିଏ
ବନ୍ଧୁତାକୁ ଭୁଲିଯାଏ
ଯେବେ ସମାସ୍କନ୍ଧ
ଭାବେ ସେ ତାହାକୁ
ଟାଣି ହୋଇ ଆସିଥାଏ।

*****

ନିର୍ମାଲ୍ୟ
ମୋ ନ : 9937462507

# ଦୁଃଖିନୀ ମା'ର ବିଳାପ



ତ୍ରିଲୋଚନ ମଥାନ

ଗୋଟିଏ କୁଳକୁ ଦେଇକି ହଜାଇ
ଆସିଥିଲି ଆନ କୁଳ
ସେ କୁଳକୁ ନିତି ସଜାଇ ସଜାଇ
ସରିଗଲା ଦିନ କାଳ
ଶୁଣିବ ଦୁଃଖକୁ କିଏ,
ଶୁଣିବା ଲୋକତ ଚାଲିଗଲେ ସବୁ
କେବଳ ଲୁହକୁ ପିଏ ।

କେତେ ଦିଅଁ ପୂଜି ପାଇଥିଲି ପୁଅ
ଖୋଇ ପେଇ କଲି ବଡ
ପାଠପଢି ଯେବେ ହୋଇଥିଲା ମଣିଷ
ଭାବିଲା ଜିତିଲି ଗଡ
କରିଛି ବଡ ଚାକିରୀ,
ପରିଶ୍ରମ  ବଳେ ସିଏ ଜିତିଗଲା
ଆଜି ମୁଁ ଯାଇଛି ହାରି ।

ପୁଅର ଇଚ୍ଛାରେ ଆଣିଲି ବୋହୂକୁ
କରି ଦେଇ ଦାଣ୍ଡ ବାହା
ଭାବିଥିଲି ଦିନେ ବୃଦ୍ଧା ବୟସରେ
ସେମାନେ ହୋଇଥିବେ ସାହା
କିକଲ କିକଲ ପ୍ରଭୁ,
ଦେଇଥିଲ ଯାହା ମୋ ହାତରେ ଟେକି
ଛଡାଇ ନେଇଛ ସବୁ ।

ଯାହା ପାଇଁ ଦିନେ ସହିଥିଲି ଦୁଃଖ
ରହିଛନ୍ତି ଦୂର ଦେଶେ
ପୁଅକୁ ମୋହରି କିଣି ନେଇ ବୋହୂ
ରଖିଛି ନିଜର ବଶେ
ଦେଖାନ୍ତିନି ମା' ମୁଖ,
ତୁଛାଟରେ ମୁହିଁ ଦେଖୁଚି ସପନ
ପାଇବାକୁ ଟିକେ ସୁଖ ।

ପାଣି ବଦଳରେ ପିଉଛି ଲୁହକୁ
ବୟସ ଗଲାଣି ଗଡି,
ସେମାନଙ୍କ କଥା ଭାବି ଭାବି ନିତି
ସେଜରେ ଗଲିଣି ପଡି
ନାହାନ୍ତି କେହି ମୋ ସାହା,
କେତେବେଳେ ପ୍ରାଣ ଛାଡ଼ିଯିବ
କିଏବା କହିବ ଆହାଃ ।

*****

ଏ/୨୧୧, କୋଏଲ ନଗର
ରାଉରକେଲା-୧୪
ମୋ - ୯୮୬୧୧ ୨୯୧୦୨

# ପତ୍ନୀ



ସୁଧୀର ମେହେର

ଚାମୁଚେ ଦୁଃଖ ଓ ଚିମୁଟାଏ ସୁଖରେ ଝଲମଲ ଦିଶୁଥାଏ
ମୋର ତେଲଲୁଣର ସଂସାର  ।।

ବେଶ୍ ଥର ଝଡ ବତାସରେ ଦୋହଲି ଯାଇଛି ଘରର ମୂଳଦୁଆ,
ନଇଁ ପଡିଛି ମୁଣ୍ଡ ଉପରର ଚାଳ,
ଶୋଇ ପଡିଛି ମାଟିକାନ୍ଥ
ପୁଣିଥରେ ବୁନ୍ଦା ବୁନ୍ଦା ଲୁହରେ
ମାଟିକୁ ବତୁରେଇ ଥାପିଛି କାନ୍ଥରେ,
ମେରୁଦଣ୍ଡକୁ ସଳଖେଇ
ଠିଆ କରେଇଛି ଘର ।।

ଅବଶ୍ୟ କେବେ କେବେ
କେଉଁଠୁ ଛୁଟି ଆସିଛି
ଦମକାଏ ମତୁଆଲା ପବନ,
କ୍ଷଣିକ ଲାଗି ହେଉପଛେ,
ଜୀବନଟାକୁ ମହକେଇ ଦେଇ
ଆଖି ଦୁଇଟିରେ ଭରିଦେଇଛି
ସୀମାହୀନ ସ୍ୱପ୍ନ ,
ଏଥିଲାଗି ବୋଧେ ଲୁହଭିଜା ଆଖିରେ ବି
ଜୀବନଟା ଲାଗୁଥାଏ ଏତେ ସୁନ୍ଦର ।।

କେବେ କେବେ
ଦୁଃଖରେ ଗୁମ୍ ହୋଇ ବସି ପଡିଛି ତ,
କାନ୍ଧରେ ପାଇଛି କାହାର ଉଷୁମ୍ ପରଶ,
ଶୁଣିଛି,ଏମିତି ଭାଙ୍ଗି ପଡିଲେ
ସଂସାର ରଥ କେମିତି ଚାଲିବ ଯେ !
ଉଠ,ରଥକୁ ଘୋଷାରି ନେବାକୁ ହେବ
ବଡଦାଣ୍ଡ ପର୍ଯ୍ୟନ୍ତ ।।

କେବେ କେବେ
ସୁଖରେ ବିଭୋର ହେଇ
ଲଗାମହୀନ ଉଡାଣ୍ ମେଲିଲା ବେଳକୁ
ଆଗରେ ଠିଆ ହେଇ ଯାଇ କହିଛି-
ଦେଖ,ଆକାଶରେ ଦଲକାଏ କଳା ମେଘ ।।

ତା'ର ସମ୍ପୂର୍ଣ୍ଣ  ସହଯୋଗ ଓ ସହଭାଗିତାରେ
ଆଭାମୟ ଲାଗୁଥାଏ ମୋର ପ୍ରତିଟି ସକାଳ  ।।

*****

ଟିଟେଇଗୁଡା,ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୮୭

# ବାଃ ରେ ପୌରୁଷ !



ସୁନନ୍ଦା ବି ମହାପାତ୍ର

ଦୁଆରେ ଛିଟିକିଣି ଦେଇ
ତୁମେ ଚାବି ପକେଇଲ ମୋ' ଦେହରେ,
ହଲି ପାରିବିନି ବୋଲି ।
ଦେହ ?
ଯାହାକୁ ମୁଁ କହେ ଗୋଟେ କାଠ ଗଣ୍ଡି ।

ବେଡ଼ି ପକେଇଲ ପାଦରେ
ଦଉଡ଼ି ଯାଇ ଆତ୍ମରକ୍ଷା
କରି ପାରିବିନି ।
ମୁଁ ଯିବାକୁ ଚାହିଁଲି କେତେବେଳେ ଯେ ?
ଯିବି ଯଦି କେଉଁଠିକି ଯିବି ?
ସବୁଠି ତ ତୁମେ ହିଁ ତୁମେ !

ସିଲେଇ କରିଦେଲ ଓଠ ଦୁଇଟିକୁ
ପ୍ରତିବାଦ କରି ପାରିବିନି
ହସି ପାରିବିନି ସୁଖରେ,
କାନ୍ଦି ପାରିବିନି ଦୁଃଖରେ ।
ହେଲେ,ଏଥିପାଇଁ ଆଖି କଣ କମ୍ କି ?
ରକ୍ଷା ! ଆଖିଟା ଫୁଟେଇ ଦେଇନ !

କିଳି ଦେଲ ପେଟର ଦରଜା,
ବୃଥା ବଡ଼ିମାର ପରଦା ସେପଟୁ
କେମିତି ଦେଖିଥାନ୍ତ
ନା ପେଟ ନା ଦେହର ଭୋକ କେବେ
ବ୍ୟଥିତ କରିଛି ନାରୀକୁ !
ଭୋକ ତ ମନରେ ଥାଏ -
ସ୍ନେହର ପ୍ରତ୍ୟୟର ଦି'ପଦ
ମହୁଝରା କଥାରେ
ଯାହା ତୁମେ କେବେ ଅନୁଭବିନ ।

କାଢ଼ି ନେଲ
ଶ୍ରଦ୍ଧା ସମ୍ମାନର କବଚ
ଅସମୟେ ସଢ଼ିଯାଉ ବୋଲି !
ହେଲେ,ଜୀବନ-ସମୁଦ୍ର ମନ୍ଥି
ପାଇଥିବା ସହନଶୀଳତା
ଏବେ ବି ଗହଣା ଯେ ମୋ'ର !

ଏତେସବୁ କରି ଭାବିଲ
ଗଡ଼ ଜିତିଗଲ !

କେଡ଼େ ବୋକା କିହୋ ତୁମେ ?
କାହା ଉପରେ ଏ ଅଧିକାର ?
ଏ ଦେହ ଉପରେ ?
ଇଏ ତ କେଇଖଣ୍ଡ ହାଡ଼
ମେଞ୍ଚେ ରକ୍ତ ଓ ପୁଳାଏ ମାଂସ ମାତ୍ର,
ଯାହା ମୋ' ନିଜର ବି ନୁହଁ ।
ନଶ୍ୱର ଏ ଦେହ
କ୍ଷଣିକେ ମିଳେଇ ଯିବ
ଲୀନ ହୋଇ ଯିବ ପଞ୍ଚଭୂତରେ ।

କାହା ଉପରେ ତୁମର ପ୍ରଭୁତ୍ୱ ?
କହିଲ,ଜିତି ପାରିଛ ମୋ' ମନ ?
ସେ' ତ ତୁମ ଦରଜା ଡେଇଁ
ସାତସମୁଦ୍ର ତେରନଈ ପାଣିରେ
ଡୁବି ମରୁଥାଏ
ଏକଦମ୍ ଏକଲା
ଅସହାୟ ଭାବରେ ।


ବିଜୟ ଲାଭ କରିଛ
ମୋ' ଆତ୍ମା ଉପରେ ?
ଛୁଇଁଛ ହୃଦୟ ?
ଆତ୍ମା ତ ତା'ଠି ବନ୍ଧା,
ଅହରହ ଏ ହୃଦୟରେ ବାସ ତା'ର ।
କୋଉଥିପାଇଁ ଏତେ ଗର୍ବ ?
ଏତେ ଅହଂକାର ?

ଦୁଃଖଲାଗେ କହିବାକୁ -
ତୁମେ କେବଳ ହାରିଛ,
ସେବେଠାରୁ ଏ ଯାବତ୍
ହାରି ଚାଲିଛ...
ହରେଇବାର ଭୟରେ
ଜିତିବାର ପ୍ରୟାସରେ
ବାରମ୍ବାର ହାରିଛ...!

*****

ବାଙ୍ଗାଲୋର୍
୭୦୦୮୫୧୩୯୧୩

## ଯାହା କେବେ କହିନ ଆଜିଯାଏ



ଡକ୍ଟର ସରୋଜକାନ୍ତ ଦାଶ

ଯାହା କେବେ କହିନ ଆଜିଯାଏ
ଆଜି ବି କହିବନି !

କହି ନ ପାରିବା ଅପାରଗତା
ତୁମ ସର୍ବଶ୍ରେଷ୍ଠ ସାମର୍ଥ୍ୟ- ବୁଝି ରଖ,
ଅନ୍ୟଥା ଏତେ ଆବେଗକୁ
ଧରି ରଖିବାକୁ
ବନ୍ଧ କାହିଁ ?

ଯନ୍ତ୍ରଣାରେ ପଡ଼ି ଯାଉଥିବା ହାତ
ସ୍ନେହ-ବଳେ ଏମିତି ଧରି ରଖିଥାଉ
ଗୋବର୍ଦ୍ଧନ- ସହସ୍ରେ ଜଞ୍ଜାଳର,
ବାରବାର କଟୂକ୍ତି ଝାସରେ
ପୋଡ଼ି ଯାଉଥିବା ମନ
ସଂସାରର ମାନ ରଖିବାକୁ
କେବେ ମନା ନ କରୁ ।

ହାରିଦେଇଛ ସଖିତ୍ୱ ନିଦର
ଅବଶ ଅଙ୍ଗକୁ ଆଉଁସି
ପ୍ରବୋଧିପାରେ ସେ
ପ୍ରତାରିତ ସ୍ୱପ୍ନମାନଙ୍କ ବିଳପନକୁ
କିନ୍ତୁ ଭୟ କରେ...
ଖୁବ୍ ଭୟ କରେ !

କଇଁକୁ କହିଦିଅ
ତା' ଆର୍ଦ୍ର ନୀଳିମାରେ ଆଉ ନ ଖଞ୍ଜୁ ସେ
ଢଳ ଢଳ ମୁକ୍ତା- ଅବଶୋଷର,

କ୍ଷମା ଭଳି ଶୁଭ୍ର ତୁମ ସାରସ୍ୱତ ତେଜ
କହିଦିଅ ତା'କୁ- ଏମିତି ଝଲସୁ ଥାଉ
ଅଭିମାନେ,
ଉଲ୍ଲସିତ ହସ ଧାରେ ଅବା
ଆହତ ବାଣୀରେ ।

ପ୍ରେମ ବଡ଼ ବଳଶାଳୀ ଲୋ...
ପ୍ରେମ ବଡ଼ ବଳଶାଳୀ !
*****

ଇଂରାଜୀ ବିଭାଗ,
ମେଲଛାମୁଣ୍ଡା ମହାବିଦ୍ୟାଳୟ, ବରଗଡ଼
ଓଡ଼ିଶା – ୭୬୮୦୩୫

## ଶେଷ ଦୃଶ୍ୟ



ସଂଗ୍ରାମ ମହାରଣା

କେହି ଜଣେ ଚାଲିଗଲା
ନିଜ ଭିଟା ମାଟି ଛାଡି
ଯିଏ ଦିନେ ଭାଗ୍ୟ ଗଢିବ ବୋଲି
ନିଜ ଭାଗରୁ ଭାଙ୍ଗି
ଗଢିଥିଲା ସଂସାର
ଗଢେଇଥିଲା ମାଟି ଛଣରେ
ବଖରା ଦି ଘର
ତଥାପି ନିଜ ଭାଗ ପାଇଁ
ଆଜି ନିଜେ ସାତ ପର ...!


ଗାଁ ର ଶେଷ ମୁଣ୍ଡରେ ବିଞ୍ଚି ହେଇ ପଡ଼ିଛି
କେଇ ମୁଠା ଖଇ,
ଗଣ୍ଡେ ଦି' ଗଣ୍ଡା କଉଡି
ହାଡ଼ି ର ଚମଡା ରେ ଶୁଭୁଛି ଠୋ ଠୋ ଶବଦ
ରାତିର ଅନ୍ଧାରରେ
କେହି ଜଣେ ଲୁଚି ହଜି ଯାଉଛି ବୋଲି
ଆକାଶରୁ ଝରି ପଡୁଛି କେଇ ବୁନ୍ଦା ଲୁହ...!

କେବେ ଥିଲା କେବେ ଗଲା
ଯଦି ଜାଣିବାକୁ ଚାହଁ
ତେବେ ଯାଅ ସେ ଗାଁ ଶେଷରୁ ଶେଷ ଆଡ଼କୁ
ଯେଉଁଠି ଦିନ ବେଳେ ଧାନ କାଟେ
ଉପରବେଳା ଘାସ କାଟେ
ରାତିର ଅନ୍ଧାରକୁ ଲୁଚେଇ
ପେଟ କାଟି ଯୋଗାଡି ଦିଏ
ଦାନା ମୁଠେ...!

ଅହରହ ଡାକି ଡାକି
ସବୁଦିନ ପାଇଁ ହଜି ଯାଇଛି ସେ ପାଟି,
ଆଜି ମୁଠାଏ ମାଟିରେ ମାଟି ହେଇ
ଶୋଇ ପଡିଛି ମା'ଟି..!
*****

ଇନ୍ଦୁପୁର,କେନ୍ଦ୍ରାପଡା
ମୋ-୯୯୩୮୫୭୯୪୫୬

## ମୋ ଗାଁ ହସୁଛି




ରାମ ଚନ୍ଦ୍ର ପ୍ରଧାନ

ଆଜି ବି ସେମିତି  ମୋ ଗାଆଁ ହସୁଛି
ପଲ୍ଲୀ ପ୍ରକୃତିର କୋଳେ
ବଦଳିନି କିଛି  ତା' ମିଠା ସଂସ୍କୃତି
ସମୟର ଅନ୍ତରାଳେ ।
ରଜଦୋଳି ଖେଳ  ସାଙ୍ଗସାଥି ମେଳ
ଭାରି ମଜା ଲାଗେ ଏଠି
ଆପଣା ପଣର  ନିଆରା ବାସନା
ବାରି ହୁଅଇ ସବୁଠି ।
ଏବେ ବି ହେଉଛି ବରଷକୁ ଥରେ
ମୋ ଗାଆଁରେ ଦୋଳଯାତ
ଭାଗବତ ଟୁଙ୍ଗି ସ୍ମୃତି ବଖାଣୁଛି
ପୋଥି ସଙ୍ଗେ ବସି ମିତ ।
କୁଳବଧୂ ଜାଳେ ନିତି ସଞ୍ଜବତୀ
ତୁଳସୀ ଚଉଁରା ମୂଳେ
ମନ୍ଦିର ବେଢ଼ାରୁ ଶୁଭେ ଘଣ୍ଟଧ୍ୱନି
ପୁଣ୍ୟଭରା ସାୟଂକାଳେ ।
ଭାଇଚାରା ଭାବ ପ୍ରତିବେଶୀ ଶ୍ରଦ୍ଧା
ମନେ ତୋଳେ ଆତ୍ମୀୟତା
ଏକତା ମନ୍ତ୍ରରେ ପ୍ରାଣବନ୍ତ ଆଜି
ମୋ ଗାଁ ସଂସ୍କୃତି ସଭ୍ୟତା ।
ମୋ ଗାଆଁ ଅଟଇ  ସବୁଠୁ ସୁନ୍ଦର
ନାହିଁ କିଛି ପରାଭିନ୍ନ
ବିକାଶ ପଥରେ  ଏବେ ସେ ଆଗରେ
ନାହିଁ କଳହର ଚିହ୍ନ ।

*****

ଶିକ୍ଷକ
ସାନ୍ତରାପଲ୍ଲୀ, କନିଆରୀ
ନୁଆଁ ଗାଁ, କବିସୂର୍ଯ୍ୟ ନଗର
ଗଞ୍ଜାମ - 761111
ମୋ - 9861638736

## ମୁଁ ମରିସାରିଥିବି



ତେଜସ୍ୱିନୀ ପଣ୍ଡା

ସବୁଥର ଭଳି ତୁମେ ପ୍ରଶ୍ନ କର
କ୍ଷଣିକରେ ମୁଁ ଉତ୍ତର ଦେବି,
ଯେଉଁଦିନ ଉତ୍ତର ନ ପାଇବ
ଜାଣିବ ମୁଁ ମରିସାରିଥିବି ।

ସବୁଦିନ ତୁମେ ଅଭିମାନ କର
ହସି ହସି ମୁଁ ସହିଯିବି,
ଯେଉଁଦିନ ତୁମେ ଚୁପ୍ ରହିବ
ଜାଣିବ ମୁଁ ମରିସାରିଥିବି ।

ସବୁ ଦୁଃଖକୁ ନେଇ ଆସ
ତୁମକୁ କିଛି ବି କହିବିନି,
ଯେଉଁଦିନ ତୁମେ କାନ୍ଦିବ
ଜାଣିବ ମୁଁ ମରିସାରିଥିବି ।

ସବୁ ସୁଖକୁ ଏଡାଇ ଦିଅ
ତୁମ ପାଖେ କେବେ କାନ୍ଦିବିନି,
ଯଦି ତୁମ ଦେହରୁ ରକ୍ତ ଝରିବ
ଜାଣିବ ମୁଁ ମରିସାରିଥିବି ।

ସବୁ ସ୍ମୃତିକୁ ମନରେ ଜାଳିଦିଅ
ମୋର କିଛି ଆପତ୍ତି ନାହିଁ,
ଯଦି ତୁମେ ଲେଖିବା ବନ୍ଦ କର
ଜାଣିବ ମୁଁ ମରିସାରିଥିବି ।

*****

ଜଗତସିଂହପୁର
tejaswanipanda6@gmail.com

# ନାରୀ ଏକ ରେଖାଚିତ୍ର


କୁଞ୍ଜବିହାରୀ ରାଉତ



କେଉଁଦିନ ଜଣେ କବି କହିଥିଲେ
'ହେ ନାରୀ ତୁମେ ଏକ ଦୁର୍ଭେଦ୍ୟ ଡିକ୍ସନାରୀ
ତୁମକୁ ମୁଁ ପଢ଼ିବାକୁ ଯେତେବେଳେ ଚେଷ୍ଟାକରେ
ମନେହୁଏ ସତେଅବା କଷୁଛି ମୁଁ ଅଙ୍କ
ହେ ନାରୀ, ତୁମେ ମୋର ବିରାଟ ଆତଙ୍କ '
ମୁଁ କିନ୍ତୁ ଜାଣିଛି ତୁମେ
କରୁଣାର ମୂର୍ତ୍ତିମନ୍ତ ସ୍ରୋତସ୍ୱିନୀ ଟିଏ
ସ୍ନେହ ପ୍ରେମ କରୁଣାର ତ୍ରିଶାଖା ବେଲପତ୍ରୀ
ଓଁକାର ଗାୟତ୍ରୀ,
ପୁଣି ବି ଜାଣିଛି ତୁମେ
ସୃଷ୍ଟି ସ୍ଥିତି ପ୍ରଳୟର ମହାକାଳରାତ୍ରୀ !
ତୁମକୁ ମୁଁ ଭେଟିଛି ଗୋ ଯାଜ୍ଞସେନୀ, ଦ୍ୱାପରରେ
ଜଳୁଥିଲ ତୁମେ ଯେବେ ପ୍ରତିଜ୍ଞା ଅନଳେ
ଆନିତମ୍ବ ଲମ୍ବିଯାଇଥିଲା ତୁମ ମୁକୁଳା କବରୀ
ଦୁର୍ଯ୍ୟୋଧନ ତାଜାରକ୍ତେ ବାନ୍ଧିଥିଲ ତୁମେ ଜୁଡା
ରକ୍ତତୀର୍ଥେ ସେଦିନ ଗୋ ଫୁଟିଥିଲା ଆରକ୍ତ କରବୀ,
ଇନ୍ଦ୍ରପ୍ରସ୍ଥ ହସ୍ତିନାର ଅସ୍ତାଚଳେ
ବୁଡି ଯାଇଥିଲା ଶେଷ ସୂର୍ଯ୍ୟ
ମହାନଗରୀର ଉପକଣ୍ଠୁ ଭାସି ଆସୁଥିଲା
ବୈଧବ୍ୟର ଅମା ଅନ୍ଧକାରେ
ବିରହର ମନ୍ଦାକ୍ରାନ୍ତା, ଅଶ୍ରୁଳ ପୁରବୀ ।
ଆଉଥରେ ଉଠିଥିଲା ପୁରୁଷର ଅପବାଦ
ଲାଞ୍ଛନାର କୁହେଳିରୁ ବାଡବାଗ୍ନି
ଉତ୍ତପ୍ତ ଲୁହରୁ ସୃଷ୍ଟି ହେଲା ଅଗ୍ନିର କୁଣ୍ଡଳି,
ସେ ଅଗ୍ନିରେ ଗୋ ଅଗ୍ନି ସମ୍ଭୂତା
ସେଦିନ ଗୋ ଆଉଥରେ ଫୁଟିଥିଲା
ଅଗ୍ନିର ସରସୀରେ ସ୍ୱର୍ଣ୍ଣିମ କମଳ
ମୁଁ ଜାଣିଛି ତୁମେ ପଦ୍ମାବତୀ,
ଝାନ୍ସି ରାଣୀ, ସୀତା ଓ ସାବିତ୍ରୀ
ମୃତ୍ୟୁର ଦେବତା ବାରମ୍ବାର ଅପଦସ୍ତ
ହୋଇ ଫେରିଥିଲା !
ତୁମେ ନାରୀ ଶାଶ୍ୱତତା,ଭାରତ ଭାରତୀ !
ଆଜି କିନ୍ତୁ ହେ ଋତୁମତୀ ଋତୁପର୍ଣ୍ଣା
ମୌସୁମୀ ର ଆଳସ୍ୟ କୁ ପତାତଳେ ଖୁନ୍ଦି
ନଗ୍ନତା ଜୁଇରେ ରୂପର ଲେଲିହାନ ଶିଖାତୋଳି
ଯିଏ ସବୁ ଜଳେ !
ମନେରଖ ! ସେ ଶିଖାର ଆଗ୍ନେୟ ଶାଖାରେ
ଫୁଟିବନି ରକ୍ତର କରବୀ
ଫୁଟିବନି ସେ ଚିତାରୁ ସ୍ୱର୍ଣ୍ଣିମ କମଳ ......

*****

୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୮୭୧୦୩୪୪୯୪



"ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚାଲି ଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ
କୁକୁର କି ପାଇଁ ଗୋଟେ ବନାଇବ ଘର
ଚାଟିବୁଲେ ବରାମିଶା ଅଇଁଠା ପତର"

(କଥା ସମ୍ରାଟ ଫକୀର ମୋହନ ସେନାପତି)

## ପ୍ରେୟସୀ ଗୋ ତୁମେ



ଅଜୟ କୁମାର ବେହେରା

ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ
ଯାହା ଲାଗି ଆଜି ଦୁନିଆ-ପୀୟୁଷ
ତୁମ ବିନା ଲାଗେ ବିଷ ।। ୦।।

ମନ ତଳେ ଆଜି ଜାଗି ଯାଇଅଛି
ଅସରନ୍ତି କେତେ କାମନା
ଅଜାଣତେ ମୋତେ ଯାଇଅଛି ଛୁଇଁ
ମୋହ, ମାୟା, ପ୍ରୀତି-ବାସନା

ମୁଁ ଖାଲି ଚାହିଁଛି ଥରୁଟିଏ ଲାଗି
ପୀରତିର ଅଧିବାସ
ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ ।। ୧।।

ଅଦିନେ ବହଇ ମଳୟ ପବନ
ଫଗୁଣକୁ ଧରି ସାଥିରେ
ବୋଳି ଦେଇ ରଙ୍ଗ ଉଦାସ ମନରେ
ଭିଜିବାକୁ କେତେ ଆଶାରେ

ତୁମେ ଆସି ଥରେ ମଉନ ଓଠରେ
ଚହଟାଇ ଦିଅ ହସ
ପ୍ରେୟସୀ ଗୋ ତୁମେ ଦେହ-ତଟିନୀରେ
ଭରନା ଏମିତି ଶୋଷ ।।୨।।

*****

ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ
ଜଗତସିଂହପୁର

## ମା



ଅମରନାଥ ବାରିକ୍

ମା ଠାରୁ ବଡ଼ ନାହିଁ ଏ ଜଗତେ
ମା ଶବ୍ଦ ଅଟେ ମିଠା
ମା ର ମମତା ମା ସ୍ନେହ ଶ୍ରଦ୍ଧା
ମଧୁର ତା ହାତ ପିଠା ।

ମା ଋଣ କେବେ ସୁଝି ହୁଏ ନାହିଁ
ନେଲେବି ଶହେ ଜନମ
ଯେତେ ଜନ୍ମ ନେବୁ ସେତେ ଋଣୀ ହେବୁ
ମା ତ ଅମୂଲ୍ୟ ବ୍ରହ୍ମ ।

ଜନନୀ ଜଠ ରେ ରହି ଦଶ ମାସ
ଦଶ ଦିନରେ ଜନମ
ମଳ ମୂତ୍ର ବେଢ଼ି ଘାଣ୍ଟି ଚକଟିକି
ହୋଇଥିଲୁ ସରି ସମ ।

ଯେତେବେଳେ ମାତୃ ଗର୍ଭରେ ରହିଲୁ
ଲେଖା ତୋ ଜାତକ ଭାଗ୍ୟ
କି କର୍ମ କରିବୁ ଜୀବନ ବାଟ ରେ
ଭୋଗୀ କି ହେବୁ ବୈରାଗ୍ୟ ।


କଲେ ଭଲ କର୍ମ ହେବ ତୋର ଧର୍ମ
ନ ରହିବ ତୋର ମର୍ମ
ମିଳିବ ବୈକୁଣ୍ଠ ସର୍ବ ସୁଖ ତତେ
ଯଦି ନ କଲୁ ଅଧର୍ମ।

*****

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

# କରମଣ୍ଡଳରୁ କବିତା

ଇଂ ବିଜୟ କୁମାର ସେନାପତି



ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି,
ଅଳ୍ପ ଅଳ୍ପ ଗଳ୍ପରୁ ହିଁ
ପ୍ରେମ ହୁଏ ସୃଷ୍ଟି ।

ଭଲପାଏ ଏହି ମନ
ତୋତେ ଚାହେଁ ପ୍ରତିକ୍ଷଣ
ସକାଳେ ଓ ସଞ୍ଜେ ପାଶେ ଥାଆ
ମନଭରି ଦେଖୁଥାନ୍ତି ଆହା !
କେମିତି ବା ଭୁଲିବ ଏ ମନ?
ତୁହି ଅଟୁ ମୋହର ଜୀବନ ।
ଆଖିରେ ନାଚଇ ତୋର
ଗୋରା ମୁହଁ,ଟଣା ଟଣା ଆଖି ।
ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି....... ।

କରମଣ୍ଡଳ ଯେ ଆଜି
ଚିଲ୍ଲା ପରି ଦୌଡେ,
ମନ ମୋର ପକ୍ଷୀରାଜ
ଘୋଡା ଚଢି ଉଡେ
କେତେ ଶୀଘ୍ର ପହଞ୍ଚିବି
ବସି ବସି ଭାବେ
ମୁହଁ ସଞ୍ଜ ବେଳ ହେଲା
ଦେଖାହେବ କେବେ?
ଅନ୍ଧାର ଦେଖିଲେ ଡରେ
ଶୁଖିଯାଏ ମୋର ତଣ୍ଟି ପାଟି।
ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି ।

ଦେଇଥିଲ ଚିଠି ଯାହା
ଡାକରୁ ପାଇଛି
କବି ନୁହଁ ଶରଧାରେ
କବିତା ଲେଖିଛି,
ଆଙ୍କିଛି ଗୋଲାପ ଗୋଟେ
ତୁମ ନାମ ଲେଖି
ପାନ ପତ୍ରେ ତୀର ଗୋଟେ
ଦେଇଛି ବି ଯୋଖି,

ଆକାଶରେ ମଲାଜହ୍ନ ରେଳ ସାଥେ
ଦୌଡିବାକୁ କରଇ ପ୍ରସ୍ତୁତି ।
ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି ।

ରେଳଗାଡି କାଚ ଦେଇ
ଦେଖିହୁଏ କିଛି
ଅନ୍ଧାର , ଆଲୁଅ ଖେଳ
ଭଲଲାଗେ ବେଶି
ଲୁହା ବଗି ଗଡିଚାଲେ
ଲୁହା ଧାରଣାରେ
ଆଶା ସବୁ ଲୁହ ହୋଇ
ଆଖିରୁ ମୋ ଝରେ।
କେବଳ ଯା ସାନିଧ ତୋ
ପାଇବା ଟା ବାକି,
ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି ... ।

ଆସିଥିବୁ ଷ୍ଟେସନ୍ କୁ ମୋ ବାଟକୁ
ରହିଥିବୁ ଚାହିଁ
ଝରକାର କାଚ ଦେଇ ହାତ ଯେବେ
ହଲାଇବି ମୁହିଁ
ଲାଜେ ରଙ୍ଗା ମୁହଁ ତୋର ଦିଶୁଥିବ
ଗୋଲାପ ର କଳି
ବାହୁମେଲି ଧାଇଁଯିବି ଭିଡିବାକୁ
ଭିଡ ଠେଲି ପେଲି
କହୁଥିବୁ ଧୀରେ ଧୀରେ," ଦୁଷ୍ଟ ଭାରି
ଧୈର୍ଯ୍ୟ ଧରିବ ଟି ' !
ଚୁନା ଚୁନା ମେଘ କରେ
ହାଲକା ହାଲକା ବୃଷ୍ଟି ... ।

ବେଳେବେଳେ ଡର ଲାଗେ
ଦେଖି ଏହି ଭିଡ
ହଜିଯିବି କାଳେ ମୁହିଁ
ଲାଗେ ବାରବାର

ଏ ରେଳ ତ ନିର୍ଜୀବ ଟା ବୁଝିବ କି
ଦରଦ ସେ ଭଲା?
ତାର ଅବା କିସ ଯାଏ, କିଏ ଗଲେ
କିଏ ମଲେ ପରା?
କହି ତା'ରେ ଲାଭ ନାହିଁ,ସେ ପାଇଁ ମୁଁ
ଲେଖୁଅଛି ଏହି ପ୍ରେମ ଗୀତି,
ଚୂନା ଚୂନା ମେଘ କରେ
ହାଲକା ହାଲକା ବୃଷ୍ଟି..... ।

କେବେ ତୁମେ ଥିବ ପାଶେ
କେବେ ପୁଣି ମୁଁ ବି ନଥିବି,
କେବେ ତୁମେ ଚେଇଁଥିବ
ତୁମ କୋଳେ ମୁଁ ଶୋଇଥିବି,
ନିଦ ମୋ ନିଘୋଡ ହୋଇ ନ ଭାଙ୍ଗିଲେ
ତୁମେ ମୋର ମଥା ପରେ ମଥା ଲଦିଦେବ,
ମୁଦା ଆଖି ପତା ଚାରି ନିବିଡତା
ମାପି ମାପି ଥକିଯାଉଥିବ।
ନଶ୍ୱର ଏ ଦେହ ସିନା,ପ୍ରେମ ଆମ
ଈଶ୍ୱରଙ୍କ ସୃଷ୍ଟି ।
ଚୂନା ଚୂନା ମେଘ କରେ
ହାଲକା ହାଲକା ବୃଷ୍ଟି ... !

*****

ସହାୟକ ମହାପ୍ରବନ୍ଧକ,
ରାଉରକେଲା ଇସ୍ପାତ କାରଖାନା
ରାଉରକେଲା,ଓଡିଶା
୮୮୯୫୫୦୦୯୯୨

# ଆନନ୍ଦ




ବେବିନା ଜେନା

ଦୁଇଟି ଆଖି ମୋ ଦୁଇଟି ଚାନ୍ଦ
ଦୁନିଆ ଦେଖେ ମୁଁ ହୋଇ ଆନନ୍ଦ । ୧ ।
ଲାଭ କ୍ଷତି ଯା'ର ହିସାବ ନାହିଁ
ମୋ ରାସ୍ତାରେ ଚାଲେ ଧୈର୍ଯ୍ୟରେ ମୁହିଁ । ୨ ।
ବାଲି କାଦୁଅରେ ଭରା ଶରୀର
ସେଥିରୁ ପଙ୍କଜ ହୁଅ ଉଦ୍ଧାର । ୩ ।
ସ୍ନେହ ଶ୍ରଦ୍ଧା ଭରା କୁନି ହୃଦୟ
ଦୟା କ୍ଷମାରେ ସେ ସଦା ବିଜୟ । ୪ ।
କୁଟିଳ କର୍କଶ ସାଥିରୁ ଦୂର
ସାଧା ସିଧା ତାଙ୍କ ପ୍ରକୃତି ସ୍ୱର । ୫ ।
ମାସ ପରେ ମାସ ଋତୁ ଗମନ
ସେଥିରେ ଚଳନ୍ତି ପ୍ରକୃତି ଗଣ । ୬ ।
କେବେ ଫୁଲ ଫଳ ବିଛୁଡି ଯାଏ
ଗ୍ରୀଷ୍ମ ଆସିଗଲେ ହତାଶା ପଶେ । ୭ ।
ଅସଲି ନକଲି ହିସାବ ରଖେ
ଫଳ ଫଳିଥାଏ ସେହି ଜାଗାରେ । ୮ ।
ହନୁମାନ ମୋତି ମାଳାକୁ କାଟେ
ରାମ ନାମ ବିନା ଅସାର ଲାଗେ । ୯ ।
ଶବରୀ ଅଇଁଠା କେତେ ମଧୁର
ସ୍ନେହ ଶ୍ରଦ୍ଧାରେ ତା ଫଳ ସୁନ୍ଦର । ୧୦ ।
ସେ ଅମୂଲ ମୂଲ ମିଳେନି ଟଙ୍କାରେ
ନା ମିଳେ ଜ୍ଞାନ ଭଣ୍ଡାରେ । ୧୧ ।
ସେହିଠି ହିଁ ମିଳେ ଗୁଣର ପ୍ରତୀକ
ଜନ୍ମ ଭୂମି ଏକା ଜାଣେ । ୧୨ ।
ଆଶୀର୍ବାଦ ଦିଅ କରୁଣା ସାଗର
ସଦା ତା'ଙ୍କ ଚଲାପଥେ । ୧୩ ।
ଧନ୍ୟ ହେଉ ତାଙ୍କ ଜୀବନର ରାସ୍ତା
ତୁମ ପାଦ ପଦ ସାଥେ । ୧୪ ।

*****

ଏ-୨୯, ଫାଷ୍ଟ ଫ୍ଲୋର, ଭାରତ ଆପାର୍ଟମେଣ୍ଟ
ରାମପୁରୀ, ଗାଜିଆବାଦ

# ଜେଜୀ



ଦେବାଶିଷ ଚକ୍ରବର୍ତ୍ତୀ

ସଜନା ଗଛରେ ଫୁଲ ଧରିଲେ
ତା କଥା ବେଶୀ ମନେ ପଡେ
ଖରା ହେଉକି ବର୍ଷା ଅଥବା ଶୀତ
ଜେଜୀ ଝଟଝଟରୁ ଉଠି
ଅଗଣାରେ ଗୋବର ଛେରା ଦେଇ
ବାଉଁଶ ବାଢୁଣିରେ ଖରକି ଆଣେ
ତା ଖରକା ଶବ୍ଦରେ ସଭିଙ୍କର
ପହଡ଼ ଭାଙ୍ଗେ, ଏପରିକି ସୂର୍ଯ୍ୟଙ୍କର
ଜେଜୀ ର ହୃଦୟପରି  ଗୋମୟ ରେ
ଅଗଣା ହୋଇଉଠେ ମହମହ ।

ପବନର ଚୁମ୍ବନରେ ହେଉକି
ଗୁଣ୍ଡୁଚିଙ୍କ ଫାଜିଲାମିରୁ
ସଜନାଗଛ ତଳରେ ବିଛେଇ ହୋଇ
ପଡିଥାଏ ସଜନା ଫୁଲ
ଜେଜୀ ତାକୁ ଗୋଟେଇ ଆଣି
ବୋହୂଙ୍କୁ କୁହେ " ବେସର ଦେଇ ରାଇ
କରୁନ ଲୋ!ଖାଇବାକୁ କେତେ
ଭଲ ପାଆନ୍ତି ମୋ ଛୁଏ"?

ଖାଲି କଣ ଏତିକି ?
ନିମ୍ବକଢ,କଦଳୀ ମଞ୍ଜା କି ଗିଲିରି ଫୁଲ
ତା ପରଶରେ ମନେ ହେଉଥିଲେ
ଅମୃତତୁଲ୍ୟ
ଲଙ୍କା ରସୁଣ ମିଶେଇ ଶିଳରେ ବାଟି
ଶାଳପତ୍ରରେ ଗୁଡେଇ ପାଉଁଶତଳେ ରଖି
ଜେଜୀ ତିଆରୁ ଥିଲା ପୋସ୍ତପୋଡା
ଜିରା ପିଠଉ ଦେଇ ପୋଇପତ୍ରକି
କଖାରୁ ଫୁଲର ବଡା
ତାର ଟ୍ରେଡମାର୍କ ରୋଷଇସବୁ
ବାସ୍ତବରେ ଅରୁଚିଛଡା ।

ଅପାଠୋଇ ହେଲେ କଣ ହେଲା
ଓଷା,ବାର, ବ୍ରତ ସଭିଏଁ ଲଟଲଟ୍
ହେଉଥିଲେ ତା' ଜିଭ  ଅଗରେ
ତା ପାଇଁ କେଭେଁ ଶୂନ୍ୟ ହେଉ ନଥିଲା
ଯୋଗୀ ଭିକାରିଙ୍କ ଥାଳ

ଏପରିକି ଉଜୁଡୁ ନଥିଲା
ଆହାର ପାଇଁ ଅଳି କରୁଥିବା
କାଣି କୁତୀଟିର କପାଳ ।

ନିଇତି ସଞ୍ଜରେ ଚଉରାମୂଳେ ଗଳବସ୍ତ୍ର ହୋଇ
ବୃନ୍ଦାବତୀଙ୍କୁ ମୁଣ୍ଡିଆ ମାରୁଥିଲା ସେ
ଠାକୁରଘର ଆଗରେ ବସୁଥିଲୁ
ଭାଇ ଭଉଣୀ ସଭିଏଁ
ଈଶ୍ୱରଙ୍କ ପାଇଁ ଯୋଡ଼ି ହେଉଥିଲା
ଆମ କଅଁଳ ପାପୁଲି
ଦାରୋଟି କଣ୍ଠସବୁ  ପରଷୁଥିଲେ
"ଦୀପମ୍ ଜ୍ୟୋତି ପରମ୍ ବ୍ରହ୍ମ"
କି "ଦୟାମୟ ବିଶ୍ୱବିହାରୀ"
ଘରପିଲା ହୁଅନ୍ତୁ କି
ମାମୁଁଘରକୁ ଆସିଥିବା ପିଲା
ଏଥିରୁ ନିସ୍ତାର ନଥିଲା କାହାରି ।

ଜେଜୀ ତାରା ପାଲଟି ଗଲାଣି କେବେଠୁ
ମସଲାବଟାଶିଳ ଏବେ ରୋଷେଇଘରୁ ଆସି
ଡେରା ହେଲାଣି ବାଡ଼ିପିଣ୍ଡାରେ
ଆଗଭଳି ଏବେବି ଫିସନ
ଗଛତଳେ ଗଦେଇ ହେଉଛି
ସଜନାଫୁଲ
ଖାଲି ଯାହା ବେସର ଦେଇ
ରାଇ କରିବାକୁ ଆଉ କେହି
କରୁନାହାନ୍ତି କଟାଳ ।

*****

ମଣ୍ଡୁଆ,କେନ୍ଦୁଝର ଗଡ଼
ମୋ 9437752395

# ନିଖୋଜ୍ କାହାଣୀଗୁଡିକର କାହାଣୀ



ଜିନାତମାମ୍ ଦର୍ଜୀ

ଆଇମା'ର କାହାଣୀ ପେଡି
ଦିନେ ନିଖୋଜ ହେଲା ।
ହଜିଗଲା ବୋଲି
ରିପୋର୍ଟ ଲେଖା ହେଲାନି ଥାନାରେ

ଲବଙ୍ଗଦ୍ୱୀପର ରାଜକୁମାର,
ରାଜକୁମାରୀ ବି
ଦିନେ ଲାପତା ହେଲେ
ଖୋଜିବାକୁ ଜୁ ନଥିଲା କାହାର

ଗପୁଡୁ ଜେଜେର ଆଖି ଝାପ୍ସା ହେଲା ଭଳି
ଗପ ଗୁଡିକ ବି ଏବେ ମୋ ସ୍ମୃତିରେ
ଝାପ୍ସା ହେଲାଣି ବୋଲି ଜାଣିଲି
ବିଟୁ ଦିନେ ଗପ ପାଇଁ
ଜିଦ୍ କଲା ପରେ

ଶୁଣିବାକୁ ପାଇଲି
କେଉଁ ଏକ ଜେଲ୍ ରେ ବନ୍ଦୀ ଅଛନ୍ତି
ପାଞ୍ଚତନ୍ତ୍ରର ପଶୁ-ପକ୍ଷୀ ମାନେ,
ଜମାନତ ପାଇଁ ଯାଇଥିଲି ,
କିନ୍ତୁ ସେମାନେ ନିଜେ ଆସିବାକୁ ନାରାଜ୍
ରୋକ୍ ଠୋକ୍ ମନା କଲେ ମୁହଁ ଉପରେ
ଆଜି କାଲି  ରୋଟିନ୍ ର
ମେନୁ ଭିତରେ ତାଙ୍କ ନାଁ କାଟ୍ ହେବା
ଅଭିମାନରେ,


ବେତାଳକୁ ଦିନେ ଭେଟିଥିଲି
ଖୁବ ସତର୍କତାରେ ଧରି ପକେଇ
କହିଥିଲି,
"ଚାଲ ଏବେ ପୁଣିଥରେ ତୁମେ ଗପ କହିବ "
ଡରିଯାଇ କହିଥିଲା,
"ମୁଁ ମୋର ଏଠି ଠିକ୍ ଅଛି ।
ମୋର ଖୁବ୍ ଡର ସେ
ମୋଟୁ -ପତଲୁ, ଡୋରେମନ୍ ,
ଟମ୍ ଏଣ୍ଡ ଜେରୀ ଆଉ ଛୋଟା ଭୀମକୁ "

କାଠ ହଣା ପକ୍ଷୀ ପରି
ଉଇ ମାନେ ଝୁଣି ଦେଲେ
ପ୍ରିୟ ଗପ ପୃଷ୍ଠା ଗୁଡିକୁ
ବୋଉ କାଲି ଖରାରେ ଶୁଖେଇ ଥିଲା
ଜହ୍ନମାମୁଁ, ମୀନାବଜାର ଗୁଡିକୁ

ବଡ଼ ଭାଇ ବିକ୍ରି କଲା
କେଜି ତିନି ଟଙ୍କା ଦରରେ
ଶେଷ ଥର ତାଙ୍କୁ ଦେଖିଥିଲି
କବାଡିବାଲାର ସାଇକେଲ କ୍ୟାରିୟର ପଛପଟେ
ଲାଉ ହେଇ ଯାଉଥିବାର....

*****


ମୋ -8018807153



(ସ୍ୱଭାବକବି ଗଙ୍ଗାଧର ମେହର)

" ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚ ଭାଷୀ ଲୋକେ ତାକୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନବୁଝେ ମାନ ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ?
କାହିଁ ତା'ର ରାଜଦୁଆରେ ସମ୍ମାନ ?”

# Previous Editions of "Utkal Gauraba"




All these editions of 'Utkal Gauraba' are available in our **website** : (www.ocwa.in /publication / ) in pdf format.

HOTEL
Clarks Shiraz
AGRA - INDIA

Signature Luxury of the Clarks proudly draws inspiration, flavor & strength from its Indian roots. It is connected to the times, both in technology & spirits. It is environmental conscious both in terms of trends & choices.



# A ROYAL WEDDING AND HONEYMOON DESTINATION IN INDIA

You deserve a wedding venue as unique as you, & we at Clarks know how important it is for you to have the perfect celebration.Whether it is a grand ceremony or an intimate affair we will go an extra mile to host the most beautiful & memorable wedding experience for you. Be it Venue, Menu & Décor our in-house team will assist you in every step to make your dream wedding a memorable one.







54, Taj Road, Agra 282001, India

## BOOK NOW!

Tel.: (+91-562) 2226120-29
+91 98110 94679, +91 72499 39555
Corporate Sales : ( +91-11) 23312367
E-mail: reservation@clarksshiraz.net, sales@hotelclarks.in

**Let's we be a true host as you enter this most beautiful chapter in your life.**

We have more than 18000 sq. ft. of landscaped lawns with state of the art banquet and conference hall of various Sizes and capacities.

www.hotelclarksshiraz.com





## OUR SERVICES

- Primary Transportation by Road - Full Truck Load
- One-stop Logistics Solutions
- Warehousing & Distribution Services
- Containerized Rail Transport
- Tech-enabled SCM Platform
- Freight Forwarding (Sea & Air)
- Air Cargo
- CHA Services
- Customer-specific 3PL Solutions
- Shipping, Coastal & Barge Services
- Authorised Cargo Agents for All Major Airlines
- Project Logistics - Experts in Project and ODC Consignments
- Rail/ Multimodal Services

## CJ Darcl Logistics Ltd.

Scan to know more

**Email:** reachus@cjdarcl.com
**Website:** www.cjdarcl.com
**Toll Free No.:** 1800 212 4455


Published by : Oriya Cultural & Welfare Association (OCWA), New Delhi
Printed by : Kunwar Designer & Printer, Mob.: 98101 62583